

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-154 ◆SUNDAY ◆30 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୪ ◆ରବିବାର ◆୩୦ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ୬୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ସେ ଆଜି ତାଙ୍କର ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତ ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି । ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି । ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା । ଅଲବାନୀଜ ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି । ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ । ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ । ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି । ପୂର୍ବରୁ ଆଲବାନିଜ ୨୦୧୯ ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ । ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି । ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ । ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ



### ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ସୌର ବିକିରଣ ଯୋଗୁଁ ଏଭଳି ବିପଦ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି । ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି । ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି । ଏହି ସମସ୍ୟା ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି । ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ । ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା । ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଉଡୁଥିଲେ । ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି । ବିମାନ ▶ପୃଷ୍ଠା-୭

# 'ଦିତ୍‌ୱା' ତାଣ୍ଡବ

# ଶ୍ରୀଲଙ୍କାରେ ୧୫୩ ମୃତ

## ତାମିଲନାଡୁରେ ପ୍ରବଳ ବର୍ଷା, ବିମାନ ବାତିଲ

■ଚେନ୍ନାଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍‌ୱା' । ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୩୦ଜଣ ନିଖୋଜ ଅଛନ୍ତି । ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି । ବାତ୍ୟା ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି । ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି । ତାମିଲନାଡୁରେ ରେଡ ଆଲର୍ଟ ଜାରି କରାଯାଇଛି ।

### ଶ୍ରୀଲଙ୍କାରେ ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୁଡୁଚେରୀ ଓ ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନର ଉଡାଣକୁ ବାତିଲ କରାଯାଇଛି । ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ତିନି ଦିନ ହେବ ଫସି ରହିଛନ୍ତି । ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା । ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍‌ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ । ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତାମିଲନାଡୁ ସମେତ ପୁଡୁଚେରୀ ଓ ଆନ୍ଧ୍ରରେ ବନ୍ୟା ଆସିବା ଆଶଙ୍କା କରାଯାଉଛି ।

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ନେସନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି ।



ଇତିମଧ୍ୟରେ ଶ୍ରୀଲଙ୍କାକୁ ସହାୟତା କରିବାକୁ ଭାରତ 'ଅପରେସନ ସାଗର ବନ୍ଧୁ' ଆରମ୍ଭ କରିଛି । ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋରେ ପହଞ୍ଚିଛି । ଏନ୍‌ଡିଆରଏଫ୍‌ର ୮୦ ଜଣିଆ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କାରେ ପହଞ୍ଚିଛି ।

### ଅତିରିକ୍ତ ବଜେଟକୁ ନେଇ ନବୀନଙ୍କ ପ୍ରତିକ୍ରିୟା

## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା



■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ଉପସ୍ଥାପନ କରାଯାଇଥିବା ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି । ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ ।

### ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି

### ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର

ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି ।



## ଗୁଣ୍ଡିଚା ମନ୍ଦିରରେ ପଶିଲା ଜେସିବି

### ପ୍ରଶ୍ନ ଉଠାଇଲେ ସାଧାରଣ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ

### ପରିକ୍ରମା ପ୍ରକଳ୍ପ ବେଳେ ଚିତ୍କାର କରୁଥିବା ବୁଦ୍ଧିଜୀବୀ ଗଲେ କୁଆଡ଼େ?

■ ପୁରୀ, ୨୯।୧୧ (ସମିସ): ଡିସେମ୍ବର ୧ରୁ ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଆଯାଇଥିଲା ନିଷ୍ପତ୍ତି । ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ । ହେଲେ ଭକ୍ତଙ୍କ ପାଇଁ ମନ୍ଦିର ଖୋଲାଯିବାକୁ ଅଚାନକ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । କାରଣ କୁହାଯାଇଛି ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାମ ପାଇଁ ଆହୁରି ଅଧିକ ସମୟ ଲାଗିବ । ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍ ଏବଂ ଖଣ୍ଡୋଲାଇଟ୍ ପଥର ଲଗାଇବା କାମ ବାକି ଅଛି । ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ କରାଯିବ । ଏଭଳି ସ୍ଥିତିରେ ଶନିବାର ଗୁଣ୍ଡିଚା ମନ୍ଦିର ଭିତରେ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଅର୍ଥାତ୍ ମନ୍ଦିର ଭିତରେ ପଶି ▶ପୃଷ୍ଠା-୭

### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



### ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ

■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ । ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର । ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ । ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ । ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭


KISS
KALINGA INSTITUTE OF SOCIAL SCIENCES (KISS)
(Deemed to be University) (Established U/S 3 of UGC Act, 1956)
Accredited with 'A' Grade by NAAC, Bhubaneswar, Odisha, India

5th ANNUAL CONVOCATION

30th November 2025 | 3:30 p.m. | KISS Campus-4 Athletic Stadium Bhubaneswar

Chief Guest



Hon'ble Prof. (Dr.) Ganeshi Lal
Former Governor of Odisha

Convocation Address by



Hon'ble Ms. Ouided Bouchamaoui
Nobel Laureate
Republic of Tunisia

Guests of Honor

- Mr. Faizal Edavalath Kottikollon
Founder & Chairman, KEF Holdings
Philanthropist & Global Business Leader, UAE
- Mr. J.M. 'Meenu' Malhotra DL
Chairman at Malhotra Group PLC
Honorary Consul General of India to Newcastle, UK

Conferment of Honoris Causa Degrees on:

- Shri Bhartruhari Mahtab
Hon'ble Member of Parliament (LS) & Chairman, Prajatantra Prachar Samity, Cuttack
- Shri Soumya Ranjan Patnaik
Founder-editor, The Sambad & Former Member of Parliament (LS & RS) Bhubaneswar
- Shri Jagadananda
Co-founder & Mentor Centre for Youth and Social Development (CYSD), Bhubaneswar

A Home for 80,000 Indigenous Children | Website: www.kiss.ac.in | Email: info@kiss.ac.in


# ବିଧାନସଭାରେ ରାସନ କାର୍ଡ ଝଡ଼

## ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

■ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପ୍‌ଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି । ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି

### ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ

ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା । ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି । ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ । ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ । ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ । ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ । ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ । ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ ।

ଓଭର୍ ହେଡ ପାଣି ଟାଙ୍କି ନିର୍ମାଣ

# ଶ୍ରମିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ପାନୀୟ



ଜଳ ଯୋଗାଣ ପ୍ରକଳ୍ପ ପାଇଁ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାମ ଚାଲିଛି । ବ୍ଲକର ମ, ରାମପୁର ପଞ୍ଚାୟତର ରାମପୁର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ କଳା ପୁଲି ପାଖରେ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଚାଲିଥିବା ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ଶ୍ରମିକମାନେ ନିୟମିତ ଭାବେ ସୁରକ୍ଷା ସାମଗ୍ରୀ( ହେଲମେଟ, ଜୋତା, ବେଲ୍ଟ) ଇତ୍ୟାଦି ବ୍ୟବହାର ନ କରି କାମ କରୁଥିବା ଦେଖା ଯାଇଛି । ଟାଙ୍କିର ଶୀର୍ଷ ଭାଗରେ ଏବେ କାମ ଚାଲିଥିବା ବେଳେ ଏହା ସୁଉଚ୍ଚ ରହିଛି । ଯଦି ଦୈବାତ୍ କିଛି ଅଘଟଣ ଘଟେ, ତେବେ ଶ୍ରମିକଙ୍କ ଜୀବନ ପ୍ରତି ସମ୍ପୂର୍ଣ୍ଣ ବିପଦ ରହୁଥିବା ବେଳେ ଏହାକୁ କିଭଳି ଯନ୍ତ୍ରୀଙ୍କ ନଜରକୁ ଆସୁନାହିଁ, ତାହା ସାଧାରଣରେ ସମସ୍ତଙ୍କୁ ଚକିତ କରିଛି । ତୁରନ୍ତ ଏହି ଠିକା ସଂସ୍ଥାକୁ ତାଗିଦ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଦୁଇ ଦୁଇ ଜଣ ଯନ୍ତ୍ରୀଙ୍କ ମତାମତ ନେବାକୁ ଚେଷ୍ଟା କରା ଯାଇଥିଲା, କିନ୍ତୁ କେହି ବି ଫୋନ୍ କଲ୍ ରିସିଭ କରି ନ ଥିଲେ ।

# ସାଇବର ସୁରକ୍ଷା ବିଷୟରେ ପ୍ରଶିକ୍ଷଣ କର୍ମଶାଳା

**ଭବାନୀପାଟଣା, ୨୯ ।୧୧ (ସମିସ):** ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ଓ ସାଇବର ବୁଲିଂ ସଚେତନତା ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ଶିକ୍ଷକ, କିଶୋରକିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମ୍ବୋଧନରେ ପ୍ରଶାସନୀୟ ଅଧିକାରୀମାନେ



କହିଥିଲେ ଯେ ଡିଜିଟାଲ ବ୍ୟବହାର ବଢୁଥିବା ଏହି ସମୟରେ ସାଇବର ଠକେଇ, ଅନଲାଇନ ହେରାସମେଣ୍ଟ, ନକଲି ଲିଙ୍କ, ଡିଜିଟାଲ ପେମେଣ୍ଟ ଝୁମକି ଏବଂ ସାଇବର ବୁଲିଂ ପରି ଅପରାଧ ବଢ଼ିବା ପାଇଁ ସଚେତନତା ଓ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ଉପସ୍ଥିତ ଥିଲେ । ସହଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା, ଶ୍ରୀମତୀ ସୁମିତା ତ୍ରିପାଠୀ, ତାଲିମଦାତା ରାଜେଶ କୁମାର ନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଅଳକାନନ୍ଦ ସାହୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ । ସାଇବର ହେରାସମେଣ୍ଟ, ନିରାପଦ ସୋସିଆଲ ମିଡିଆ ପ୍ରୟୋଗ, ଡିଜିଟାଲ ଅଧିକାର ଓ ଅଭିଯୋଗ ରିପୋର୍ଟିଂ ପ୍ରକ୍ରିୟା ପରି ବିଷୟ ବସ୍ତୁରେ ରୁପରେ ମୁଖ୍ୟତଃ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଜିଲ୍ଲା ମହିଳା ହବଙ୍କ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ କରିଥିଲେ । ଶେଷରେ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ସୁମିତା ଦେବୀ ତ୍ରିପାଠୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ଶେଷ କରିଥିଲେ ।

# ସଡ଼କ ସୁରକ୍ଷା ସଚେତନ ଶୋଭାଯାତ୍ରା

**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନ ସପ୍ତାହ ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଆଚାରୀଙ୍କ ନେତୃତ୍ୱ ରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶୋଭାଯାତ୍ରା ବାହାରି ସଡ଼କ ସୁରକ୍ଷା ନେଇ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଶମ୍ଭୁ ଭୁଷଣ ସାହୁ, ଶେଷ ଦେବ ସାହୁ, ଶିକ୍ଷୟିତ୍ରୀ ଦିପ୍ତିମୟୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।




ଅନୁପ୍ରବେଶକାରୀଙ୍କ ଗ୍ରୀନ କରିଡ଼ର କେସିଙ୍ଗା ରେଳ ଷ୍ଟେସନ

# କେବେ ହେବ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା

**କେସିଙ୍ଗା, ୨୯ ।୧୧(ସମିସ)**

ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା ସବୁ ଜାଣିଶୁଣି ଚୁପ ବସିଛି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କଳାହାଣ୍ଡି ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ କେସିଙ୍ଗା ହୋଇ ଥିବାରୁ ସମସ୍ତ ଟ୍ରେନର ରହଣିସ୍ଥଳ କେସିଙ୍ଗା । ସେଥିପାଇଁ ପ୍ରତିଦିନ କାମ ଧନ୍ଦାର ଅନ୍ୱେଷଣରେ ଅନେକ ଲୋକ ଆସୁଛନ୍ତି କେସିଙ୍ଗା ଆସୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ଲୋକ ଅନ୍ୟ ସମ୍ପ୍ରଦାୟର ହୋଇ ଥିବାରୁ ଅଞ୍ଚଳବାସୀ ସେମାନଙ୍କୁ ଅନୁପ୍ରବେଶକାରୀ ବାଂଲାଦେଶୀ କହୁଛନ୍ତି ।କେସିଙ୍ଗାରେ କେତେ ବାହାରୁ ଆସିଥିବା ଲୋକ ରହୁଛନ୍ତି ନା ଜିଲ୍ଲା ପ୍ରଶାସନ ପାଖରେ ହିସାବ ଅଛି ନା ସ୍ଥାନୀୟ ପୋଲିସ କିମ୍ବା ଏନ୍‌ଏସି ପାଖରେ ହିସାବ ଅଛି ଅନୁପ୍ରବେଶ କାରୀମାନେ ସମସ୍ତେ ଅଞ୍ଚଳରେ ଛୋଟ ବାଡ ବ୍ୟବସାୟ କରି ବେଶ୍ ଆରାମରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । କିଛି ଦିନ ତଳେ କିଛି ଗଣମାଧ୍ୟମ ଖବର କାଗଜରେ କଳାହାଣ୍ଡି କୁ ଅବାଧରେ ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରବେଶ କରୁଥିବା ଖବର ପ୍ରସାରଣ କରାଯାଇଥିଲା ହେଲେ ଯେତେ ବି ବାଂଲାଦେଶୀ ଅନୁପ୍ରବେଶ କରୁଛନ୍ତି ୯୦ ପ୍ରତିଶତ କେସିଙ୍ଗା ହୋଇ ଜିଲ୍ଲା ଭିତରେ ପ୍ରବେଶ କରୁଥିବା ଜଣାପଡ଼ିଛି । କିଛି କେସିଙ୍ଗାରେ ରହୁଥିବା ବେଳେ କିଛି ଜିଲ୍ଲାର ଅନ୍ୟ ପ୍ରମୁଖ ସହରକୁ ଯାଇ ନିଜ ବ୍ୟବସାୟ ଆରମ୍ଭ କରୁଛନ୍ତି । ସୂଚନା ଅନୁଯାୟୀ କେସିଙ୍ଗାର ମାରବାଡ଼ି ସମାଜ ପକ୍ଷରୁ ତିଆରି କରାଯାଇଥିବା ଶ୍ମଶାନ ପାଖରେ ଅନେକ ମୁସଲମାନ ଆଧିପତ୍ୟ ବିସ୍ତାର କରି ଗୋଟିଏ ଘରେ ରହୁଥିବା ଶୁଣିବାକୁ ମିଳୁଛି । ରାଜ୍ୟର ଅନେକ ସ୍ଥାନରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ବେଳେ ଜିଲ୍ଲାରେ କିମ୍ବା କେସିଙ୍ଗାରେ ଆଜି ପର୍ଯ୍ୟନ୍ତ କିଛି ବି ପ୍ରକ୍ରିୟା ଆରମ୍ଭ ହୋଇନଥିବା ଜଣାପଡ଼ିଛି ।ଖବର ଅନୁଯାୟୀ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ କୋଲକାତାରେ ଏସଆଇଆରର ଡରରେ ପଳାଇ ଆସିଥିବା ଶୁଣିବାକୁ ମିଳୁଛି । ହେଲେ ପ୍ରଶାସନ ନଜର ଦେଉନାହିଁ । ଦିନକୁ ଦିନ ଅଞ୍ଚଳରେ ଚୋରି ଡକାୟତି ବଢ଼ି ଚାଲିଥିବା ବେଳେ ଅଞ୍ଚଳବାସୀ ଅନୁପ୍ରବେଶକାରୀଙ୍କ ଉପରକୁ ଆଙ୍ଗୁଳି ଦେଖାଉଛନ୍ତି । ଅଞ୍ଚଳରେ କେତେ ଅନୁପ୍ରବେଶକାରୀ ଅଛନ୍ତି ତାହାର ଆକଳନ କାହା ପାଖରେ ନ ଥିଲେ ମଧ୍ୟ କେସିଙ୍ଗାରେ ଥିବା ଏକ ମାତ୍ର ମସଜିଦରେ ପ୍ରତି ଶୁକ୍ରବାର ଦିନ ସମସ୍ତେ ଏକତ୍ରିତ ହୋଇ ନମାଜ ପଢୁଥିବା ଦେଖିବାକୁ ମିଳୁଛି । କେସିଙ୍ଗାରେ ଏମାନେ ସମସ୍ତ ୱାର୍ଡ ରେ ଭାଗ ଭାଗ ହୋଇ ରହୁଥିବା ଦେଖିବାକୁ ମିଳୁଛି । ନମ୍ବର ବିହୀନ ପୁରୁଣା ଦୁଇ ଚକିଆ ଯାନ ଧରି ସେମାନେ ସହରର ଆଖପାଖ ଅଞ୍ଚଳର ଛୋଟଛୋଟ ଗାଁମାନଙ୍କୁ ଯାଇ ବେପାର କରୁଛନ୍ତି । ଫଳରେ ଗାଁମାନଙ୍କରେ ଥିବା ଛୋଟ ଛୋଟ ବ୍ୟବସାୟୀ ମାନେ ମୁଣ୍ଡରେ ହାତମାରି ବସିଛନ୍ତି ।ଅନ୍ୟପଟେ ଭବାନୀପାଟଣାରେ ବିଗତ ଦିନରେ ବିଭିନ୍ନ ଚୋରି ମାମଲାରେ କିଛି କିଛି ପଶ୍ଚିମବଙ୍ଗଳାର ଚୋର ଦଳକୁ କୋର୍ଟ ଦ୍ୱାରା ଦଣ୍ଡ ମଧ୍ୟ ମିଳିଛି । ଯଥା ଶୀଘ୍ର ଅନୁପ୍ରବେଶକାରୀଙ୍କ ଉପରେ ଲଗାମ ନ ଲଗାଇଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତେଣୁ ସ୍ଥାନୀୟ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ସାଧାରଣରେ ଦାବି ହେଉଛି । କାରଣ କିଛି ଦିନ କିଛି ମାସ ଓ କିଛି ବର୍ଷ ରହିବା ପରେ ଏମାନେ କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଆଧାରକାଡ ତିଆରି କରି ରାସନକାର୍ଡ ପାଇଁ, ଇନ୍ଦିରା ଆବାସଗୃହ ପାଇଁ ଆବେଦନ କରିବେ ସେଥିପାଇଁ ବେଳ ଥାଉ ଥାଉ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ ନ କଲେ ବିଳମ୍ବ ହୋଇଯିବ ।

# ବାଇକ୍ ଚୋରି ନେଇ ଥାନାରେ ଏତଲା

**ଧର୍ମଗଡ଼, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ଗାଡ଼ି ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । କେତେ ବେଳେ କାହାରି ଟ୍ରାକ୍ଟର ଟ୍ରଲି ଚୋରି ହେଉଚି ତ ଆଉ କେତେବେଳେ କାହାର ବାଇକ୍ । ଏହିଭଳି ଭାବେ ଧର୍ମଗଡ଼ ସହର ସ୍ଥିତ ୧ନମ୍ବର ୱାର୍ଡ ଭୀମଖୋଜପଡ଼ାର ନିଳାମ୍ବର ମେହେର ଙ୍କ ଘରୁ ଏକ ବାଇକ୍ ନମ୍ବର-ସିଜି୦୪ଡିଏ-୪୯୦୯ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଭୀମଖୋଜପଡ଼ାର ନିଳାମ୍ବର ମେହେର ସବୁଦିନ ଭଳି ଶୁକ୍ରବାର ତାଙ୍କ ବାଇକ୍ ଘର ଆଗରେ ରଖିଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଗଲେ । ସକାଳେ ଉଠି ଗାଡ଼ିଟି ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ନିଳାମ୍ବର ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଏହା ପୂର୍ବରୁ ଧର୍ମଗଡ଼ସହର ସ୍ଥିତ ୟମାହା ବାଇକ ଶୋରୁମରୁ ଏକ ନୂଆ ବାଇକ ଚୋରି ହୋଇଥିଲା ସେହିପରି ଧର୍ମଗଡ଼ ଥାନା ମେରଘରା ଗ୍ରାମର ଟ୍ରାକ୍ଟର ମାଲିକ ଲାଲୁଭଏସାଲଙ୍କ ଗୋଟିଏ ଟ୍ରାକ୍ଟର ଟ୍ରଲି ଚୋରି କରି ନେଉଥିବା ସମୟରେ ଗାଡି ମାଲିକଙ୍କ ସମ୍ପର୍କୀୟ ଦୁଇ ଯୁବକଙ୍କୁ ଗାଡି ଚଢ଼ାଇ ଦୁର୍ବୃତ୍ତମାନେ ମାରି ଦେଇଥିଲେ । ଏବେ ସୁଦ୍ଧା ପୁଲିସ ଉକ୍ତ ଚୋରି ଗାଡ଼ି ଗୁଡ଼ିକର କୌଣସି ସନ୍ଧାନ ଆଜି ପର୍ଯ୍ୟନ୍ତ ପାଇପାରି ନାହିଁ । ଫଳରେ ଅଞ୍ଚଳରେ ଦିନକୁ ଦିନ ଗାଡ଼ି ଚୋରି ବୃଦ୍ଧି ପାଉଥିବା ବେଳେ ଲୋକେ ବାଇକ୍ ଚୋର ଭୟରେ ଭୟଭୀତ ହୋଇ ରହିଛନ୍ତି । ଏଥିପ୍ରତି ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରିହାରୀ ରୋକିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ସମାରୋହ

**ଭବାନୀପାଟଣା, ୨୯ ।୧୧ (ସମିସ):** ମା ଗାୟତ୍ରୀ ଏଜୁକେସନାଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ସମାରୋହ ସଫଳତାର ସହିତ



ଆୟୋଜିତ ହୋଇଯାଇଛି । ତ୍ରିଦିବସୀୟ କ୍ରୀଡ଼ା ସମାରୋହ ଗତ ୨୭ ତାରିଖ ପୂର୍ବାହ୍ନରୁ ଉଦ୍‌ଘାଟିତ ହୋଇ ୨୯ ତାରିଖ ସନ୍ଧ୍ୟାରେ ସମାପ୍ତ ହୋଇଛି । କ୍ରୀଡ଼ା ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଏସସିଇଆରଟି ଲେଖକ ଝସକେତନ ପ୍ରଧାନ ଅଂଶଗ୍ରହଣ କରିଥିଲେ ।କ୍ରୀଡ଼ା ସମାରୋହରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରି ଶବର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ, କନ୍ଦେଶ୍ୱର୍ ପୁରୋହିତ, ସିଆରସିସି ବିଶ୍ୱଜିତ୍ ରାୟ, ସିଆରସିସି ପୂର୍ଣ୍ଣଚନ୍ଦ୍ର ନେଗୀ, କ୍ରୀଡାବିତ୍ ଜଳେଶ୍?ର ଗଉଡ, ଶାସ୍ତ୍ରିଜୀ ମଡେଲ ସ୍କୁଲର ଅଧ୍ୟକ୍ଷ ଉଗ୍ରସେନ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷ ମିହିର କୁମାର ଭୋଇ ସ୍?ାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ମେମ୍ବର ସ୍ୱପ୍ନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନା କରିଥିଲେ ଶ୍ରୀମତୀ ସାବିତ୍ରୀ ମହାରଣା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସ୍ପୋର୍ଟସ ଚମ୍ପିୟନ ଭାବରେ ଡକଶେସ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଶୋଷିଆରେ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ସଚେତନତା



**ଧର୍ମଗଡ଼, ୨୯ ।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଶୋଷିଆ ଦ୍ୱାରିକାନାଥ ଉଚ୍ଚବିଦ୍ୟାଳୟରେ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଜାତୀୟ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ସୁଦାମ ଚରଣ ନେଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚପୁରିଆ ସିଏଚସିର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅବନୀ ଭୋଇ ଯୋଗଦେଇ ତମ୍ବାଖୁ ସେବନର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । କମ୍ପ୍ୟୁଟର ସ୍କ୍ରିନ୍‌ରେ ଭିଡିଓ ମାଧ୍ୟମରେ ତମ୍ବାଖୁ ବ୍ୟବହାର ଦ୍ୱାରା କିପରି ଓ କି ପ୍ରକାରର ରୋଗରେ ଲୋକେ ପୀଡିତ ହେଉଛନ୍ତି ସେ ସମ୍ପର୍କରେ ପ୍ରଦର୍ଶନ କରାଯିବା ସହ ପିଲାମାନଙ୍କୁ ସଚେତନ କରାଯାଇଥିଲା । ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କୁ ନେଇ ରାଲି ମାଧ୍ୟମରେ ନାରାବାଜି ସହ ସଚେତନତା କରାଯାଇଥିଲା ।ଏହି ଅବସରରେ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ଶିର୍ଷକକୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଭୋଇ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ତମ୍ବାଖୁ ସେବନରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହ ଶିକ୍ଷକ ଗୋବର୍ଦ୍ଧନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଖୁସିରାମ ଟୋଲଟିଆ, ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟ ପ୍ରକାଶ ସେନାପତି, ମହିଳା ସ୍ୱାସ୍ଥ୍ୟ କର୍ମୀ ଶ୍ରୀମତୀ ମିନତୀ ସା, ଆଶା କର୍ମୀ ସୋସିଆ ଅର୍ଣ୍ଣ ନିଆଲ ଏବଂ ଆଶା କର୍ମୀ ଆମ୍ବଗୁଡା ଉର୍ମିଳା ସରାପ ପ୍ରମୁଖ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ସିନାପାଲି, ୨୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ହାତୀବନ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସହ ପ୍ରଧାନ ଆଚାର୍ଯ୍ୟ ସରୋଜ ସିଂହ ନିନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ମାତୃ ଭାରତୀର ଉପାଧ୍ୟକ୍ଷା ହିମାଦ୍ରି ମେହେର, ମୁଖ୍ୟବକ୍ତା ସରିତା ଅଗ୍ରୱାଲ ଓ ମାତୃ ଭାରତୀର ସଂଯୋଜିକା ଉଆଁସୀ ମେହେର ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶ୍ରୀମତୀ ଅଗ୍ରୱାଲ ମାଆମାନଙ୍କୁ ସଂସ୍କାରବାନ୍ ପିଢ଼ି ଗଠନ କରିବାରେ ଓ ସମାଜକୁ ସଂସ୍କାରିତ କରିବା ପାଇଁ ନିଜର ଭୂମିକା ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ ଅଭିବାବିକାଙ୍କ ମଧ୍ୟରେ ସଙ୍ଗୀତ, ଚୌକି ଖେଳ ଓ ଝୋଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ୪୩ ଜଣ ମାଆମାନେ ପ୍ରତିଯୋଗିତା ରେ ଯୋଗଦାନ କରିଥିଲେ ଓ ବିଚାରକ ଭାବରେ ଲୋକନାଥ ମେହେର ସହକାରୀ ଶିକ୍ଷକ ମେହେର ପଡ଼ା ପ୍ରାଥମିକ ବିଦ୍ୟାଳୟ ସିନାପାଲି, ଧନେଶ୍ୱର କାଣ୍ଡ ଆଚାର୍ଯ୍ୟ ସିନାପାଲି ଶିଶୁ ମନ୍ଦିର, ଦୌଲତ ମେହେର ଆଚାର୍ଯ୍ୟ ଗଣ୍ଡାବାହାଲି ଶିଶୁ ମନ୍ଦିର ପରିଚାଳନା କରିଥିଲେ । କାର୍ଯ୍ୟକ୍ରକୁ ଆଚାର୍ଯ୍ୟା ସୁଶ୍ରୀ ଚନ୍ଦ୍ରକାନ୍ତି ମେହେର ସଂଯୋଜନା କରିଥିଲେ ଓ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିବା ବେଳେ ଆଚାର୍ଯ୍ୟା ସୁଶ୍ରୀ ହିମାଦ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତିଯୋଗୀଙ୍କ ପାଇଁ ମାଗଣା ସିଭିଲ୍ ସର୍ଭିସେସ୍ କୋଚିଂ

# 'ମିଶନ୍ ଆକାଂକ୍ଷା'ର ଶୁଭାରମ୍ଭ

**ଭବାନୀପାଟଣା, ୨୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଭିଜନ୍ ଆଇଏଏସ୍ ନୂଆଦିଲ୍ଲୀର ମିଳିତ ସହଯୋଗରେ ଭାରତୀୟ ପ୍ରଶାସନିକ ସେବାର ପ୍ରତିଯୋଗିତା ପରୀକ୍ଷାରେ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ କିପରି ଅଂଶ ଗ୍ରହଣ କରି ସଫଳତା ହାସଲ କରିପାରିବେ ସେ ଉଦ୍ଦେଶ୍ୟରେ ଶନିବାର କଳାହାଣ୍ଡି ଜିଲ୍ଲାପାଳ ପାୱାର୍ ସଚିନ




ପ୍ରକାଶଙ୍କ ଦ୍ୱାରା ଜିଲ୍ଲାର ପ୍ରତିଯୋଗୀଙ୍କ ପାଇଁ ମାଗଣା ସିଭିଲ ସର୍ଭିସ କୋଚିଂ ମିସନ ଆକାଂକ୍ଷାର ଶୁଭାରମ୍ଭ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଭବାନୀପାଟଣା ଠାରେ କରାଯାଇଛି । ଜିଲ୍ଲାପାଳ ଉଦ୍‌ଘାଟନ କରି ପ୍ରତିଯୋଗୀମାନେ ଭବାନୀପାଟଣାରେ ମାଗଣାରେ କୋଚିଂ ନେଇ ସିଭିଲ ସର୍ଭିସ ପରୀକ୍ଷା କିପରି ଭଲ କରି ସଫଳତା ହାସଲ କରିପାରିବେ ସେ ସମ୍ପର୍କରେ ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମରେ ଅନିମେଶ ପ୍ରଧାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରୋବେସନର୍, ମୁଖ୍ୟଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଯୋଗଦେଇ ଥିଲେ । ଭିଜନ୍ ଆଇଏଏସ୍ (ଭିଜନ ଆଇଏଏସ) ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଦୁଇଟି ପର୍ଯ୍ୟାୟ ଚୟନ ପ୍ରକ୍ରିୟା, ଯଥା:ବସ୍ତୁନିଷ୍ଠ ଏମସିକ୍ୟୁ ଭିତ୍ତିକ ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ପରେ ମୋଟ୍ ୬୨ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମେରିଟ୍ ତାଲିକାରେ ମନୋନୀତ ହୋଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ 'ମିଶନ୍ ଆକାଂକ୍ଷା'ର କୋଚିଂ ମଡ୍ୟୁଲ୍ ଏବଂ ପ୍ରକ୍ରିୟା ବିଷୟରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମିଶ୍ର, ଝରବଙ୍କ ଖରବୟ, ଡିଏମ୍‌ଏଫ୍ (ଡିଏମ୍‌ଏଫ), କଳାହାଣ୍ଡି, ସଂଯୋଜନା କରିଥିଲା ବେଳେ ସୁବିଦୀପ୍ତ ସାମନ୍ତରାୟ, ଜିଲ୍ଲା ନିୟୋଜନ ଅଧିକାରୀ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା

# ମହିଳାଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ଅଧିକାର ଉପରେ ଆଲୋଚନା

**ଭବାନୀପାଟଣା, ୨୯ ।୧୧ (ସମିସ)**

ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଜୟପ୍ରକାଶ ସାନ୍ଧ୍ୟା ମହାବିଦ୍ୟାଳୟ, ଭବାନୀପାଟଣାରେ ଆର୍ଥିକ ସାକ୍ଷରତା ସହିତ ମହିଳାମାନଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅଧିକାର"ବିଷୟରେ ଜିଲ୍ଲା ସ୍ତରୀୟ ସକ୍ଷମତା ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ସୁମିତା ଦେବୀ ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜେଜେବି ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୁବନ ମୋହନ ଠାକୁର ଉପସ୍ଥିତ ଥିଲେ । ଅତିଥିମାନେ ମହିଳାଙ୍କ ଅର୍ଥନୈତିକ ସଶକ୍ତିକରଣ, ସାମାଜିକ ଅଧିକାର, ରାଜନୈତିକ



ଭାଗିଦାରି ଏବଂ ସମୁଦାୟରେ ନାରୀମାନଙ୍କ ଭୂମିକା ବୃଦ୍ଧି ବାବଦରେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଡେପୁଟି ଚିଫ ଲିଗାଲ ହେଡ୍ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ନାରୀକଲ୍ୟାଣ ଯୋଜନା, ନାରୀ ସୁରକ୍ଷା ସମ୍ବନ୍ଧୀୟ ଆଇନ ଓ ଶିଶୁ ସୁରକ୍ଷା ଆଇନ ଉପରେ ଆଲୋଚନା କରାଗଲା । ଏହା ସହିତ, ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁନା ନାଏକ ଦ୍ୱାରା ଆର୍ଥିକ ସାକ୍ଷରତା, ବ୍ୟାଙ୍କିଂ ସେବା, ଡିଜିଟାଲ ପେମେଣ୍ଟ ସୁରକ୍ଷା ଇତ୍ୟାଦି ବିଷୟରେ ମହିଳାମାନଙ୍କୁ ଅବଗତ କରାଗଲା । ସାଇବର ପୋଲିସ ଥାନାରୁ ଆସିଥିବା ଆଇଆଇସି ସର୍ବେଶ୍ୱର ସାମନ୍ତରାୟ ସାଇବର ଅପରାଧ, ତାହାର ପ୍ରକାର, ପ୍ରତିରୋଧ ପଦକ୍ଷେପ ଓ ସଚେତନତା ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ । କର୍ମଶାଳାରେ କଳାହାଣ୍ଡି ଜିଲ୍ଲାର ସମସ୍ତ ସିଡିପିଓ ମାନେ, ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ, ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକାମାନେ ଓ ଜିଲ୍ଲା ମହିଳା ହବଙ୍କ କର୍ମଚାରୀମାନେ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ, ମହିଳା ହବ କରିଥିଲେ । ଶେଷରେ ସୁମିତା ଦେବୀ ତ୍ରିପାଠୀ, ସମାଜ କଲ୍ୟାଣ ଅଧିକାରିଣୀ, ଧନ୍ୟବାଦ ଜଣାଇଥିଲେ ।

# ରିଷିଡା ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କର୍ଲାମୁଣ୍ଡା, ୨୯ ।୧୧ (ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୫ତମ ବାର୍ଷିକ କ୍ରୀଡାଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ରିଷିଡାସ୍ଥିତ




ବାପୁଜୀ ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗୀତାର ଉଦଯାପନୀ ଉତ୍ସବରେ ଭବାନୀପାଟଣାର ବିଶିଷ୍ଟ ସାମାଜିକ କର୍ମୀ ପୁରୁଷୋତ୍ତମଦାସ ଅଗ୍ରୱାଲ ମୁଖ୍ୟଅତିଥି, ରିଷିଡା ଜେଡି କଲେଜ ଅଧ୍ୟକ୍ଷ ଗଦାଧର ପଧାନ, ପୂର୍ବତନ ସଭାପତି ନେମିଚାନ୍ଦ ଜୈନ ସମ୍ମାନିତ ଅତିଥି ଭବାବେ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ହିରୋଜ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସୁଦେବ ସେଲମା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଝୁନିରାଣି ସାହୁ ସଭାସଂଯୋଜନା କରିଥିବା ବେଳେ ସରୋଜ ଗହୀର ସମାରୋପ ବୃତ୍ତକଥନ କରିଥିଲେ । ପ୍ରତିଯୋଗିତାରେ ବାଳବିଭାଗର ବାଳକ ବର୍ଗରେ ଆକାଶ ସାହୁ ଓ ନିଶ୍ଚଳାନନ୍ଦ ପଟ୍ଟନାୟକ ଓ ବାଳିକା ବିଭାଗରେ ସୁଶ୍ରୀ ଲୋପାମୁଦ୍ରା ରଣା ଚମ୍ପିଅନ ହୋଇଥିଲେ । ଶିଶୁ ବିବାଗରେ ବାଳକ ବର୍ଗରେ ସୁଜିତ ଦାସ ଓ ବାଳିକା ବର୍ଗରେ ସିଶ୍ରୀ ସ୍ମିତାଶତରୂପା ପାତ୍ର ଚମ୍ପିଅନ ହୋଇଥିଲେ । ପ୍ରତିଯୋଗିତା ଗୁଡିକୁ ସମସ୍ତ ଗୁରୁଜୀ, ଗୁରମାଙ୍କ ସମେତ ଡିଗ୍ରୀ କଲେଜର କ୍ରୀଡାଶିକ୍ଷକ ଲଳିତ କୁମାର ସାହୁ ଓ ଜକେକଲେଜ କ୍ରୀଡାଶିକ୍ଷକ ଲଳିତ ଦାସ ପରିଚାଳନା କରିଥିଲେ ।

## ପ୍ରାଣୀ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ,୨୯ ।୧୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଚାପ ନିୟନ୍ତ୍ରଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଶ୍ରଦ୍ଧାଞ୍ଜଳି ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ରାଶେଶ ଦାସ ଧନ୍ୟବାଦ ଦେଇଥିଲେ । ବିଭାଗୀୟ ଲାବ୍ ଆସିଷ୍ଟାଣ୍ଟ ନିରଞ୍ଜନ ବାରିକ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ରକ୍ତଦାନ ଶିବିର



**ପଟ୍ଟାମୁଣ୍ଡାଇ,୨୯ ।୧୧(ସମିସ):** ପଟ୍ଟାମୁଣ୍ଡାଇ କୋର୍ଟ ଓ ଓକିଲ ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟି ଶିବିରକୁ ଉଦଘାଟନ କରିଥିଲେ । ସବଜଜ୍ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଡିକେ ବାଳକ୍ରିଷ୍ଣନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ପ୍ରମୋଦ ବିଶ୍ୱାଳ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ଆଇନଜୀବୀ କିଶୋର କୁଣ୍ଡ, ଭୀମସେନ ପ୍ରଧାନ, ନରହରି ଲେଙ୍କା, ତପନ ମିଶ୍ର, ବିଜୟ ରାଉତ, ବିଜ୍ଞାନ ଜେନା, ଧୀରେନ୍ଦ୍ର ସାହୁ, ସୌମ୍ୟରଞ୍ଜନ ଧଳ, ଗୋପୀନାଥ ତ୍ରିପାଠୀ, ଅଶ୍ୱିନୀ ବେହେରା, ଅଭିରାମ କୁଣ୍ଡ, ହୃଦାନନ୍ଦ ମହାନ୍ତି, ପ୍ରତାପ ପୃଷ୍ଟି, ଭବାନୀ ପଣ୍ଡା, ଲଳିତ ଦାସ ମହାପାତ୍ର, ସଞ୍ଜୀବ କର, ଗିରିଜା ଦାଶ, ଗୁରୁଚରଣ ଷଣ୍ଢ, ଅଶ୍ୱିନୀ ଚୌଧୁରୀ, ସୁନାକାର ପ୍ରଧାନ, ନାରାୟଣ ସାହୁ, ବିଦ୍ୟାଭୂଷଣ ଦାଶ, ପ୍ରଫୁଲ୍ଲ ଦାଶ, ଗୀତାଞ୍ଜଳି ପୃଷ୍ଟି, ବିଦ୍ୟାଧର ଦାଶ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।


## ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



ମାର୍ଶାଘାଇ,୨୯ ।୧୧(ସମିସ): ମାର୍ଶାଘାଇ ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଏବିଇଓ ସୁଶାନ୍ତ କୁମାର ବେଉରା, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ପିଏମ୍ ରାଜେଶ ଚୌଧୁରୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶିକ୍ଷକ କବିର କୁମାର ବସନ୍ତିଆ, ଅଜାମ୍ବର ଗେରୁ, ମନୋଲିସା ବଳବନ୍ତରାୟ, ଶର୍ମିଷ୍ଠା ଦାଶ, ଅନନ୍ୟା ସେଠୀ, ଗାୟତ୍ରୀ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

## କୁରାଳ ପଞ୍ଚମୀ ଉତ୍ସବ ପାଳିତ

ଡେରାବିଶ,୨୯ ।୧୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ନରଣପଡ଼ା ଗ୍ରାମର କୁମ୍ଭକାର ସଂଗଠନ ପକ୍ଷରୁ କୁରାଳ ପଞ୍ଚମ ଉତ୍ସବ ପାଳିତ ହୋଇଛି । ଗତ ୨୫ ତାରିଖରୁ



ଗ୍ରାମରେ ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ପୂଜାପାଇ ଆସୁଛନ୍ତି । ପ୍ରତ୍ୟେକ କୁମ୍ଭକାର ପରିବାର ସଦସ୍ୟ ନୂତନ ବସ୍ତ୍ର ପରିଧାନ କରିବା ସହ ସେମାନଙ୍କ ଘରେ ଥିବା କୁମ୍ଭାର ଚକକୁ ପୂଜା କରିଥାନ୍ତି । ସମସ୍ତଙ୍କ ଘରେ ପିଠପଣାର ଆସର ଜମିଥାଏ । ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଉତ୍ସବ ରବିବାର ଉଦଯାପିତ ହେବ । ଗ୍ରାମର ପଦ୍ମଚରଣ ବେହେରା, ନବଘନ ବେହେରା, କୈଳାସ ବେହେରା, ଭ୍ରମରବର ବେହେରା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି । ସେହିପରି ଖମୋଳ ପଞ୍ଚାୟତ ଜହ୍ନିମୂଳ ଗ୍ରାମରେ ମଧ୍ୟ ଏହି ଉତ୍ସବ ପାଳନ ହେଉଛି ।

### ଶିକ୍ଷକଙ୍କ ବଦଳି ଆଦେଶ ଘଟଣା

# କାର୍ଯ୍ୟରେ ଯୋଗ ନ ଦେବାରୁ କାରଣଦର୍ଶାଅ ନୋଟିସ

ରାଜନଗର,୨୯ ।୧୧(ସମିସ)

ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ଦୂର କରିବା ପାଇଁ ଗତ ୨୬ ତାରିଖଠାରୁ ବିଇଓ ଜଣେ ଶିକ୍ଷକଙ୍କୁ ସାମୟିକ ଭାବେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ ବି ସେ ଆଜି ଯାଏଁ କାର୍ଯ୍ୟରେ ଯୋଗଦେଇନାହାନ୍ତି । ଶନିବାର ଏ ନେଇ ବିଇଓ ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ତାଙ୍କ ଦରମା ବନ୍ଦ କରିଛନ୍ତି । ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୨୫୦୪ରେ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲେଇଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି । ନୋଟିସରେ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଯାଇଛି । ଚିଠି ନମ୍ବର ୨୪୭୫ରେ ଆପଣଙ୍କୁ ନୂଆଗାଁ ୟୁଜିୟୁପି ସ୍କୁଲରେ କ୍ଲାସ ନେବା ପାଇଁ ନିଯୋଜିତ କରାଯାଇଥିଲା । କିନ୍ତୁ ଆପଣ ଆଜି ଯାଏଁ ନୂତନ ସ୍ଥାନରେ ଯୋଗଦେଇନାହାନ୍ତି । ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅବମାନନା କରିଛନ୍ତି । ଆପଣଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାହାର ଉତ୍ତର ୩ ଦିନ ଭିତରେ ଦେବାକୁ କୁହାଯାଇଛି । ନଚେତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏଥିସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନଭେମ୍ବର ମାସର ଦରମା ବନ୍ଦ ରଖାଯିବ ବୋଲି କୁହାଯାଇଛି ।

ସୂଚନାଯୋଗ୍ୟ, ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀକୁ ମାତ୍ର ୨ ଶିକ୍ଷକ ଅଛନ୍ତି । ଶିକ୍ଷକ ଅଭାବ ଯୋଗୁଁ ବିଦ୍ୟାଳୟରେ ପାଠପଢ଼ା ଏକ ହେଉନାହିଁ କହିଲେ ଚଳେ । ଶିକ୍ଷକ ନିଯୁକ୍ତି ଦାବିରେ ୨୬ ତାରିଖ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଥିଲେ । ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୦ ଶ୍ରେଣୀ ପାଇଁ ୨୨ ଶିକ୍ଷକ ଥିବାରୁ ସହକାରୀ ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ବିଦ୍ୟାଳୟରେ ଟେକ କ୍ଲାସରେ ଯୋଗଦେବା ପାଇଁ ବିଇଓ ନିର୍ଦ୍ଦେଶ କରିଥିଲେ । ୨୬ ତାରିଖ ଅପରାହ୍ଣରେ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ପଲେଇଙ୍କ ପାଖରେ ଏହି ନିର୍ଦ୍ଦେଶ ପହଞ୍ଚିଥିଲା । ତେବେ ୨୭ ତାରିଖ ସକାଳେ ପଲେଇ ନୂଆଗାଁ ବିଦ୍ୟାଳୟରେ ଯୋଗଦେବାକୁ ଗଲେ ନାହିଁ । ବରଂ ଉକ୍ତଦିନ ସକାଳ ୯ଟାରେ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ବସିରହିଥିଲେ । କୋମଳମତି ଛାତ୍ରଛାତ୍ରୀଙ୍କୁ କିଏ ରାସ୍ତାକୁ ଆଣିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହା ପଛରେ ରାଜନୀତି ରହିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହା ସତ୍ତ୍ୱେ ଶିକ୍ଷକ ପଲେଇ ବିଇଓଙ୍କ ନିର୍ଦ୍ଦେଶର ୪ ଦିନ ପରେ ବି ନୂତନ ସ୍ଥାନରେ ଯୋଗଦେଇନାହାନ୍ତି ।

### ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

## ‘ବିଷ୍ଣୁପ୍ରସାଦ ଦାସ ରାଜ୍ୟ ବିଜେପି ସଭାପତି’ ବ୍ୟାନରକୁ ନେଇ ଚର୍ଚ୍ଚା

**ରାଜନଗର,୨୯ ।୧୧(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ହାଟ ପଡ଼ିଆରେ ବିଜେପି ପକ୍ଷରୁ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିକ୍ରମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁଚରଣ ଦାସ ଯୋଗଦେଇ କହିଲେ, ବନ୍ଦେ ମାତରମ କେବଳ ଏକ ଜାତୀୟ ଗୀତ ନୁହେଁ, ସବୁ ଭାରତୀୟଙ୍କର ଏହା ହୃଦ୍‌ସ୍ପନ୍ଦନ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ଏହି ସଙ୍ଗୀତ ଦେଶର ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବିଜେପି ନେତା ଲଳିତକୁମାର ବେହେରା, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା,




ବନ୍ଦେ ମାତରମର ଜିଲ୍ଲା ସଂଯୋଜକ ଶ୍ରୀଧର ପ୍ରଧାନ, ଆତ୍ମନିର୍ଭର ଭାରତର ସଂଯୋଜକ ମାନସରଞ୍ଜନ ଦାସ, ସନ୍ତୋଷ ମହାନ୍ତି, ଦିଲୀପ ରାଉତ, ଜୋନ ସଭାପତି ରାଜୀବଲୋଚନ ନାୟକ ପ୍ରମୁଖ ଯୋଗଦେଇଥିଲେ । ତେବେ ସଭାସ୍ଥଳ ଓ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସ୍ୱାଗତମ ରାଜ୍ୟ ସଭାପତି ଓଡ଼ିଶା ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ଦାସ ବ୍ୟାନରକୁ ନେଇ ଚର୍ଚ୍ଚା ଜୋର ଧରିଛି । ବ୍ୟାନରରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଓ ସାଂସଦଙ୍କ ସମେତ ବିଷ୍ଣୁପ୍ରସାଦ ଦାସ ଓ ଲଳିତ କୁମାର ବେହେରାଙ୍କ ଫଟୋ ରହିଛି । ବିଜେପି ଚିହ୍ନ ଥିବା ଏହି ବ୍ୟାନର ଚାରିଆଡ଼େ ଲାଗିଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଥିବାବେଳେ ବିଷ୍ଣୁପ୍ରସାଦ ଦାସଙ୍କ ଫଟୋ ସହ ରାଜ୍ୟ ସଭାପତି ଲେଖାଯାଇ ବ୍ୟାନର ମରାଯିବା ଘଟଣା ଅଞ୍ଚଳରେ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ବିଭିନ୍ନ ସ୍ଥାନରେ ଏହି ବ୍ୟାନର ଲାଗିଥିବା ସତ୍ତ୍ୱେ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତ୍ତା କିପରି ଏହା ଜାଣିପାରିଲେ ନାହି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପଟ୍ଟାମୁଣ୍ଡାଇ ସହର ହେବ ସ୍ୱଚ୍ଛତାରେ ଶ୍ରେଷ୍ଠ

**ପଟ୍ଟାମୁଣ୍ଡାଇ,୨୯ ।୧୧(ସମିସ):** ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶରେ ବିଭିନ୍ନ ପୌରାଞ୍ଚଳରେ ସ୍ୱଚ୍ଛତା ସର୍ବେକ୍ଷଣ ଆରମ୍ଭ ହୋଇଛି । ଏହି କ୍ରମରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ପକ୍ଷରୁ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ସ୍ୱଚ୍ଛତା ସର୍ବେକ୍ଷଣ କରାଯାଇଥିଲା । ବିଏମସିରୁ ଆସିଥିବା ପ୍ରତିନିଧିଦଳ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପରିଦର୍ଶନ କରି ସହରକୁ ଅଧିକ ସରସସୁନ୍ଦର କରିବା ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ, ସଫେଇ କର୍ମଚାରୀ ସହରର ସ୍ୱଚ୍ଛତା ବଜାୟ ରଖିବା ସହ ଏହାକୁ ସବୁଜସୁନ୍ଦର ଓ ସୁସ୍ଥ ସହର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ନେଇଥିଲେ । ବିଏମ୍‌ସି ପ୍ରତିନିଧିଦଳ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସମସ୍ତ ୱାର୍ଡ ବୁଲିବା ସହ ଲୋକଙ୍କୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରତିନିଧିଦଳ ପୌରାଞ୍ଚଳର ସ୍ୱଚ୍ଛତା ଓ ସୁନ୍ଦରତାକୁ ପ୍ରଶଂସା କରି ଏହି ପୌରାଞ୍ଚଳ ସ୍ୱଚ୍ଛତା ସର୍ବେକ୍ଷଣରେ ଶ୍ରେଷ୍ଠ ସ୍ଥାନ ପାଇବ ବୋଲି ପ୍ରକାଶ କରିଛନ୍ତି । ବିଏମ୍‌ସି ପକ୍ଷରୁ ଆସିଷ୍ଟାଣ୍ଟ କମିଶନର ଦେବାଶିଷ ବେହେରା, ରବିରାଜ ପ୍ରଧାନ, ପୀୟୂଷ କିଶୋର ଖଟାଇ ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ, ଇଂ ସୁଶୀଲ ବେହେରା, ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ ଓ ପୌର ପରିଷଦ କର୍ମଚାରୀ ସ୍ୱଚ୍ଛତା ସର୍ବେକ୍ଷଣରେ ସାମିଲ ହୋଇଥିଲେ ।

## ଆବାସ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବାଲି

**ଡେରାବିଶ,୨୯ ।୧୧(ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଏବେ ଆବାସ ନିର୍ମାଣ କାର୍ଯ୍ୟରେ ମୁଖ୍ୟ ବାଧକ ସାଜିଛି ବାଲି । କେନ୍ଦ୍ରାପଡ଼ା ଜିଲ୍ଲାରେ ବାଲିଘାଟ ସରକାରୀ ଭାବେ ନିଲାମ ନ ହେବା ଦ୍ୱାରା ଅନ୍ୟ ଜିଲ୍ଲାରୁ ଆସୁଥିବା ବାଲିର ଦର ବହୁ ଅଧିକ ପଡୁଛି । ଏପରିକି ଗୋଟିଏ ଟ୍ରାକ୍ଟର ପିଛା ବାଲିଦର ୨୫୦୦ ଟଙ୍କାରୁ ଅଧିକ ପଡୁଥିବାରୁ ଲୋକେ ବାଲି କିଣି ଘର କାମ କରିବାକୁ ଅସମର୍ଥ ହୋଇପଡୁଛନ୍ତି । ନଦୀନାଳ ଘେରା ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରଚୁର ପରିମାଣରେ ଲଘୁ ଖଣିଜ ସମ୍ପଦ ବାଲି ମହଜୁଦ ରହିଛି । ବ୍ଲକର ଗୋଟିଏ ପଟେ ଲୁଣାନଦୀ ଥିବାବେଳେ ଅନ୍ୟ ପଟେ ବିରୁପା ରହିଛି । ଏହି ନଦୀରେ ବର୍ଷାଦିନ ବ୍ୟତୀତ ଅନ୍ୟ ଋତୁରେ ନଦୀଶଯ୍ୟା ଶୁଖି ପ୍ରଚୁର ମଧୁର ବାଲି ମିଳିଥାଏ । ଏହି ଦୁଇ ନଦୀର ବାଲି କେବଳ ଡେରାବିଶ ବ୍ଲକ କାହିଁକି କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ଲୋକଙ୍କ ଆବଶ୍ୟକତା ମେଣ୍ଟାଇଥାଏ । ପୂର୍ବରୁ ସରକାରଙ୍କ ପକ୍ଷରୁ ତହସିଲ ମାଧ୍ୟମରେ ଘାଟ ନିଲମ ହେଉଥିବା ବେଳେ ଏହି ଦୁଇ ନଦୀର ବିଭିନ୍ନ ଘାଟରୁ ସୁଲଭ ମୂଲ୍ୟରେ ବାଲି ନେଇ ଲୋକେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିଲେ । ହେଲେ ଯେବେଠାରୁ ବାଲିଘାଟଗୁଡ଼ିକ ଖଣି ବିଭାଗ ଅଧୀନକୁ ଯାଇଛି ସେବେଠାରୁ ଲୋକଙ୍କ କଷଣ ବଢ଼ି ଚାଲିଛି । ପୂର୍ବରୁ ତହସିଲ ମାଧ୍ୟମରେ ହେଉଥିବାରୁ ସ୍ଥାନୀୟ ଲୋକେ ଘାଟ ନିଲାମ ନେଉଥିଲେ ଓ ସୁରୁଖୁରୁରେ ଘାଟ ମଧ୍ୟ ଚାଲୁଥିଲା ।


ସୁଲଭ ମୂଲ୍ୟରେ ବାଲି ଯୋଗାଇଦେବାକୁ ଦାବି

ହେଲେ ଖଣି ବିଭାଗ ପକ୍ଷରୁ ହେଉଥିବା ନିଲାମ ପ୍ରକ୍ରିୟାରେ ଡେରାବିଶ ବ୍ଲକ ଅଞ୍ଚଳର ଘାଟକୁ ବହାର ଜିଲ୍ଲାର ଲୋକେ ନିଲାମ ପ୍ରକ୍ରିୟାରେ ଭାଗ ନେଇ ନିଲାମ ଧରୁଛନ୍ତି । ଫଳରେ ସେମାନେ ଏହି ଘାଟକୁ ନିଲାମ ନେଇ ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକଙ୍କୁ ବହୁ ଅଧିକ ଦରରେ ପ୍ରଦାନ କରୁଛନ୍ତି । ଯେଉଁଥିପାଇଁ ବାଲି ମୂଲ୍ୟ ବହୁ ଅଧିକ ହୋଇଯାଉଛି ଓ ଗରିବ ଆବାସ ହିତାଧିକାରୀ ବିଚରା ତଣ୍ଡ ଗଣୁଛନ୍ତି । ତେଣୁ ବାଲିଘାଟଗୁଡ଼ିକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଲାମ ଦେବା ସହ ବାଲିର ସର୍ବନିମ୍ନ ଦର ନିର୍ଦ୍ଧାରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଡିସେମ୍ବର ମାସ ଜନଶୁଣାଣିର କାର୍ଯ୍ୟସୂଚୀ

**କେନ୍ଦ୍ରାପଡ଼ା,୨୯ ।୧୧(ସମିସ):** ଆସନ୍ତା ଡିସେମ୍ବର ମାସ ନିମନ୍ତେ ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ନିମନ୍ତେ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି । ଡିସେମ୍ବର ୧ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ୮ରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ, ୧୫ରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ୨୨ରେ ଗରଦପୁର ବ୍ଲକ କାର୍ଯ୍ୟାଳୟ ଓ ୨୯ରେ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଯଦି କୌଣସି ଜନସାଧାରଣଙ୍କ କିଛି ସମସ୍ୟା ଥାଏ ତେବେ ଧାର୍ଯ୍ୟ ଦିନ ଏବଂ ସମୟରେ ଉପସ୍ଥିତ ରହି ଅଭିଯୋଗ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି ।

## ବିଦ୍ୟାଳୟରେ ସାପ; ଛାତ୍ରଛାତ୍ରୀ ଭୟଭୀତ

ପଞ୍ଚୁପାଣ୍ଡବ,୨୯ ।୧୧(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ସାପ ଆତଙ୍କ ଦେଖିବାକୁ ମିଳିଛି । ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ବିଦ୍ୟାଳୟ ଗୋବରୀ ନଦୀ କୂଳରେ ଅବସ୍ଥିତ । ନିକଟରେ ବନ୍ଧର ସୁରକ୍ଷା ପାଇଁ ପଥର ପ୍ୟାକିଂ ସହ ବୃକ୍ଷରୋପଣ କରାଯାଇଛି । ବର୍ଷର ଅର୍ଦ୍ଧାଧିକ ସମୟ ଏହି ନଦୀ ଦଳଭର୍ତ୍ତି ରହିବା ସହ ବିଭିନ୍ନ ଅନାବନା ଗଛ ଯୋଗୁଁ ଜଙ୍ଗଲର ଭ୍ରମ ସୃଷ୍ଟି କରିଥାଏ । ବିଦ୍ୟାଳୟ ନିକଟରେ ପ୍ରସିଦ୍ଧ ଆର୍ତ୍ତେଶ୍ୱର ଶୈବପୀଠ ଥିବାରୁ ଅନେକ ସମୟରେ ନିକଟସ୍ଥ ଗ୍ରାମଗୁଡ଼ିକରୁ ଉଦ୍ଧାର ହେଉଥିବା ସାପକୁ ଲୋକେ ନ ମାରି ଠାକୁରଙ୍କ ବାହାନ ବୋଲି ଅଭିହିତ କରି ଶୈବପୀଠ ନିକଟରେ ଛାଡ଼ିଦିଅନ୍ତି । ବିଦ୍ୟାଳୟ ଚାରିପାଖ ଜଙ୍ଗଲମୟ ହୋଇଥିବାରୁ ଅନେକ ସମୟରେ ସାପ ବିଦ୍ୟାଳୟ ପରିସର ଓ ଶ୍ରେଣୀଗୃହକୁ ମଧ୍ୟ ପ୍ରବେଶ କରୁଛନ୍ତି ।



ଚଳିତ ମାସରେ ୬ ଥର ଶ୍ରେଣୀଗୃହରୁ ବିଷଧର ସାପ ଉଦ୍ଧାର କରାଯାଇଥିବା ବେଳେ ଶନିବାର ସକାଳୁଆ ସ୍କୁଲ ଥିବାରୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିବା ବେଳେ ଏକ ବିରାଟ ବିଷଧର ସାପ ଦେଖିବାକୁ ପାଇଥିଲେ । ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅବଗତ କରିଥିବା କହିଛନ୍ତି । ତେବେ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଚାରିପାଖରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ସୁବାସ ଚନ୍ଦ୍ର ରାଉତ ଦାବି କରିଛନ୍ତି ।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ରିଂ ରୋଡ୍ ଓ ଭିତରକନିକା ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ,୨୯ ।୧୧(ସମିସ):** ବିଧାନସଭାରେ ଶନିବାର ପଟ୍ଟାମୁଣ୍ଡାଇ ରିଂ ରୋଡ୍ ଓ ଭିତରକନିକା ରାସ୍ତା ନିର୍ମାଣ ପ୍ରସଙ୍ଗ ଉତ୍ଥାପିତ ହୋଇଛି । ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକା ବ୍ଲକର କେନ୍ଦ୍ରସ୍ଥଳ ଭିତରକନିକାର ପ୍ରବେଶ ଦ୍ୱାର ପଟ୍ଟାମୁଣ୍ଡାଇରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ଟ୍ରାଫିକ ସମସ୍ୟାରୁ ମୁକ୍ତ କରିବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ବିଧାନସଭାରେ ପଟ୍ଟାମୁଣ୍ଡାଇ ରିଂ ରୋଡ୍ ନିର୍ମାଣ ପ୍ରସଙ୍ଗ ଉଠାଇ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ମାଗିଥିଲେ । ଏଥିସହ ପଟ୍ଟାମୁଣ୍ଡାଇ-ଡାଙ୍ଗମାଳ-ଭିତରକନିକା ୫୪ କିମି ରାସ୍ତା ନିର୍ମାଣ ତ୍ୱରାନ୍ୱିତ କରିବାକୁ ସରକାର କ’ଣ ପଦକ୍ଷେପ ନେଇଛନ୍ତି ତାହାର ଉତ୍ତର ଚାହିଁଥିଲେ । ବିଧାୟକ ସାହୁଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ସରକାର ଏହି ଦୁଇ ପ୍ରସଙ୍ଗରେ ସଚେତନ ଅଛନ୍ତି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା କହିଛନ୍ତି ।




# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଁରେ ହରିଲୁଟ୍

**● ଖର୍ଚ୍ଚର ୪ ଗୁଣ ଦର୍ଶାଯାଇଛି**
**● ହିସାବରେ ଅନିୟମିତତା କରି ସରକାରୀ ଅର୍ଥ ହେରଫେର**

କେନ୍ଦ୍ରାପଡ଼ା,୨୯ ।୧୧(ସମିସ): ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଁରେ ହରିଲୁଟ୍ ଚାଲିଛି । ନକଲି ରସିଦ ଦେଖାଇ ୧ ଲକ୍ଷ ୭୫ ହଜାର ଖର୍ଚ୍ଚ ଦର୍ଶାଇଯାଇଛି । ଗତ ଜାନୁଆରୀ ୧୦ ତାରିଖ ଗରଦପୁର ବ୍ଲକ ନୈନ୍ଦିପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୪୭୧ ଜଣ ଉପସ୍ଥିତ ଥିବା ସତ୍ତ୍ୱେ ଖର୍ଚ୍ଚ ପତ୍ରରେ ଅସଙ୍ଗତି, ଅତିରିକ୍ତ ଖର୍ଚ୍ଚ ଓ ହରିଲୁଟ ଦେଖି ଏବେ ପ୍ରଶ୍ନ ଉଠିଛି । ଫ୍ଲେକ୍ସ ଓ ବ୍ୟାନର ଖର୍ଚ୍ଚରେ ଅସାମଞ୍ଜସ୍ୟ ରହିଛି । ୬x୫ ଇଞ୍ଚ ବ୍ୟାନର ୨ଟି ପାଇଁ ମୋଟ ୭୨୦ ଟଙ୍କା ଖର୍ଚ୍ଚ ହୋଇଛି । ସେହିଭଳି ୨.୫x୨.୫ ବ୍ୟାନର ୧୪ଟି ପାଇଁ ୧୦୫୦ ଟଙ୍କା ଯେଉଁଠି ବଜାର ଦର ତୁଳନାତ୍ମକ ଭାବେ କମ ରହିଛି । ଖାଦ୍ୟ ବ୍ୟବସ୍ଥାରେ ସବୁଠୁ ବେଶି ହରିଲୁଟ ହୋଇଛି । କଳାବୁଦା ଆନନ୍ଦ ହୋଟେଲରୁ ୧୨୦ ଟଙ୍କା ହିସାବରେ ୧୦୦ ମିଲ ଆସିଥିବା ଦର୍ଶାଯାଇଛି । ଏଥିପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଯେଉଁଠି କେନ୍ଦ୍ରାପଡ଼ା ମୁଖ୍ୟାଳୟରେ ମିଲ ୭୦ ଟଙ୍କା, ଗ୍ରାମାଞ୍ଚଳରେ ୬୦ ଟଙ୍କାରେ ମିଳୁଛି । କିନ୍ତୁ ଏଠାରେ ଗୋଟେ ୫୦୬୦ ଟଙ୍କା ଅଧିକ ହିସାବ କରାଯାଇଛି । ମିଶନଶକ୍ତି କାଫେ ବର୍ଷ ବର୍ଷ ଧରି ବନ୍ଦ ଥିବା ସତ୍ତ୍ୱେ ୮୦୦ ସାଧା ମିଲ ଦେଇଥିବା ଦର୍ଶାଇ ମୋଟ ୪୮ ହଜାର ଟଙ୍କା ହୋଇଥିବା ତଥ୍ୟ ମିଳିଛି । ଏହା ସ୍ପଷ୍ଟ ଭାବେ ମିଥ୍ୟା ଦେଖାଯାଇଥିବା ଖର୍ଚ୍ଚ ବୋଲି ଆଲୋଚନା ହେଉଛି । ପାଣି ବୋତଲ ୧,୦୦୦ ପାଇଁ ପ୍ରତିଟି ୧୦ ଟଙ୍କାରେ ମୋଟ ୧୦ ହଜାର ଟଙ୍କା । କିନ୍ତୁ ୧ ହଜାର ବୋତଲ ହୋଲସେଲରେ ୬,୦୦୦ ଟଙ୍କାରେ ମିଳେ । ସେଇଭଳି ୪୦୦ ଟିଫିନ ୨୦ ଟଙ୍କାରେ ୮,୦୦୦ ଟଙ୍କା । ଅତିରିକ୍ତ ୧୫୦ ଟିଫିନ ପ୍ୟାକେଟ ୪,୫୦୦ ଟଙ୍କା ଦର୍ଶାଯାଇଛି । ସାଉଣ୍ଡ ସିଷ୍ଟମ ଓ ଜେନରେଟରରେ ଅତ୍ୟଧିକ ଦର । ସାଉଣ୍ଡ, ମାଇକ୍ ପାଇଁ ୭ ହଜାର ୫ ଶହ ଟଙ୍କା ଖର୍ଚ୍ଚ ଯେଉଁଠି ଗୋଟିଏ ବକ୍ସ ଓ ମାଇକ୍ ସହ ମାତ୍ର ୨,୦୦୦ ଟଙ୍କାରେ ମିଳୁଛି । ଏହାଛଡ଼ା ଜେନରେଟର ପାଇଁ ୬,୦୦୦ ଟଙ୍କା ଖର୍ଚ୍ଚ । ଜେନରେଟର ଚାଲିଲେ କେବଳ ଭଡ଼ା ବାବଦ ୫ ଶହ ଟଙ୍କା ଆଉ ତେଲ ଖର୍ଚ୍ଚ ଦେବାକୁ ପଡ଼େ । ହେଲେ ବିଲକୁଲ ଚାଲି ନ ଥିବା ଜେନରେଟର ପାଇଁ ୬ ହଜାର ଭଡ଼ା କାହାକୁ ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଫର୍ମ, ପ୍ରିଣ୍ଟିଂ ଓ ଅଫିସ ସାମଗ୍ରୀରେ ମଧ୍ୟ ହରିଲୁଟ ହୋଇଛି । ବିଭିନ୍ନ ଫର୍ମ ୧,୪୦୦ ପେଜ ୨୮ ଶହ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ତେବେ ବ୍ଲକ ଅଫିସରେ ଜେରକ୍ସ ମେସିନ ଥିବା ସତ୍ତ୍ୱେ ବାହାରୁ ଏହା କରାଯାଇଛି । ଷ୍ଟାପଲର, ସ୍କେଲ, ରେଜିଷ୍ଟର, ପେନ, ଟେପ, ପିନ ଅତ୍ୟଧିକ ଦରରେ ହିସାବ କରାଯାଇଛି । ମାଇକ୍ ପ୍ରଚାର ୩ ଦିନ ପାଇଁ ୭,୫୦୦ ଟଙ୍କା ଯାହା ବଜାର ଦରରୁ ଦୁଇଗୁଣା ରହିଛି । ଭଡ଼ାରେ ୧୦ଟି ପାଲ, ୮ଟି ଦରି, ୧୦ଟି ମ୍ୟାଟ, ୧୦ଟି ବଫେ ଆଇଟମ, ୬ଟି ଫ୍ୟାନ ପାଇଁ ମୋଟ ୩୮,୫୦୦ ଟଙ୍କା ଦର୍ଶାଯାଇଛି । ଏହା ପାଇଁ ବଜାର ଦର ୨,୦୦୦ ଟଙ୍କାରୁ ଅଧିକ ହୋଇ ନ ଥାଏ । ଭିନ୍ନକ୍ଷମଙ୍କ ନାଁରେ ଆୟୋଜିତ ଏହି ଶିବିରରେ ହରିଲୁଟ, ଅତି ହିସାବ, ମିଥ୍ୟା ବିଲ ଓ ପ୍ରଶାସନୀୟ ଅବହେଳାର ସ୍ପଷ୍ଟ ପ୍ରମାଣ ମିଳିଛି । ଜଣେ ଗରିବ ଓ ଭିନ୍ନକ୍ଷମ ବ୍ୟକ୍ତିର ହକ୍‌ରୁ ଟଙ୍କା କେମିତି ଅଧିକାରୀମାନେ ଫଲ୍ସ ବିଲ୍ ଦେଖାଇ ହରିଲୁଟ କରୁଛନ୍ତି ତାହା ସୂଚନା ଅଧିକାର ତଥ୍ୟ ବଳରେ ଜାଣିବାକୁ ମିଳିଛି । ଏନେଇ ବ୍ଲକ ପ୍ରଶାସନକୁ ପଚାରିଲେ ପାଖରେ କିଛି ଉତ୍ତର ନାହିଁ । ଜିଲ୍ଲା ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

ନନ୍ଦିଘୋଷ

**‘ନନ୍ଦିଘୋଷ ଟିଭି’**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

### ବର୍ଷ ବର୍ଷ ବକେୟା ପଡ଼ିଛି ଦୋକାନ ଘର ଭଡ଼ା

# ୪ ଦୋକାନ ସିଲ୍ କଲା ପୌରପାଳିକା

ବାଲେଶ୍ୱର,୨୯।୧୧(ସମିସ)



ଦୀର୍ଘ ବର୍ଷ ଧରି ଦୋକାନ ଘର ଭଡା ଦେଉନାହାନ୍ତି ଦୋକାନୀ। ବର୍ଷେ କି ଦୁଇ ବର୍ଷ ନୁହେଁ ବରଂ ୨୦୧୩ ମସିହାରୁ ବି ବାକି ପଡିଛି କିଛି ଦୋକାନୀଙ୍କ ଭଡା ଟଙ୍କା। ଏ ନେଇ ବାଲେଶ୍ୱର ପୌରପାଳିକା ଶନିବାର ଦିନ ପଦକ୍ଷେପ ଗ୍ରହଣ କରିଛି। ଦୀର୍ଘ ବର୍ଷ ଧରି ଦୋକାନ ଘର ଭଡା ଦେଇନଥିବାରୁ ଆଜି ପ୍ରଥମ ଦିନରେ ଚାରୋଟି ଦୋକାନକୁ ସିଲ୍ କରିଛି ପୌରପାଳିକା। ଏହାପରେ କିଛି ଦୋକାନୀ ବକେୟା ଭଡା ଟଙ୍କା ଦେଇଥିଲେ। ୭୬ ହଜାର୍ ଟଙ୍କା ସଂଗ୍ରହ କରିଛି ପୌରପାଳିକା। ସହରର ଫାଣ୍ଡି ଛକରେ ଥିବା ପୌରପାଳିକାର ମାର୍କେଟ କମ୍ପେ୍ଲକ୍ସର ଚାରୋଟି ଦୋକାନକୁ ସିଲ୍ କରିଛି ପୌରପାଳିକା। ସେଥିରୁ ଆଜି କିଛି ଦୋକାନୀ ବକେୟା ଭଡା ଦେଇଥିବାବେଳେ ଆଉ କିଛି ଦୋକାନୀ ସୋମବାର ପର୍ଯ୍ୟନ୍ତ ସମୟ ନେଇଥିବା ଜଣାପଡିଛି। ସହରର ବିଭିନ୍ନ ସ୍ଥାନରେ ପୌରପାଳିକାର ମାର୍କେଟ କମ୍ପେ୍ଲକ୍ସ ରହିଛି। ଏଥିରେ ଦୋକାନୀମାନେ ଦୋକାନ ଘର ଭଡା ନେଇ ବେପାର କରୁଛନ୍ତି। ସେହିପରି ଫାଣ୍ଡି ଛକରେ ମଧ୍ୟ ପୌରପାଳିକାର ମାର୍କେଟ କମ୍ପେ୍ଲକ୍ସ ରହିଛି। ଯାହାର ମାସକୁ ଭଡ଼ା ୧୯୦ ଟଙ୍କା। ହେଲେ ଦୀର୍ଘ ବର୍ଷ ଧରି ଅଧିକାଂଶ ଦୋକାନୀ ଦୋକାନ ଘର ବାବଦ ଭଡ଼ା ଦେଇନାହାନ୍ତି। ବକେୟା ହୋଇ ପଡ଼ିରହିଛି ଭଡ଼ା ଟଙ୍କା। ଏମିତିକି ୨୦୧୩ରୁ କିଛି ଦୋକାନୀ ଭଡ଼ା ଦେଇନାହାନ୍ତି। ପୌରପାଳିକାର ଅଧିକାଂଶ ଦୋକାନୀ ଭଡ଼ା ଟଙ୍କା ଦେଇନାହାନ୍ତି। ସେଥିପାଇଁ ଆମର ପଦକ୍ଷେପ ଗ୍ରହଣ କରିବା ଆରମ୍ଭ ହୋଇଛି। ଆଜି ଫାଣ୍ଡି ଛକରେ ଚାରୋଟି ଦୋକାନ ସିଲ୍ କରାଯାଇଛି। ଆଗାମୀ ଦିନରେ ସବୁଠି ଏପରି ସିଲ୍ କରାଯିବ। ମାସିକ ଭଡା ୧୯୦ ଟଙ୍କା। ଆଉ କିଛି ଦୋକାନୀ ୨୦୧୩ ମସିହାରୁ ଟଙ୍କା ଦେଇନାହାଁନ୍ତି। ସିଲ୍ ହେବା ପରେ କିଛି ଭଡ଼ା ଟଙ୍କା ପ୍ରଦାନ କରିଛନ୍ତି। ବାକି ସୋମବାର ଟଙ୍କା ଦେବେ। ଏହି ଅଭିଯାନ ସମସ୍ତ ବକେୟା ଦେୟ ଆଦାୟ ଜାରି ରଖିବ ଏବଂ ରୁମ୍ ଭଡା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି।

**୭୬ ହଜାର ଟଙ୍କା ଆଦାୟ**

### ଅର୍ଥ ହେରଫେର ମାମଲା

# ଅର୍ଣ୍ଣପାଳ ସୋସାଇଟି ସେକ୍ରେଟାରୀଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର,୨୯ ।୧୧(ସମିସ): ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନସ ଜଜ୍ ଲଳିତ କୁମାର ଦାଶ ଏକ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ବିବିସିସି ବ୍ୟାଙ୍କ ଭଦ୍ରକ ଶାଖାର ପୂର୍ବତନ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ବୋଇତି ଏବଂ କ୍ୟାସିୟର ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିବା ବେଳେ ଅର୍ଣ୍ଣପାଳ ସୋସାଇଟିର ସେକ୍ରେଟାରୀ ରମେଶ ଚନ୍ଦ୍ର ସେନକୁ ଦଣ୍ଡାଦେଶ କରିଛନ୍ତି। କୋର୍ଟ ତାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୦୯ ମସିହାରେ ଭଦ୍ରକ ଜିଲ୍ଲା ଅର୍ନ୍ତଗତ ବାଲିଅନ୍ତା ଗ୍ରାମର ବିମଳ କୁମାର ରାଉତ ସମସ୍ତ ଆବଶ୍ୟକ ନଥିପତ୍ର ଏକ ଟ୍ରାକ୍ଟର ଋଣ ପାଇଁ ଅର୍ଣ୍ଣପାଳ ସୋସାଇଟିରେ ଆବେଦନ କରିଥିଲେ। ଏଥିପାଇଁ ସୋସାଇଟିରୁ ଋଣ ମଧ୍ୟ ମଞ୍ଜୁର ହୋଇଥିଲା। ସେଥିପାଇଁ ସେ ବ୍ୟାଙ୍କରେ ଟ୍ରାକ୍ଟର ବାବଦରେ ମାର୍ଜିନ ମନି ୧ଲକ୍ଷ ୯୦ହଜାର ଟଙ୍କା ଡିପୋଜିଟ କରିଥିଲେ। ଏହାପରେ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କା ଏବଂ ମାର୍ଜିନ ଟଙ୍କା ମିଶାଇ ମୋଟ ୫ଲକ୍ଷ ୯୦ହଜାର ଟଙ୍କା ଚରମ୍ପା ସ୍ଥିତ ଗୋବିନ୍ଦ ଟ୍ରାକ୍ଟର ନିକଟକୁ ଡ୍ରାଫ୍ଟ ଯୋଗେ ପଠାଇଥିଲେ। ଏହାପରେ ବିମଳ ଉକ୍ତ ଟ୍ରାକ୍ଟର ମଧ୍ୟ ପାଇଥିଲେ। ତେବେ ଅଭିଯୋଗ ଅନୁସାରେ ଅର୍ଣ୍ଣପାଳ ସୋସାଇଟିର ଇନଚାର୍ଜ ସେକ୍ରେଟାରୀ ରମେଶ ଚନ୍ଦ୍ର ସେନ ତଞ୍ଚକତା କରି ପୁଣି ୪ଲକ୍ଷ ଟଙ୍କା ଉଠାଇଥିଲେ। ଯାହାର ସଠିକ କାରଣ ନ ଦେଇ ପାରିବାରୁ ତାଙ୍କ ବିରୋଧରେ ଭିଜିଲାନସ ବିଭାଗରେ ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନସ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଅର୍ଣ୍ଣପାଳ ସୋସାଇଟିର ସେକ୍ରେଟାରୀ ରମେଶ କୁମାର ସେନ, ବିସିସି ବ୍ୟାଙ୍କ ଭଦ୍ରକ ଶାଖାର ଆକାଉଣ୍ଟାଣ୍ଟ ପ୍ରଦୀପ ବୋଇତି ଓ କ୍ୟାସିୟର ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ତେବେ ଅଦାଲତ ଏହି ମାମଲାକୁ ୧୩ଜଣ ସାକ୍ଷୀ ଓ ୨୯ଟି ଦଲିଲ ଆଧାରରେ ଉକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଅଭିଯୁକ୍ତ ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ଆଇନଜୀବୀ ରଘୁନାଥ ପ୍ରଧାନ ଓ ଲିଙ୍ଗରାଜ ମହାନ୍ତି ଲଢୁଥିବା ବେଳେ ଅଭିଯୁକ୍ତ ଶ୍ରୀ ବୋଇତିଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂହ,ଜୟନ୍ତୀ ବାରିକ ଓ ଅର୍ଦ୍ଧେନ୍ଦୁ ବାରିକ ପରିଚାଳନା କରୁଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରାଧାକାନ୍ତ ମହାପାତ୍ର ପରିଚାଳନା କରୁଥିଲେ।

## ଅମରକୁ ଛାଡ଼ିଲା ପୁଲିସ; ପୂଜାଙ୍କୁ ନାରୀସଂଘରେ ପଚରାଉଚରା

ବାଲେଶ୍ୱର,୨୯ ।୧୧(ସମିସ): ପୂଜା ଅମରଙ୍କ ପ୍ରେମରେ ପଡି ଆମେରିକାରୁ ଫେରିବା ପରେ ଏବେ ସେମାନଙ୍କ ପ୍ରେମର ଚର୍ଚ୍ଚା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଅମର ପୂଜାକୁ ଦେଖା କରିବା ପାଇଁ ନାରୀ ସଂଘ ଯାଇଥିବା ବେଳେ ପୁଲିସ ସେଠାରୁ ଉଠାଇନେଇଥିବା ବେଳେ ଆମେରକୀୟ ଦମ୍ପତିଙ୍କୁ ଏକ କୋଟି ଟଙ୍କା ମାଗିବା ଘଟଣା ଏବେ ନୂଆ ମୋଡ ନେଇଛି। ଅନ୍ୟପଟେ ପୂଜାର ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବା ସହ ଅମର ମାଗିଥିବା ଟଙ୍କାର କଲ ରେକର୍ଡକୁ ମଧ୍ୟ ଯାଞ୍ଚ କରାଯାଉଛି। ପୂଜା ଅମରକୁ ପାଇବା ପାଇଁ ଆମେରିକାରେ ରହି ମିଛ ନାଟକ ମାଧ୍ୟମରେ ବାଲେଶ୍ୱର ଫେରିଆସିଥିବା ବେଳେ ଅନ୍ୟପଟେ କିନ୍ତୁ ଅମର ସହ ବାହାଘର ହୋଇପାରୁ ନାହିଁ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ପୂଜା ନାରୀସଂଘରେ ରହିଥିବା ବେଳେ ଅମର ତାଙ୍କୁ ଦେଖାକରିବା ପାଇଁ ନାରୀ ସଂଘକୁ ଯାଇଥିବା ବେଳେ ଗତକାଲି ସେଠାରୁ ତାକୁ ପୁଲିସ ଉଠାଇ ନେଇଥିଲା। ଏପରିକି ତାଙ୍କ ନାମରେ ଆମେରିକାର ପୌଷ୍ୟ ଦମ୍ପତିଙ୍କୁ ଟଙ୍କା ମାଗିଥିବା ଅଭିଯୋଗରେ ପୁଲିସ ତାକୁ ନେଇଥିଲା। ଆଜି ତାଙ୍କୁ ୪୧ନୋଟିସରେ ଛାଡିଦେଇଥିବା ଜଣାଯାଇଛି। ଅପରପକ୍ଷେ ପୁଲିସର ଏକ ଟିମ ନାରୀସଂଘକୁ ଯାଇ ପୂଜାକୁ ପଚରାଉଚରା କରିଛି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ, ସେଜର ଓରଫ ପୂଜା ଆମେରିକାରେ ରହୁଥିଲେ। ଏବେ ସେ ବାଲେଶ୍ୱର ଆସିବା ପରେ ତାଙ୍କର କାଉନସେଲିଂ ଚାଲିଛି। ତାଙ୍କର ଜନ୍ମ ତାରିଖ, ବୟସ ଓ ପରିଚୟପତ୍ର ଯାଂଚ ହେଉଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ମଧ୍ୟ ଚାଲିଛି। ଅର୍ଥ ମାଗିବା ଘଟଣାରେ ପୁଲିସ ଏହାର ଯାଂଚ କରୁଛି ବୋଲି କହିଛନ୍ତି। ଅନ୍ୟପଟେ ନାରୀସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର କହିଛନ୍ତି ଯେ, ଏବେ ସେଜର ଠିକ ଅଛନ୍ତି। ଏବେ ସେ ନିଜେ ଜାଣିପାରୁନି ଯେ ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଠିକ କି ଭୁଲ। ଭାରତ ଆସିବା ପାଇଁ ଗୋଟେ ସ୍ଥାନର ଠିକଣାର ଆବଶ୍ୟକତା ଥିଲା। ଏ ନେଇ ସେ ଅମର ସାହାଯ୍ୟ ନେଇଥିଲେ। ସମସ୍ତେ ସେଜଲର ଯତ୍ନ ନେଉଛନ୍ତି ବୋଲି କହିଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସେ ଏଠାରେ ରହିବେ ବୋଲି ମଧ୍ୟ କହିଛନ୍ତି।

# ଡିସେମ୍ବର ୧୨ରୁ ବାଲେଶ୍ୱର ଉତ୍ସବ



ବାଲେଶ୍ୱର,୨୯।୧୧(ସମିସ): ବାଲେଶ୍ୱର ଉତ୍ସବ ଅବସରରେ ୱାଓ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତାର ୧୬ ତମ ବାର୍ଷିକୀ ଉତ୍ସବ ପାଳନ କରିବାକୁ ଯାଉଛି ଓ ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଉତ୍ସବ କମିଟି ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୨ରୁ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ବ୍ୟାପି ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ଏହି ଉତ୍ସବ ପାଳନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ପାଇଁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଇଅଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ସଭାପତି ଆଶିଷ ପାତ୍ର, ମୁଖ୍ୟ ଉପଦେଷ୍ଟା ଆଲୋକ ସାହୁ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ଭାଗବତ ସାହୁ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, ଉପଦେଷ୍ଟା ସୁବାସ ଦାସ, ସାଧାରଣ ସମ୍ପାଦକ ଅର୍ଜିତ ଘୋଷାଲ, ଅନିରୁଦ୍ଧ ପ୍ରଧାନ, ସଞ୍ଜୟ ସେଠୀ, ଇନ୍ତେଖାବ ଅଲି, ମହିଳା ସଭାପତି ରଂଜିତା ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର, ସାଂଗଠନିକ ସମ୍ପାଦକ ଖିରୋଦ ପ୍ରଧାନ, ଦେବେନ୍ଦ୍ର ମାଝୀ, ରାଜଶଙ୍କର ନାୟକ, ସୁଶାନ୍ତ ସାହୁ, ଶୁଭମ ସାଇ ମହାପାତ୍ର, ସିପ୍ରାରେଖା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର, ସ୍ମିତା ପଣ୍ଡା, ସଚିନ ରାଉତ, ଜେମ୍ସ, ତୁଷାର, ଆଙ୍କର କମଲ ଓ ରକ୍‌ବ୍ୟାଣ୍ଡ ସହିତ ଡ୍ୟାନ୍ସ ଗ୍ରୁପ ପ୍ରମୁଖ ନିଜ ନିଜ କଳା ପ୍ରଦର୍ଶନ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର ସୂଚନା ଦେଇଛନ୍ତି।

## ମଦ ଜବତ, ୪ ମହିଳାଙ୍କ ସମେତ ୭ ଗିରଫ

ବାଲେଶ୍ୱର,୨୯ ।୧୧(ସମିସ): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ଉ କରାଯାଇଛି। ଏହି ସମୟରେ ୨୦୫ଲିଟର ମଦ ଜବତ କରାଯାଇଥିବା ବେଳେ ୪ଜଣ ମହିଳାଙ୍କ ସମେତ ମୋଟ ୭ଜଣ ଗିରଫ ହୋଇଛନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ବିଭାଗ ବିଭିନ୍ନ ଥାନା ଅଧିନରେ ଚୋରା ମଦ ଚାଲାଣ କାରବାର ହେଉଥିବା ନେଇ ଖବର ପାଇଥିଲା। ଏହି ଖବରକୁ ଆଧାର କରି ଆଜି ଶିମ୍ଳାଚଂଳ ଥାନା, ସଦର ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଶିମ୍ଳାଚଂଳ ଥାନା ସମଲପୁରର ବାସନ୍ତୀ ବିନ୍ଧାଣୀ ଠାରୁ ୨୫ଲିଟର ମଦ ଜବତ କରିଥିବା ବେଳେ ସଦର ଥାନା ଅର୍ନ୍ତଗତ କୁରୁଡା ଅଂଚଳର ସୁନୀଲ କୁମାର ଦାସ ଠାରୁ ୩୦ଲିଟର, ଶିମ୍ଳାଚଂଳ ଥାନା ଗଣେଶ୍ୱରପୁର ଅଞ୍ଚଳର ଅଶୋକ କୁମାର ପେଡା ଠାରୁ ୩୫ଲିଟର, ସେହି ଅଂଚଳର କୁନି ସିଂ ଠାରୁ ୩୫ଲିଟର, ଅନ୍ୟ ଜଣେ ମହିଳା ବାବୁଲା ସିଂଙ୍କ ପତ୍ନୀ କୁନି ସିଂ ଠାରୁ ୩୦ଲିଟର, ସଦର ଥାନା ଅର୍ନ୍ତଗତ ସାରଗାଁ ଅଂଚଳର କୌଶଲ୍ୟା ଦାସ ଠାରୁ ୨୫ଲିଟର ଏବଂ ସେହି ଗାଁର ସୁକାନ୍ତ ଦାସ ଠାରୁ ୨୫ଲିଟର ମଦ ଜବତ କରାଯାଇଛି। ସମସ୍ତଙ୍କ ଠାରୁ ଜବତ ହୋଇଥିବା ମୋଟ ୨୦୫ଲିଟର ମଦର ମୂଲ୍ୟ ୪୧ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ଇଲେକ୍ଟ୍ରୋହୋମିଓପାଥିକ୍ ମେଗା ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୨୯।୧୧(ସମିସ): ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଙ୍ଘ ଏବଂ ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାଇଆଦର୍ଶ ବିଦ୍ୟାଳୟ ପରିସରରେ ନିଃଶୁଳ୍କ ଇଲେକ୍ଟ୍ରୋହୋମିଓପାଥିକ୍ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ତିରିଶରୁ ଅଧିକ ଚିକିତ୍ସକ ଯୋଗ ଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ନୀଳଗିରି ତହସିଲଦାର ସୋନମ୍ ଦାସ ଏହି ମେଗା ସ୍ୱାସ୍ଥ୍ୟ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଂଘ ସଭାପତି ଡା. ସରୋଜ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ଡାକ୍ତର ସରୋଜ କୁମାର ସାହୁ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର ରଶ୍ମିରଞ୍ଜନ ମହାରଥୀ, ଡାକ୍ତର କୈଳାସ ଚନ୍ଦ୍ର ମୁଣ୍ଡା, ଡାକ୍ତର ମନୋରଞ୍ଜନ ମହାରଣା, ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାହୁ, ଡାକ୍ତର ପର୍ଶୁରାମ ସେଠୀ, ଡାକ୍ତର ଅରବିନ୍ଦ ପାତ୍ର, ଡାକ୍ତର ମୁକେଶ ରଞ୍ଜନ ମହାପାତ୍ର, ଡାକ୍ତର ଧ୍ରୁବଚରଣ ପାତ୍ର, ଡାକ୍ତର ଶିବପ୍ରସାଦ ନାୟକ, ଡାକ୍ତର ରମେଶ କୁମାର ସିଂ, ଡାକ୍ତର ସଂଗ୍ରାମ ସାହୁ, ଡାକ୍ତର ରଶ୍ମିତା ଶତପଥୀ, ଡାକ୍ତର ଇତିଶ୍ରୀ ଲେଙ୍କା, ଡାକ୍ତର ଅମୀୟ କୁମାର ତାଳଦି, ଡାକ୍ତର ରୀନାରାଣୀ ଦାସ ପ୍ରମୁଖ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଇଗୌରାଙ୍ଗ ଚାରିଟେବଲ ଟ୍ରଷ୍ଟ ସଭାପତି ନିରଞ୍ଜନ ବାରିକ୍, ଶିକ୍ଷାବିତ୍ ଶନିଷ୍ଟ ରଞ୍ଜନ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଲେଙ୍କା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ସବିତା ବିଶ୍ୱାଳ, ରାମେଶ୍ୱରୀ ବେହେରା, ସ୍ୱପ୍ନାଲି ଦାସ, ଦମୟନ୍ତୀ ସେଠୀ, ଶୁଭ୍ରମୟ ରାଉତ, ପୁଷ୍ପାଞ୍ଜଳି ମଲ୍ଲିକ, ଲୋପାମୁଦ୍ରା ରାଉତ ପ୍ରମୁଖ ସହଯୋଗ କରିଥିଲେ।



# ୧୨ଦିନିଆ ଦକ୍ଷତା ବିକାଶ ତାଲିମ ଶିବିର



ବାଲେଶ୍ୱର,୨୯।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦସ୍ଥିତ ନନ୍ଦି ଫାଉଣ୍ଡେସନ୍ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁସାରେ ଆୟୋଜିତ ୧୨-ଦିନିଆ "ମହିନ୍ଦ୍ରା ପ୍ରାଇଡ୍ କ୍ଲାସରୁମ୍' ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିଲା। ସମଗ୍ର ତାଲିମ ପ୍ରକ୍ରିୟାଟି ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଂଜନ ରାଉତଙ୍କ ତତ୍ତ୍ୱାବଧାନ ଓ ନନ୍ଦି ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜକ ମୁନମୁନ ସିଂଙ୍କ ସଂଯୋଜନାରେ ସଂଚାଳିତ ହୋଇଥିଲା। ମୋଟ ୪୭୦ ଜଣ ଛାତ୍ରୀଙ୍କୁ ଦଶଟି ଗ୍ରୁପରେ ବିଭକ୍ତ କରି ଏହି ତାଲିମ ପ୍ରଦାନ କରାଯାଇଥିଲା। ସେମାନେ ସାକ୍ଷାତକାର ପ୍ରକ୍ରିୟା, ଜୀବନଦକ୍ଷତା, ଅଫିସ୍ ଇଟିକେଟ୍, ଟିମ୍‌ୱାର୍କ ଓ ପ୍ରେଜେଣ୍ଟେସନ୍ ଦକ୍ଷତା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରାୟୋଗିକ ଶିକ୍ଷା ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମର ଶେଷଦିନ ପ୍ରତ୍ୟେକ ଗ୍ରୁପରୁ ଜଣେ ଶ୍ରେଷ୍ଠ ପ୍ରଶିକ୍ଷୁ ଓ ତିନିଜଣ ମେରିଟୋରିଆସ୍ ଛାତ୍ରୀଙ୍କୁ ନନ୍ଦି ଫାଉଣ୍ଡେସନ୍ ତରଫରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଛାତ୍ରୀମାନଙ୍କୁ ସଫଳ ଅଂଶଗ୍ରହଣ ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନ୍ ତରଫରୁ ଅଂଶୁମାନ ମିଶ୍ର, ସଂଜୟ ମିଶ୍ର, ପ୍ରଜ୍ଞା ରଥ, ଇତିଶ୍ରୀ ବିଶ୍ୱାଳ ଓ ସନ୍ତୋଷିନୀ ଦୁତିଚାନ୍ଦ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୨୯ ।୧୧(ସମିସ)



ସ୍ଥାନୀୟ ପରମିଟ ପଡିଆଠାରେ ସାଂସଦ ଖେଳ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିବା ବେଳେ ମଞ୍ଚରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ସିଭିଲ ସୋସାଇଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ଅଂଶଗ୍ରହଣକାରୀଙ୍କୁ ଉଦବୋଧନ ଦେଇ ସାଂସଦ କହିଥିଲେ ଯେ,ଏହି ସାଂସଦ ଖେଳ ମହୋତ୍ସବ "ଫିଟ ଇଣ୍ଡିଆ' ଅଭିଯାନକୁ ଘରେ ଘରେ ପହଞ୍ଚାଇବା ଏହି ମୂଳ ଉଦ୍ଦେଶ୍ୟ। ଏହି ମହୋତ୍ସବ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବଡ ମଞ୍ଚ ପ୍ରଦାନ କରୁଛି ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି ଯେ,ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପ୍ରତିଭାକୁ ପରିପୋଷଣ କରିବା, କ୍ରୀଡ଼ା ସଂସ୍କୃତିକୁ ଆହୁରି ମଜବୁତ କରିବା ଏବଂ ସମସ୍ତଙ୍କ ଭିତରେ କ୍ରୀଡ଼ା ଚେତନାକୁ ଜାଗ୍ରତ କରିବା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏହାକୁ ଗୌରବର ଦିବସ ବୋଲି କହି ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରିବା ସହ ଧ୍ୱଜା ଉତ୍ତୋଳନ କରି ଉଦଘାଟନ କରିଥିଲେ। ପରେ ସମସ୍ତେ କ୍ରୀଡ଼ା ଶପଥ ପାଠ କରିଥିଲେ। ଏଥିରେ ଆଠ ପ୍ରକାର କ୍ରୀଡ଼ାରେ ଶତାଧିକ କ୍ରୀଡାବିତ ଯୋଗ ଦେବେ ଯଥା ଫୁଟବଲ, ଭଲି ବଲ, କବାଡି, ଖୋ ଖୋ, ଆଥଲେଟିକ(୧୦୦ମି ଦୌଡ଼, ୮୦୦ମିଟର ଦୌଡ, ଲଙ୍ଗ ଜମ୍ପ, ସର୍ଟପୁଟ,୧୦୦ମିଟର ହର୍ଡଲସ) ଏବଂ ତିନି ପାରମ୍ପରିକ ଖେଳ ଯଥା ମ୍ୟୁଜିକ ଚେୟାର, ଟଗ ଅଫ ୱାର ଏବଂ ସ୍କିପିଂ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ଏବଂ ବିଭିନ୍ନ ବ୍ଲକର ଅଂଶଗ୍ରହଣକାରୀ ଦଳଗୁଡ଼ିକ ଦ୍ୱାରା ପରେଡ ପ୍ରଦର୍ଶିତ ହୋଇଥିଲା। ଏହି ଖେଳ ମହୋତ୍ସବରେ ପ୍ରାୟ ୩ ହଜାର ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।




# ଜିଲ୍ଲା ସମ୍ପ୍ରଦାୟ ସମ୍ବଳ ଗୋଷ୍ଠୀ ଗଠନ ସମ୍ବନ୍ଧିତ ଆଲୋଚନା

ବାଲେଶ୍ୱର,୨୯।୧୧(ସମିସ): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିଟିୟୁ ହଲ୍‌ରେ ଜିଲ୍ଲା ଏଡ୍ସ ପ୍ରତିରୋଧ ଓ ନିୟନ୍ତ୍ରଣ ସମିତି, ଜିଲ୍ଲା ସ୍ତରୀୟ ଫାଷ୍ଟ ଟ୍ରାକ୍ କମିଟି ମିଟିଂ ଏବଂ ଏନ୍ ଏ ସିପି-ଭି ଅନ୍ତର୍ଗତ ସିଏସଏସ ପାଇଁ ଜିଲ୍ଲା ସମ୍ପ୍ରଦାୟ ସମ୍ବଳ ଗୋଷ୍ଠୀ ଗଠନ ସମ୍ବନ୍ଧିତ ଆଲୋଚନା ସଭା ଡାପ୍ସୁ ଦ୍ୱାରା ଆୟୋଜିତ ହୋଇଯାଇଛି। ସଭାରେ ଜିଲ୍ଲାର ଜାତୀୟ ଏଚ୍ ଆଇ ଭି/ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସ୍ଥିତି, ଆଇସିଟିସିଓ ତଥ୍ୟ, ପୂର୍ବବର୍ଷର ସଂକ୍ରମଣ ଟ୍ରେଣ୍ଡ ଇତ୍ୟାଦି ଉପସ୍ଥାପିତ ହେଲା। ୨୦୦୪ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ମୋଟ ଏଚ୍ ଆଇ ଭି ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସୂଚନା ଦିଆଯାଇଛି। ଆଇସିଟିସି କେନ୍ଦ୍ରଗୁଡିକରେ ନିୟମିତ ଟେଷ୍ଟିଂ, ଶତ ପ୍ରତିଶତ ଏଏନସି ଏଚ ଆଇ ଭି ଟେଷ୍ଟିଙ୍ଗ, ଅଧିକ ସ୍କାଉଜ୍ ଟେଷ୍ଟିଙ୍ଗ, ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ, ମାଇଗ୍ରାଣ୍ଟ ଓ ବିଶେଷ ଗୋଷ୍ଠୀ ପାଇଁ ସଚେତନତା ଅଭିଯାନ, ଜେଲ୍‌ରେ ନିୟମିତ ସ୍କ୍ରିନିଂ କାର୍ଯ୍ୟକ୍ରମ ଇତ୍ୟାଦିକୁ ବାପ୍ସୁ ର ପ୍ରମୁଖ ସଫଳତା ଭାବେ ଉଲ୍ଲେଖ କରାଯାଇଛି। ପୂର୍ବତନ ଡିଏପିସିସି ସଭାର ଆକ୍ସନ୍ ଟେକନ୍ ରିପୋର୍ଟ ପ୍ରଦର୍ଶିତ ହୋଇଥିବା ସହ ଡାପ୍ସୁ ପାଇଁ ନୂତନ କକ୍ଷ ବ୍ୟବସ୍ଥା ଶୀଘ୍ର ନିଶ୍ଚିତ କରିବା ଆବଶ୍ୟକତାରେ ଭାବନା ବ୍ୟକ୍ତ ହେଲା। ଜିଲ୍ଲାପାଳ ଦ୍ୱାରା ଏଚ୍ ଆଇ ଭି/ ଏଡସ୍ ପ୍ରତିରୋଧ, ଇଏମ ଟିସିଟି ନିୟନ୍ତ୍ରଣ ଓ ସମୁଦାୟ ଭିତ୍ତିକ ଯୋଗାଯୋଗକୁ ସୁଦୃଢ଼ କରିବା ଉପରେ ଜୋର ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ର ନୋଡାଲ ଅଫିସର୍ ( ଏଡ୍ସ) ମନୋଜ କୁମାର ସାହୁ, ଏଡିଏମଓ ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ମଞ୍ଚରେ ଉପସ୍ଥିତ ଥିଲେ। ରଶ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱାର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

## ପ୍ରତିଭା ବିକାଶ ଟ୍ରଷ୍ଟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୯।୧୧(ସମିସ): ପ୍ରତିଭା ବିକାଶ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ମିଶନ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଟ୍ରଷ୍ଟର ସଭାପତି ହରେକୃଷ୍ଣ ଦାଶ ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରିବା ସହିତ ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପ୍ରାକ୍ କଥା ରଖିଥିବାବେଳେ ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକର୍ତ୍ତା କିଶୋର ଦାସ ଅତିଥିଙ୍କ ପରିଚୟ ଦେଇଥିବା ବେଳେ ଉପ-ସଭାପତି ଶିକ୍ଷାବିତ ଡ. ପଙ୍କଜ କୁମାର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ବାର୍ଷିକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସଦସ୍ୟ ସଂଜୀବ ନାୟକ, ରଶ୍ମିତା ବିଶ୍ୱାଳ, ସଂଘମିତ୍ରା ମହାନ୍ତି, ଭାବଗ୍ରାହୀ ମହାନ୍ତି, ଅରବିନ୍ଦ ବାରିକ, ଲମ୍ବୋଦର ନାୟକ, ସୌରୀଶଙ୍କର ପରିଡ଼ା, କୁମାର କାଶ୍ୟପ, ଶଙ୍କର ଦିଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ଚିନ୍ମୟ ବିଶ୍ୱାଳ, ସିପ୍ରାରଖା ମହାପାତ୍ର, ଶେଖ ଇମ୍ରାନ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦୁଇ ବାଇକ୍ ଧକ୍କା, ୪ ଗୁରୁତର

ନୀଳଗିରି, ୨୯।୧୧ (ସମିସ): ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁଇ ବାଇକ୍ ଆରୋହୀ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୪ଜଣ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି। ନୀଳଗିରି ମିତ୍ରପୁର ରାସ୍ତାର କେନ୍ଦୁଖୁଣ୍ଟା ଛକ ନିକଟରେ ଏହି ସଡକ ଦୁର୍ଘଟଣାରେ ଘଟିଥିବା ବେଳେ ନିଳଗିରି କେନ୍ଦୁଖୁଣ୍ଟା ରାଧାବଲଭାପୂର୍ ଗ୍ରାମର ସୁନୀଲ କୁମାର ବାରିକ ଓ ଶରତ ବାରିକ ମିତ୍ରପୁରରୁ ଘରକୁ ଫେରୁଥିବା ବେଳେ ନୀଳଗିରି ପଟୁ ବାଇକରେ ଦୁଇ ଜଣ ଯାଉଥିବା ଅଜଣା ଯୁବକଙ୍କ ମଧ୍ୟରେ କେନ୍ଦୁ ଖୁଣ୍ଟା ଛକ ନିକଟରେ ଦୁର୍ଘଟଣା ଘଟିଛି। ବାଇକ୍ ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁର ମାର୍ ହୋଇଥିବା ବେଳେ ଶରତ ବାରିକ ଘଟଣା ସ୍ଥଳରେ ଗୁରୁତର ହୋଇ ପଡ଼ିଥିଲା। ସେହିପରି ସୁନିଲ ବାରିକଙ୍କୁ ଗୁରୁତ୍ୱର ଅବସ୍ଥାରେ ନୀଳଗିରି ମେଡିକାଲକୁ ଅଣାଜାଇଥିଲା। ପରେ ଅବସ୍ଥା ଗୁରୁତ୍ୱର ହେବାରୁ ବାଲେଶ୍ୱର ମେଡିକାଲକୁ ନିଆଜାଇଥିଲା। ଅନ୍ୟ ତିନିଜଣପଙ୍କୁ ଗୁରୁତାବର ଅବସ୍ଥାରେ ଘଟଣା ସ୍ଥଳରୁ ରେମଣା ମେଡିକାଲକଲେଜକୁ ପଠାଜାଇଛି। ପରେ ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଜଳେଶ୍ୱର-ଚନ୍ଦନେଶ୍ୱର ନୂଆ ରେଳ ଲାଇନ

# ନକ୍ସା ପ୍ରସ୍ତୁତି ଓ ଭୂଅର୍ଜନ ପ୍ରକ୍ରିୟା ନିମନ୍ତେ ବିଭାଗୀୟ ତତ୍ପରତା

ବାଲେଶ୍ୱର(ଉତ୍ତର),୨୯।୧୧( ସମିସ)

ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ଉତ୍ତର ବାଲେଶ୍ୱରର ଅନ୍ୟତମ ପ୍ରତୀକ୍ଷିତ ଜଳେଶ୍ୱର- ଚନ୍ଦନେଶ୍ୱର ନୂଆ ରେଳ ଲାଇନ ନିର୍ମାଣ ନେଇ ଦକ୍ଷିଣ ପୂର୍ବ ରେଳ ଡିଭିଜନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ କାର୍ଯ୍ୟାଳୟ ପକ୍ଷରୁ ଡେପୁଟି ସି ଇ (ନିର୍ମାଣ) ଆଶୁତୋଷ ଆନନ୍ଦ ଭୋଗରାଇ ତହସିଲଦାର ଙ୍କୁ ପତ୍ର ଲେଖି ତୁରନ୍ତ ନୂତନ ରେଳ ଲାଇନ ର ନକ୍ସା ପ୍ରସ୍ତୁତି ସହ ଭୂ ଅର୍ଜନ ଲାଗି ଆବଶ୍ୟକୀୟ ଦସ୍ତାବିଜ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇବା ନେଇ ଚିଠିରେ ଉଲ୍ଲେଖ ରହିଛି। ଚିଠିରେ ଏହି ରେଳ ଲାଇନ ୪୪.୪୬ କି.ମି ଥିବା ବେଳେ ଏହା ୪୧ ଟି ଗ୍ରାମ ପଡୁ ଥିବାରୁ ଏହାର ସମ୍ପୂର୍ଣ୍ଣ ନକ୍ସା, ସ୍ଥିତାବସ୍ଥା ଏବଂ ଜାଗା ଅଧିଗ୍ରହଣ ପାଇଁ ଦକ୍ଷିଣ-ପୂର୍ବ ରେଳ ପଥ ପକ୍ଷରୁ ଜଳେଶ୍ୱର ତହସିଲଦାର ଏବଂ ଭୋଗରାଇ ତହସିଲଦାରଙ୍କୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା କୁ ଚିଠିରେ ଉଲ୍ଲେଖ ରହିଥିବା ଜଣାପଡ଼ିଛି। ଏହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରତୀକ୍ଷିତ ନୂତନ ରେଳ ଲାଇନ ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଏହି ରେଳ ପଥ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ସହିତ ଉପାନ୍ତ ଅଞ୍ଚଳର ଗମନାଗମନ ସୁଧାର ଆସିବ। ଏହି ନୂତନ ଲାଇନର ନକ୍ସା କ'ଣ ରହିବ କେଉଁ କେଉଁ ଗ୍ରାମ ମଧ୍ୟ ଦେଇ ଯିବ ସେନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖା ଯାଇଛି। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ର ଉପାନ୍ତ ଭୋଗରାଇ ଏକ ରାଜ୍ୟର ଅନ୍ୟତମ ଜନ ବହୁଳ ବ୍ଲକ ଭାବେ ଜଣାଶୁଣା। ଏଠାରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ରହିଥିବା ସ୍ଥଳେ ଜିଲ୍ଲା ସଦର ମହକୁମା ଠାରୁ




୧୦୦କିମି ଦୂରତା ହୋଇଥିବାରୁ ଗମନାଗମନ କ୍ଷେତ୍ରରେ ଲୋକେ ଅସୁବିଧା ଭୋଗୁଛନ୍ତି। ତେଣୁ ଜଳେଶ୍ୱରରୁ ଚନ୍ଦନେଶ୍ୱରକୁ ରେଳ ଚଳାଚଳ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଅନ୍ୟପକ୍ଷରେ ଏହି ରେଳ ଯୋଗାଯୋଗ ପାଇଁ କେବଳ ଉତ୍ତର ଓଡ଼ିଶାବାସୀ ଉପକୃତ ହେବେନି ବରଂ ପର୍ଯ୍ୟଟନ କ୍ଷେତ୍ରରେ ବିପ୍ଳବ ଆସିବ। ଉତ୍ତର ବାଲେଶ୍ୱରରେ ତାଳସାରୀ, ଉଦୟପୁର, ବିଚିତ୍ରପୁର ଇକୋ-ଟୁରିଜିମ୍, ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ମା' ବିଜୟବାସୁଳି ଭଳି ପର୍ଯ୍ୟଟନ କ୍ଷେତ୍ର ଥିବାରୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବା ନେଇ ଆଶା କରାଯାଉଛି। ଏହା ବ୍ୟତୀତ ଦୀଘାକୁ ଯିବା ପାଇଁ ମଧ୍ୟ ସୁବିଧା ହେବ। କେବଳ ପର୍ଯ୍ୟଟନ ନୁହେଁ; ଏହି ନୂତନ ରେଳ ଲାଇନ କାର୍ଯ୍ୟକ୍ଷମ ହେଲେ ବାଣିଜ୍ୟ ବ୍ୟବସାୟରେ ମଧ୍ୟ ଅନେକ ସୁବିଧା ହେବ ବୋଲି ଆଶା କରାଯାଉଛି।

● ବାଇକ୍‌କୁ ଘୋଷାଡ଼ି ନେଇଗଲା କାର୍

## ଚାଳକକୁ ନିସ୍ତୁକମାଡ଼; ଗାଡ଼ି ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ






ଭୋଗରାଇ/ଚନ୍ଦନେଶ୍ୱର,୨୯।୧୧ (ସମିସ): ଶନିବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ଜଣେ ଯୁବକ ଅତ୍ୟଧିକ ମଦ୍ୟ ପାନ କରି ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡି ଚଳାଇ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରଠାରୁ ବହୁ ବାଇକ ଓ ରିକ୍ସାକୁ ଧକ୍କା ଦେବା ଫଳରେ ଲୋକମାନେ ତାଙ୍କୁ ଗୋଡ଼ାଇ ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚି ଥିଲେ। ସନ୍ଧ୍ୟାରେ ଚନ୍ଦନେଶ୍ୱରରେ ଅତ୍ୟଧିକ ଟ୍ରାଫିକ ଜାମ ଓ ଆଗରେ ଥିବା ନାଇଟ ବସ ପାଇଁ କାରଟି ଗୋଟିଏ ମଟର ସାଇକେଲକୁ ଘୋଷାରି ଘୋଷାରି ୧୦୦ ମିଟର ପର୍ଯ୍ୟନ୍ତ ନେଇଯାଇଥିଲା। ଗାଡି ଅଟକେଇବାକୁ ଯାଇ ପୁଲିସ ଓ ଲୋକେ ନାକେଦମ ହୋଇଥିଲେ। ପ୍ରବଳ ଭିଡ଼ ମଧ୍ୟରୁ ଡ୍ରାଇଭର ଗାଡି ନେଇ ପଳାଇ ଯିବାକୁ ଉଦ୍ୟମ କରୁଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକମାନଙ୍କ ଦ୍ୱାରା ଉକ୍ତ ଯୁବକ ଚଲାଇ ଆସୁଥିବା ଡବ୍ଲ୍ୟୁବି-୦୬- ଏଫ-୩୨୦୬ ଗାଡ଼ିକୁ ଅଟକାଇ ଭଙ୍ଗାରୁଜା କରିବା ସହିତ ଉକ୍ତ ନିଶାସକ୍ତ ଯୁବକକୁ ପ୍ରବଳ ମାଡ଼ ମାରିଥିଲେ। ଉକ୍ତ କାର ଭିତରେ ମଦ ବୋତଲ ପଡିଥିବାର ଦେଖାଯାଇଥିଲା। ଅଳ୍ପକେ ଶତାଧିକ ଲୋକେ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ତାଳସାରୀ ସାମୁଦ୍ରିକ ପୁଲିସ ଘଟଣାସ୍ଥଳରେ ପହଂଚି ଯୁବକ ସହିତ କାରକୁ ଉଦ୍ଧାର କରିଛନ୍ତି।

## ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାଲେଶ୍ୱର,୨୯।୧୧(ସମିସ): ସହରସ୍ଥିତ ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଧୁସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଗନ ବିହାରୀ ଦାସ୍ ଉଦଘାଟନ କରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ପ୍ରାରମ୍ଭିକ ଓଡିଶୀ ନୃତ୍ୟ, ଲେଜିମ, ଡମ୍ବେଲ ଆଦି ପରିବେଷଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ପରିଡ଼ା, କ୍ରୀଡା ଶିକ୍ଷକ ଶାନ୍ତି ସ୍ୱରୂପ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାଳସାରୀ ବେଳାଭୂମିରେ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ବୈଠକ



ଚନ୍ଦନେଶ୍ୱର,୨୯।୧୧(ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ତାଳସାରୀ ବେଳାଭୂମିରେ ଶନିବାର ଅପରାହ୍ନରେ ତାଳସାରୀ ମତ୍ସ୍ୟଜୀବୀ ସୁରକ୍ଷା ସଂଘ ତରଫରୁ ଏକ ବୈଠକ ତାଳସାରୀ ଗଙ୍ଗାମାତା ଫିସାରେମେନ କୋଅପରେଟିଭ ସୋସାଇଟିର ସଭାପତି ସୁରେନ୍ଦ୍ର ନାଥ ଗଙ୍ଗାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶତାଧିକ ମତ୍ସ୍ୟଜୀବୀ ନିଜର ପେଟ ପାଟଣା ପାଇଁ ବେଳାଭୂମିରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ଜଙ୍ଗଲ ବିଭାଗର କଟକଣାକୁ ତୁରନ୍ତ ହଟାଇବା ସହ ମତ୍ସ୍ୟଜୀବୀଙ୍କ ଶୁଖୁଆ ଖୋଳା, ଡ଼ଙ୍ଗା ମରାମତି, ଜାଲ ତିଆରି କରିବା ପାଇଁ ଅନୁମତି ଦେବା ସହିତ ଅସ୍ଥାୟୀ ଭାବରେ ଦୀର୍ଘ ୬ ମାସ ହେଲା ସ୍ଥାନାନ୍ତର ହୋଇଥିବା ବ୍ୟବସାୟୀ ମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ଏ ବିଷୟରେ ସେମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ଭୋଗରାଇ ତହସିଲଦାର, ବାଲେଶ୍ୱର ଏସପି ଓ ତାଳସାରୀ ମେରାଇନ ଆଇଆଇସିଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ତାଳସାରୀ ବନ୍ଦ ରଖି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ତାଳସାରୀ ଗଙ୍ଗାମାତା ଫିସାରମେନ କୋଅପରେଟିଭ ସୋସାଇଟିର ସମ୍ପାଦକ ପୁଣ୍ଡରୀ କାକ୍ଷ ଲାୟା, ଯତୀନ୍ଦ୍ର ଗଙ୍ଗାଇ, ଗୋପାଳ ଚନ୍ଦ୍ର ଲାୟା, କାର୍ତିକ ଚନ୍ଦ୍ର ମଣ୍ଡଳ, କାମିନୀ ପାତ୍ର, କାଞ୍ଚନ ଗଙ୍ଗାଇ, ଅଞ୍ଜଳି ପାତ୍ର, ମଞ୍ଜୁରାଣୀ ପାତ୍ର, ରିତା ରାଣୀ ପାତ୍ର ପ୍ରମୁଖ ସମେତ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## ପୂଜା ବେଳେ ନିଆଁଲାଗି ମହିଳାଙ୍କ ମୃତ୍ୟୁ

ନୀଳଗିରି, ୨୯।୧୧ (ସମିସ): ପବିତ୍ର ମାର୍ଗଶିର ମାସ ଗୁରୁବାରଦିନ ମହାଲକ୍ଷ୍ମୀଙ୍କ ପୂଜା ଆରାଧନା କରୁଥିବା ସମୟରେ ନିଆଁଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା "ବଣଧୂଳିର ଫୁଲ"ସାମାଜିକ ସଂଗଠନର ପ୍ରତିଷ୍ଠାତା ବିଜୟ କୁମାର ଆଚାର୍ଯ୍ୟଙ୍କ ଧର୍ମପତ୍ନୀ କବିତା ଆଚାର୍ଯ୍ୟ ଅରଡବଜାର ସ୍ଥିତ ଭଡ଼ାଘରେ ଗତ ୨୭ତାରିଖ ଗୁରୁବାର ଅବସରରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ଧୂପରେ ନିଆଁ ଲଗାଇବା ପରେ ଜଳନ୍ତା ଦିଆସିଲି କାଠିକୁ ପାଖରେ ଫିଙ୍ଗିଦେଇଥିଲେ। ଅସାବଧାନତା କାରଣରୁ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଚିତ୍କାର କରିଥିଲେ ହେଁ ପାଖରେ ଏକ କାଗଜ ଦୋନା ଏବଂ ଥାଳି ତିଆରି କାରଖାନା ଥିବାରୁ ପାଟି ନ ଶୁଭିବାରୁ ତାଙ୍କୁ କେହି ଉଦ୍ଧାର କରିପାରିନଥିଲେ। କିଛି ସମୟ ପରେ ତାଙ୍କ ରୋଷେୟା ପାଖପଡୋଶୀ ଆସି ଖବରଦେଲା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରେମୁଣା ମେଡିକାଲ କଲେଜକୁ ନିଆଯାଇଥିଲା। ସେତେବେଳକୁ ଶରୀରର ୮୫ପ୍ରତିଶତ ପୋଡିଯାଇଥିଲା। ଅବସ୍ଥା ସଙ୍ଗୀନ ହେବାରୁ କଟକ ବଡ଼ମେଡ଼ିକାଲ ପରେ ଏମ୍ସ ଭୁବନେଶ୍ୱର ନିଆଯାଇଥିଲେ ହେଁ କବିତାଙ୍କ ମୃତ୍ୟୁ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ଝିଅ ମାନସୀ ମୁଖାଗ୍ନି ଦେଇଥିଲେ।



## ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତର ବାଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷୀକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସମ୍ପାଦକ ଶତ୍ରୁଘ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବର୍ତ୍ତନା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିମାଇଁ ଚରଣ ଦାସ ମୁଖ୍ୟଅତିଥି, ଗରସଙ୍ଗ ଜମ୍ବେଶ୍ୱର ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ବିଜୟ କୁମାର ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶାରିରୀକ ବିକାଶରେ କ୍ରୀଡାର ଆବଶ୍ୟକତା ଉପରେ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ ସହିତ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କ୍ରୀଡା ପ୍ରମୁଖ ଚିତ୍ତରଞ୍ଜନ କରଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୫ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ କୃତି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା।

## ୮ ଗୋରୁ ଉଦ୍ଧାର, ବୋଲେରୋ ଜବତ

ବସ୍ତା ବ୍ଲକ/ରାଜଘାଟ, ୨୯।୧୧ (ସମିସ): ପୁଲିସ ଆଖିରେ ଧୂଳି ଦେଇ ବେଆଇନ ଗୋ ଚାଲାଣକାରୀ ଏବେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ଏବେ ସେମାନେ ଯାତ୍ରୀ ପରିବହନ ହେଉଥିବା ଗାଡ଼ିରେ ଗୋରୁ ଚାଲାଣ କରୁଛନ୍ତି। ଶନିବାର ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୁକୁଳିସି ପଞ୍ଚାୟତର ରେଣୁପଦା ରାସ୍ତାରେ ଏକ ବୋଲେରୋରେ ଗୋରୁ ଚୋରା ଚାଲାଣ କରୁଥିବା ସମୟର ବସ୍ତା ପୁଲିସ ଗୋରୁ ଭର୍ତ୍ତି ବୋଲେରୋକୁ ଜବତ କରିଛି। ବସ୍ତା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବୋଲେରୋଟି ପୁଲିସ ଗାଡ଼ି ଦେଖି ଦ୍ରୁତଗତିରେ ନେଇ ପଳାଇ ଯାଉଥିବା ସମୟରେ ବସ୍ତା ପୁଲିସ ଧରିବାରେ ସଫଳ ହୋଇଥିଲେ। ମାତ୍ର ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ପୁଲିସ ଗୋରୁ ଗାଡ଼ି ଜବତ କରିବା ସହ ୮ ଟି ଗୋରୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଇଥିବା ବସ୍ତା ଆଇଆଇସି ରଞ୍ଜିତ ସାହୁ ପ୍ରକାଶ କରିଛନ୍ତି।



## ମୋବାଇଲ ଚୋରି କରି ବନ୍ଧାହେଲେ ଦୁର୍ବୃତ୍ତ

ରାଜଘାଟ, ୨୯।୧୧ (ସମିସ): ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ଅମର୍ଦ୍ଦାରୋଡ ବଜାରରେ ଜୈନିକ ବ୍ୟକ୍ତିଙ୍କ ଘରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଦୁଇ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ୍ କରିଛି। ଆଜି ସକାଳ ୬ଟା ସମୟରେ ରାମଚନ୍ଦ୍ର ସାହୁ ଝିଅକୁ ସ୍କୁଲ ବାହାର କରିବା ପାଇଁ ବ୍ୟସ୍ତ ଥିବା ବେଳେ ଜଣେ ଦୁର୍ବୃତ୍ତ ଶୋଇବା ଘରେ ପଶି ଦୁଇଟି ମୋବାଇଲକୁ ଚୋରାଇ ନେଇଥିଲା। ଏହି ସମୟରେ ଜଣେ ଭଡ଼ାଟିଆ ଦେଖିନେବାରୁ ଚୋରଟି ଦୌଡ଼ିବାକୁ ଲାଗିଥିଲା। ତାକୁ ଲୋକେ ଗୋଡ଼ାଇ ଗୋଡ଼ାଇ ଅମର୍ଦ୍ଦାରୋଡ ବଜାରର ବଣିଆପଟିରୁ କାବୁ କରିଥିଲେ। ଏହି ସମୟରେ ବାଇକରେ ଆସିଥିବା ଅନ୍ୟ ସହଯୋଗୀ ଜଣକ ବାଇକଟିକୁ ନେଇ ସେଠାରୁ ଫେରାର୍ ମାରୁଥିବା ସମୟରେ ତାକୁ ମଧ୍ୟ କାବୁ କରାଯାଇଥିଲା। ଦୁଇ ଦୁର୍ବୃତ୍ତଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଥିବା ବେଳେ ସ୍ଥାନୀୟ ଲୋକେ ଦୁହିଁଙ୍କୁ ଏକ ଦଉଡ଼ିରେ ବାନ୍ଧି ଫାଣ୍ଡି ପୁଲିସରେ ଜିମା ଦେଇଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ୍ ଦୁର୍ବୃତ୍ତ ଦ୍ୱୟ ସିଂଲା ଥାନା ଅନ୍ତର୍ଗତ କାଦରାୟାଁ ଗ୍ରାମର ସେଖ୍ ଉସମାନ ଓ ସେଖ୍ ଆଦେକ । ସେମାନଙ୍କ ନିକଟରୁ ଗୋଟିଏ ବାଇକ(ଲୁନା)କୁ ମଧ୍ୟ ଜବତ କରାଯାଇଛି।

## ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ପ୍ରଧାନଶିକ୍ଷକ

ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତିପୁର ପଞ୍ଚାୟତ ଗନ୍ଧାଳୀ ଗ୍ରାମର ବାସିନ୍ଦା ତଥା ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ମୁଖୀ (୪୯) ଶୁକ୍ରବାର ରାତିରେ ବିଶାଖାପାଟଣାର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି। ସେ କିଛି ମାସ ତଳେ କର୍କଟ ରୋଗରେ ଆକ୍ରାନ୍ତ ପରେ ବିଶାଖାପାଟଣାକୁ ଚିକିତ୍ସା ପାଇଁ ପଳାଇଥିଲେ। ପ୍ରଥମେ କଣ୍ଟାପଡା ପରେ ତେଲଦିଆରେ ଶିକ୍ଷକତା ପରେ ସାରକୋଣାରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ଖବର ପାଇ ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି।



# ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଭର୍ତ୍ତି ଗାଡ଼ି ଜବତ

ଜଳେଶ୍ୱର ବ୍ଲକ, ୨୯।୧୧ (ସମିସ)

ଜଳେଶ୍ୱର ବନ ବିଭାଗ ଦ୍ୱାରା ୬୦ ନଂ ଜାତୀୟ ରାଜପଥ ଉପରୁ ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଭର୍ତ୍ତି ପିକ୍‌ଅପ ଭ୍ୟାନ ଜବତ ହୋଇଛି। ଓଡିଶାର ବିଭିନ୍ନ ଜଙ୍ଗଲ ଅଂଚଳରୁ ମୂଲ୍ୟବାନ କାଠ ଓ ବିଭିନ୍ନ ଜଙ୍ଗଲଜାତ ଜାତ ଦ୍ରବ୍ୟ ବିଭିନ୍ନ ସମୟରେ ୬୦ନଂ ଜାତୀୟ ରାଜପଥ ଦେଇ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଆଜି ସକାଳେ କାଠ ବୋଝେଇ ପିକଅପ ଭ୍ୟାନ ପଶ୍ଚିମବଙ୍ଗକୁ ଯାଇଥିବାର ଖବର ପାଇ ଜଳେଶ୍ୱର ବନ ବିଭାଗ ପକ୍ଷରୁ ରାଜଘାଟ ନିକଟରେ ଚଢାଉ କରିଥିଲେ। ମାତ୍ର କାଠ ବୋଝେଇ ଭ୍ୟାନଟି ଗତିରେ ପଶ୍ଚିମବଙ୍ଗକୁ ପଳାଇ ଯିବା ବେଳେ ବନ ବିଭାଗ ପକ୍ଷରୁ ତାକୁ ଅଟକାଇବାକୁ ଚେଷ୍ଟା କରି ଲକ୍ଷ୍ମଣନାଥ ଟୋଲଗେଟ ପର୍ଯ୍ୟନ୍ତ ପିଛା କରିଥିଲେ। ଶେଷରେ ଭ୍ୟାନଟି ନିଜର ଭାରସ୍ୟାମ ହରାଇ ଟୋଲଗେଟ୍ ନିକଟରେ ରାସ୍ତା କଡକୁ ଓଲଟି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଡ୍ରାଇଭର ହେଲପର ଗାଡି ଛାଡିଦେଇ ଫେରାର ହୋଇଯାଇଥିବା ବେଳେ କାଠ ସହିତ ଗାଡିକୁ ବନ ବିଭାଗ ପକ୍ଷରୁ ଜବତ ଜରାଯାଇଥିଲା। କ୍ରେନ ସାହାଯ୍ୟରେ କାଠ ଭର୍ତି ଭ୍ୟାନକୁ ଉଦ୍ଧାର କରାଯାଇ ଶାନିଆ ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ଭ୍ୟାନରେ ଶାଗୁଆନ, ନିମ୍ବ, କଦମ୍ବ, ସିରିସା, ଶିମିଳି ଇତ୍ୟାଦି ଏକଶହ ସିଏଫଟିରୁ ଅଧିକ କାଠ ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଏହି ଚଢାଇ ଏସିଏଫ୍ ଓ ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ବନ ବିଭାଗ କର୍ମଚାରୀ ରଂଜୀତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଟିମ୍ ଚଢ଼ଉରେ ସାମିଲ ଥିଲେ।



## ବାଲି ଚୋରି ବେଳେ ଟ୍ରାକ୍ଟର ଜବତ

ଖଇରା,୨୯ ।୧୧ (ସମିସ): ବାଲେଶ୍ୱର ଖଣି ବିଭାଗ ତରଫରୁ ଚଢ଼ଉ କରି ଖଇରା ବ୍ଲକ ପରିସରରେ ରଖାଯାଇଥିବା ବାଲିକୁ ଚୋରୀ ବେଳେ ଖଇରା ପୁଲିସ ହାତରେ ଧରା ପଡିଛି। ଖଣି ବିଭାଗ ପକ୍ଷରୁ ବାଲି ବୋଝେଇ ଟ୍ରକକୁ ଜବତ କରାଯିବା ପରେ ଟ୍ରକ ମୁକୁଳିବା ପରେ ବାଲିକୁ ବ୍ଲକ ପରିସରରେ ମହଜୁଦ ରଖାଯାଉଥିଲା। ଶନିବାର ସକାଳେ ଟ୍ରାକ୍ଟରରେ ଉକ୍ତ ବାଲିକୁ ନେଇ ଖଇରା ହାଇସ୍କୁଲରେ ଢଳା ଚାଲିଥିବା ବେଳେ ଖବର ପାଇ ଏସଆଇ ତପନ ଜେନା ଉକ୍ତ ଟ୍ରାକ୍ଟରକୁ ଜବତ କରି ଖଇରା ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଆଇଆଇସି ଭୁବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ଟ୍ରାକ୍ଟର ମାଲିକଙ୍କୁ ପଚରାଉଚୁରା ପରେ ସବୁକିଛି ଜଣାପଡିବ ବୋଲି କହିଛନ୍ତି।

## ବରେନ୍ଦ୍ର ମଣ୍ଡଳଙ୍କ ସ୍ମୃତିସଭା

ଚନ୍ଦନେଶ୍ୱର,୨୯।୧୧(ସମିସ) : ଭୋଗରାଇର କାନ୍ଠଅଭଉଁରୀ ପଞ୍ଚାୟତର ରଣସିଂହପୁର ଗ୍ରାମର ପୂର୍ବତନ ୱାର୍ଡ ସଦସ୍ୟ, ସେବା ସମବାୟ ସମିତିର ନିର୍ଦ୍ଦେଶକ, ଆଗ ଧାଡିର ବିଜେଡି ନେତା ବରେନ୍ଦ୍ର ମଣ୍ଡଳଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଆଜି ଶନିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଅଭିଜିତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ହେମନ୍ତ ବେହେରା, ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, କବିତା ମହାନ୍ତି, କାନ୍ଥଭଉଁରୀ ପଞ୍ଚାୟତର ସମିତି ସଭ୍ୟ ପ୍ରଦୀପ କୁମାର ଦାସ, ସମାଜସେବୀ ସନ୍ତୋଷ ସାସମଲ, ଅଜିତ ପାତ୍ର, ଘନଶ୍ୟାମ ନାୟକ, ରାମକୃଷ୍ଣ ପାତ୍ର, ଜଳେନ୍ଦ୍ର ପାତ୍ର ଓ ସାମ୍ବାଦିକ ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ। ପୁତୁରା ତପନ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## ଟାଉନ ହାଇସ୍କୁଲ ଆଲମୁନି ପକ୍ଷରୁ ଶୋକସଭା

ବାଲେଶ୍ୱର,୨୯।୧୧(ସମିସ): ଟାଉନ ହାଇସ୍କୁଲ ଆଲମୁନି ପକ୍ଷରୁ ବିଦ୍ୟାଳୟର ପୁରାତନ ଛାତ୍ର ମହେନ୍ଦ୍ର କୁମାର ସାହୁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ଆଲମୁନି ସଭାପତି ସୁବ୍ରତ କୁମାର କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ସୁରେନ୍ଦ୍ର ସାହୁ, ଡ. ନୀଳମାଧବ ରାୟ, ନିଖିଳ ଚନ୍ଦ୍ର ଆସ, ତାଙ୍କ ପୁଅ ତାପସ ସାହୁ ଓ ଶାନ୍ତିସ୍ୱରୂପ ମିଶ୍ର ଯୋଗଦେଇ ମହେନ୍ଦ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଚୋରା ଶାଗୁଆନ ଗଣ୍ଡି ଚାଲାଣ ଘଟଣା

# ଫାଣ୍ଡି ଅଧିକାରୀ ଓ ଦୁଇ କର୍ମଚାରୀ ନିଲମ୍ବିତ

ପରଜଙ୍ଗ,୨୯ ।୧୧(ସମିସ)



ଚୋରା ଶାଗୁଆନ ଗଛ କାଟି ଟ୍ରାକ୍ଟର ଯୋଗେ ଚାଲାଣ ଘଟଣାରେ ଫାଣ୍ଡି ଅଧିକାରୀ ସମେତ ଦୁଇ କର୍ମଚାରୀଙ୍କୁ ଢେଙ୍କାନାଳ ଏସ୍‌ପି ନିଲମ୍ବନ କରିଛନ୍ତି। ଗତ ସୋମବାର ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ରଙ୍ଗଥଳୀ ବିଟ୍ ଅନ୍ତର୍ଗତ ମୋହନପଶି ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଶାଗୁଆନ ଗଛ କାଟି ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ଗାଡ଼ି ଅଟକାଇ ବନ ବିଭାଗକୁ ଅବଗତ କରାଇଥିଲେ। ଉକ୍ତ ଶାଗୁଆନ ଗଣ୍ଡିକୁ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ନେଉଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ। ମହାବିରୋଡ ବନାଞ୍ଚଳ ଅଧିକାରୀ ଶାଗୁଆନ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ କରି ଚାଳକଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ତଥା ବନ ବିଭାଗର ତଦନ୍ତ ରିପୋର୍ଟ ଆସିବା ପରେ ଚୋରା ଶାଗୁଆନ ଗଣ୍ଡି ଚାଲାଣରେ ସମ୍ପୃକ୍ତ ଦଦରାଘାଟି ଫାଣ୍ଡି ଅଧିକାରୀ ବେହେରା, ସିପାହୀ ଅଶୋକ ମଣ୍ଡଳ ଓ ଗୃହରକ୍ଷୀ ନିରଞ୍ଜନ ନାଏକଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ବନ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଏଥିରେ ଯଦି ଆଉ କାହାର ସମ୍ପୃକ୍ତ ସାମ୍ନାକୁ ଆସେ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରଜଙ୍ଗ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଫାଣ୍ଡି ଅଧିକାରୀଙ୍କ ନିଲମ୍ବନ ପରେ ଫାଣ୍ଡି ଛାଡ଼ି ଯାଉଥିବା ଜାଣି ଟ୍ରାକ୍ଟର ମାଲିକ ଓ ତାଙ୍କ ପରିବାରର ମହିଳା ଆସି ଟ୍ରାକ୍ଟର ଭରଣା ତଥା କିସ୍ତି ଅର୍ଥ ପ୍ରଦାନ ଦାବିରେ ଫାଣ୍ଡି ଆଗରେ ଜଗି ବସିଥିଲେ। ଫାଣ୍ଡି ଅଧିକାରୀ ଟ୍ରାକ୍ଟର ମାଲିକଙ୍କ ଅଗୋଚରରେ ଏଥିରେ ଚୋରା ଶାଗୁଆନ ଗଣ୍ଡି ଚାଲାଣ କରୁଥିବା ଗାଡ଼ି ମାଲିକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫାଣ୍ଡି ସମ୍ମୁଖରେ କିଛି ସମୟ ମହିଳାମାନେ ବସିଥିବା ବେଳେ ଖବର ପାଇ ପରଜଙ୍ଗ ଥାନା ଏସ୍‌ଆଇ ଓ କର୍ମଚାରୀ ପହଞ୍ଚି ଘଟଣା ସମ୍ପର୍କରେ ବୁଝିଥିଲେ। ସ୍ଥାନୀୟ ଭଦ୍ରଲୋକ, ଟ୍ରାକ୍ଟର ମାଲିକ, ପୁଲିସ ମଧ୍ୟରେ ମୌଖିକ ଆଲୋଚନା ପରେ ନିଲମ୍ବିତ ଫାଣ୍ଡି ଅଧିକାରୀଙ୍କୁ ଯିବାକୁ ଦେଇଥିଲେ। ବାରମ୍ବାର ମୋହନପଶି ଗ୍ରାମରୁ ଶାଗୁଆନ ଗଛ କାଟି ଚାଲାଣ ହେଉଥିଲେ ମଧ୍ୟ ପାଖରେ ଥିବା ରଙ୍ଗଥଳୀ ବିଟ୍ ବନରକ୍ଷୀଙ୍କ ଦୃଷ୍ଟିକୁ କିପରି ଆସୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ମତପ୍ରକାଶ ପାଇଛି।

## ପୁଲିସର ଆକ୍ରମଣ; ଜିଲ୍ଲାପାଳଙ୍କୁ ଅଭିଯୋଗ



ଢେଙ୍କାନାଳ,୨୯ ।୧୧(ସମିସ): ଗଁଦିଆ ଥାନା ଯୋରନ୍ଦା ପଞ୍ଚାୟତ କାଙ୍କୁଲଣ୍ଡା ଗ୍ରାମର ପ୍ରକାଶ ନାଏକଙ୍କ ଘରେ ବିଳମ୍ବିତ ରାତିରେ ପୁଲିସ ବେଆଇନ ଭାବେ ପଶି ଆକ୍ରମଣ କରିଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ଗତ ନଭେମ୍ବର ୧୭ ତାରିଖ ରାତି ୨ଟାରେ ଗ୍ରାମରକ୍ଷୀ ଭାଗ୍ୟ ପାତ୍ର, ଯୋରନ୍ଦା ଫାଣ୍ଡି ଏଏସଆଇଙ୍କ ସମେତ ୭/୮ ଜଣ ପୁଲିସ କର୍ମଚାରୀ ପ୍ରକାଶଙ୍କ ଘରକୁ ଆସି ମାଁ ଧରି ଡାକିଥିଲେ। ପ୍ରକାଶ ଓ ତାଙ୍କ ସ୍ତ୍ରୀ ଉଠି କବାଟ ଫିଟାଇବା ବେଳେ ହଠାତ ସମସ୍ତେ ଘର ଭିତରକୁ ପ୍ରବେଶ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କବାଟ ଝରକା ଭାଙ୍ଗି ନଷ୍ଟ କରିଥିଲେ। ସମସ୍ତେ ମଦ ପିଇ ଏପରି କାଣ୍ଡ କରିଥିବା ପ୍ରକାଶ ଅଭିଯୋଗରେ ଦର୍ଶାଇଛନ୍ତି। ଘର ପାଖର ଜଣେ ପିଲାକୁ ଖୋଜିବାକୁ ଯାଇ ପ୍ରକାଶଙ୍କ ଘରେ ପଶି ଏଭଳି କାଣ୍ଡ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭାଙ୍ଗିଥିବା କବାଟ ଝରକା କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରକାଶ ଦାବି କରିଛନ୍ତି।

### ● ସାଂସଦଙ୍କ ତେଲିଭୂଇଁ ଗସ୍ତ

## ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଲେ




ହିନ୍ଦୋଳ,୨୯ ।୧୧(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶନିବାର ହିନ୍ଦୋଳ ବ୍ଲକ ରାସୋଳ ମଣ୍ଡଳକୁ ଗସ୍ତ ସମୟରେ ତେଲୁଭୂଇଁ ଛକ ନିକଟରେ ବହୁ ଜନସାଧାରଣ ଏବଂ ଦଳୀୟ କର୍ମକର୍ତ୍ତା ତାଙ୍କୁ ରାସ୍ତାରେ ଭେଟି ସମସ୍ୟା ଜଣାଇଥିଲେ। ସମସ୍ୟାଗୁଡ଼ିକ ଶୁଣିବା ପରେ ଶିକ୍ଷାକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ହାତୀ ଉପଦ୍ରବରେ ଅଧିକ କ୍ଷତିପୂରଣ ଦାବି ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ। ବ୍ଲକର ବିଭିନ୍ନ ସ୍ଥାନରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଆବେଦନକୁ ଗ୍ରହଣ କରି ଖୁବଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦଳୀୟ ନେତୃବୃନ୍ଦଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସଦଙ୍କ ଗସ୍ତ ବେଳେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ରାସୋଳ ମଣ୍ଡଳ ସଭାପତି ଲିଙ୍ଗରାଜ ସାହୁ, ରାସୋଳ ସରପଞ୍ଚ ଦିବାକର ନାଏକ, ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକ, ମନୋରଞ୍ଜନ ନାଥ, ସନ୍ତୋଷ ସାହୁ, ଗୌତ୍ତମ ସାହୁ, ଦୀପକ ନାଥ, ଅଜୟ ଧର, ଗିରୀଶ ସେଠୀ, ରଘୁନାଥ ମହାପାତ୍ର, ଚିନ୍ମୟ ମହାପାତ୍ର, ବାସୁଦେବ ବାରିକ, ସରୋଜ ସିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ବସ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଆଦାୟ ଅଭିଯୋଗ

ଢେଙ୍କାନାଳ,୨୯ ।୧୧(ସମିସ): ବସ୍ କର୍ମଚାରୀମାନେ ଢେଙ୍କାନାଳରୁ କଟକ ଓ କଟକରୁ ଢେଙ୍କାନାଳ ଯିବାଆସିବା ପାଇଁ ଯାତ୍ରୀଙ୍କଠାରୁ ୧୦୦ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ସରକାରୀ ନିର୍ଦ୍ଧାରିତ ଭଡ଼ାଠାରୁ ଏହା ୩୦ରୁ ୫୦ ପ୍ରତିଶତ ଆଦାୟ କରୁଥିବା ସିପିଆଇ(ଏମ୍) ନେତା ବଦ୍ରିନାରାୟଣ ଦାଶ, ଜିଲ୍ଲା ସମ୍ପାଦକ ସର୍ବଜ୍ଞ ସାହୁ ଓ କୃଷକ ସଭାର ଜିଲ୍ଲା ସମ୍ପାଦକ ସରୋଜ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି। ସମସ୍ତ ପ୍ରମାଣ ସହ ଗତ ୨୭ ତାରିଖ ଏ ନେଇ ରାଜ୍ୟ ପରିବହନ କମିଶନର (କଟକ)ଙ୍କ ସମେତ ଢେଙ୍କାନାଳ ଓ କଟକ ଆରଟିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥିସହ ଯାତ୍ରୀଙ୍କୁ ଭୁଲ କଥା କହି ଉଠାଇବା, ଦୁର୍ବ୍ୟବହାର କରିବା, ଏସଟିଏଙ୍କ ଦ୍ୱାରା ଦିଆଯାଇଥିବା ଷ୍ଟପେଜ ତାଲିକା ଅନୁଯାୟୀ ଯାତ୍ରୀଙ୍କୁ ନେବାଆଣିବା ନ କରିବା ଆଦି ଅଭିଯୋଗ ହୋଇଛି। ସବୁ ବସରେ ବସଟି କେଉଁ ବର୍ଗର, କିଲୋମିଟର ପ୍ରତି ଭଡ଼ା କେତେ, ବସର ପରିଚାଳକ କିମ୍ବା ମାଲିକଙ୍କ ନମ୍ବର, ଷ୍ଟପେଜ୍‌ର ତାଲିକା, ପଢ଼ିହେବା ଭଳି ଟିକେଟ୍, ଫାଷ୍ଟଏଡ ବକ୍ସ ଏବଂ ଦୃଷ୍ଟିରେ ପଡ଼ିବା ଭଳି ସ୍ଥାନରେ ଅଭିଯୋଗ ପୁସ୍ତିକା ଆଦି ଆଇନ ଅନୁମୋଦିତ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଯୋରନ୍ଦା,୨୯ ।୧୧(ସମିସ): ଗଁଦିଆ ବ୍ଲକ କାବରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ପରିଡ଼ା (୯୦)ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଗାନ୍ଧିବାଦୀ, ସରଳ, ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା। ସେ ବାଇଁଶିଆ, ସୋଗରପଶି, ଦେଓଗାଁ, ବିଧାରପୁର, ସନ୍ଥପୁର ଓ କାବରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ୧୯୮୯ରେ ସ୍ୱେଚ୍ଛାକୃତ ଅବସର ନେଇ ସମାଜସେବାରେ ବ୍ରତୀ ଥିଲେ। ୧୯୯୦ରୁ ୧୯୯୩ ପର୍ଯ୍ୟନ୍ତ କାବରା ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ଦଧିସିଙ୍ଗା ଗ୍ରାମ ସମ୍ପାଦକ ଭାବେ ଦୀର୍ଘ ୨୦ ବର୍ଷ ଦାୟିତ୍ୱ ନେଇ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଢେଙ୍କାନାଳ,୨୯ ।୧୧(ସମିସ): ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମ୍‌ବିଏ ଓ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ବୃତ୍ତିଗତ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ଆବାହକତ୍ୱରେ ତଥା ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଭାଗ୍ୟଶ୍ରୀ ଦେହୁରୀ, ପଲକ୍ କୁମାରୀ ଓ ସ୍ନେହା ଡାଲ୍‌ମିଆଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ମାନବ ସମ୍ବଳ ଅଧିକାରୀ ଡ. ନିତ୍ୟସୁନ୍ଦର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ "ୟୁଥ୍ ଲିଡର୍‌ସିପ ଏଣ୍ଡ ଟାଲେଣ୍ଟ ଡେଭେଲପ୍‌ମେଣ୍ଟ ଫର ଏ ପ୍ରୋଗ୍ରେସିଭ୍ ଓଡ଼ିଶା' (ପ୍ରଗତିଶୀଳ ଓଡ଼ିଶା ପାଇଁ ଯୁବ ନେତୃତ୍ୱ ଓ ପ୍ରତିଭା ବିକାଶ) ବିଷୟବସ୍ତୁ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ଯୁବ ନେତୃତ୍ୱ ଓ ପ୍ରତିଭାର ବିକାଶ ହିଁ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତତା ସୁଦୂରପ୍ରସାରୀ ହୋଇ ପ୍ରଗତିଶୀଳ ଓଡ଼ିଶା ଗଠନ କରିବାର ସ୍ୱପ୍ନକୁ ବାସ୍ତବ ରୂପ ପ୍ରଦାନ କରିପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାଶ, ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ଡ. ଦେବରାଜ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ସୁଶାନ୍ତ କୁମାର ପାଲ୍, ସନ୍ତୋଷ କୁମାର ନନ୍ଦ, ଅଧ୍ୟାପିକା ରୋଜାଲିନ ବେହେରା, ମାନସୀ ରଥ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଭାଗ୍ୟଶ୍ରୀ ଦେହୁରୀ ସଭା ସଂଯୋଜନା କରିଥିଲେ। ଛାତ୍ରୀ ପଲକ୍ କୁମାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନେହା ଡାଲମିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଦୁଇ ବୋଲେରୋ ସମେତ ୧୦ ଗୋରୁ ଜବତ

## ମାରଣାସ୍ତ୍ର ଦେଖାଇ ଚମ୍ପଟ ମାରିଲେ ମାଫିଆ

କାମାକ୍ଷନଗର,୨୯ ।୧୧(ସମିସ): ଚୋରା ଗୋଚାଲାଣ ବେଳେ ଧରାପଡ଼ିବା ପରେ ମାରଣାସ୍ତ୍ର ଦେଖାଇ ଚମ୍ପଟ ମାରିଛନ୍ତି ଗୋମାଫିଆ। ଦୁଇ ବୋଲେରୋ ସହ ୧୦ ଗୋରୁ ଜବତ କଛନ୍ତି ସ୍ଥାନୀୟ ଲୋକେ। ସୂଚନା ଅନୁସାରେ ଦୁଇଟି ବୋଲେରୋ ଯୋଗେ ଯାଜପୁର ଅଞ୍ଚଳରୁ ତାଳଚେର ଅଭିମୁଖେ ଗୋରୁ ଚାଲାଣ ହେଉଥିବା କାମାକ୍ଷାନଗର ଅଞ୍ଚଳର କିଛି ଲୋକ ଓ ସଂଗଠନ ଜାଣିବାକୁ ପାଇଥିଲେ। ସେମାନେ ବାଲିଗୋରଡ଼ଠାରେ ଗୋରୁ ଭର୍ତ୍ତି ହୋଇଥିବା ବୋଲେରୋ ଅଟକାଇବା ସହ ପୁଲିସକୁ ଖବର ଦେଇଥିଲେ। ଗୋଟିଏ ବୋଲେରୋ ବାଲିଗୋରଡ଼ ନିକଟରେ ଅଟକାଇବାରେ ଲୋକେ ସଫଳ ହେବା ପରେ ଜିରିଡ଼ାମାଳି ଛକ ନିକଟରେ ଅନ୍ୟ କିଛି ଲୋକ, ସଂଗଠନ ଓ ପୁଲିସ ଗୋରୁ ଭର୍ତ୍ତି ଅନ୍ୟ ବୋରେରୋ ଅଟକାଇଥିଲେ। ତେବେ ଗାଡ଼ିରେ ଥିବା ଗୋମାଫିଆମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୋରୁଭର୍ତ୍ତି ଦୁଇ ବୋଲେରୋକୁ ସ୍ଥାନୀୟ ଲୋକ ଜବତ କରି ସେଥିରେ ଥିବା ୧୦ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଉତ୍ୟକ୍ତ ଲୋକେ ଗୋଚାଲାଣରେ ବ୍ୟବହୃତ ହୋଇଥିବା ଦୁଇ ବୋଲେରୋକୁ ଭାଙ୍ଗି ଦେଇଥିଲେ। କାମାକ୍ଷାନଗର ଅଞ୍ଚଳ ଦେଇ ବାରମ୍ବାର ଗୋଚାଲାଣ ହେଉଥିବା ବେଳେ ପ୍ରଶାସନର ଅପାରଗତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ପୁଲିସ ପହଞ୍ଚି ଉଭୟ ବୋଲେରୋକୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି।


## ଉଦ୍ୟାନ ବିଭାଗ ପକ୍ଷରୁ ରିଆତିରେ ଆଳୁ ବିହନ ବିକ୍ରି

ଖଜୁରିଆକଟା,୨୯ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ରିଆତି ଦରରେ ଆଳୁ ବିହନ ଯୋଗାଇ ଦିଆଯାଉଛି। ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଗତ ସୋମବାରଠାରୁ ଦୁଇ ପର୍ଯ୍ୟାୟରେ ୬୫୦ କୁଇଣ୍ଟାଲ ଆଳୁ ବିହନ ପହଞ୍ଚିଥିବା ବେଳେ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ଚାଷୀମାନେ ଆଳୁ ବିହନ ପାଇନାହାନ୍ତି ଯଥାଶୀଘ୍ର କାର୍ଯ୍ୟାଳୟରୁ ନେଇପାରିବେ ବୋଲି ସହକାରୀ ଉଦ୍ୟାନ ଅଧିକାରିଣୀ ସସ୍ମିତା ସାହୁ ସୂଚନା ଦେଇଛନ୍ତି। ଜଣେ ଚାଷୀଙ୍କୁ ଦେଢ଼ କୁଇଣ୍ଟାଲ ବିହନ ଯୋଗାଇ ଦେବାକୁ ଧାର୍ଯ୍ୟ ହୋଇଛି। ଚାଷୀଙ୍କୁ କେଜି ପ୍ରତି ୨୦ ଟଙ୍କା ହିସାବରେ ୩ହଜାର ଟଙ୍କା ପ୍ରଥମେ ଦେବାକୁ ପଡ଼ିବ। ଚାଷ କରିସାରିବା ପରେ କିଲୋ ପ୍ରତି ୧୦ ଟଙ୍କା ରିଆତି ଅର୍ଥ ବାବଦ ୧୫ ଶହ ଟଙ୍କା ଫେରସ୍ତ ମିଳିବ ବୋଲି ଅଧିକାରିଣୀ ସାହୁ କହିଛନ୍ତି। ବିହନ ବଣ୍ଟନ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର କର୍ମଚାରୀ ରାମ ଗଗରାଇ, ବାବୁଲା ପରିଡ଼ା, ତପନ ସାହୁ, ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି।



**ଚାଷୀ ପିଛା ଦେଢ଼ କ୍ୱିଣ୍ଟାଲ ଦିଆଯିବ**

## କୁରାଳ ସମାଜ ପକ୍ଷରୁ ଲକ୍ଷ୍ମୀନାରାୟଣ ପୂଜା



ଭୁବନ,୨୯ ।୧୧(ସମିସ): ଭୁବନ ଏନ୍‌ଏସି ୱାର୍ଡ ନଂ-୫ ଗଣେଶ ବଜାରରେ କୁରାଳ ସମାଜ ପକ୍ଷରୁ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଛି। ସମାଜର ମୁରବୀ ଦୈତାରୀ ସାହୁ, ଉପସଭାପତି ଅନାମ ସାହୁ, ସମ୍ପାଦକ ଇନ୍ଦ୍ରମଣି ରଣା, ସହସମ୍ପାଦକ ଟୁନା ସାହୁ, କୋଷାଧ୍ୟକ୍ଷ କମଳ ରଣା, କୈଳାସ ସାହୁ, ବିଜୁ, ବ୍ରଜ, ଦେବ, ବେଣୁ, ସୁରେଶ, ବିଶୁଆଙ୍କ ସମେତ ବହୁ ବ୍ୟକ୍ତିଙ୍କ ସହଯୋଗରେ ପୂଜା ହୋଇଥିଲା।

## ଟେଣ୍ଡର ପରେ ପୁରୁଣା ରାସ୍ତାକାର୍ଯ୍ୟ ନେଇ ଆଶଙ୍କା

ଢେଙ୍କାନାଳ,୨୯ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇ ଦେଇ ଯାଇଥିବା ପୁରୁଣା ୫୫ ନମ୍ବର ଜାତୀୟ ରାଜପଥକୁ ବାଦ ଦିଆଯାଇ ନୂତନ ବାଇପାସ ରାସ୍ତା ନିର୍ମାଣ କରାଯାଇଛି। ଦୀର୍ଘ ୫ବର୍ଷ ହେବ ବାଇପାସ ରାସ୍ତା ନିର୍ମାଣ ପରେ ପୁରୁଣା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୁଣା ରାସ୍ତା ନିର୍ମାଣ ପାଇଁ ୧୦କୋଟି ଟଙ୍କାର ଟେଣ୍ଡର ହୋଇଥିବା ବେଳେ ରାସ୍ତା କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସିମିନଇ ଗ୍ରାମ ଦେଇ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ ଯାଇଥିଲା। ଜାତୀୟ ରାଜପଥ ତରଫରୁ ପଞ୍ଚୁପଟିଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ୩.୫ କିଲୋମିଟର ବାଇପାସ ରାସ୍ତା ନିର୍ମାଣ ହୋଇଛି। ବାଇପାସ ରାସ୍ତା ନିର୍ମାଣ ପରେ ପୁରୁଣା ରାସ୍ତାକୁ ସରକାର ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଫଳରେ ଝାରଗାଡ଼ିଆଠାରୁ ପଞ୍ଚୁପଟି ପର୍ଯ୍ୟନ୍ତ ରାସ୍ତା ସାରା ଖାଲଖମା ସହ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଇପାସ ରାସ୍ତା ନିର୍ମାଣ ପରେ ଅନେକ ଲୋକ ଜାତୀୟ ରାଜପଥ ରାସ୍ତା ଜବରଦଖଲ କରି ଘର, ଦୋକାନ ନିର୍ମାଣ କରିଛନ୍ତି। ପୂର୍ବରୁ ଜାତୀୟ ରାଜପଥ ବିଭାଗ ତରଫରୁ ଜମି ଚିହ୍ନଟ କରାଯାଇ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ କେତେକ ବ୍ୟକ୍ତି ଜମି ଜବରଦଖଲ କରିଥିବାର ଦେଖିବାକୁ ମିଳିଛି। ଏହି ରାସ୍ତା ପୁଣିଥରେ ନିର୍ମାଣ କରିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଗତ ଜୁଲାଇ ୧୪ ତାରିଖ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରୋଡ୍ ୨ର ମୁଖ୍ୟ ଯନ୍ତ୍ରୀଙ୍କ ତରଫରୁ ଅଚଳ ହୋଇଥିବା ୫୫ ନମ୍ବର ଜାତୀୟ ରାଜପଥର ସିମିନଇଠାରୁ ଗଦାଶିଳା ପର୍ଯ୍ୟନ୍ତ ନିର୍ମାଣ ପାଇଁ ଟେଣ୍ଡର କରାଯାଇଛି। ଏହି କାର୍ଯ୍ୟକୁ ୭ ମାସ ଭିତରେ ସାରିବାକୁ ଥିବା ବେଳେ ଜଣେ ଏ କ୍ଲାସ ଠିକାଦାର କରିବା ପାଇଁ ଆହ୍ୱାନ କରାଯାଇଥିଲା। ପ୍ରାୟ ୧୦ କୋଟି ୭୩ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଟେଣ୍ଡର ସତ୍ତ୍ୱେ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଛି। ଏହାସହ ରାସ୍ତାପାଶ୍ୱର୍ ଜବରଦଖଲ ହଟାଇବାକୁ ମଧ୍ୟ ଦାବି ହେଉଛି।

**ରାଜପଥ ଜମି ଜବରଦଖଲ କରି ଘର, ଦୋକାନ ନିର୍ମାଣ**

## କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ



କଙ୍କଡ଼ାହାଡ଼,୨୯ ।୧୧(ସମିସ): କଙ୍କଡ଼ାହାଡ଼ ବ୍ଲକ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ଢେଙ୍କାନାଳ ଡିଜିଟାଲ ଚ୍ୟାନେଲ ପକ୍ଷରୁ ଏହାର ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁଦେବଜୀ ଫାଉଣ୍ଡେସନ ତରଫରୁ କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଓ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ପ୍ରାୟ ୩୮୦ ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ଦାସ, କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ ଏବଂ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ମୋ ଢେଙ୍କାନାଳର ଏହି ଅନନ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ ଦେହୁରୀ, ବରିଷ୍ଠ ସାମ୍ବାଦିକ ପାଣ୍ଡବ ଚରଣ ଦାସ, ସମାଜସେବୀ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ମୋ ଢେଙ୍କାନାଳର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଚାରକ ରୂପେ ବିଜୟ କୁମାର ମିଶ୍ର, ରାଜଶ୍ରୀ ପ୍ରଧାନ, ସୌମ୍ୟାଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଫାଉଣ୍ଡେସନର ସଦସ୍ୟ ସନ୍ଦୀପ କର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲିଟୁ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ବୃଦ୍ଧାଙ୍କୁ ଥଇଥାନ

ହିନ୍ଦୋଳ/ଖଜୁରିଆକଟା,୨୯ ।୧୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନର ଛୋଟ ଏକ ପ୍ରୟାସ ପକ୍ଷରୁ ଶନିବାର ଜଣେ ଅସହାୟ ବୃଦ୍ଧାଙ୍କୁ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି। ହିନ୍ଦୋଳ ଏନଏସି ୱାର୍ଡ ନଂ-୧୨ ବନମାଳୀପୁର ଗ୍ରାମରେ ଦୀର୍ଘବର୍ଷ ଧରି ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଥିବା ଅସହାୟ ପ୍ରମିଳା ସାହୁ (୭୭)ଙ୍କ ଦୁଃଖ ଶୁଣି ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କ ନିକଟରେ ପହଞ୍ଚିଥିଲେ। ପ୍ରମିଳାଙ୍କ ସମ୍ମତିକ୍ରମେ ତାଙ୍କୁ ଅନୁଗୋଳସ୍ଥିତ ମାନବ ସେବାଶ୍ରମର ଡ. ଚିନ୍ମୟୀ ଦିଦିଙ୍କ ଅଧୀନରେ ରଖାଇବା ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାହୁ, ବସନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ରେଫରି କର୍ମଶାଳା

ଢେଙ୍କାନାଳ,୨୯ ।୧୧(ସମିସ): ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ରେଫରି କର୍ମଶାଳାରେ ଢେଙ୍କାନାଳର ୨୪ଜଣ ରେଫରି ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଆସିଆନା ଜେନା, ମିଞ୍ଚା ହୋଙ୍ଗଲି, ଯଶଶ୍ରୀ ସାହୁ, ଶୁଭଶ୍ରୀ ମହାରଣା, ଶୁଭଶ୍ରୀ ଦାସ, ରଜନୀକାନ୍ତ ମଲ୍ଲିକ, ନିର୍ମାଲ୍ୟ ମଲ୍ଲିକ, ମୁକେଶ କୁମାର ମଲିକ, ଇପସିତା ପ୍ରିୟଦର୍ଶିନୀ ନାୟକ, ଗାୟତ୍ରୀ ସାହୁ ପ୍ରମୁଖ ରହିଛନ୍ତି। ଭଦ୍ରକ ବ୍ଲକ ଇଛାପୁର କାର୍ମୋଲ ସ୍କୁଲ ପରିସରରେ ଅନୁଷ୍ଠିତ ଶିବିରରେ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ରେଫରୀ ଦକ୍ଷିଣ କୋରିଆର ମାଷ୍ଟର ସିୟଙ୍କ କୁକୁ ଜ୍ୟାଙ୍ଗ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଥିଲା। ଓଡ଼ିଶାରୁ ୬୦ରୁ ଅଧିକ ରେଫରି ଯୋଗଦେଇଥିଲେ। ପ୍ରଶିକ୍ଷଣପ୍ରାପ୍ତ ରେଫରିମାନଙ୍କୁ ସମ୍ମାନିତ କରାଯାଇଥିବା ଅନୁଷ୍ଠାନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ







ଢେଙ୍କାନାଳ,୨୯ ।୧୧(ସମିସ)

ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହେଉଛି। ଏହି ଅଭିଯାନରେ ଢେଙ୍କାନାଳ ଜିଲ୍ଲାର ୫୦, ଅନୁଗୋଳ ଜିଲ୍ଲାର ୫୦ ଓ ବୌଦ୍ଧ ଜିଲ୍ଲାର ୨୫ ଗ୍ରାମରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସଚେତନତା ରାଲି ଆୟୋଜନ କରାଯାଇଛି। କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ସ୍କୁଲ ଛାତ୍ରଛାତ୍ରୀ, ଗ୍ରାମବାସୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସିଆରପି, ମହିଳା ନେତ୍ରୀ, ୱାର୍ଡ ମେମ୍ବର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମଗୁଡ଼ିକରେ ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରାଯାଇଛି। ବିଭିନ୍ନ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ଶପଥପାଠ କରାଯାଇଥିଲା।

**ଢେଙ୍କାନାଳ:** ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନକୁ ସଫଳ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଢେଙ୍କାନାଳରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ ଓ ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନ୍ (ଆଭା)ର ମିଳିତ ସହଯୋଗରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ କଙ୍କଡ଼ାହାଡ଼ ବ୍ଲକ ବାଲ୍ୟ ବିବାହମୁକ୍ତ ହୋଇ ପାରିଛି ବୋଲି କହିଥିଲେ। ଏହି ଧାରା ଆଗାମୀ ଦିନରେ ଯେପରି ବଳବତ୍ତର ରହିବ ସେଥିପ୍ରତି ଯତ୍ନବାନ ରହିବାକୁ କହିଥିଲେ। ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସିଡିପିଓମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ଫଳବତୀ ହୋଇପାଇଛି। ତେଣୁ ଅନ୍ୟ ବ୍ଲକର କର୍ମୀମାନେ ଉତ୍ସାହ ଓ ନିଷ୍ଠାର ସହ କାମ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଦାରିଦ୍ର୍ୟ ଓ ଶିକ୍ଷାର ଅଭାବ ଯୋଗୁଁ ଏପରି ବାଲ୍ୟ ବିବାହ ହେଉଥିବା କହିଥିଲେ। ଡିଏସ୍‌ପି ସୁଷମା ପ୍ରଧାନ, ସିଡବ୍ଲ୍ୟୁସି ଚେୟାରମ୍ୟାନ ପୁଷ୍ପକ ତ୍ରିପାଠୀ, ଡିସିପିୟୁର ଲିଗାଲ ପ୍ରୋବେସନ ଅଫିସର ପ୍ରଦୀପ ସାହୁ, କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରା ଯୋଗଦେଇ ବାଲ୍ୟ ବିବାହ ଦ୍ୱାରା ଝିଅମାନେ କିଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଉଲ୍ଲେଖ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ୨୦୨୮ ସୁଦ୍ଧା ଢେଙ୍କାନାଳକୁ ବାଲ୍ୟ ବିବାହମୁକ୍ତ ଜିଲ୍ଲାରେ ପରିଣତ କରାଯିବାକୁ ଲକ୍ଷ୍ୟ ରହିଥିବା କହିଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ବ୍ଲକର ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ସିଡିପିଓ ଯୋଗଦେଇଥିଲେ।

## ବୃଦ୍ଧାଶ୍ରମରେ କମ୍ବଳ ବଣ୍ଟନ

ଟାଙ୍ଗୀ,୨୯।୧୧(ସମିସ): ଟାଙ୍ଗୀର ଉଦୀୟମାନ ଯୁବ ସମାଜସେବୀ ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଶନିବାର ସପରିବାରେ ଆସି ଟାଙ୍ଗୀ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଶୀତ ବସ୍ତ୍ର କମ୍ବଳ ଓ ଜଳଖିଆ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ଓକିଲ ସଂଘର ସଭାପତି ଭାସ୍କର ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ମନୋଜ ପଟ୍ଟନାୟକ, ଆଇନଜୀବୀ ସନ୍ଦୀପନି ମିଶ୍ର, ସାମ୍ବାଦିକ ଆଲୋକ ମହାରଣା, ଆଇନଜୀବୀ ଜଗନ୍ନାଥ ବେହେରା, ଆଇନଜୀବୀ ଜ୍ଞାନରଞ୍ଜନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ପରଲୋକ

ଟାଙ୍ଗୀ,୨୯।୧୧(ସମିସ): କନ୍ଧନୟାଗଡ଼ ଗ୍ରାମର ଜଣେ ସରଳ, ନିରୀହ ତଥା ନିର୍ବିବାଦୀୟ ବୟୋବୃଦ୍ଧ ବ୍ୟକ୍ତି ବଂଶୀଧର ସିଂହଙ୍କ ଗତ ଶୁକ୍ରବାର ଦିନ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ବହୁ ବର୍ଷ ପୂର୍ବେ ଅବିଭକ୍ତ ଚାନ୍ଦପୁର ପଞ୍ଚାୟତର ସେ ୱାର୍ଡସଭ୍ୟ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶବ ସତ୍କାର କରାଯାଇଛି। ପୁତ୍ର ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ମହିଳା ହିଂସା ବିରୋଧୀ ଅଭିଯାନ

ବାଣପୁର,୨୯ ।୧୧(ସମିସ): ବାଣପୁର ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ମହିଳା ହିଂସା ବିରୋଧୀ ଅଭିଯାନର ପଞ୍ଚମ ଦିବସରେ ଶାଳିଆ ଆଶ୍ରମ ବିଦ୍ୟାଳୟ ପରିସରରେ ଶିଶୁକନ୍ୟାଙ୍କ ସୁରକ୍ଷା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନତା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସନ୍ଧ୍ୟା ଦେବୀ ଯୋଗଦେଇ ଡିଜିଟାଲ ହିଂସା, ମହିଳା ସୁରକ୍ଷା ଆଦି ଆଇନ ଗତ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଟ୍ରଷ୍ଟର ସଂଯୋଜକ ପ୍ରମୋଦ ଜେନା, କ୍ଷେତ୍ର ସଂଯୋଜକ ବୀରେନ୍ଦ୍ର କୁମାର ବେହେରା ସାମିଲ ହୋଇ ପରିବେଶ ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କର୍ମୀ ରଂଜନ ପ୍ରଧାନ, ରିଙ୍କି ବେହେରା, ସୁରେନ୍ଦ୍ର ଶବର, ସୁଶାନ୍ତ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶ୍ରୀ ଟୁନିଦାସ ଧନ୍ୟବାଦ ଦେଇଥିଲେ।

## ପଥର ଟ୍ରକ ଜବତ; ଚାଳକ ଫେରାର

ବେଗୁନିଆ,୨୯।୧୧(ସମିସ): ବାଘମାରୀ ଥାନା ଅଟ୍ରି ଠାରେ ପୁଲିସ ପାଟ୍ରୋଲିଂ ସମୟରେ ଦୁଇଟି ପଥର ବୋଝେଇ ଟ୍ରକ ଜବତ କରିଛି। ଚାଳକ ଚତୁରତାର ସହ ଫେରାର ହୋଇ ଯାଇଥିବା ବେଳେ ଟ୍ରକକୁ ଜବତ କରି ଥାନାରେ ରହିଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ପଥର ମାଫିଆଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨୯।୧୧(ସମିସ): ଖୋର୍ଦ୍ଧା ବ୍ଲକ ମଳିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ରଜନୀ କୁମାରୀ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଂପୁର ସରପଂଚ ସୋନାଲି ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ମଣ୍ଡଳ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସଂଯୁକ୍ତା ସାହୁ, କାଳୁ ଖଣ୍ଡେଇତରାୟ, ପିଷ୍ଟା ଖୋର୍ଦ୍ଧା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ବିଆରସିସି ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୧୦ ଜଣ ଛାତ୍ର ଛାତ୍ରୀ ଓ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଶ୍ରୀମତୀ ନାୟକ କିପରି ଜଣେ ଆଦର୍ଶ ଶିକ୍ଷୟତ୍ରୀ ଥିଲେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଏସଏମସି ସଭାପତି ତ୍ରିଲୋଚନ ନିଶଙ୍କ, ପଂଚସଖା ସେତୁ ସଭାପତି ପ୍ରମୋଦ ପ୍ରତାପ ସିଂହ, ପୂର୍ବତନ ଶିକ୍ଷକ ପ୍ରତାପ ଚମ୍ପତିରାୟ ବିଦାୟୀ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କୁ କିପରି ନିଜର ପୁତ୍ର କନ୍ୟା ପରି ଦେଖୁଥିଲେ ସେ ବିଷୟ ପ୍ରକାଶ କରିଥଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶଙ୍କର ବଳିଆର ସିଂହ ଓ ଗୋପୀନାଥ ବଳିଆର ସିଂହ, ପ୍ରହଲ୍ଲାଦ ବାରିକ, ଜଗନ୍ନାଥ ସିଂ, ଶୈଳ ଦେଇଙ୍କୁ ଇତ୍ୟବସରେ ସମ୍ବର୍ଦ୍ଧିତ କରଯାଇଥିଲା। ଶିକ୍ଷକ ପ୍ରମୋଦ ଭୁଜବଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହରଥା ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ବ୍ୟାବସାୟିକ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ

# ସ୍ୱଚ୍ଛତା ବଜାୟ ରଖି ଯୋଜନାର ସୁଫଳ ଉପରେ ଗୁରୁତ୍ୱାରୋପ

ଖୋର୍ଦ୍ଧା,୨୯।୧୧(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଲା ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳିକା ସମୁଚିତା ମଲ୍ଲିକ ମଂଚାସୀନ ଥିବା ବେଳେ ଇପିକଲ ବୃହତ୍ ବୃତ୍ତିଗତ ସେବା ସଂସ୍ଥା ସହଯୋଗୀ ସମୀର ଦାସ, ଏସ.କେ. ବେହେରା, ପରିଚାଳକ ତେଜସ କୁଲକର୍ଣ୍ଣି, ପରିଚାଳିକା ସିକିଲ ମିଶ୍ର,ଟିମ୍ ଲିଡର, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦିପା) ଜୟ ପ୍ରକାଶ ସ୍ୱାଇଁ, ଆଇପିଇ, (ଦୀପା) ଓମ୍ ପ୍ରକାଶ ଶତପଥୀ, ଏପିଇ (ଦୀପା) ଲୋକନାଥ ବିଶ୍ୱାଳ ଯୋଗ ଦେଇଥିଲେ।

ବିଷୟ ବିଶେଷଜ୍ଞ ତେଜସ୍ କୁଲକର୍ଣ୍ଣି ଓ ସିକିଲ୍ ମିଶ୍ର ସରକାରଙ୍କ ୪୬ଗୋଟି ବିଭାଗର ବିଭିନ୍ନ ଯୋଜନାରେ ଜନସାଧାରଣ ଏକକ କୌଶଳ ସିଙ୍ଗିଲ ଉଇଣ୍ଡୋ ଗୋସ୍ୱିଫ୍ଟ ଅନଲାଇନ୍ ମାଧ୍ୟମରେ ହିତାଧିକାରୀ ମାନେ କିପରି ଉପକୃତ ହେବେ ସେ ସମ୍ପର୍କରେ ବୈଠକରେ ଯୋଗ ଦେଇଥିବା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେବାସହ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ।

ଜିଲ୍ଲା ସ୍ତରରେ ଯେଉଁମାନେ ବ୍ୟବସାୟ କରିବା ନିମନ୍ତେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଇପିକଲ୍, ପିଡବ୍ଲୁସି ତରଫରୁ ସୁବିଧା ଓ ସହଜ, ଡିପିଆର ପ୍ରସ୍ତୁତ କରିବା ଏବଂ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବା, ବାଣିଜ୍ୟିକ ପ୍ରତିଷ୍ଠାନ ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସାଧନ ସୁବିଧା ସମସ୍ତ ତଥ୍ୟ ବିଭାଗ ଅନୁଯାୟୀ ଗୋସ୍ୱିଫ୍ଟରେ ଯୋଗାଇ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଜନିତ ପ୍ରତ୍ୟେକ ବିଭାଗ ହିତାଧିକାରୀମାନଙ୍କୁ ସଠିକ୍ ସମୟରେ ସ୍ୱଚ୍ଛତା ବଜାୟ ରଖି ଯୋଜନାର ସୁଫଳ ପାଇ ପାରିବେ ବୋଲି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳିକା ସମୁଚିତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଭୁବନେଶ୍ୱର ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶୁଭେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଅଶୋକ ବେହେରା, ବ୍ୟାଙ୍କ ପରିଚାଳକ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଜଟଣୀ ମଣ୍ଡଳସ୍ତରୀୟ ଯୁବ ମହୋତ୍ସବ



ଜଟଣୀ,୨୯।୧୧(ସମିସ): ଜଟଣୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ "ଜଟଣୀ ମଣ୍ଡଳ ସ୍ତରୀୟ ଯୁବ ମହୋତ୍ସବ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜଟଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକଶିତ ଭାରତର ବିକାଶ ଦିଗରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ବିକଶିତ କରି ରାଷ୍ଟ୍ର ନିମିତ୍ତ ସମର୍ପିତ ପାଇଁ ଯୁବ ସମାଜକୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଇଞ୍ଜିନିୟରିଂ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଇଂ ରାଜେନ୍ଦ୍ର ପ୍ରସାଦ ନାୟକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱପ୍ନା ମଲ୍ଲିକ ଯୁବ ମହୋତ୍ସବର ତାତ୍ପର୍ଯ୍ୟ ପ୍ରତିପାଦିତ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ସୁଶାନ୍ତ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଟଣୀ ବ୍ଲକର ସମସ୍ତ ମହାବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ମୋ ଭାରତ (ମାଇଁ ଭାରତ) ପୋର୍ଟାଲରେ ପଞ୍ଜୀକରଣ କରି ୭ଟି ବିଭାଗରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲା ସ୍ତରକୁ ମନୋନିତ ହୋଇଥିଲେ। ଜଟଣୀ ମହାବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ତପସ୍ୟା ସାହୁ, କବିତା ଲିଖନରେ ସିଦ୍ଧାର୍ଥ ଦାସ, ଗଳ୍ପ ଲିଖନ ରେ ଇତିଶ୍ରୀ ଦାସ ପ୍ରଥମ ହୋଇଥିବା ବେଳେ ଦଳଗତ ପ୍ରତିଯୋଗିତା ଲୋକନୃତ୍ୟ, ଲୋକ ଗୀତ, ବିଜ୍ଞାନ ମେଳାରେ ମଧ୍ୟ ଜଟଣୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସନାତନ ହରିଚନ୍ଦନ ମଦନପୁର ମହାବିଦ୍ୟାଳୟ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡ. ରଶ୍ମିତା ନାୟକ ଓ ଟୁଲୁ ଦେଇ ମଞ୍ଚ ପରିଚାଳନା କରିଥିଲେ। ଡ. ସୁଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାବସାୟିକ ପ୍ରତିଷ୍ଠାନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

ବାଲୁଗାଁ, ୨୯।୧୧(ସମିସ) : ବାଲୁଗାଁ ଓ ବାଣପୁର ଭଳି କ୍ଷୁଦ୍ର ସହରରେ ଦିନକୁ ଦିନ ଛତୁ ଫୁଟିଲା ଭଳି ଶପିଂ ମଲ୍, ଶିକ୍ଷାନୁଷ୍ଠାନ, ନର୍ସିଂହୋମ୍, ହୋଟେଲ ଓ ପେଟ୍ରୋଲ ପମ୍ପ ଆଦି ଖୋଲିବାରେ ଲାଗିଛି। ସରକାରଙ୍କ ନିୟମାନୁଯାୟୀ ଶପିଂମଲ୍, ଶିକ୍ଷାନୁଷ୍ଠାନ, ନର୍ସିଂହୋମ୍, ମେଡିକାଲ, ହୋଟେଲ ଓ ପେଟ୍ରୋଲ ପମ୍ପ ଆଦି ସ୍ଥାପନ କରିବା ପୂର୍ବରୁ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଅଗ୍ନିଶମ ବିଭାଗ ଠାରୁ ପ୍ରମାଣ ପତ୍ର ଓ ଏନଓସି ଆଣିବା ନିତ୍ୟାନ୍ତ ଆବଶ୍ୟକ। ମାତ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳର ଅଧିକାଂଶ ଅନୁଷ୍ଠାନରେ ସେଭଳି ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳୁ ନଥିବା ବେଳେ ଏନଓସି ବା ପ୍ରମାଣ ପତ୍ର ନ ଥିବା ଜଣାଯାଇଛି। ଧର୍ମକୁ ଆଖି ଠାର ମାରିବା ସଦୃଶ ଲୋକ ଦେଖାଣିଆ ଭାବେ କେତେକ ସଂସ୍ଥାରେ ମୁଖ୍ୟ ପ୍ରବେଶ ପଥ ନିକଟରେ ଅଗ୍ନି ନିରାପତ୍ତା ଯନ୍ତ୍ର ଲଗାଯାଇଛି ଯାହା ଅକାମୀ ହୋଇ ପଡିଥିବା ଜଣାଯାଇଛି। ଅନ୍ୟପଟେ ପ୍ରଶାସନ ସବୁ ଜାଣି ନ ଜାଣିଲା ଭଳି ନିଦାବିଷ୍ଟ ସାଜିଛି। ଏହି ସମସ୍ତ ସ୍ଥାନରେ ହଠାତ ନିଆଁ ଲାଗିଲେ ସେଠାରୁ ସୁରକ୍ଷିତ ବାହାରିବା କାଠିକର ପାଠ। ଖୁଲମ ଖୁଲା ସଠିକ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା ନ ଥାଇ ତଥା ଲଗାଯାଇଥିବା ଅଗ୍ନି ନିରାପତ୍ତା ଯନ୍ତ୍ର ସଠିକ କାର୍ଯ୍ୟକ୍ଷମ କି ନାହିଁ, ଏଥିପ୍ରତି ଗୁରୁତ୍ୱ ଦିଆଯାଇ ଅଗ୍ନିଶମ ବିଭାଗ ପକ୍ଷରୁ ଚଢ଼ଉ କରି ଯାଞ୍ଚ କରାଯାଉ ନ ଥିବାରୁ ବହୁ ପ୍ରତିଷ୍ଠାନ ଏଥିପ୍ରତି ଖାମଖିଆଲ ମନୋଭାବ ପୋଷଣ କରୁଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଇ ଚଢାଉ କରାଯାଇ ଉପଯୁକ୍ତ ଯାଞ୍ଚ କରାଯିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି।

## ଓଷ୍ଟା ପକ୍ଷରୁ ବାଣପୁର ବ୍ଲକସ୍ତରୀୟ ଶିଶୁ ମେଳା

ବାଣପୁର,୨୯ ।୧୧(ସମିସ) : ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ବାଣପୁର ବ୍ଲକସ୍ତରୀୟ ଶିଶୁ ମେଳା ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୨ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଓଷ୍ଟାର ବାଣପୁର ବ୍ଲକ ସଭାପତି କୈଳାସ ଚନ୍ଦ୍ର ଲାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଶିଶୁ ମେଳା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ମୁଖ୍ୟବକ୍ତା ଭାବେ ବାଣପୁର ବରିଷ୍ଠ ନାଗରିକ ସଂଘ ସଭାପତି ଡଃ ଚିନ୍ତାମଣି ମିଶ୍ର, ସମ୍ମାନିତ ଅତିଥି ଭାବେ ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ଶିଶିର ଦାସ, ଓଷ୍ଟାର ବାଣପୁର ବ୍ଲକ ଉପ-ସଭାପତି ମମତା ହୋତା ଓ ସଂପାଦକ ଗତି କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ, ଶିଶୁମେଳା ମାଧ୍ୟମରେ ହିଁ ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣ ପ୍ରସ୍ଫୁଟିତ ହେବା ସହ ସେମାନଙ୍କର ଭବିଷ୍ୟତ ଜୀବନ ଗଠନ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଶିଶୁ ମେଳାରେ ୧୦ଟି ବିଦ୍ୟାଳୟର ସମୁଦାୟ ୧୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, କଣ୍ଠସଂଗୀତ, ନୃତ୍ୟ, ଆବୃତ୍ତି, କବିତା, ଗଳ୍ପ ଲିଖନ, ଏକକ ଅଭିନୟ ଓ ଚିତ୍ରାଙ୍କନ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର ଓ କବି ଦିଗମ୍ବର ବିଶ୍ୱାଳ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିଥିଲେ। ତର୍କ ପ୍ରତିଯୋଗିତାରେ ଚନ୍ଦନ ମୁଦୁଲି, ଚିତ୍ରାଙ୍କନରେ ବିଶ୍ୱଜିତ୍ ବେହେରା, କଣ୍ଠ ସଂଗୀତରେ ସଂଗୀତା ବେହେରା, ନୃତ୍ୟରେ ଜ୍ୟୋତିପ୍ରଭା ବଳୀୟାରସିଂ ଓ ଏକକ ଅଭିନୟରେ ରାଜଶ୍ରୀ ପାତ୍ର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ଶିଶୁମେଳା ପାଇଁ ମନୋନୀତ ହୋଇଛନ୍ତି। ଅଙ୍କିତା ମିଶ୍ର, ଜ୍ଞାନରଂଜନ ବେହେରା, ପ୍ରିୟଦର୍ଶିନୀ ମହାରଣା ଓ ଡି. ବାସୁପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୨୯।୧୧(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ବରିକୋ ବଧିପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା କୁମାରୀ ଦେଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବ୍ଲକ ଶିକ୍ଷକ ସଂଘର ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପଦ୍ମନାଭ ବିଶ୍ୱାଳ, ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ଜିଲ୍ଲା ସହ ସମ୍ପାଦକ ସମରେଶ ବେହେରା, ବଳରାମଦେବ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ବଳବନ୍ତରାୟ, ସିଆର୍‌ସିସି ଦୁଃଶାସନ ପ୍ରଧାନ, ସରପଞ୍ଚ ମଧୁସୂଦନ ପଲାଇ, ପ୍ରଥମ ଓଡ଼ିଶାର ଜିଲ୍ଲା ସଂଯୋଜକ ରାକେଶ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ବିଶ୍ୱାଳ।



### ବାଣପୁର ପୁଲିସ ଓ ପରିବହନ ବିଭାଗର ଯାନବାହାନ ଯାଞ୍ଚ

## ୧୦୪ ଜଣଙ୍କୁ ୬ ଲକ୍ଷ ଜରିମାନା

ବାଣପୁର,୨୯।୧୧(ସମିସ) : ବାଣପୁର ପୁଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ଶୁକ୍ରବାର ରାତିରେ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ କରି ବେଆଇନ ଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିଥିଲେ।

ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଓ ଖୋର୍ଦ୍ଧା ଟ୍ରାଫିକ ଉପ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବାଣପୁର ବାଇପାସ ଓଭର ବ୍ରିଜ, ଜାତୀୟ ରାଜପଥ ଅଞ୍ଚଳରେ ପୃଥକ ଭାବେ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ମୋଟର ଯାନ ଆଇନ ଉଲ୍ଲଂଘନ ତଥା ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ଆବଶ୍ୟକ ବୀମା ନ ଥିବା, ସିଟ ବେଲ୍ଟ ନ ବାନ୍ଧିବା, ଦୁଇ ଚକିଆ ଯାନରେ ୩ ଜଣ ବସିବା, ମଦ୍ୟପାନ କରି ଗାଡ଼ି ଚଲାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜାତ ଆଦି ଯାଞ୍ଚ କରି ମୋଟ ୧୦୪ ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୬ ଲକ୍ଷ ୧୨ ହଜାର ୫ ଶହ ଟଙ୍କାର ଜରିମାନା ରସିଦ ପ୍ରଦାନ କରା ଯାଇଛି। ଏଥିସହ ୧୧ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହେବା ସହ ୪୬ ଜଣ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ମାସ ପର୍ଯ୍ୟନ୍ତ ନିଲମ୍ବନ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସୁପାରିସ କରାଯାଇଛି।



## ରାମେଶ୍ୱର ଚ୍ୟାଲେଞ୍ଜ କପ୍ ଦିବାରାତ୍ର କ୍ରିକେଟ ଉଦ୍‌ଘାଟିତ



ନିରାକାରପୁର, ୨୯।୧୧ (ସମିସ): ସ୍ଥାନୀୟ ରାମେଶ୍ୱର ଖେଳ ପଡିଆଠାରେ ନେତାଜୀ କ୍ଲବ ଆୟୋଜନରେ ରାମେଶ୍ୱର ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ପ୍ରଥମ ବାର୍ଷିକ ରାମେଶ୍ୱର ଚ୍ୟାଲେଞ୍ଜ କପ କ୍ରିକେଟ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଅତିଥିଭାବେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘର ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳର ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାସ୍ତରୀୟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ରାତି ତମାମ ଏହି ଖେଳ ଚାଲୁ ରହିବ ବୋଲି ଆୟୋଜକ କମିଟି ସଭାପତି ଚକ୍ରଧର ବାରିକ ସୂଚନା ଦେଇଛନ୍ତି। ଆଲୋକ ରଞ୍ଜନ ସାହୁ ଓ ଦେବାଶିଷ ସାହୁ ଖେଳ ପରିଚାଳନା କରୁଛନ୍ତି। ରଘୁନାଥ ପ୍ରଧାନ, ରାଜେଶ ତ୍ରିପାଠୀ, ହିମାଂଶୁ ମହାନ୍ତି, ଅଜୟ କୁମାର ସାହୁ, ତନ୍ମୟ ମହାପାତ୍ର, ଅନିଲ ପଟ୍ଟନାୟକ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

### କୁମାରବସ୍ତ ଲୋକନାଥ ଦେବ କ୍ରିକେଟ

## ଆଇଆର୍‌ବି ଓ ଯାଆଁଳା ଚାମ୍ପିଅନ

ଖୋର୍ଦ୍ଧା,୨୯।୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆଠାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇ ଆର ବି ଦଳ ପଳାଶ ପୁର ଦଳକୁ ୫ ୱିକେଟରେ ପରାସ୍ତ କରିଛି। ପଳାଶ ପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୬ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଇ ଆର ବି ଦଳ ୧୪ ଓଭର ରେ ଆବଶ୍ୟକ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ହେମନ୍ତ ପ୍ରଧାନ ଧୂଆଁଧାର ୩୧ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚ (ମିନି ନନ୍ ଆଧାର) ଟସ ଜିତି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସତ୍ୟ ସୁନ୍ଦର ପଟ୍ଟନାୟକ ୩୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦ ପ୍ରସାଦ ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଯାଆଁଳା ଦଳ ଏହି ମ୍ୟାଚ୍ କୁ ୪୮ ରନ୍ ରେ ଜିତି ନେଇ ଚାମ୍ପିଅନ ହେଇଥିଲା। (ଆଧାର) ରେ ଶ୍ରେଷ୍ଠ ବ୍ୟାଟର୍ ଭାବେ ସୁଶିଲ ପ୍ରଧାନ, ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଓ ଟୁର୍ଣ୍ଣାମେଂଟ ର ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଦାନ ପୁରସ୍କୃତ ହୋଇଥିଲେ।



ସେହିପରି( ମିନି ନନ ଆଧାର)ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଓ ଟୁର୍ଣ୍ଣାମେଂଟ ର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଆଜିର ସଭାରେ ମୁଖ୍ୟଅତିଥି ଭାବରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଟାଙ୍ଗିଆପଡ଼ା ଗ୍ରାମ ପଂଚାୟତ ର ସରପଂଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇଜିଂ ଷ୍ଟାର କ୍ଲବର ସଭାପତି ସଞ୍ଜୟ ପାଇକରାୟ, ମଣ୍ଡଳ ସଭାପତି ଉତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତସିଂହାର, ରାମଚନ୍ଦ୍ର ସାମନ୍ତରାୟ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ସୋଭକର ପାତ୍ର ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ, ପାର୍ଥସାରଥୀ ରାଉତରାୟ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାରସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

### ● ଗୟାବନ୍ଧ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ

## ଖୋର୍ଦ୍ଧା ବାଲୁଙ୍କେଶ୍ୱର କ୍ଲବ ଚାମ୍ପିଅନ

ନିରାକାରପୁର,୨୯।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ବାପୁଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା ବାଲୁଙ୍କେଶ୍ୱର କ୍ଲବ ଗୟାବନ୍ଧ ବାପୁଜୀ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ଆଠଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚରେ ବାଲୁଙ୍କେଶ୍ୱର କ୍ଲବ ୨୦-୧୭, ୧୫-୨୦ ଓ ୧୫-୧୩ ରେ ଗୟାବନ୍ଧ ବାପୁଜୀ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ଏହି ଖେଳକୁ ଶରତ କୁମାର ଛୋଟରାୟ, ଜଗା ସାମନ୍ତ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ସମାଜସେବୀ ସୁଶାନ୍ତ କୁମାର ଶ୍ରୀଚନ୍ଦନ ଓ ଭାଗିରଥି ଭୁଜବଳ ଯୋଗଦେଇ ବିଜେତା ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

ଜୟକୃଷ୍ଣ ଶ୍ରୀଚନ୍ଦନ, ସାଜିଦ୍ ଖାଁ, ଅର୍ଜୁନ ଭୁଜବଳ, ମଞ୍ଜୁର ଖାଁ, ଗୌଶ ଖାଁ, ସନ୍ତୋଷ ଭୁଜବଳ, ଆଲୋକ ଭୁଜବଳ ଓ ବିଶ୍ୱନାଥ ଭୁଜବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ‘ଯୌତୁକ ନିବାରଣ ଅଧିନିୟମ ଆଇନ’ ତାଲିମ ଶିବିର



ମାଲକାନଗିରି, ୨୯ ।୧୧(ସମିସ): ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ : ଯୌତୁକ ନିବାରଣ ଅଧିନିୟମ ଆଇନ, ୧୯୬୧ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ, ପିଓ ଟି. ଜୟାଲକ୍ଷ୍ମୀ, ମହିଳା ସଶକ୍ତିକରଣର ଜିଲ୍ଲା ସଂଯୋଜକ ମନ ମୋହନ ସରକାର ଉପସ୍ଥିତ ରହି ଜିଲ୍ଲାରେ ଯେପରି କୌଣସି ମହିଳା ଯୌତୁକ ପ୍ରଥା ପାଇଁ ପୀଡିତ ନ ହୁଅନ୍ତୁ ସେନେଇ ଜିଲ୍ଲାରେ ଗାଁ ଗାଁରେ ମହିଳାମାନଙ୍କୁ ସଚେତନ କରିବାକୁ କହିଥିଲେ। ଏଥିରେ ସିଡିପିଓ, ସୁପରଭାଇଜର, ଜିଲ୍ଲାର ସମସ୍ତ ମହିଳା ପୁଲିସ ସହାୟକ ଡେସ୍କର ସଦସ୍ୟମାନେ ଉପସ୍ଥିତ ଥିଲେ। ଶକ୍ତି ସଦନ କର୍ମଚାରୀ, ଓଁଷ୍ଟାଫ୍‌ର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପୂଜକ ଓ ପଣ୍ଡିତ, ଡିଏଲଏସ୍ କର୍ମଚାରୀ ବୃନ୍ଦ, ବିଭିନ୍ନ କଲେଜର କର୍ମଚାରୀ ବୃନ୍ଦ, ଛାତ୍ର ସଂଘ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରି ଉପସ୍ଥିତ ଥିଲେ। ଏହି ଶିବିରରେ ଚିଫ୍ ଲିଗାଲ ଡିଫେନ୍ସ କାଉନସେଲର ଅଶୋକ କୁମାର ପଟ୍ଟନାୟକ, ଡିଏସପି ମମତା ପାଣିଗ୍ରାହୀ ଯୌତୁକ ନିବାରଣ ଅଧିନିୟମ ଆଇନ-୧୯୬୧ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

## ଗୁଡାରୀରେ ଧନଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି



ଗୁଡାରୀ, ୨୯।୧୧(ସମିସ): ମା’ ଧନଲକ୍ଷ୍ମୀଙ୍କ ପୂଜା ପାଇଁ ଗୁଡାରୀରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧନ ଲକ୍ଷ୍ମୀପୂଜା କମିଟିର ପକ୍ଷରୁ ଏହି ପୂଜା ଆୟଜନ କରାଯାଉଛି। ତୋରଣ, ଆଲୋକ ସଜ୍ଜା ସହ ସମସ୍ତ କାମ ଶେଷ ହୋଇଛି। ମା’ଙ୍କ ମୂର୍ତ୍ତି ଅସ୍ଥାୟୀ ମଣ୍ଡପକୁ ଅଣାଯାଇଛି। ଆସନ୍ତା ରବିବାର ମା’ଙ୍କ ପୂଜା ଅନୁଷ୍ଠିତ ହେବ। ମା’ ଧନଲକ୍ଷ୍ମୀଙ୍କ ଚକ୍ଷୁଦାନ ପରେ ମା’ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ୭ ଦିନ ଧରି ଆସ୍ଥାୟୀ ମଣ୍ଡପରେ ମା’ ପୂଜା ପାଇବେ। ଏହି ସାତ ଦିନ ମଧ୍ୟରେ ଅଷ୍ଟପ୍ରହରୀ ନାମଯଜ୍ଞ ଏବଂ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିପାଇଁ କମିଟି ସଦସ୍ୟ ସମସ୍ତ ନଗର ଏବଂ ପଞ୍ଚାୟତବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ସମସ୍ୟା ନେଇ କମ୍ପାନୀ ଅଧ୍ୟକ୍ଷଙ୍କୁ ଘେରିଲେ ଲୋକେ; ପ୍ରତିଶ୍ରୁତି ପରେ ଓହରିଲେ

ଲକ୍ଷ୍ମୀପୁର, ୨୯।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବିରିଗୁଡ଼ା ଗାଁ ମହିଳା, ପୁରୁଷ, ଯୁବକ, ଯୁବତୀ ମିଶି ଶୁକ୍ରବାର ଆଦିତ୍ୟ ବିର୍ଲା କମ୍ପାନୀ ଅଧ୍ୟକ୍ଷଙ୍କୁ ବିଭିନ୍ନ ସମସ୍ୟା ନେଇ ଘେରିଥିଲେ। ସେମାନେ ନିଯୁକ୍ତି, ଠିକା କାମ, ଜମି ବାବଦକୁ ନୂତନ ନିୟମାନୁସାରେ ମୂଲ୍ୟ ପ୍ରଦାନ, ବିସ୍ଥାପିତ ଘୋଷଣା ଇତ୍ୟାଦି ଦାବି କରିଥିଲେ। କାରଖାନା ଆରମ୍ଭ ହୋଇ ଲୋକଙ୍କ ସମସ୍ୟା ଉପରେ ପ୍ରାଧାନ୍ୟ ନଦେଇ କାମ ଆଗେଇ ଚାଲିଛି ବୋଲି ଅଭିଯୋଗ କରିଥିଲେ। ଲକ୍ଷ୍ମୀପୁର ଅଞ୍ଚଳର ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ନେଇ ଆଜି ପର୍ଯ୍ୟନ୍ତ କୌଣସି ଆଲୋଚନା ମଧ୍ୟ ନ ଥିବା ହେତୁ ଲୋକେ ବାଧ ହୋଇ ଏପରି ପଦକ୍ଷେପ ନେଇଥିବା ଅଗସ୍ତି ହଲୱା, ସହଦେବ ବିଡିକା, ପୁର୍ଣ୍ଣ ମାଣ୍ଡିଙ୍ଗା ସମେତ ମହିଳା, ଯୁବକ, ଯୁବତୀମାନେ କହିଛନ୍ତି। ଶୁକ୍ରବାର ସକାଳେ ଶହ ଶହ ଲୋକ କମ୍ପାନୀ ଫାଟକ ନିକଟକୁ ଯାଇ ବିଭିନ୍ନ ନାରାବାଜି କରିଥିଲେ। ଏଥିସହ ଏକ ୭ ଦଫା ଦାବିପତ୍ର ମଧ୍ୟ ଦେଇଥିଲେ। ଦାବିପତ୍ର କମ୍ପାନୀ ଅଧ୍ୟକ୍ଷ ଗ୍ରହଣ କରି ସମସ୍ତ ବିଷୟ ତୁରନ୍ତ କିପରି ପୂରଣ ହେବ ସେ ଦିଗରେ ପଦକ୍ଷେପ ନେବି ବୋଲି କହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ। ଆରପିଡିଏସି ବୈଠକ ମଧ୍ୟ ଡିସେମ୍ବର ମାସରେ କିପରି ହୋଇ ପାରିବ ସେନେଇ ବିଭିନ୍ନ ବିଭାଗ ସହିତ ଯୋଗାଯୋଗ କରି ତୁରନ୍ତ ଆୟୋଜନର ବ୍ୟବସ୍ଥା ମଧ୍ୟ କରିବାକୁ ଅଧ୍ୟକ୍ଷ କହିଥିଲେ। ଆଗାମୀ ଦିନରେ ଏହି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



## ଆନ୍ଧ୍ର ଧାନ ରାୟଗଡ଼ାକୁ ଅନୁପ୍ରବେଶ ରୋକିବ ଆରଏମ୍‌ସି



ରାୟଗଡ଼ା, ୨୯।୧୧(ସମିସ): ଆସନ୍ତା ଡିସେମ୍ବର ୧୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେବାକୁ ଥିବାବେଳେ ଚଳିତ ମାସ ୧୫ ତାରିଖରୁ କପା ମଣ୍ଡି ଆରମ୍ଭ ହୋଇସାରିଛି। ତେବେ ଚଳିତ ଖରିଫ ବର୍ଷରେ ପଞ୍ଜିକୃତ ଚାଷୀମାନେ ଯେପରି ଦଲାଲମାନଙ୍କ କଥାରେ ପଡ଼ି ଧାନର ଉଚିତ ମୂଲ୍ୟ ଠାରୁ କମ ମୂଲ୍ୟରେ ଧାନ ବିକ୍ରି କରି କ୍ଷତି ନ ସହିବା ପାଇଁ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ପାଇବାରୁ ବଞ୍ଚିତ ନ ହେବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ପଡୋଶୀ ଆନ୍ଧ୍ର ପ୍ରଦେଶର ଧାନ ଓଡ଼ିଶା ରାୟଗଡ଼ା ଜିଲ୍ଲାକୁ ନ ଆସିବା ପାଇଁ ରାୟଗଡ଼ା ସଦର ବ୍ଲକ ପିପଲଗୁଡାଠାରେ ଜଗିବ ଆର୍‌ଏମ୍‌ସି। ଆସନ୍ତା ଦୁଇ ମାସ ପାଇଁ ଚେକ୍‌ଗେଟ, ସିସିଟିଭି କ୍ୟାମେରା ବ୍ୟବସ୍ଥା ଉପଲବ୍ଧ କରାଇବା ସହ ଅଧିକାରୀ କର୍ମଚାରୀ କିଭଳି ଉପସ୍ଥିତ ରହି ପାରିବେ ସେଥିପାଇଁ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କସ୍ତୁରୀ ସନ୍ୟାସୀ ରାଜୁଙ୍କ ସମେତ ଅନ୍ୟ ଆରଏମସି କର୍ମଚାରୀମାନେ ପହଞ୍ଚି ପିପଲଗୁଡ଼ାରେ ସ୍ଥାନ ଅନୁଧ୍ୟାନ କରିଛନ୍ତି। ପ୍ରକାଶ ଥାଉ କି, ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ଼ାସଦର ବ୍ଲକ ମୀରାବାଲି, ଦୁର୍ଗାପାଡୁ ଭଳି ପଞ୍ଚାୟତ ମୁଖ୍ୟରାସ୍ତା ଦେଇ ଆନ୍ଧ୍ରରୁ ଧାନ ଗାଡିଗୁଡିକ ରାୟଗଡ଼ାର ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି। ତେଣୁ ଏଭଳି କାରବାରକୁ ରୋକିବା ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ପିପଲଗୁଡାଠାରେ ଅସ୍ଥାୟୀ ଅତିରିକ୍ତ ଚେକ୍‌ଗେଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା।

### ହଷ୍ଟେଲରେ ଆହତ ଛାତ୍ରଙ୍କୁ ଗୃହବନ୍ଦୀ କରିବା ଘଟଣାକୁ ନେଇ ବର୍ଷିଲେ ପ୍ରଦୀପ ମାଝୀ

# ‘ଜିଲ୍ଲାପାଳ ଓ ଡିଡବ୍ଲ୍ୟୁଓ ସବୁ ଜାଣି ଗୁରୁତର ଛାତ୍ରଙ୍କୁ ଗୃହବନ୍ଦୀ କରି ରଖୁଥିଲେ’

ନବରଙ୍ଗପୁର, ୨୯।୧୧(ସମିସ)



- କାର୍ଯ୍ୟକ୍ରମ ଆଳରେ ଗୀତନାଚରେ ମଜି ରହୁଛନ୍ତି ଜିଲ୍ଲାପାଳ ଓ ଡିଡବ୍ଲ୍ୟୁଓ
- ଘଟଣାରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ କାକଡିସେମଳା ଗ୍ରାମ ସ୍ଥିତ ସେବାଶ୍ରମରେ ଅଧ୍ୟୟନରତ ଧନେଶ୍ୱର ଭତରା ନାମକ ୭ମ ଶ୍ରେଣୀ ଛାତ୍ର ଛାତ୍ରାବାସର ରୋଷେଇ ଘରେ ଗୁରୁତର ଆହତ ହେବା ପରେ ତାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୃହବନ୍ଦୀ କରି ରଖିଥିଲେ। ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ତାକୁ ଉଦ୍ଧାର କରି ଜିଲ୍ଲାପାଳ ଡ. ମହେଶ୍ୱର ସାଇଁଙ୍କୁ ହସ୍ତାନ୍ତର କରିବା ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ପ୍ରଦୀପ ମାଝୀ ଶନିବାର ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଘଟଣାରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏହା ବ୍ୟତିତ ଗୁରୁତର ଅବସ୍ଥାରେ ଥିବା ଧନେଶ୍ୱରର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଏହି ଘଟଣାରେ ସେ ସିଧାସଳଖ ଜିଲ୍ଲାପାଳ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ହିଁ ପ୍ରକୃତରେ ଦାୟୀ ଏବଂ ସବୁ ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି ବୋଲି କହିଛନ୍ତି ଶ୍ରୀ ମାଝୀ। ପ୍ରଦୀପଙ୍କ କହିବାନୁଯାୟୀ, ଜିଲ୍ଲା ପ୍ରଶାସନ କାଳେ ବଦନାମ ହେବ ବୋଲି ଆହତ ଛାତ୍ରଙ୍କୁ ଚିକିତ୍ସା ନକରି ୯ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ। ପିଲାଙ୍କ ଦ୍ୱାରା ବିଦ୍ୟାଳୟରେ ରନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ କରାଯାଇଛି। ଅନୁରୂପ ଭାବେ ଧନେଶ୍ୱର ରୋଷେଇ କରୁଥିବା ବେଳେ ପ୍ରେସରକୁକର ଫାଟିବା ଯୋଗୁଁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ବଦଳରେ ବାହାରରୁ ଔଷଧ ଦୋକାନରୁ ମଲମ କିଣି ଲେପ ଦିଆଯାଇଛି। ଏଭଳି ଘଟଣା ଜିଲ୍ଲାର ଏସସି ଏସଟି ବିଦ୍ୟାଳୟରେ ବହୁବାର ଘଟିଛି, ଗତ ସେପଟେମ୍ବର ମାସରେ ଚନ୍ଦାହାଣ୍ଡି ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ଗିତାଞ୍ଜଳୀ ମାଝୀ, କରଚାମାଳ ସେବାଶ୍ରମରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ନିଳାଦ୍ରୀ ମାଝୀ, ତୁରୁଡିହି ଆଶ୍ରମରେ ୭ମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ, ସୁନାବେଢ଼ା ଆଶ୍ରମରେ ପ୍ରଥମ ଶ୍ରେଣୀ ଛାତ୍ର ତରୁଣ ଗଣ୍ଡି, ସାନ ବାସିନୀ, ବଡ ବାସିନୀ ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ପ୍ରିତୀ ସମରଥ ସାମାନ୍ୟ ରୋଗରେ ଉପଯୁକ୍ତ ସମୟରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ବରଣ କରିଛନ୍ତି। ଏହି ମୃତ୍ୟୁ ସରକାରୀ କୃତ। ଜିଲ୍ଲାପାଳ, ଡିଡଓ, ଡିଇଓ, ବିଧାୟକ, ମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଟେଣ୍ଡର ବେପାର ଓ ନାଚ ଗୀତରେ ମସଗୁଲ ରହୁଛନ୍ତି। ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଚିନ୍ତା ସେମାନଙ୍କର ନାହିଁ। ଡିଡବ୍ଲ୍ୟୁଓ ଜଣେ ଦୁର୍ନିତୀ ଗ୍ରସ୍ତ ଅଧିକାରୀ ବୋଲି ବିଭିନ୍ନ ତଥ୍ୟ ପ୍ରମାଣ ସହ ଭିଜିଲାନ୍ସ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। ତଥାପି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଏଭଳି ଅନୁକମ୍ପା ପଛରେ ରହସ୍ୟ କଣ ରହିଛି ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏସ୍‌ସି ଏସ୍‌ଟି ମନ୍ତ୍ରୀ ଖୋଦ ନବରଙ୍ଗପୁର ଜିଲ୍ଲାର ହୋଇଥିବା ବେଳେ ସେ ଏଭଳି ଦୁର୍ନିତୀଗ୍ରସ୍ତ ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀମାନଙ୍କୁ ପ୍ରଶ୍ରୟ ଦେଇ ଚାଲିଛନ୍ତି। ଏହି ସବୁ ଘଟଣା କେବଳ ସରକାରୀ ପ୍ରଶାସନ କୃତ। ଜିଲ୍ଲାପାଳ, ଡିଡବ୍ଲୁଓ ଏବଂ ସମ୍ପୃକ୍ତ ଅଧିକାରୀ କେବଳ ବିଭିନ୍ନ କାର୍ଯ୍ୟକ୍ରମ କରି କେବଳ ନାଚ ଗୀତରେ ମସଗୁଲ ରହୁଛନ୍ତି, ନିରୀହ ଆଦିବାସୀଙ୍କ ଟଙ୍କାରେ ଅଏସ କରୁଛନ୍ତି କିନ୍ତୁ ଛୁଆଙ୍କ ଦେଖାରଖା କରିବା ବଦଳରେ ଗୁରୁତର ଛାତ୍ରଛାତ୍ରୀଙ୍କୁ ଗୃହବନ୍ଦୀ କରି ରଖି ଦେଉଛନ୍ତି। ଧନେଶ୍ୱରର କୌଣସି ପ୍ରକାର କ୍ଷତି ହେଲେ ଜିଲ୍ଲାପାଳ, ଡିଡବ୍ଲ୍ୟୁଓ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ଆଗାମୀ ଦିନରେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପ୍ରଦୀପ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ନଗର ସଭାପତି ପ୍ରମୋଦ ରଥ, ମିଟୁ ପାତ୍ର, କୁନା ପାଢି, ଉତ୍ତମ ତ୍ରିପାଠୀ, ସୁମିତ ପାଳ, ସୁମିତ ପୂଜାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନେତା ଚୟନ ହେବ: ଜିଲ୍ଲା କଂଗ୍ରେସ ସଭାପତି

ଜୟପୁର, ୨୯ ।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା କଂଗ୍ରେସ ଭବନଠାରେ ଆୟୋଜିତ ଏକ ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରକ ଯୋଗଦେଇ ଅଖିଳ ଭାରତୀୟ କଂଗ୍ରେସ କମିଟିର ଜାତୀୟ ନେତାଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ପୁରପଲ୍ଲୀରେ ରହିଥିବା ପ୍ରତିଭାବାନ ଯୁବକ ଓ ଯୁବତୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳସ୍ତରରେ ନେତା ଚୟନ କରାଯିବ ବୋଲି କହିଥିଲେ। ଏହା ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ପରେ ଦଳର ଏକ ଚୟନକର୍ତ୍ତାଙ୍କ ଦଳ ତୃଣମୂଳକ ଯାଇ ପ୍ରତିଭା ଅନ୍ୱେଷଣ କରିବା ସହିତ ଏକ ଉପଯୁକ୍ତ ନେତା ଚୟନରେ ସଫଳତା ମିଳିବ ବୋଲି କହିଛନ୍ତି। ଉକ୍ତ ପ୍ରତିଭା ଚୟନ ପ୍ରକ୍ରିୟା ନିମନ୍ତେ ବ୍ୟକ୍ତିଙ୍କ ବିଭିନ୍ନ ଦକ୍ଷତା ରହିଥିବା ଆବଶ୍ୟକତା ରହିଛି। କଂଗ୍ରେସ ଦଳ ପକ୍ଷରୁ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ନିମାଇଁ ସରକାର, ନଗର ସଭାପତି ନରେନ୍ଦ୍ର କୁମାର ମହାନ୍ତି, ହାସାନ ମଦାନୀ, ନିହାର ବିଶୋୟୀ, କାନ୍ତ ପାଢ଼ୀ, ରାମ ନାୟକ, ପ୍ରଣବ କିଶୋର ନାୟକ, ବିଶ୍ୱଜିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।




## ବେଆଇନ୍ ପଥର ଖାଦାନ, କ୍ରସର ସିଲ୍ କଲା ପ୍ରଶାସନ



କୁନ୍ଦୁରା, ୨୯।୧୧(ସମିସ): ବିନା ଅନୁମତିରେ ଚାଲିଥିଲା ପଥର କୁଆଁରୀ। ଅଚାନକ ମାଡି ବାସିଲା ଜିଲ୍ଲା ପ୍ରଶାସନ। ସିଲ କଲା ପଥର କୁଆରୀ। ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଣୁଆଗୁଡ଼ା ପଞ୍ଚାୟତ ନାରାଗାଁ କ୍ରସର ୟୁନିଟ ଓ ଫୁପୁଗାଁ ପଥର କୁଆରୀରେ ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଗତ ୨୪ ତାରିଖ ଦିନ ଘଟଣା ସ୍ଥଳରେ ଜୟପୁର ଉପ ଜିଲ୍ଲାପାଳ ଏ ଶଶ୍ୟା ରେଡ୍ଡୀ ପହଞ୍ଚିଥିଲେ। କ୍ରସର ଚଳାଇବାର ଅନୁମୋତି କାଗଜ ପତ୍ର ଦେଖିବାକୁ ଚାହିଁଥିଲେ। ଲିଜ ଧାରୀ ତାରାତାରିଣୀ କନଷ୍ଟ୍ରକସନ୍ ପ୍ରାଇଭେଟ ଲିମିଟେଡ କିନ୍ତୁ କୌଣସି କାଗଜ ପତ୍ର ଦେଖାଇ ପାରିନ ଥିଲା। ଜୁନିଅର ମାଇନିଂ ଅଫିସର ସୌମ୍ୟ ରଞ୍ଜନ ସାହୁ, ତହସିଲଦାର ବିନୋଦ କୁମାର ନାଏକ, ରେଭିନ୍ୟୁ ସୁପରଭାଇଜର ବିରେନ୍ଦ୍ର ମଣ୍ଡଳ, ମସିଗାଁ ଆର୍‌ଆଇ ଭବାନୀ ଭତରା, ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳ ଉକ୍ତ ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରିଥିଲେ। କ୍ରସର ଓ କୁଆଁରୀ ଚାରିପଟେ ଲାଲ ଝଣ୍ଡା ପୋତିଥିଲେ। ଏଥିରେ ବ୍ୟବହୃତ ବିଭିନ୍ନ ସମାଗ୍ରୀ ଓ ଯନ୍ତ୍ରପାତି ମଧ୍ୟରୁ ମିନି କ୍ରସର ମେସିନ୍, ୩୦୪୫ କ୍ୟୁଭିକ ମିଟର ଚିପ୍ସ, ଏକ୍ସାଭେଟର ୪ ଟା, ହାଇୱା (ଟିପର) ୨ଟା, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ଟି ୫୦୦ କେଭିଏ ଡିଜି ସେଟ ଆଦି ଜବତ କରାଯାଇଛି। ଜବତ ପରେ ଏସବୁକୁ ସମ୍ପୃକ୍ତ କମ୍ପାନୀ ମାଲିକ ସୋମନାଥ ପାତ୍ରଙ୍କୁ ଜିମା ଦିଆଯାଇଛି। ସେହିଭଳି ଫୁପୁଗାଁ ପଥର କୁଆରୀରେ ବର୍ଷେ ପାଇଁ ଲିଜ ଦିଆଯାଇଛି। ଗତ ଏପ୍ରିଲ ୧ ରୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅବଧି ରହିଛି ଓ ଏଥିରୁ ୩୦୬୯ କ୍ୟୁଭିକ ମିଟର ପଥର ଉଠାଇବାକୁ ଅନୁମତି ରହିଛି। ଅବଧି ସରିବାକୁ ଆଉ ୪ ମାସ ବାକି ଅଛି, କିନ୍ତୁ ଏଥିରୁ ଉଠାଯାଇଛି ୧୦ ହଜାର କ୍ୟୁଭିକ୍ ମିଟରରୁ ଅଧିକ ପଥର। ପ୍ରଶାସନ ଆଖିରେ ଧୂଳି ଦେଇ ପାଇଥିବା ଅନୁମତି ଠାରୁ ଦୁଇଗୁଣାରୁ ଅଧିକ ପଥର ଉଠାଇଛି କମ୍ପାନୀ। ବେଆଇନ ପଥର ଉଠାଇ ଥିବାରୁ କ୍ରସର ଓ ପଥର କୁଆରୀକୁ ସିଲ୍ କରି ଦିଆଯାଇଛି।

## ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ଜୟପୁର, ୨୯ ।୧୧(ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକି ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିଶାମୁକ୍ତ ଭାରତ ଅଭିଯାନରେ ଶପଥପାଠ ସହିତ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତାଧର୍ମୀ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଉପାନନ୍ଦ ପାଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଯୁବପିଢୀଙ୍କ ମଧ୍ୟରେ ନିଶାର ପ୍ରଭାବ କିପରି ବୃଦ୍ଧି ଏବଂ କୁପରିଣାମ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଜାତୀୟସେବା ଯୋଜନା ଅଧିକାରିଣୀ ଯୁକ୍ତ ୩ ଶ୍ରେଣୀରେ ସୁନିତା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରିଣୀ ସୀମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ୨୦ ଏକର ଜମିର ଗଞ୍ଜେଇ ଗଛ କଟାଗଲା

କୋରାପୁଟ/ଲମତାପୁଟ, ୨୯।୧୧(ସମିସ): ଅବକାରୀ ବିଭାଗ ଓ ପୁଲିସ୍ ଦ୍ୱାରା ମିଳିତ ଭାବେ ମାଛକୁଣ୍ଡ ଥାନା ସିକ୍ରେଲ ଏବଂ ମୁଣ୍ଡାପୁଟ ଉପକଣ୍ଠ ଜଙ୍ଗଲରେ ୨୦ ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛ କଟାଯାଇଥିବା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ସିକ୍ରେଲ୍ ଓ ମୁଣ୍ଡାପୁଟ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ କରାଯାଇଥିବା ସୂଚନା ପାଇ ଶନିବାର ପୂର୍ବାହ୍ନରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଚାଷ ଜମିରେ ଚଢ଼ଉ କରାଯାଇଥିଲା। ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇ, ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକଙ୍କୁ ନେଇ ଗଠିତ ଟିମ୍ ଚଢ଼ଉ କରି ୨୦ ଏକର ଜମିରେ ଲାଗିଥିବା ପ୍ରାୟ ୨୪୦୦୦ ଗଞ୍ଜେଇ ଗଛ କଟାଯାଇଥିଲା। ଚଢ଼ଉରେ ଆଇଆରବି ଓ ଏପିଆର୍ ଫୋର୍ସ ଓ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।



### କଫି ଉନ୍ନୟନ ଟ୍ରଷ୍ଟର ବୋର୍ଡ ବୈଠକ

## ୨୦୨୬ -୨୭ରେ ୫୦୦ ହେକ୍ଟରରେ କଫି ଚାଷ ପାଇଁ ଲକ୍ଷ୍ୟ

କୋରାପୁଟ, ୨୯।୧୧(ସମିସ)



ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ କୋରାପୁଟ କଫି ଉନ୍ନୟନ ଟ୍ରଷ୍ଟର ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ କୋରାପୁଟ କଫି ଡେଭଲପମେଣ୍ଟ ଟ୍ରଷ୍ଟର ଡେପୁଟି ଡାଇରେକ୍ଟର ସଚିଦାନନ୍ଦ ସ୍ୱାଇଁ, କଫି ବୋର୍ଡର ଏସଏଲଓ ଉପେନ୍ଦ୍ର ସାହା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଟିଡିସିସିର ଆଶୁତୋଷ ନନ୍ଦଙ୍କ ସମେତ କଫି ଡେଭଲପମେଣ୍ଟ ଟ୍ରଷ୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୨୦୨୬-୨୭ ଆର୍ଥିକ ବର୍ଷରେ ୫୦୦ ହେକ୍ଟର ଜମିରେ କଫିଚାଷ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କୋରାପୁଟ କଫି ଡେଭଲପମେଣ୍ଟ ଟ୍ରଷ୍ଟର ଡେପୁଟି ଡାଇରେକ୍ଟର ଶ୍ରୀସ୍ୱାଇଁ କହିଛନ୍ତି। ଏହାଛଡା ୬ ହଜାର ହେକ୍ଟର ଛାୟାବୃକ୍ଷ ଲଗାଯିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ମିଶନ ଶକ୍ତି ବିଭାଗ ଦ୍ୱାରା କଫି ଚାଷକୁ ଗୁରୁତ୍ୱ ଦେବା ସହ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ କରାଯିବ। ବିଭିନ୍ନ ନର୍ସରୀରେ ଏସଏଚଜି ମହିଳାମାନେ କଫି ଚାରାରୋପଣ କାର୍ଯ୍ୟରେ ଲାଗିଛନ୍ତି। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆଗେଇ ଚାଲିଛି। କଫିରେ ମାଡି ଆସୁଥିବା ବେରିବୋର କୀଟକୁ ନେଇ ଆଲୋଚନା କରାଯାଇଥିଲା। ଆନ୍ଧ୍ର ପଟେ ଦେଖାଦେଇଥିବା ଏହି କୀଟ ଉପରେ ସ୍ୱତନ୍ତ୍ର ନଜର ରହିଥିବା ଡାଇରେକ୍ଟର ଶ୍ରୀସ୍ୱାଇଁ କହିଛନ୍ତି। ଉନ୍ନତମାନର କଫି କିପରି ଭାବେ ଆର୍ଥିକ ବର୍ଷ ୨୦୨୬ -୨୭ରେ କ୍ରୟ କରାଯିବ ସେନେଇ ଏକ ପ୍ରସ୍ତୁତି ବୈଠକ ଟିଡିସିସି, କଫିବୋର୍ଡ ଓ ଜିଲ୍ଲା ପ୍ରଶାସନକୁ ନେଇ ଆସନ୍ତା ଜାନୁଆରୀ ମାସରେ ହେବ ବୋଲି ସ୍ଥିର କରାଯାଇଛି।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୯ ।୧୧ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏଡ୍‌ସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଉପାନନ୍ଦ ପାଣି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା, ଲେପ୍ରା ସୋସାଇଟି କାଉନସିଲର ବିଜ୍ଞାନିକା ଦାସ, ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଏଡ୍‌ସର ସଚେତନତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା, ସାମ୍ପ୍ରତିକ ପଣ୍ଡା ପ୍ରମୁଖ ଏଚ୍‌ଆଇଭିର ଆଶଙ୍କା, ଲକ୍ଷଣ ଓ ପ୍ରତିକାର ଇତ୍ୟାଦି ବିଷୟରେ ଆଲୋଚନା କରିଥିବା ବେଳେ ଲେପ୍ରା ସୋସାଇଟି ପରିଶେଷରେ ଏଡ୍‌ସ ସମ୍ବନ୍ଧୀୟ ପୁସ୍ତିକା ଓ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଶିଶୁର ଶବ ବ୍ୟବଚ୍ଛେଦ ପାଇଁ ଟଙ୍କା ଦାବି କଲେ ଆଟେଣ୍ଡାଣ୍ଟ




- ଥାନା, ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା, ୨୯।୧୧(ସମିସ)

ବର୍ତ୍ତମାନ ସମୟରେ ଅମାନବିକତା ଏକପ୍ରକାର ସୀମା ଟପିଥିବା ନଜରକୁ ଆସିଛି । ଏକ ୩ ବର୍ଷର ଶିଶୁର ଦୁଃଖଦ ମୃତ୍ୟୁ ହୋଇଥିବା ବେଳେ ତାହାର ଶବ ବ୍ୟବେଚ୍ଛଦ ପାଇଁ ହସ୍ପିଟାଲର ଜଣେ ଆଟେଣ୍ଡେଣ୍ଟ ୨ ହଜାର ଟଙ୍କା ତାଙ୍କ ପରିବାରଙ୍କଠାରୁ ଦାବି କରିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଆଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଏବଂ ମେଡିକଲ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ।

ମିଳିଥିବା ସୂଚନା ପ୍ରକାରେ, କାଶିପୁର ବ୍ଲକ ଗୋରଖପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମର କମ୍ବ ମାଝିଙ୍କ ୩ ବର୍ଷିୟ ଶିଶୁ ତରୁ ମାଝିଙ୍କ ଗତ ୨୮ ତାରିଖ ଦିନ ଗାଁ ନିକଟସ୍ଥ ନଦୀରେ ବୁଡ଼ି ମୃତ୍ୟୁ ହୋଇଥିଲା । ଏନେଇ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସେଠାରେ ଡାକ୍ତରଙ୍କ ଉପସ୍ଥିତିରେ ଆଟେଣ୍ଡାଣ୍ଟ ହୃଷିକେଶ ସାହୁଙ୍କ ସହଯୋଗରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ତେବେ ଡାକ୍ତର କାମ ସରିବା ପରେ ସେଠାରୁ ଚାଲି ଯାଇଥିବା ବେଳେ ହୃଷିକେଶ ପରିବାର ବର୍ଗଙ୍କୁ ଖୁସିରେ ଖର୍ଚ୍ଚ ଦିଅ ବୋଲି ଅର୍ଥ ଦାବି କରିଥିଲେ । ଶିଶୁପୁତ୍ରର ପିତାମାତା ବିସାଦରେ ଥିବା ବେଳେ ଗ୍ରାମବାସୀମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ୫ ଶହ ଟଙ୍କା ଦେଇଥିଲେ । ତେବେ ଶ୍ରୀ ସାହୁ ପାଞ୍ଚଶହ ଟଙ୍କା ଗ୍ରହଣ ନ କରି ଦୁଇ ହଜାର ଟଙ୍କା ମାଗିଥିଲେ । ଗରିବ ଗ୍ରାମବାସୀମାନଙ୍କ ହାତରେ ଟଙ୍କା ନଥିବା ସତ୍ତ୍ୱେ ପୁଣି ଚାନ୍ଦା କରି ଏକ ହଜାର ଟଙ୍କା ନେବା ପାଇଁ ଅନୁରୋଧ କରିଥିଲେ । ତେବେ ଏଥିରେ ଶ୍ରୀ ସାହୁ କ୍ରୋଧିତ ହୋଇ ଉକ୍ତ ଟଙ୍କାକୁ ମୁହଁରେ ଫୋପାଡି ଦେବା ସହ ଦୁଃଖରେ ଥିବା ପିତାମାତା, ପରିବାର ବର୍ଗ, ଗ୍ରାମବାସୀ ଏବଂ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ମର୍ଯ୍ୟାଦାହାନି କରିବା ଭଳି ଆଚରଣ କରିଥିଲେ । ଯାହା ମାନବ ସଭ୍ୟତା ପାଇଁ କୁତ୍ସିତ, କଳୁସିତ ଏବଂ ନିନ୍ଦନୀୟ ବୋଲି ଗ୍ରାମର ଟଙ୍କଧର ସାହୁ, ଶଙ୍କର ମାଝୀ, ପୃଥିବାସ ମାଝୀ ଓ ଅନ୍ୟମାନେ ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ଘଟଣା ସ୍ଥାନୀୟ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଅପରିପକ୍ୱ ଶିଶୁଙ୍କ ମୃତଦେହ ବ୍ୟବଚ୍ଛେଦରେ ସାଧାରଣତଃ କୌଣସି ଶୁଳ୍କ ଦାବି କରାଯାଇ ନ ଥାଏ । ବୁଦ୍ଧିଜୀବିମାନେ ଏହାକୁ ଆଟେଣ୍ଡେଣ୍ଟଙ୍କ ଅବାଂଛିତ ଅର୍ଥ ଦାବି ବୋଲି ଆକ୍ଷେପ କରୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପରେ କାଶିପୁର ସିଏଚସି ମେଡିକଲ ଅଫିସର ତୁରନ୍ତ ଆଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଡିଏମ୍‌ଓଙ୍କୁ ଚିଠି କରିଥିବା ଜଣାପଡ଼ିଛି । ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଡାରୀ, ୨୯।୧୧(ସମିସ): ଗୁଡାରୀ ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରିଡ଼ା ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଗୁଡାରୀ ସରକାରୀ ଉଚ୍ଚବିଦ୍ୟାଳୟର କ୍ରିଡା ଶିକ୍ଷକ ରାଧାକାନ୍ତ ଗୁରୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ପ୍ରଥମେ ଛାତ୍ରଛାତ୍ରୀମାନେ ମା' ଭଣ୍ଡାର ଘର ଠାରୁ ମଶାଲ୍ ନେଇ ବିଦ୍ୟାଳୟରେ ପହଞ୍ଚିଥିଲେ । ପରେ ସମ୍ପାଦକ ପ୍ରଫୁଲ ଦେଓ, ଉପସଭାପତି ଗୋପିନାଥ ଗୌଡ ଉପସ୍ଥିତ ଥିଲେ । ୧୦୦, ୨୦୦ ମିଟର ଦୌଡ଼, ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ଉଚ୍ଚ ଡିଆଁ, ଲମ୍ବଡିଆ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିବାବେଳେ କ୍ରିଡା ପ୍ରତିଯୋଗିତା ୩ଦିନ ଧରି ଚାଲୁରହିବ ବୋଲି ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ କହିଛନ୍ତି ।

## ଦୁଇଦିନିଆ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

# ଲୋକନୃତ୍ୟରେ ରାୟଗଡ଼ା ଆଜାଦ ହିନ୍ଦ ୟୁଥ୍ ଆସୋସିଏସନ ପ୍ରଥମ



ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ -୨୦୨୫ ଆଜି ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଲୟନ୍ସ କ୍ଲବଠାରେ ଗତକାଲି ଓ ଆଜି ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଲୋକନୃତ୍ୟ ପ୍ରତିଯୋଗିତାରେ ଆଜାଦ ହିନ୍ଦ ୟୁଥ ଆସୋସିଏସନ ପ୍ରଥମ, ସିଦ୍ଧାନ୍ତ କଳା ପରିଷଦ ମୁନିଗୁଡା ଓ ସାବିତ୍ରୀ ଶବର ଓ ସାଥି କଳାକାର, ରାମନାଗୁଡ଼ା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ଚିତ୍ରକଳା ପ୍ରତଯୋଗିତାରେ ଅଜିତ ସାରକା, ବିଷମ କଟକ ଓ ରାୟଗଡ଼ାର ସଞ୍ଜୟ ମିନିଆକ, ରାଜା ନିସିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଘୋଷଣା ନାମାରେ ରାଜେଶ୍ୱରୀ ଭଟରାୟ, ରାୟଗଡ଼ା, ସୁରଜ କନ୍ଦପାଣୀ ଓ ବାବୁଲି ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । କବିତା ଲିଖନ ପ୍ରତିଯୋଗିତାରେ ସୁରଜ କାଣ୍ଡପାଣି, ରାୟଗଡ଼, ସୁରଜ କରକରିଆ, ଗୁଡାରି ଓ ମୃଣମୋୟୀ କଣ୍ଡଗୋରି, ରାମନାଗୁଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ । ଲୋକ ସଙ୍ଗୀତ ପ୍ରତିଯୋଗିତାରେ ଆଜାଦ ହିନ୍ଦ ଦଳ, ରାୟଗଡ଼, ରାହୁଲ ପାଲାକା ଓ ସାଥି କଳାକାର, ବିଷମ କଟକ, ଲିପ୍ସା ଶବର ଓ ସାଥି କଳାକାର, ରାମନାଗୁଡ଼ା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ପ୍ରଥମ ସ୍ଥାନ ହାସଲ କରିଥିବା ଦଳ କିମ୍ବା ବ୍ୟକ୍ତି ରାଜ୍ୟସ୍ତରୀୟପ୍ରତିଯୋଗିତାରେଅଂଶଗ୍ରହଣ କରିବେ । ଏହି ପୁରସ୍କାର ପ୍ରଦାନ ବେଳେ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ମହାଦେବ ସିଚ୍ଛୁଆଁ, ଆଜିତେଶ ପଟ୍ଟନାୟକ, ଶିବ ନାରାୟଣ ମିଶ୍ର, ତରୁଣ ମହାପାତ୍ର, ଅଧ୍ୟାପକ ରଘୁନାଥ ଭୁଏ, ଜେ ସୁକାନ୍ତ ପ୍ରମୁଖ ଯୋଗଦେଇଥିଲେ । ବିଚାରକ ଭାବରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ନାଟ୍ୟ ନିର୍ଦ୍ଦେଶକ ଶିବଶଙ୍କର ମିଶ୍ର, ନୃତ୍ୟଗୁରୁ ତ୍ରିଲୋଚନ ସାହୁ, ରାଜେଶ ପାଢ଼ୀ, ରଘୁନାଥ ଭୁଏ, ଶିକ୍ଷୟିତ୍ରୀ କସ୍ତୁରୀ ସାହୁ, ଶିକ୍ଷକ ଜେ. ସୁକାନ୍ତ, ଶିକ୍ଷକ ଆଲୋକ ସାହୁ ଓ ଅନ୍ୟାନ୍ୟ ଶିକ୍ଷକମାନେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ । ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ; ଜଣେ ଗିରଫ



ରାୟଗଡ଼ା, ୨୯।୧୧(ସମିସ): ଗୁରୁବାର ରାତ୍ରରେ ୧୦କେଜି ୨୫୦ଗ୍ରାମ ଗଞ୍ଜେଇ ଜବତ ସହ ଜଣେ ମହିଳାଙ୍କୁ ରାୟଗଡ଼ା ଜିଆର୍‌ପି ଥାନା ପୁଲିସ ଗିରଫ କରିଥିବା ବେଳେ ଏହାର ୨୪ଘଣ୍ଟା ମଧ୍ୟରେ ପୁଣି ଜିଆରପି ପୁଲିସକୁ ମିଳିଛି ଆଉ ଏକ ସଫଳତା । ଗତକାଲି ରାତ୍ରରେ ପ୍ଲାଟଫର୍ମରେ ଯାଞ୍ଚ ବେଳେ ୬୨କେଜି ୮୬୦ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ଜିଆରପି ପୁଲିସ । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬ ଲକ୍ଷ ୨ ହଜାର ୮୬୦ ଟଙ୍କା ବୋଲି ପୋଲିସ ଅନୁମାନ କରିଛି । ଏନେଇ ମିଳିଥିବା ସୂଚନା ପ୍ରକାରେ ଜିଆରପିଏସ ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇ ନିୟମିତ ଭାବେ ରାୟଗଡ଼ା ରେଳ ଷ୍ଟେସନର ସମସ୍ତ ପ୍ଲାଟଫର୍ମରେ ପାଟ୍ରୋଲିଙ୍ଗ ଯାଞ୍ଚ କରାଯାଇଥାଏ । ଗତକାଲି ପ୍ଲାଟଫର୍ମରେ ଯାଞ୍ଚ ବେଳେ ରାୟଗଡ଼ାରୁ ବିଶାଖାପାଟଣାମକୁ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ସାନୁ (୩୬)ନାମକ ଜଣେ ଯାତ୍ରୀଙ୍କ ଠାରେ ଥିବା ବ୍ୟାଗକୁ ସନ୍ଦେହ କରି ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା । ସେଥିରେ ଗଞ୍ଜେଇ ଥିବା ପୁଲିସ ଜାଣିବାକୁ ପାଇବା ପରେ ଗଞ୍ଜେଇକୁ ଜବତ କରି ସାନୁକୁ ଅଟକ ରଖି ଅଧିକ ପଚରାଉଚରା କରିଥିଲେ । ପରେ ଜିଲ୍ଲା ପ୍ରଶାସନର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ପ୍ୟାକେଟକୁ ଓଜନ କରାଯାଇଥିଲା । ଯାହାର ଓଜନ ୬୨କେଜି ୮୬୦ଗ୍ରାମ ଥିଲା । ଅଭିଯୁକ୍ତ ସାନୁର ଘର ଉତର ପ୍ରଦେଶର ମିରୁଟ ଜିଲ୍ଲା ଖରଖାଉଦା ଥାନା ଅନ୍ତର୍ଗତ ଉଲଧାନ ଗ୍ରାମରେ ବୋଲି ପୋଲିସ ସୂଚନା ଦେଇଛି । ଏହି ଯାଞ୍ଚ ବେଳେ ସ୍କାର୍ଡ ଟିମରେ ଜିଆରପି ଥାନା ଅଧିକାରୀ ବିନୟ ପ୍ରକାଶ ମିଂଜ, ଇନ୍‌ସପେକ୍ଟର ଆଲୋକ ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ, ଏଏସଆଇ ବେଲାଲ ସେନ ହଲବା, ଏଏସଆଇ ମଳୟ ମାଝି, କନେଷ୍ଟବଳ ଅନୁଜଚନ୍ଦ୍ର ବୈଦଭୂଷଣ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

# ୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





ରାମନାଗୁଡ଼ା/ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଶୁଣ୍ଡିଧାମୁଣୀ ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡି)ପାଲୁପାଇ ଠାରେ ଠକ୍କର ବାପାଙ୍କ ଜନ୍ମ ଜୟନ୍ତୀ ଅବସରରେ ପାଞ୍ଚ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ମଞ୍ଚାସୀନ ଥିବାବେଳେ ମୁଖ୍ୟବକ୍ତା ଭାବେ କଲ୍ୟାଣ ବିଭାଗର ଶିକ୍ଷା ମଣ୍ଡଳାଧିଷ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ରୂପେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବାଲାଜୀ ବିଦ୍ୟାପୀଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉତ୍କଳ ସ୍ୱାଭିମାନ ମଞ୍ଚ ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ରାମଜି ଡିଗ୍ରୀ ମହାବିଦ୍ୟାଳୟ କନିସି ପ୍ରିନ୍ସପାଲ ନିହାର ରଞ୍ଜନ କର, ଗଞ୍ଜାମ ଜିଲ୍ଲା ବମକେଇର ସେବନନ୍ଦ ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରିନ୍ସପାଲ ଯୁଧିଷ୍ଠିର ସ୍ୱାଇଁ, ବାଳିକା ଉଚ୍ଚ ବିଦ୍ୟାଳୟ ପାଲୁପାଇ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ, ବିଦ୍ୟାଳୟ ପରିଚାଳନା ସଭାପତି ଅନନ୍ତ କଣ୍ଡାଗରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପାଞ୍ଚ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକ ସମନ୍ୱି ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗୁଣୁପୁର ଅଜୟ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା, ଉତ୍କଳ ସ୍ୱାଭିମାନ ମଞ୍ଚ ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ସଭାପତି ରାଧାକାନ୍ତ ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ କରକମଳରେ ସ୍ଥାପିତ ହୋଇଥିଲା । ଏଥିରେ ରୋବାଡି ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଲୁଣ୍ଡି ଉଚ୍ଚ ବିଦ୍ୟାଳୟ, ବଡ଼ ଖିଲାପଦର ଉଚ୍ଚ ବିଦ୍ୟାଳୟ, ବାଙ୍ଗିଲି ଉଚ୍ଚ ବିଦ୍ୟାଳୟ, ଡାଙ୍ଗସୋରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ । ପାଲୁପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ବିମଳ ରାଇକା, ପି. କିରଣ କୁମାର, ଶିକ୍ଷୟିତ୍ରୀ ସୁବାସିନୀ ସାମଲ, ଆୟୁସୁର୍ଯ୍ୟା ମହାନ୍ତି, ଅର୍ଚ୍ଚନା ଜେନା, ସୁଜାତା ଉଲ୍ଲକାଙ୍କ ସହିତ ବିଦ୍ୟାଳୟର ମହିଳା ସ୍ୱାସ୍ଥ୍ୟ କର୍ମୀ, ସିସିଏମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଗାଁ ଓଡ଼ିଶାର; ଆନ୍ଧ୍ରରୁ ମିଳୁଛି ମୌଳିକ ସୁବିଧା

ମାଲକାନଗିରି, ୨୯ ।୧୧(ସମିସ)



ଓଡ଼ିଶାର ଅନେକ ଗାଁ ବିଭିନ୍ନ ରାଜ୍ୟର ସୀମାକୁ ଲାଗି ରହିଥିବା ବେଳେ ଅନେକ ଗ୍ରାମରେ ଲୋକେ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାର ଅନେକ ନଜିର ରହିଛି । ପଡୋଶୀ ରାଜ୍ୟ ଗୁଡିକ ମଧ୍ୟ ଏହାର ଅନେକ ଫାଇଦନେଇ ଓଡ଼ିଶାର ଗ୍ରାମକୁ ନିଜ ରାଜ୍ୟରେ ମିଶାଇବା ପାଇଁ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି । ହେଲେ ଏହାପରେ ମଧ୍ୟ ଅନେକ ସ୍ଥାନରେ ଆଜିବି ଏପରି ଚିତ୍ର ଦେଖିବାକୁ ମିଳୁଛି ।ଯେଉଁଠି ଓଡ଼ିଶା ଲୋକେ ପଡ଼ିସା ଭାରସାରେ ଚଳୁଛନ୍ତି । ତେବେ ଏପରି କିଛି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମରୁ । ଏହି ଗାଁକୁ ଯିବାକୁ ହେଲେ ବଣ୍ଡାଘାଟି ଦେଇ ଏକ ବୋଟ ଯୋଗେ ଯନ୍ତ୍ରୀ ପଞ୍ଚାୟତର ତାବେର ଗାଁକୁ ଯିବାକୁ ହୁଏ । ସେଠାରୁ ଏକ ଛୋଟିଆ ନାଳ ପାରି ହୋଇ ଦୋରାଗୁଡ଼ା ଗାଁକୁ ଯାଇ ହୁଏ । ତେବେ ଓଡ଼ିଶାର ଏହି ଗାଁ ହୋଇଥିଲେ ହେଁ, ପ୍ରଶାସନ ପକ୍ଷରୁ ସେଠାରେ ସେଭଳି କୌଣସି ସୁବିଧା ଯୋଗାଇ ଦିଆଯାଇ ନଥିବା ବେଳେ ଆନ୍ଧ୍ର ପକ୍ଷରୁ ଗାଁକୁ ବିଜୁଳି, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଓ ଡାକ୍ତରଖାନାର ନିର୍ମାଣ କାମ ଚାଲିଛି । ତେବେ ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଜମି ପଟ୍ଟା, ରାସନ୍ କାର୍ଡ, ଜବ କାର୍ଡ ଏବଂ ଆଧାର କାର୍ଡ ଲୋକମାନଙ୍କୁ ଯୋଗାଇ ଦିଆଯାଇଥିଲା । କିନ୍ତୁ କୌଣସି ଯୋଜନାର ସୁବିଧା ଏମାନେ ପାଉନଥିଲେ, ତେଣୁ ବାଧ ହୋଇ ଆନ୍ଧ୍ର ଉପରେ ନିର୍ଭର କରୁଥିବା କହିଛନ୍ତି ଏଠାକାର ଗ୍ରାମବାସୀ । ଏହାର ସୁଯୋଗ ନେଇ ଆନ୍ଧ୍ର ଏମାନଙ୍କୁ ପ୍ରଲୋଭନ ଦେଖାଇ ନିଜ ରାଜ୍ୟରେ ମିଶାଇବାକୁ ଉଦ୍ୟମ ଜାରି ରଖିଛି । ସରକାରୀସ୍ତରରେ ଉଦାସୀନତା ଯୋଗୁଁ ଏମାନେ ମଧ୍ୟ ଆନ୍ଧ୍ର ମୁହାଁ ହେଉଥିବା କହିଛନ୍ତି । ଏମିତି ଅନେକ ଗାଁ ରହିଛି ଯେଉଁମାନେ ସୀମାନ୍ତରେ ରହି ଓଡ଼ିଶାର ହୋଇ ମଧ୍ୟ ଏମାନେ ଓଡ଼ିଶା ସରକାରଙ୍କ କୌଣସି ସୁବିଧା ପାଉନାହାନ୍ତି । ଯାହାର ସିଧା ଲାଭ ଉଠାଉଛି ଆନ୍ଧ୍ର । ତେବେ ବେଳ ଥାଉ ଥାଉ ଯଦି ସରକାରୀ ଓ ପ୍ରଶାସନିକ ସ୍ତରରେ ଏପରି ଗ୍ରାମ ଗୁଡିକର ସମସ୍ୟାର ସମାଧାନ କରାନଯାଏ ତେବେ ଆଗକୁ ଅନେକ ଗ୍ରାମ ପଡୋଶୀ ରାଜ୍ୟ ମୁହାଁ ହେବାର ସମ୍ଭାବନା ରହିଛି ।

## ● ଖେଲୋ ଇଣ୍ଡିଆ: ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା

# ସ୍ୱର୍ଣ୍ଣ ପଦକ ଜିତିଲେ ଦିନ ମଜୁରିଆଙ୍କ ଝିଅ



ମୁନିଗୁଡା, ୨୯ ।୧୧(ସମିସ): ଶୁକ୍ରବାର ରାଜସ୍ଥାନର ଗଙ୍ଗା ସିଂ ବିଶ୍ୱବିଦ୍ୟାଳୟର ବିକାନେର ଷ୍ଟାଡିୟମ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ଜୁନିୟର ଓ ସିନିୟର ମହିଳା ଭରୋତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳାର ଦିନ ମଜୁରିଆ ସାଇ କ୍ରୀଷ୍ଣାଙ୍କ ଝିଅ ମାଗନ୍ତି କୀର୍ତ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମାଗନ୍ତି କୀର୍ତ୍ତି ୮୬ କେଜି କାଟେଗୋରୀରେ ସିନିୟର ବିଭାଗରେ ଏହି ସ୍ୱର୍ଣ୍ଣ ପଦକ ଜିତି ଥିବା ଜଣାପଡ଼ିଛି । ସେ ସ୍ନାଚରେ ୭୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୦୭ କେଜିକୁ ମିଶାଇ ମୋଟ ୧୮୬ କେଜି ଭାରୋତ୍ତୋଳନ କରିଥିଲେ । ଖବର ଶୁଣିବା ପରେ ଅମ୍ବାଦଳାବାସୀ ମାଗନ୍ତି କୀର୍ତ୍ତିଙ୍କୁ ଶୁଭେଚ୍ଛା ଦେବା ସହ ଭବିଷ୍ୟତ ଲାଗି ଶୁଭ କାମନା ଜଣାଇଛନ୍ତି । ତେବେ ମାଗନ୍ତିଙ୍କ ନିଜ ଘର ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ଲାଭଟା ପଞ୍ଚାୟତ ହାଟପଦା ସାହିରେ ହୋଇଥିବା ବେଳେ ତାଙ୍କ ବାପା ଜଣେ ଦିନ ମଜୁରିଆ । ସେ କଳାହାଣ୍ଡି ଜିଲ୍ଲା ରାମପୁରଠାରେ ଏକ ପାମୋଅଏଲ ବଗିଚାରେ ଦିନ ମଜୁରି ହିସାବରେ କାମ କରୁଛନ୍ତି । ମାଗନ୍ତି ତାଙ୍କ ମାମୁ ଘର ଆନ୍ଧ୍ର ପ୍ରଦେଶର ଗୋଦାବରୀ ଠାରେ ରହି ପାଠ ପଢ଼ିବା ସହ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ । ସେ ବର୍ତ୍ତମାନ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ । ବିଭିନ୍ନ ସମୟରେ ଅନ୍ୟ ରାଜ୍ୟମାନଙ୍କରେ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇ ରୌପ୍ୟ, ବ୍ରୋଞ୍ଜ୍ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।






# ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ତାଲିମ




ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତଥା ଓସ୍ଡାମା ତରଫରୁ ରାୟଗଡ଼ା ସଦର ବ୍ଲକ କାମ୍ପ ମାଲିଗାଁଠାରେ ଦୁଇ ଦିନିଆ ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ । ଏଥରେ ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୯ ବର୍ଷରୁ କମ୍ ୩୦ ଜଣ ବାଳିକା ଯୋଗଦେଇଥିଲେ । ଆପଦକାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର ସହିତ ସପକାମୁଡା, ବିଜୁଳି, ଘଡଘଡି ସମୟରେ ଜୀବନ ରକ୍ଷା, ପଶୁପକ୍ଷୀଙ୍କ ଜୀବନ ରକ୍ଷା, ଆକସ୍ମିକ ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା ଆଦି କୌଶଳ ଗୁଡିକର ଅଭ୍ୟାସ କରାଯାଇଥିଲା । ଓସ୍ଡମା ଦ୍ୱାରା ତାଲିମପ୍ରାପ୍ତ ଦୁଇଜଣ ସମ୍ବଳ ବାଳିକା ମିତାଲି ସାହୁ ଓ ବୈଶାଖୀ ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ଫାଷ୍ଟ ଏଡ୍ କିଟ୍ ବଣ୍ଟନ କରାଯାଇଥିଲା । ଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପିଇଓ ପଲ୍ଲବୀ ପ୍ରିୟନାଥ, ପେସା ସଞ୍ଜୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।


| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



### ଓମ୍‌ଟାର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିର ବୈଠକ

# ୭ ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ

କଟକ, ୨୯ ।୧୧ (ସମିସ): ଓଡ଼ିଶା ମେଡିକାଲ ଟିଚର୍ସ ଆସୋସିଏସନ(ଓମଟା)ର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ଏକ ସମୀକ୍ଷା ବୈଠକ କଟକ କ୍ଲବରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୂର୍ବରୁ ଉପସ୍ଥାପିତ ହୋଇଥିବା ସରକାରଙ୍କ ଦାବି ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ୭ ଦଫା ଦାବି ଉପରେ କିଭଳି କାର୍ଯ୍ୟକରୀ ହେବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ନାତକୋତ୍ତର ଥେସିସି ଗାଇଡ୍ ଆଲୋକେସନ ଏବଂ ମେଡିକାଲ ଶିକ୍ଷକ ପ୍ରଶାସିନକର ଫ୍ୟାକଲ୍ଟି ଅଭାବ, ସ୍ୱାସ୍ଥ୍ୟସେବାରେ ଟ୍ରାନ୍ସଫର, ସର୍ଭିସ କଣ୍ଡିସନ ଏକାଡେମୀ ୱାର୍କ ଲୋଡ, ସ୍ୱାସ୍ଥ୍ୟ ଶିକ୍ଷା ପ୍ରଣାଳୀକୁ ସଦୃଢ଼ କରିବା ଲାଗି ଅତିରିକ୍ତ ପ୍ରଫେସର ପଦ ସୃଷ୍ଟି କରିବା, ଡିଏମଇଟି, ଡିନ ଏବଂ ଅଧୀକ୍ଷକ ପରି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦରେ ଯୋଗ୍ୟ ପ୍ରୋତ୍ସାହନ ଏବଂ ସୁବିଧା ଦେବା ସୁପାରିସ କରିବା, ଭିମସାରରେ ନୂତନ କାର୍ଯ୍ୟକାରୀ କମିଟି ଗଠନ, କେନ୍ଦ୍ରୀୟ ଓମଟା କାର୍ଯ୍ୟାଳୟ ସ୍ଥାପନା କରିବା ଲାଗ ଦାବି ହୋଇଥିଲା ।

ଏନେଇ ଓମଟାର ସେକ୍ରେଟାରୀ ଜେନେରାଲ ଡାକ୍ତର ନିହାରରଞ୍ଜନ ସାହୁ ଦାବି ଉପସ୍ଥାପନ କରି କହିଲେ ଯେ ଡାଇନୋମିକ ଆସୋସିଏଟ କ୍ୟାରିୟର ପ୍ରୋଗ୍ରେସନ (ଡିଏସିପି)ରେ ୪ ଓ ୬ବର୍ଷ ମଧ୍ୟରେ ଶିକ୍ଷକ ସର୍ଭିସ ଦେବା ପରେ ସେମାନଙ୍କ ପଦୋନ୍ନତି ହୋଇଥାଏ । ଯେଉଁ କ୍ଷେତ୍ରରେ ପଦୋନ୍ନତି ନଥାଏ ସେହି କ୍ଷେତ୍ରରେ ଡିଏସିଟି କାର୍ଯ୍ୟକାରୀ ହୋଇଥାଏ । ୨୦୨୪ରେ ସରକାରୀ ନୋଟିସ କରାଯାଇଥିଲା ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ବିଭିନ୍ନ ବିଭାଗରେ ବାର୍ଷିକ ବଦଳି ପଲିସି କରାଯାଇଥାଏ । ଗତ ଏକ ବର୍ଷ ମଧ୍ୟରେ ଯେଉଁ ଶିକ୍ଷକମାନଙ୍କର ଦେହ ଖରାପ ହେଉଛି ସେମାନେ ଯଦି ବଦଳି ଲାଗି ଆବେଦନ କରିନ୍ତି ତେବେ ସରକାର ସହାନୁଭୂତି ଦେଖାଇବା ଆବଶ୍ୟକ । ଏଥିସହ କ୍ୟାଡର କରିବା ସହ ଅତିରିକ୍ତ ପଦବୀ ସୃଷ୍ଟି କରିବା, ଡିଏମଇଟଇ, ଅଧିକ କାର୍ଯ୍ୟ କଲେ ସେମାନଙ୍କୁ ଇନସେଟିଭ ଦରକାର, ପଶ୍ଚିମ ଓଡ଼ିଶାର ଏକ ମାତ୍ର ମେଡିକାଲ ଭିମସାର କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇନାହିଁ । ୩ବର୍ଷ ଧରି ନହେବାରୁ ସେଠାରେ ଡିପାଟମେଣ୍ଟାଲ୍ ପ୍ରୋମେସନାଲ କମିଟି (ଡପିସି) ନହେବା ସହ କୌଣସି ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ । ଓମଟାର ନିଜସ୍ୱ କୌଣସି କାର୍ଯ୍ୟାଳୟ ନାହିଁ । ସରକାରଙ୍କ ନିକଟରେ ସ୍ଥାନ ଲାଗି ଦାବି କରାଯାଇଛି । ଉପରୋକ୍ତ ଦାବି ଉପରେ ଏକ ମାସ ମଧ୍ୟରେ ତାହା କାର୍ଯ୍ୟକାରୀ ନହେଲେ ଆଗାମୀ ସିଇସି ବୈଠକରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେକ୍ରେଟାରୀ ଜେନେରାଲ ଡାକ୍ତର ସାହୁ କହିଛନ୍ତି । ବୈଠକରେ ସଭାପତି ଡା. ଚିନ୍ମୟ ସୁନ୍ଦର ରାୟ, ସମ୍ପାଦକ ଡାକ୍ତର ଜଗଦୀପ ନାୟକ, ଏମକେସିଜିର ଡାକ୍ତର ମନୋଜ କୁମାର ପାତ୍ର, କୋଷାଧ୍ୟକ୍ଷ ଡାକ୍ତର ସନ୍ତୋଷ କୁମାରର ସ୍ୱାଇଁ, ଏଡିଟର ଡାକ୍ତର ମିହିର ରଞ୍ଜନ ନାୟକଙ୍କ ସହ କଟକ, ବ୍ରହ୍ମପୁର ଓ ପୁରୀ ଶାଖାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ବେଧଡ଼କ ବିକ୍ରି ଚାଲିଛି ଗର୍ଭପାତ କିଟ୍

### ଟାର୍ଗେଟ୍‌ରେ ନର୍ସିଂହୋମ୍, ଔଷଧ ଦୋକାନ

କଟକ,୨୯ ।୧୧(ସମିସ):



**୩ଟି ସ୍ଥାନରେ ଚଡ଼ଉ: ୧ ଲକ୍ଷ ଟଙ୍କାର ଏମ୍‌ଟିପି ଜବତ**

**୯୭ଟି ବେଆଇନ୍ ଡ୍ରଗ୍ ଆଇଟମ୍‌କୁ ନେଲା ଚଢ଼ଉ ଟିମ୍**

କଟକ ଜିଲ୍ଲା ସମେତ କଟକ ସହରରେ ଦିନକୁ ଦିନ ବେଆଇନ ଗର୍ଭପାତ କିଟ୍ ବିକ୍ରୟ ବୃଦ୍ଧି ପାଇବାରେ ଲାଗିଛି । ଏସ୍‌ସିବି ମେଡିକାଲର ପାଶ୍ୱବର୍ତ୍ତୀ ଅଞ୍ଚଳ ତଥା ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ବକ୍ସିବଜାର, ବାଦାମବାଡ଼ି, ଲିଙ୍କରୋଡ୍, ସିଡିଏ, ମହାନଦୀବିହାର ଓ ଓଏମ୍‌ପି ସମେତ ସହରର ଏକାଧିକ ସ୍ଥାନରେ ଥିବା ଔଷଧ ଦୋକାନ ଓ ନର୍ସିଂହୋମ୍ ଗୁଡ଼ିକରେ ଏହି ବେଆଇନ୍ ଗର୍ଭପାତ କିଟ୍ ବେଧଡକ୍ ଭାବେ ବିକ୍ରୟ ହେଉଛି । ଏହି ଗର୍ଭପାତ କିଟ୍ କେବଳ ଡାକ୍ତରଙ୍କ ପରାମର୍ଶ ଓ ନିରୀକ୍ଷଣରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉଥିବା ବେଳେ ବେଆଇନ୍ ଭାବେ ବିକ୍ରି ହେଉଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ବିନା ପ୍ରେସ୍କ୍ରିପସନ୍‌ରେ ଏହି ବେଆଇନ୍ କିଟ୍ ଔଷଧ ଦୋକାନରୁ କିଣାଯାଉଛି । ପରବର୍ତ୍ତି ସମୟରେ ବ୍ୟବହାରକାରୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିବା ଅଭିଯୋଗ ଉଠିଛି । ଶନିବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସାଲେପୁର, ଶିଶୁଆ ଓ ଶଙ୍କରପୁର ଅଞ୍ଚଳରେ ଚଢ଼ଉ କରାଯାଇଥିଲା । ୨ଟି ଔଷଧ ଦୋକାନ ଉପରେ ଚଢ଼ଉ କରାଯାଇଥିବା ବେଳେ ୧ ଲକ୍ଷ ଟଙ୍କାର ବେଆଇନ ଗର୍ଭପାତ କିଟ୍ ଜବତ କରାଯାଇଛି ।

୨ଟି ଔଷଧ ଦୋକାନ ଉପରେ ଚଢ଼ଉ ହୋଇଥିବା ବେଳେ ସେଠାରୁ ବେଆଇନ ଗର୍ଭପାତ କିଟ୍‌ସମେତ ମୋଟ ୯୭ ପ୍ରକାରର ଔଷଧ ସାମଗ୍ରୀ ଜବତ କରାଯାଇଥିଲା । ଏଥିସହ ୪ ସେଟ୍ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଜବତ ହୋଇଛି । ଏହାବ୍ୟତୀତ, ୨ଟି ଅଣଲାଇସେନ୍ସପ୍ରାପ୍ତ ପ୍ରତିଷ୍ଠାନରୁ ୩ଟି ବୈଧାନିକ ଔଷଧ ନମୁନା ସଂଗ୍ରହ କରାଯାଇଥିଲା, ଯାହାକୁ ଅଧିକ ପରୀକ୍ଷା ଓ ବିଶ୍ଳେଷଣ ପାଇଁ ଲାବୋରେଟୋରୀକୁ ପଠାଯାଇଛି । ଏହି ଘଟଣାରେ ୨ଟି ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ଗତ ୮ମାସ ମଧ୍ୟରେ କଟକ ସହରରୁ ବହୁମାତ୍ରାରେ ନକଲି ଔଷଧ, ବେଆଇନ୍ ଗର୍ଭପାତ କିଟ୍ ଜବତ କରାଗଲାଣି । ବେଆଇନ୍ ଭାବେ ଅଲଟ୍ରାସାଉଣ୍ଡ ମଧ୍ୟ କରାଯାଉଥିବା ନଜରକୁ ଆସୁଛି । ସାଧାରଣ ଭାବେ ସହରରେ ରହିଥିବା ଔଷଧ ବିକ୍ରୟ କରୁଥିବା ଷ୍ଟକିଷ୍ଟ ଓ ଡିଲର୍‌ମାନେ ଏହି ଗର୍ଭପାତ କିଟ୍ ଆଣି ବେଆଇନ୍ ଭାବେ ଔଷଧ ଦୋକାନକୁ କମ୍ ମୂଲରେ ବିକ୍ରୟ କରୁଛନ୍ତି । ଅଧିକ ଲାଭ ଆଶାରେ ସହରର ଖୁଚୁରା ଔଷଧ ଦୋକାନୀ ଏହି କିଟ୍‌କୁ ରଖି ବିନା ପ୍ରେସକ୍ରିପସନ୍‌ରେ ବିକ୍ରୟ କରୁଛନ୍ତି । ଚଢ଼ଉ ଯଦିଓ କରାଯାଉଛି, ଏଥିପ୍ରତି ଔଷଧ ଦୋକାନୀମାନେ ଖାମଖିଆଲ ନୀତି ଅବଲମ୍ବନ କରୁଛନ୍ତି । ଅନେକ ସମୟରେ ଚଢ଼ଉ ହେଉ ନଥିବାରୁ ଏହି କାରବାର ବୃଦ୍ଧି ପାଇବାରେ ଲାଗିଛି । ସେହିପରି ନର୍ସିଂହୋମଗୁଡ଼ିକରେ ବେଆଇନ୍ ଗର୍ଭପାତ ମଧ୍ୟ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । କେବଳ ନାମକୁ ମାତ୍ର ଚଢ଼ଉ ହେଉଥିବାରୁ ଏହି ବେଆଇନ କାରବାର ଏବେ ବ୍ୟାପକ ହେବାରେ ଲାଗିଛି । ଆଜି ହୋଇଥିବା ଚଢ଼ଉରେ କଟକ ସର୍କଲ-୧ର ସହକାରୀ ଔଷଧ ନିୟନ୍ତ୍ରକ ଧର୍ମଦେବ ପୁହାଣ, ଔଷଧ ନିରୀକ୍ଷକ ଚନ୍ଦନ କୁମାର ସାହୁ, ମଳୟ ପ୍ରବାହିନୀ ସାହୁ ଏବଂ ଭାଗ୍ୟଶ୍ରୀ ପାତ୍ର ସାମିଲ ହୋଇଥିଲେ ।

## ବିଦ୍ୟାଧରପୁର ଉଚ୍ଚବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୨୯ ।୧୧(ସମିସ): ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ କବିତା କୁମାରୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ସାହୁ, ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା, ବାସନ୍ତୀ ବେହେରା, ସ୍ମିତାରାଣୀ ସେଠୀ ବିଦାୟୀ ଶିକ୍ଷୟତ୍ରୀଙ୍କ ଗୁଣ ଗାନ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଶିକ୍ଷୟିତ୍ରୀଙ୍କ ବିଷୟରେ ନିଜ ମତ ପ୍ରକାଶ କରିଥିଲେ । ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉଚ୍ଚବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



## ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ୫୫ତମ ସିଏନ୍‌ଆଇ ଦିବସ




କଟକ,୨୯ ।୧୧(ସମିସ): ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୫୫ତମ ସିଏନ୍‌ଆଇ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ରେଭରେଣ୍ଡ ମୋଯେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ଶ୍ରୀ ମହାନ୍ତି ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ । ବିଦ୍ୟାଳୟର ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ ଚର୍ଚ୍ଚ ଅଫ ନର୍ଥ ଇଣ୍ଡିଆର ଆଭିମୁଖ୍ୟ, କାର୍ଯ୍ୟକଳାପ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ । ଏହାକୁ ଶ୍ରୀ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା, ସ୍କାଉଟ୍ ମାଷ୍ଟର ପ୍ରେମାଶିସ ଜେନା, ଗାଇଡ ଶିକ୍ଷୟିତ୍ରୀ ବର୍ଷା ବିଶ୍ୱାସ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀ ପରିଚଳାନା କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁସ୍ମିତା ପାତ୍ର ଉପସ୍ଥାପନା କରିଥିଲା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା ଧନ୍ୟବାଦ ଦେଇଥିଲେ ।

## କାର୍ ମାଡ଼ିଯାଇ ବୃଦ୍ଧ ମୃତ; ରାସ୍ତାରୋକ

କଟକ,୨୯ ।୧୧(ସମିସ): ବାଦାମବାଡ଼ି ଥାନା ଖାନନଗର ରିଂ ରୋଡ୍ କଡ଼ରେ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଏକ କାର ରାସ୍ତାପାର୍ଶ୍ୱକୁ ମାଡ଼ିଯିବା ଫଳରେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି; ମାତ୍ର ସୌଭାଗ୍ୟବଶତଃ ବୃଦ୍ଧଙ୍କ ସ୍ତ୍ରୀ ବଞ୍ଚିଯାଇଛନ୍ତି । ବୃଦ୍ଧବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ । ଅନ୍ୟପକ୍ଷରେ କାର୍‌ଟି ଦୁର୍ଘଟଣା ଘଟାଇବା ପରେ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଛି । ଏନେଇ ବାଦାମବାଡ଼ି ଥାନା ପୁଲିସ ତଦନ୍ତ କରୁଛି । ବୃଦ୍ଧବୃଦ୍ଧା ଖାନନଗର ଅଞ୍ଚଳରେ ଭଡ଼ାଘରେ ରହୁଥିଲେ । ସେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରତିଦିନ ସନ୍ଧ୍ୟାରୁ ରାତି ଯାଏ ମଞ୍ଜୁଲତା ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ରିଂ ରୋଡ୍ ପାର୍ଶ୍ୱରେ ଛୋଟ ବ୍ୟବସାୟ କରନ୍ତି । ମଟର, ବାଦାମ ଭଳି ଖାଦ୍ୟ ପଦାର୍ଥ ବିକି କରି ସେ ଚଳନ୍ତି । ମାତ୍ର ରାସ୍ତାପାର୍ଶ୍ୱରେ ତାଙ୍କ ଏଭଳି ମୃତ୍ୟୁରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଛନ୍ତି । ପୁଲିସ ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଜବତ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବିକୁ ରାତିରେ ମେଡିକାଲକୁ ପଠାଯାଇଥିବା ବେଳେ ପୁଲିସ ରାସ୍ତା ଅବରୋଧକୁ ଜୋରଜବରଦସ୍ତ ହଟାଇଛି ।



ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମୁକାବିଲା ପାଇଁ ବାରବାଟୀରେ ପ୍ରସ୍ତୁତି ଜୋରଦାର

### ଭାରତ-ଦକ୍ଷିଣ ଆଫ୍ରିକା ଆନ୍ତର୍ଜାତିକ ଟି-୨୦ ମ୍ୟାଚ୍ ପ୍ରସ୍ତୁତି

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

କଟକ,୨୯ ।୧୧(ସମିସ):




ବାରବାଟୀ ଷ୍ଟାଡିୟମ୍‌ଠାରେ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ଆୟୋଜନ ଓ ପ୍ରସ୍ତୁତି ସମ୍ବନ୍ଧରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଓସିଏ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ମ୍ୟାଚ୍ ଆୟୋଜିତ ହେବା ନେଇ ସମସ୍ତ ବ୍ୟବସ୍ଥାକୁ ତୃଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ସ୍ୱରୂପ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ, ଡିସିପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ଓସିଏ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମ୍ୟାଚ୍‌ର ଆୟୋଜନର ସମସ୍ତ ପ୍ରସ୍ତୁତି ସଂପର୍କରେ ରାଜସ୍ୱ ଆୟୁକ୍ତ ସଂପୃକ୍ତ ଅଧିକାରୀ ଓ ଯନ୍ତ୍ରୀ ତଥା ଓ ସିଏମସି କର୍ମକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ।

ବିଶେଷକରି ଟିକେଟ୍ କିଣାବିକା ସମୟରେ ଲାଇନ୍‌ରେ ଥିବା ଦର୍ଶକଙ୍କ ପାଇଁ ସୁବ୍ୟବସ୍ଥା, ଷ୍ଟାଡିୟମ୍‌ର ଉଭୟ ପଟ ଭିତ୍ତିଭୂମି ଅନୁଯାୟୀ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରି ମ୍ୟାଚ୍ ପୂର୍ବରୁ ଓ ମ୍ୟାଚ୍ ସମୟରେ ପୁଲିସ ପ୍ରଶାସନ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ପୂର୍ବକ ଉକ୍ତ ବୈଠକରେ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମଧ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆୟୁକ୍ତ ବିସ୍ତୃତ ଆଲୋଚନା କରିଥିଲେ । ମ୍ୟାଚ୍ ସମୟରେ ଭିଡ ନିୟନ୍ତ୍ରଣ, ଉଭୟ ପଡ଼ିଆ ଓ ପଡ଼ିଆ ବାହାରେ ଜରୁରୀ ଚିକିତ୍ସା ବ୍ୟବସ୍ଥା, ପାର୍କିଂ, ଟ୍ରାଫିକ ପରିଚାଳନା, ମ୍ୟାଚ୍ ଶେଷ ପରେ ଦର୍ଶକଙ୍କ ନିମନ୍ତେ ରାତ୍ରିକାଳୀନ ବସ ଚଳାଚଳ ବ୍ୟବସ୍ଥା ଆଦି ସଂପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ । ବିଶେଷ ଭାବେ ଗୁରୁତ୍ୱ ଦେଇ ପ୍ରତ୍ୟେକ ଗ୍ୟାଲେରୀ ଓ ଷ୍ଟାଣ୍ଡ କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବା ନେଇ କହିଥିଲେ । ମ୍ୟାଚ୍ ସମୟରେ ନିରନ୍ତର ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ସହ ଆଲୋକ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଉଥିବା ସଂପର୍କରେ ଏହି ସମୀକ୍ଷା ପୂର୍ବକ ବୈଠକରେ ଆଲୋଚନା ମାଧ୍ୟମରେ ରାଜସ୍ୱ ଆୟୁକ୍ତଙ୍କୁ ଓ ସି ଏ କର୍ତ୍ତୃପକ୍ଷ ଅବଗତ କରାଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଭୁବନେଶ୍ୱର ବିମାନ ବନ୍ଦର ପ୍ରାଧିକରଣ ନିର୍ଦ୍ଦେଶକଙ୍କ ସମେତ ସିଡିଏମଓ, ଅଗ୍ନିଶମ ଅଧିକାରୀ,ଆରଟିଓ, ମହାନଗର ନିଗମ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଓଡିଶା ଅଲମ୍ପିକ ଆସୋସିଏସନ୍ ସଭାପତି ଅଭିଜିତ ପାଲ୍, ଓଡିଶା କ୍ରିକେଟ୍ ଆସୋସିଏସନ୍ ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ ବେହେରା ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ସମୀକ୍ଷା ପୂର୍ବକ ବୈଠକରେ ଅବଗତ କରାଇଥିଲେ ।

**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

ଯୋଗାଯୋଗ: ୯୪୩୭୦୧୬୪୯୯ | ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

### ୩୭ କିଲୋ ଗଞ୍ଜେଇ ଜବତ

# ୩ ମହିଳା ସମେତ ୫ ନିଶା ଚାଲାଣକାରୀ ଗିରଫ

କଟକ,୨୯ ।୧୧(ସମିସ): ପଶ୍ଚିମବଙ୍ଗ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ ବେଳେ ୫ ଜଣ ଚାଲାଣକାରୀଙ୍କୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ସ୍କ୍ୱାଡ୍ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନର ଶିଶିର ଗହୀର(୨୬), ଶଶିଦେବ ସାହୁ(୩୧), ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ସରସ୍ୱତୀ ରୟ(୩୯), ସାଧନା ମଣ୍ଡଳ(୩୯), ଟୁକଟୁକି ମଣ୍ଡଳ(୩୫) । ଏମାନଙ୍କ ପାଖରୁ ମୋଟ ୩୭ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି ।

ଶନିବାର ସକାଳ ପ୍ରାୟ ୬ଟାରେ ସୂଚନା ମିଳିଲାକି, ମଙ୍ଗୁଳି ଛକରେ ବଡ ଧରଣର ନିଶାଦ୍ରବ୍ୟ କାରବାର ହେଉଛି । ଏହାପରେ ଅବକାରୀ ଗୁଇନ୍ଦା ବିଭାଗ ଟିମ ତୁରନ୍ତ ସେଠାରେ ଚଢଉ କରିଥିଲା । ଏହି ସମୟରେ ମଙ୍ଗୁଳି ଛକରେ ଛିଡା ହୋଇଥିବା ୩ ଜଣ ମହିଳା ସରସ୍ୱତୀ, ସାଧନା ଓ ଟୁକଟୁକି ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ତଲାସି ନେବାରୁ ତିନି ଜଣଙ୍କ ବ୍ୟାଗରୁ ମୋଟ ୨୭ କିଲୋ ଓଜନର ଗଞ୍ଜେଇ ମିଳିଥିଲା । ଏହାର ମାତ୍ର ଦୁଇ ଘଣ୍ଟା ପରେ ଅବକାରୀ ଟିମ ଟାଙ୍ଗୀ ଟୋଲ ଗେଟ ନିକଟରେ ଚଢଉ କରି ଅଭିଯୁକ୍ତ ଶଶଦେବ ଓ ଶିଶିରକୁ ଧରିଥିଲା । ଉଭୟଙ୍କ ପାଖରୁ ୧୦ କିଲୋ ଗଞ୍ଜେଇ ମିଳିଛି । ଜବତ ହୋଇଥିବା ମୋଟ ୩୭ କିଲୋ ଓଜନ ଗେଞ୍ଜାଇର ମୂଲ୍ୟ ପ୍ରାୟ ୩ ଲକ୍ଷ ୭୦ ହଜାର ଟଙ୍କା ହେବ । ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଏକତ୍ର ହୋଇ କଳାହାଣ୍ଡିରୁ ଗଞ୍ଜେଇ ଧରି ବସ ଯୋଗେ ମଙ୍ଗୁଳି ଛକରେ ପହଞ୍ଚିଥିଲେ । ମଙ୍ଗୁଳିରୁ ପଶ୍ଚିମବଙ୍ଗ ଯିବା ନିମନ୍ତେ ବସକୁ ଅପେକ୍ଷା କରିଥିଲେ ବୋଲି ଜେରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଚାଲାଣ ପରେ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଇନ୍ସପେକ୍ଟର ଧିରେନ କୁମାର ବେହେରା, ଅବନି କୁମାର ମହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଳ ରଞ୍ଜନ କୁମାର ପାତ୍ର, କିଶନ କୁମାର ସାବତ, ଅଶ୍ୱିନୀ କୁମାର ପରିଡା, ବିଶ୍ୱନାଥ ଭୋଇ, ପ୍ରକାଶ ଶତପଥୀ, ରଜନି ପଞ୍ଚଭୟ, ସୁମିତ୍ରା ସାମଲ ପ୍ରମୁଖ ଚଢଉରେ ସାମିଲ ଥିଲେ ।

वस्त्र मंत्रालय MINISTRY OF TEXTILES | India handmade

शिल्प प्रदर्शन सह जागरुकता कार्यक्रम
ଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ
CRAFT DEMONSTRATION - CUM - AWARENESS PROGRAMME
UNDER AHVY SCHEME FOR THE YEAR 2025-26



ORGANIZED BY: M/s. Hastashilpa Pattachitra Producer Company Ltd, Heritage Village Raghurajpur, Puri, Odisha
SPONSERED BY: O/o Development Commissioner (Handicrafts), Ministry of Textiles, Govt. of India, New Delhi

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ବିକ୍ଷୋଭ




**କୋଇଡା, ୨୯।୧୧(ସମିସ)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ନିଷ୍ପତ୍ତି କ୍ରମେ ୧୩ ଦଫା ଦାବି ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁସୁମଡ଼ି କୋଇଡାର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ସୋମବାର ଠାରୁ କଳାବ୍ୟାଜ୍ ପରିଧାନ କରି ବିଦ୍ୟାଳୟ ସମ୍ମୁଖରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିରବ ଧାରଣା ଦେଉଛନ୍ତି। ଓଡ଼ିଶାର ସମସ୍ତ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ଦେବା ସହ ଏଚଆରଏମଏସ୍ ଆଇଡି ଗଠନ, ସମାନ କ୍ୟାଡର ନିୟମ, ଆଦର୍ଶ ବିଦ୍ୟାଳୟରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଏନଏମଏମଏସ ଛାତ୍ରବୃତ୍ତି ପାଇଁ ଆବେଦନ କରିବା ପାଇଁ ଅନୁମତି ଏବଂ ନିଟ୍ ଓ ଜେଇଇ ଭଳି ଚୟନ ପରୀକ୍ଷାରେ ୧୫% ସଂରକ୍ଷଣ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଯୋଜନା ରିହାବିଲିଟେସନ୍ ସ୍କିମ୍ ଓ ଗ୍ରାଚ୍ୟୁଟି ପେନସନ ଇତ୍ୟାଦି ଦାବି ନେଇ ଓଏଭି ସଂଘ ତରଫରୁ ସୁନ୍ଦରଗଡ଼ର ବିଭିନ୍ନ ବିଧାୟକ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ୭ ଦିନ ମଧ୍ୟରେ ପୂରଣ ନ ହେଲେ ଆଗାମୀ ୮ ଡିସେମ୍ବର ଭୁବନେଶ୍ୱର ଠାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣ ଧାରଣାରେ ସାମିଲ୍ ହେବେ ବୋଲି ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

**ରାଉରକେଲା, ୨୯।୧୧(ସମିସ):** ନୂଆଗାଁ ବ୍ଲକ ଅଧୀନ ପଞ୍ଚାୟତ ସମିତି ହାଇସ୍କୁଲରେ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶନୀରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସମୁଦାୟ ୨୦୫ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ବିଚାରକ ଭାବେ ଲାଠିକଟା, ରାଉରକେଲା ଏବଂ କୁଆଁରମୁଣ୍ଡାରୁ ଅଭିଜ୍ଞ ବିଜ୍ଞାନ ଶିକ୍ଷକ ମାନେ ଆସି ପ୍ରକଳ୍ପ ସବୁ ମୂଲ୍ୟାୟନ କରିଥିଲେ। ବ୍ୟବସ୍ଥିତ କୃଷି, ଜଳ ସଂରକ୍ଷଣ, ସବୁଜ ଶକ୍ତି, ଉଦୀୟକରଣ ପ୍ରଯୁକ୍ତି ବିଦ୍ୟା, ଗାଣିତିକ ମଡେଲ, ସ୍ୱାସ୍ଥ୍ୟ ଓ ପରିମଳ ଓ ବ୍ୟର୍ଥ୍ୟ ବସ୍ତୁର ପୁନଃ ବ୍ୟବହାର ପରି ୮ଟି ଥିମ୍ ଉପରେ ଛାତ୍ରଛାତ୍ରୀ ପ୍ରକଳ୍ପ ସବୁ ପ୍ରଦର୍ଶନ କରିଥିଲେ। ୨୦୦୦ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ବିଶ୍ୱାସୀ ଟପ୍ପୋ, ସମ୍ମାନୀୟ ଅତିଥି ଭାବେ ବିଡିଓ ନୂଆଗାଁ ଜ୍ୟୋତି ବିକାଶ ଦାସ, ନୂଆଗାଁ ସରପଞ୍ଚ ମାମିକ୍ ମାଇଖେଲ ମିଞ୍ଜ୍, ହରେକୃଷ୍ଣ ଯାଦବ ପ୍ରମୁଖ ପ୍ରକଳ୍ପ ସବୁ ବୁଲି ଦେଖିଥିଲେ। ବିଇଓ ସାଲଗୀମୁନୀ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କି ଯୋଗ ଦେଇଥିଲା ବେଳେ ବିଶେଷ ଅତିଥି ଭାବେ ସୁନ୍ଦରଗଡ଼ ଏଡିଇଓ ସଦାନନ୍ଦ ପ୍ରଧାନ, ବ୍ଲକ ଚେୟାରମ୍ୟାନ ବିଶ୍ୱାସୀ ଟପ୍ପୋ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତି ଦୋରସା ଟେଟେ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ନୂଆଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକର ଶିକ୍ଷକ ଦିଲୀପ ସାହୁ ଓ ମଙ୍ଗଲ କେର୍କେଟାଙ୍କ ଦ୍ୱାରା ପରିଚାଳିତ ବିଜ୍ଞାନମେଳାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ବ୍ଲକର ପ୍ରତିନିଧିତ୍ୱ କରିବେ। ବିଜ୍ଞାନ ମେଳାରେ ଅନ୍ୟ ମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକର ସମସ୍ତ ସିଆରସିସି, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବାନେ କେଛୁଆ, ବନମାଳି ମଲ୍ଲିକ, ବିଜ୍ଞାନ ସଂଯୋଜକ ପ୍ରକାଶ ପ୍ରଧାନ, ଗୋବର୍ଦ୍ଧନ ସମାସୀ, ଅଶୋକ ସିଂ, ରଞ୍ଜିତ ଏକ୍କା, ହିଲାରିଆନ କିରୋ, ପର୍ଶୁରାମ ବେହେରା, ବିନ୍ଦୁରାଣୀ ପଟେଲ, ଆରୋତିକୁଲୁ, ବନ୍ଦନୁ ବାଡାଇକ, ମଧୁ କୋରିଆଲି ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୨୯।୧୧(ସମିସ):** ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ଯୁବ ରେଡକ୍ରସ ସୋସାଇଟି ଦ୍ୱାରା ଆୟୋଜିତ ଇଣ୍ଡିଆନ୍ ରେଡକ୍ରସ ସୋସାଇଟିର ତ୍ରିଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ୩୩ଟି ମହାବିଦ୍ୟାଳୟ, ବିଦ୍ୟାଳୟର ୧୨୫ ଜଣ ସ୍ୱେଚ୍ଛାସେବୀ, ୫୧ ଜଣ କାଉନସିଲର ଶିବିରରେ ଅଂଶଗ୍ରହଣ କରିଥିଲେ। କଲେଜର ଅଧ୍ୟକ୍ଷ ଡ.ରବୀନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ରେଡକ୍ରସ କାଉନସିଲର ରଶ୍ମି ରଞ୍ଜନ ରାଉତ, ଜିଲ୍ଲା ରେଡକ୍ରସ ସଂଯୋଜକ ସୁମନ୍ତ ଦ୍ୱିବେଦୀ, ଜିଲ୍ଲା ଆବାହକ ଅଜିତ ସାହୁ, ମନୋଜ ଦଲେଇ, କାଉନସିଲର ରଞ୍ଜିତ ପ୍ରଧାନ ତଥା କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ରାଉତ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟକ୍ରମରେ ୮ଟି ଟେକ୍ନିକାଲ ସେସନ୍ ଓ ୭ଟି ପ୍ରତିଯୋଗିତା ଯଥା ରଚନା, ବକ୍ତୃତା, ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ, ମୋବାଇଲରେ ଓଡ଼ିଆ ଟାଇପ ଶିକ୍ଷା, ସାମାଜିକ ସଚେତନତା ଧର୍ମୀ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା। ବନ୍ୟା, ବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ଦୁର୍ଘଟଣା ଭଳି ଜରୁରୀକାଳୀନ ବିପଦ ସମୟରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଶିବିରରେ ଶିକ୍ଷା ପ୍ରଦାନ କରାଯାଇଥିଲା। ତ୍ରିଦିବସୀୟ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାରତୀ ବରୁଆ, ବନ୍ଦନା ସୋରେନ, ରଶ୍ମିପ୍ରଭା ମଥାନ, କରୁଣାକର ପାଟ୍ଟଷାଣୀ, ତାରିଣୀ ନାୟକ, ରଚନା ମିଶ୍ର, ଅଙ୍କିତା ପାଇକରାୟ, ଜୀବନ ମହାନ୍ତି, ସନ୍ଧ୍ୟାରାଣୀ ସାହୁ, ଭିକି ନାଗ, ସୁପ୍ରିୟା ସାବତ, ପ୍ରିତିସ୍ମିତା ପଲେଇ, ପ୍ରଶାନ୍ତ ପ୍ରଧାନ, ବୀରବର ସୁବୁଦ୍ଧି, ସେବକ ସେନାପତି, ପ୍ରଶାନ୍ତ କର ପ୍ରମୁଖ ସହଯୋଗ କରିଥିଲେ।



# ଡାଲମିଆ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**କୁତ୍ରା, ୨୯।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡା ଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ +୨ ଓ +୩ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଆଭ୍ୟନ୍ତରୀଣ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜେଏସଡବ୍ଲ୍ୟୁ ସିଏସଆରର ମୁଖ୍ୟ ସଂଗ୍ରାମ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିପିଡବ୍ଲ୍ୟୁଓଡିଏଲର କନିଷ୍ଠ ଯନ୍ତ୍ରୀ ସତ୍ୟାନନ୍ଦ ସାହୁ ଓ ସକାଳ ସମ୍ବାଦପତ୍ରର ଖବରଦାତା କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଭାର ଆୟୋଜନ କରାଯାଇଥିଲା। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତା ୨୬ରେ ଆରମ୍ଭ ହୋଇ ଦୀର୍ଘ ୪ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜିତ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କମନରୁମ ଭିପି ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟରେ ସ୍ୱଦେଶୀ ଓ ବିଦେଶୀ ଦ୍ରବ୍ୟ ପ୍ରତିଯୋଗିତା

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶାର ନିର୍ଦ୍ଦେଶାନୁସାରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ୱଦେଶୀ ଓ ବିଦେଶୀ ଦ୍ରବ୍ୟ ସମ୍ବଳିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତା ତଥା ଛାତ୍ରଛାତ୍ରୀ ମାଣ୍ଡିଆରୁ ତିଆରି ବିଭିନ୍ନ ଖାଦ୍ୟ ଯଥା ଲଡୁ, କାକରା, ଚକୁଳି, ଆରିସା, ଠେକୁଆ, ପରଠା, ରୁଟି, ଜୁସ ଆଦି ତିଆରି କରି ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ପଟେଲ, ଅତିଥିମାନେ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ମାଣ୍ଡିଆରେ ତିଆରି ହୋଇଥିବା ଖାଦ୍ୟକୁ ବେଶ୍ ପ୍ରଶଂସା କରିଥିଲେ।



# ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସଭା

**ରାଉରକେଲା, ୨୯।୧୧(ସମିସ):** ସଙ୍ଗୀତ ଶିଳ୍ପୀ ସମାଜରର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ, କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ସମାଜର ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ପଣ୍ଡିତ ଅଜୟ ପାଣିଙ୍କ ମଙ୍ଗଳ ପାଠ ପରେ ପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ, ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଆମନ୍ତ୍ରିତ ଅତିଥି, ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ଗୋପବନ୍ଧୁ ପରିଡ଼ା, କଣ୍ଠଶିଳ୍ପୀ ରମେଶ ସୁନା, ଗୁରୁ ନରେନ୍ଦ୍ର ନାୟକ ପ୍ରମୁଖ ଅନେକ ବ୍ୟକ୍ତି ଶୋକସଭା ଅବସରରେ ସ୍ୱର୍ଗତ ସାଗରଙ୍କ ସ୍ମୃତିଚାରଣରେ ସାମିଲ ଥିଲେ। ପରେ ପରେ ଅତିଥି ଶ୍ରୀ ପରିଡ଼ା ନିଜ ବକ୍ତବ୍ୟ ସହିତ ସମସ୍ତ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଓ ରଶ୍ମିରଞ୍ଜନ ଦାସ ଓଡ଼ିଶୀ ସଙ୍ଗୀତ ଗାୟନ କରିଥିଲେ। ଗୁରୁ ବାବୁଲି ହରିପାଲଙ୍କ ନିର୍ଦ୍ଦେଶନାରେ ଦେବିକା ଘୋଷ, ପ୍ରିୟଙ୍କା ପ୍ରିୟା, ଅନୁଭା ମୁନୀ, ଅନନ୍ୟା ନାୟକ, ସାକ୍ଷୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନିରାକାର ପ୍ରଧାନ, ଗୁରୁରଞ୍ଜନ ସାହୁ, ଭରତ ଭୂଷଣ ମୁନୀ, ରମାକାନ୍ତ ନାୟକ, ପତିତପାବନ ମିଶ୍ର, ଦିଲ୍ଲିପ ବରିହା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅର୍ଥ ସମ୍ପାଦକ ଅମର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ପାନପୋଷ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରାଉରକେଲା, ୨୯।୧୧(ସମିସ):** ପାନପୋଷ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଶାରୀରିକ ପ୍ରମୁଖା ମିଲି ବିଶ୍ୱାଳ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ସଭାପତି ଭବାନୀ ଶଙ୍କର ଚାନ୍ଦେଲ, ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, କୋଷାଧ୍ୟକ୍ଷ ବସନ୍ତ ତନ୍ତୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କଲ୍ୟାଣୀ ଦେବୀ ହିନ୍ଦୀ ମାଧ୍ୟମ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ତିୱାରୀ ବିଦ୍ୟାଳୟର ଖେଳ ସାମଗ୍ରୀ ପାଇଁ ୨୫, ୦୦୦ ଟଙ୍କା ସହଯୋଗ ରାଶି ସହିତ ପ୍ରତିବର୍ଷ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ନିମନ୍ତେ ଘୋଷଣା କରିଥିଲେ। ଅଭିଭାବକ ଓ ଅଭିଭାବିକାଙ୍କ ମଧ୍ୟରେ ଖେଳ ସମାପନ ହୋଇଥିଲା। ଶେଷରେ ଡଲି ସାହୁ ପରିଚାଳନା ସମିତି ଓ ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟକୁ ଶେଷ କରିଥିଲେ।

# ଚାଉଳ ହେରଫେର ମାମଲାରେ ପୂର୍ବତନ କିରାଣୀଙ୍କୁ ୩ ବର୍ଷ ଜେଲ୍

**ରାଉରକେଲା, ୨୯।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକର ଅବସରପ୍ରାପ୍ତ ବରିଷ୍ଠ କିରାଣୀ ବିହାରୀଲାଲ ତାଜନଙ୍କୁ ୧୦୯୪ କ୍ୱିଣ୍ଟାଲ ସରକାରୀ ଚାଉଳ ହେରଫେର ତଥା ତଦନ୍ତ ବେଳେ ଚାଉଳ ଷ୍ଟକରେ ଅନିୟମିତତା ରହିଥିବା ଅଭିଯୋଗରେ ସୁନ୍ଦରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ବିଚାରପତି ୩ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଥିବା ସୂଚନା ମିଳିଛି। ଏହାସହ ୨୦ ହଜାର ଟଙ୍କା ଜରିମାନା ପାଇଁ ମଧ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ତାଙ୍କର ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖିବେ ବୋଲି ସୂଚନା ମିଳିଛି। ଡିଏସପି ଅକ୍ଷୟ ସାହୁ ଏହି ମାମଲାର ତଦନ୍ତ କରୁଥିବା ବେଳେ ସ୍ୱତନ୍ତ୍ର ପିପି ଓକିଲ ଶ୍ୟାମସୁନ୍ଦର ମିଶ୍ର, ଉଦିତ ବାତୁଶର୍ମା, ସହକାରୀ ପିପି ସନ୍ଦିପ ପଣ୍ଡା ମାମଲାର ପରିଚାଳନା କରିଥିଲେ।

# ଏନ୍‌ଆଇଟିରେ ଟିସୁ ଇଞ୍ଜିନିୟରିଂ ଏବଂ ଚିକିତ୍ସା ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ରାଉରକେଲା, ୨୯।୧୧(ସମିସ)**



ଟିସୁ ଇଞ୍ଜିନିୟରିଂ ଏବଂ ଚିକିତ୍ସା ଉପକରଣ ପାଇଁ ଉନ୍ନତ ବାୟୋମାଟେରିଆଲ୍ସ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭାରତ ଏବଂ ବିଦେଶର ପ୍ରମୁଖ ଗବେଷକ, ଇଞ୍ଜିନିୟର, ଡାକ୍ତର, ଚିକିତ୍ସକ, ଶିଳ୍ପ ଉଦ୍ଭାବକ, ଉଦ୍ୟୋଗୀ ଏବଂ ଯୁବ ବୈଜ୍ଞାନିକମାନେ ଏକତ୍ରିତ ହୋଇଥିଲେ। ଏନଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଏବଂ ଚିକିତ୍ସା ଇଞ୍ଜିନିୟରିଂ ବିଭାଗରେ ଅବସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଟିସୁ ଇଞ୍ଜିନିୟରିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ୱାରା ଆୟୋଜିତ ସମ୍ମିଳନୀ ହାଇବ୍ରିଡ୍ ମୋଡ୍‌ରେ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ରହିଛି। ଟିସୁ ଇଞ୍ଜିନିୟରିଂ ଏବଂ ଚିକିତ୍ସା ଉପକରଣ ପ୍ରଯୁକ୍ତି ପାଇଁ ଅଭିନବ ଏବଂ ଉନ୍ନତ ଜୈବ ସାମଗ୍ରୀ ଉପରେ ବହୁବିଧ ବିଷୟ ଆଲୋଚନା ପାଇଁ ଏହା ଅନ୍ତର୍ଜାତୀୟ ପ୍ଲାଟଫର୍ମ ପ୍ରଦାନ କରିବ। କାର୍ଯ୍ୟକ୍ରମରେ ପ୍ରାୟ ୧୨୫ ଜଣ ପ୍ରତିନିଧି ପଞ୍ଜୀକୃତ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ଣ୍ଣାଙ୍ଗ ବକ୍ତୃତା, ମୁଖ୍ୟ ଭାଷଣ ଏବଂ ନିମନ୍ତ୍ରିତ ବକ୍ତୃତା, ବୈଷୟିକ ଅଧିବେଶନ, ବୈଷୟିକ ପ୍ରଦର୍ଶନୀ, ଉନ୍ନତ ଜୈବ ସାମଗ୍ରୀ, ନାନୋ ସାମଗ୍ରୀ, ଅସ୍ଥିଶଲ୍ୟ, ଦନ୍ତ, ଚକ୍ଷୁ, ହୃଦରୋଗ, ରୋଗ ଏବଂ ବ୍ୟାଧି ଇତ୍ୟାଦି ପାଇଁ ଟିସୁ ପୁନର୍ଜୀବନ ରଣନୀତିକୁ ନେଇ ପୋଷ୍ଟର ଅଧିବେଶନ ଅନ୍ତର୍ଭୁକ୍ତ ହୋଇଛି। ଏଥିରେ ଉଦ୍ଭାବନ ସାମଗ୍ରୀ ଏବଂ ଜୈବ ଚିକିତ୍ସା ଡିଭାଇସ୍ ଉତ୍ପାଦନ, ଅନୁବାଦ ପଦ୍ଧତି ଏବଂ ଜୈବ ସାମଗ୍ରୀ ଡିଜାଇନ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏଆଇ/ଏମଏଲ ପ୍ରୟୋଗ ଆଦି ଅନ୍ତର୍ଭୁକ୍ତ ହୋଇଥିବା ଜଣାପଡ଼ିଛି। ପ୍ରଭାବଶାଳୀ ଜ୍ଞାନ ଆଦାନପ୍ରଦାନ, ନେଟୱାର୍କିଂ ଏବଂ ଗବେଷଣା ସହଯୋଗ ପାଇଁ ଆମେରିକା, ୟୁକେ, ଜାପାନ, ରୋମାନିଆ, ସିଙ୍ଗାପୁର, ମାଲେସିଆ ଏବଂ ଭାରତରୁ ବିଶିଷ୍ଟ ବକ୍ତାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ମାଡ୍ରାସର ପ୍ରଫେସର ଟିଏସ୍ ସମ୍ପଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେଣ୍ଟ ସ୍ପାଇରିଡନ୍ ୟୁନିଭରସିଟି ହସ୍ପିଟାଲ, ରୋମାନିଆର ଡ.ଲୁମିନିତା ସିମିଅନ, ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ.ଉମାମହେଶ୍ୱର ରାଓ, କୁଳସଚିବ ପ୍ରଫେସର ରୋହନ ଧୀମାନ ଏବଂ ପ୍ରଫେସର ଦେବେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପ୍ରଫେସର ସମ୍ପଥ ଉନ୍ନତ ବାୟୋମାଟେରିଆଲ୍ସର ଦ୍ୱାରା ଟିସୁ ମରାମତିକୁ କରାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ଭାବରେ ସମ୍ମାନିତ ଅତିଥି ଡ.ସିମିଅନ୍ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭାଷଣ ଦେଇ ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର କୃଷ୍ଣ ପ୍ରମାଣିକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଗ୍ରାଣ୍ଡ୍ ଚ୍ୟାଲେଞ୍ଜର ମୁକାବିଲାରେ ଟିସୁ ଇଞ୍ଜିନିୟରିଂର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ର.ଦେବେନ୍ଦ୍ର ବର୍ମା, ପ୍ର.ରୋହନ ଧିମାନ ମଧ୍ୟ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ର. ରାଓ କହିଥିଲେ ଯେ ମେରୁଦଣ୍ଡ ସ୍ତମ୍ଭର ବିକାର ସବୁଠାରୁ ଚ୍ୟାଲେଞ୍ଜିଂ କ୍ଲିନିକାଲ୍ ସମସ୍ୟା ମଧ୍ୟରୁ ଗୋଟିଏ, ଡିସ୍କ ପୁନଃବିକାଶ ଏପର୍ଯ୍ୟନ୍ତ ବିଶ୍ୱରେ କୌଣସି ସ୍ଥାନରେ ହାସଲ ହୋଇନାହିଁ। ଏହି ସମ୍ମିଳନୀକୁ ପ୍ର. ଏ. ତିରୁଗନାମ୍ ଏବଂ ପ୍ର. ଅମିତ ବିଶ୍ୱାସ ସଂଯୋଜକ ଭାବରେ ଆହୂତ କରିଥିବା ବେଳେ ପ୍ର. ସୁଦୀପ ଦାସଗୁପ୍ତା ଏବଂ ପ୍ର. ସୁଜିତ କୁ.ଭୂତିଆ ସହସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ। ତିନି ଦିନିଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବେ। ଏଥିରେ ଅର୍ଥୋପେଡ଼ିକ୍, ଡେଣ୍ଟାଲ୍, ହୃଦ୍‌ରୋଗ, ସ୍ନାୟୁ ଏବଂ କର୍କଟ ପ୍ରୟୋଗ ପାଇଁ ଉନ୍ନତ ଜୈବ ସାମଗ୍ରୀ, ଚିକିତ୍ସା ଉପକରଣ ପାଇଁ ଉନ୍ନତ ଉତ୍ପାଦନ କୌଶଳ, ଜୈବ ସାମଗ୍ରୀର ନିୟାମକ, ନୈତିକ ଏବଂ ଆଇପିଆରସମ୍ବନ୍ଧୀୟ ଦିଗ, ଇଞ୍ଜିନିୟର୍ଡ଼ ଟିସୁ ବିକଳ୍ପ ଏବଂ ଚିକିତ୍ସା ଉପକରଣ ଅନ୍ତର୍ଭୁକ୍ତ।


'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


# ଜୈବ ବିବିଧତାର ସଂରକ୍ଷଣ ଏବଂ ଜୀବନ ଜୀବିକା ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ

**ବଣାଇଁ, ୨୯।୧୧(ସମିସ):** ବଣାଇ ବନବିଭାଗ ଆନୁକୂଲ୍ୟରେ ଏବଂ ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ତତ୍ତ୍ୱାବଧାନରେ ଶନିବାର ଜୈବ ବିବିଧତା ସଂରକ୍ଷଣ ଅନ୍ତର୍ଜାତୀୟ ଆଲୋଚନାଚକ୍ର ସ୍ଥାନୀୟ ବଣାଇଗଡ଼ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ଲୋକାୟୁକ୍ତ ସଦସ୍ୟ ଦେବଦତ୍ତ ସ୍ୱାଇଁ, ପ୍ରଫେସର ବିକାଶ ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଡ.ଅରୁଣ ମିଶ୍ର, ଡ.ପଦ୍ମିନୀ ପାଣିଗ୍ରାହୀ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜୈବ ବିବିଧତା ଅଧ୍ୟୟନ ପାଇଁ ବଣାଇଁ ବନଖଣ୍ଡ ସବୁଠାରୁ ଉପଯୁକ୍ତ ବୋଲି ଡ.ମିଶ୍ର କହିଥିଲେ। ତେଣୁ ସଂରକ୍ଷଣ ଓ ବିବିଧତାର ଭୂମିକା ସମାଜରେ ଜୀବନ ଜୀବିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ବଣାଇ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ସମସ୍ତ ରେଞ୍ଜ ଅଧିକାରୀ, ବିଭିନ୍ନ ଖଣିର କର୍ମଚାରୀ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ବଣାଇଁ ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ ସମସ୍ତଙ୍କ ଉପସ୍ଥିତି କାମନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।




MINISTRY OF TEXTILES
india handmade
शिल्प प्रदर्शन सह जागरुकता कार्यक्रम
ଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ
CRAFT DEMONSTRATION - CUM - AWARENESS PROGRAMME
UNDER AHVY SCHEME FOR THE YEAR 2025-26

ORGANIZED BY:
M/s. Hastashilpa Pattachitra Producer Company Ltd, Heritage Village Raghurajpur, Puri, Odisha
SPONSERED BY:
O/o Development Commissioner (Handicrafts), Ministry of Textiles, Govt. of India, New Delhi

## ନିଶ୍ଚିନ୍ତକୋଇଲି ବିଜେଡିର ସାଂଗଠନିକ ବୈଠକ

# ୨୦୨୪ ପରାଜୟ ପଛର କାରଣ ବଖାଣିଲେ ପ୍ରତାପ



ନିଶ୍ଚିନ୍ତକୋଇଲି,୨୯ ।୧୧(ସମିସ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଞ୍ଚାୟତରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବା ଆଭିମୁଖ୍ୟ ନେଇ ଜମରା ପଞ୍ଚାୟତସ୍ଥିତ ମା' ଗର୍ଭେଶ୍ୱରୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବିଜେଡି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ । ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଗତ ୨୦୨୪ ସାଧାରଣ ନିର୍ବାଚନରେ ଏଠାରେ ବିଜେଡିର ପରାଜୟ କାରଣ ବଖାଣିଥିଲେ । ଏହି ବ୍ଲକରେ ଯେଉଁମାନେ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବୁଝାସୁଝା କରୁଥିଲେ ସେମାନଙ୍କୁ ସେ ଅନ୍ଧ ଭାବରେ ବିଶ୍ୱାସ କରି ସମସ୍ତ ଦାୟିତ୍ୱ ବୁଝିବା ପାଇଁ ଦେଇଥିଲେ । ସେମାନଙ୍କ ବିଶ୍ୱାସଘାତକତା, ସ୍ୱାର୍ଥପରତା ଏବଂ ଅନ୍ତର୍ଘାତୀ କାର୍ଯ୍ୟ ପାଇଁ ଦଳ ପରାଜୟ ବରଣ କରିଥିବା ପ୍ରକାଶ କରିଥିଲେ । ଏହି ବିଶ୍ୱାସଘାତକ କର୍ମୀମାନେ ଅନ୍ୟ ଦଳରୁ ପ୍ରଚୁର ଅର୍ଥ ନେଇ ବିଜେଡିର ଭୋଟକୁ ଭାଙ୍ଗିଦେଇଥିଲେ । ନିର୍ବାଚନ ପରେ ଏହି ବିଶ୍ୱାସଘାତକମାନେ ଏବେ ଦଳ ଛାଡିଦେଇଥିବାରୁ ଆଉ ସଂଗଠନ କରିବା ପାଇଁ କୌଣସି ଅସୁବିଧା ହେବ ନାହିଁ ବୋଲି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ପଞ୍ଚାୟତ ସ୍ତରରେ ବିଭିନ୍ନ କମିଟି ଗଠନ କରି ବିଜେଡି ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ମଧ୍ୟ ଦେଇଥିଲେ ।

ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସଭାପତି ରମାକାନ୍ତ ମହାନ୍ତିଙ୍କୁ ପରିବର୍ତ୍ତନ କରାଯାଇ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଗଲା ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ । ବୈଠକରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ବିପ୍ଳବ କାପ, ସଭ୍ୟା ଜସ୍ମିତା ସେଠୀ, ପୂର୍ବତନ ସରପଞ୍ଚ କ୍ଷୀରୋଦଚନ୍ଦ୍ର ପଣ୍ଡା, ଆଶୁତୋଷ ତ୍ରିପାଠୀ, ଜୋନ୍ ସଭାପତି ଜୟଦେବ ରାଉତ, ଅନୀଲ କୁମାର ଭୂୟାଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଂଜନ ମହାପାତ୍ର, ସରପଞ୍ଚ ସରୋଜିନୀ ବେହେରା, ବନ୍ଦନାମୟୀ ତ୍ରିପାଠୀ, ରାକେଶ ସାମଲ, ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ବଳରାମ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ରାଜେଶ ବେହେରା, ଦେବେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ସୁଧାଂଶୁ ଶେଖର ଭୂୟାଁ, ମନୋଜ ସେଠୀ, ସୁଦାମ ଚରଣ ବଳ, ବିନୋଦ ସାମଲ, ଆନନ୍ଦ ଦାସ, ଅଭିରାମ ବିଶ୍ୱାଳ, ଚୈତନ୍ୟ ପଣ୍ଡା, ଜାକିର ଖାଁ, ଶାରଦା ମହାନ୍ତି, ଜଲାଲ ହୁସେନ, ପ୍ରହ୍ଲାଦ ଜେନା ଅଂଶଗ୍ରହଣ କରିଥିଲେ । ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର



ବଡମ୍ବା,୨୯ ।୧୧(ସମିସ): ବଡମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ 'ଓଡ଼ିଆ ନାଟ୍ୟ ସାହିତ୍ୟକୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଅବଦାନ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମୋହିତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୈଳବାଳା ମହିଳା ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡ ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ ବିଜୟଲକ୍ଷ୍ମୀ ଦାଶ ମୁଖ୍ୟବକ୍ତା ଓ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ ସନ୍ତୋଷ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଡ ଅରବିନ୍ଦ ନାୟକ ବଡମ୍ବା ମାଟି ସହିତ କାଳୀଚରଣ ପଟ୍ଟନାୟକଙ୍କ ସମ୍ପର୍କ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ସରିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗର ଅନ୍ୟତମ ଅଧ୍ୟାପିକା ସୁଶ୍ରୀ ସଂଗୀତା ମହାପାତ୍ର, ଡ଼ଃ ଗୌତମୀ ନାୟକ, ଅଧ୍ୟାପିକା ଡ ପୁଷ୍ପଲତା ପାଣିଗ୍ରାହୀ, ଡ ପ୍ରିୟମ୍ବଦା ଦାଶ, ଅଧ୍ୟାପିକା ସସ୍ମିତା ବେହେରା, ଗଣିତ ଅଧ୍ୟାପକ କେଦାରନାଥ ସାହୁ ଉପସ୍ଥିତ ଥିଲେ । ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ରଣା ଓ ଶୁଭଲକ୍ଷ୍ମୀ ରାଉତ ପାଠଚକ୍ର ପ୍ରବନ୍ଧ ପାଠ କରିଥିଲେ । ଓଡ଼ିଆ ବିଭାଗର ବରିଷ୍ଠା ଅଧ୍ୟାପିକା ଡ ସୁବାସିନୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ଶତାୟୁ ବୃଦ୍ଧଙ୍କ ପରଲୋକ




ନିଶ୍ଚିନ୍ତକୋଇଲି, ୨୯ ।୧୧ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ପଞ୍ଚାୟତ ଫଗୋଲ ଗ୍ରାମର ଧର୍ମପ୍ରାଣ ଶତାୟୁ ବୃଦ୍ଧ ଲୋକନାଥ ଭୂୟାଁ (୧୦୪) ଙ୍କ ପରଲୋକ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସରୋଜ କୁମାର ଭୂୟାଁଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଖବର ପାଇ ସମବାୟବିତ୍ ଧୀରେନ୍ଦ୍ରନାଥ ବେହେରା, ଷ୍ଟେଟ୍ ବ୍ୟାଙ୍କ କେନ୍ଦୁପାଟଣା ଶାଖାର ପରିଚାଳକ ସୁକାନ୍ତ କୁମାର ସାହୁ, ସରପଞ୍ଚ ବୈଷ୍ଣବ ଚରଣ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଗଭୀର ଶୋକବ୍ୟକ୍ତ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ଜ୍ୟେଷ୍ଠପୁତ୍ର ବ୍ୟାଙ୍କ କର୍ମଚାରୀ ଭାସ୍କରଚନ୍ଦ୍ର ଭୂୟାଁ ମୁଖାଗ୍ନି ଦେଇଥିଲେ ।

# ହାତୀ-ମଣିଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଟାଙ୍ଗୀ,୨୯ ।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ରଗଡ଼ିସାହି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇକୋ କ୍ଲବ୍ ଆନୁକୂଲ୍ୟରେ ହାତୀ ମଣିଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଡ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସିଏଫ ରବିନାରାୟଣ ମହାନ୍ତି, ବନପାଳ ଲକ୍ଷ୍ମୀଧର ନାୟକ, ଶକ୍ତି ବିଭାଗର ଇନ୍ସପେକ୍ଟର ଇଂ ରମାକାନ୍ତ ମହାରଣା, ସଫା ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, ସମିତି ସଭ୍ୟ ଅଜିତ କୁମାର ନାୟକ, ସମାଜସେବୀ ରକ୍ଷ୍ୟାନନ୍ଦ ସ୍ୱାଇଁ, ସୁରେଶ ମହାନ୍ତ, ଛବିନ୍ଦ୍ର ନାୟକ, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହାଣୀ, ସିଆରସିସି ସିଦ୍ଧେଶ୍ୱର ଦରାଇ ହାତୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବାର୍ତ୍ତା ପୋଷ୍ଟର ବଣ୍ଟନ, ଶପଥ ପାଠ ଓ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅବିଭାବକ, ସମସ୍ତ ଗଜସାଥୀ, ଏସଏଚଜି ମହିଳା ଓ ସଫା ବନପାଳ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଅରୁଣ କୁମାର ସାମଲ ଧନ୍ୟବାଦ ଦେଇଥିଲେ ।

# ଚୌଦ୍ୱାର କଲେଜ ସାରସ୍ୱତ ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ




ଚୌଦ୍ୱାର,୨୯।୧୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ସପ୍ତାହବ୍ୟାପୀ ଆୟୋଜିତ ସାରସ୍ୱତ ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ମାର୍ଗଦର୍ଶନରେ ଆୟୋଜିତ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଭାକର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ବ୍ରହ୍ମଣୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ମନୋରଞ୍ଜନ ସାହୁ ଓ ସ୍ତମ୍ଭକାର ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଅଧ୍ୟାପିକା ଡ. ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ବନୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ରଜନୀକାନ୍ତ ସାହୁ, ରଚିତା ବେହେରା, ଶୁଭସ୍ମିତା ଭୁୟାଁ, ଏସ୍.କେ. କାସିମ୍, ଭରତଚନ୍ଦ୍ର ବାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘର ଆନ୍ଦୋଳନ ସଜବାଜ



ନରସିଂହପୁର,୨୯ ।୧୧ (ସମିସ): ନରସିଂହପୁର ବ୍ଲକ ଗଣେଶ୍ୱର ବିଦ୍ୟାପୀଠରେ ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ସଂଘର ବିଭିନ୍ନ ଦାବିକୁ ନେଇ ବିଧାନସଭା ନିକଟରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଗୋଛିଙ୍କ ଅଧ୍ୟକ୍ଷତା ତଥା ବ୍ଲକ ସଂପାଦକ ନିରଞ୍ଜନ ମହାପାତ୍ରଙ୍କ ଆହ୍ୱାନକ୍ରମେ ସଂଘର ପ୍ରତିନିଧି ଏବଂ ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟର ୨୬୦୮ଟି ହାଇସ୍କୁଲରୁ ପ୍ରାୟ ୬୦ଟି ସ୍କୁଲ ପୂର୍ଣ୍ଣ ଅନୁଦାନ ସହ ଚାକିରି ସର୍ତ୍ତାବଳୀ, ପେନସନ ପାଉଥିବା ବେଳେ ଅବଶିଷ୍ଟ ବିଦ୍ୟାଳୟ ଏଥିରୁ ବଞ୍ଚିତ ହୋଇଛନ୍ତି । ବିଦ୍ୟାଳୟଗୁଡିକରେ ଶତକଡା ୬୦ଭାଗ ଶିକ୍ଷକ ପଦ ଖାଲି, ବିଦ୍ୟୁତ୍ ବିଲ୍, କମ୍ପୋଜିଟ ଗ୍ରାଣ୍ଟ ଓ ଅନ୍ୟାନ୍ୟ ସରକାରୀ ସ୍କୁଲ ଭଳି ଅନୁଦାନ ବ୍ୟବସ୍ଥା ନଥିବାରୁ ବିଦ୍ୟାଳୟ ପରିଚାଳନାରେ ଅସୁବିଧା ସୃଷ୍ଟି ହେଉଛି ବୋଲି କହିଥିଲେ କଟକ ଜିଲ୍ଲା ସଂପାଦକ କରୁଣାକର ଶତ୍ପଥୀ । ଏହାର ପ୍ରତିବାଦରେ ଚଳିତ ବିଧାନସଭା ଅଧିବେଶନରେ ଅବସରପ୍ରାପ୍ତ ଓ କାର୍ଯ୍ୟରତ ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ବିଧାନସଭା ଗାନ୍ଧୀମାର୍ଗରେ ଧାରଣା, ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବୈଠକରେ ସୁରେଶଚନ୍ଦ୍ର ମହାଳିକ, ଧନଞ୍ଜୟ ମିଶ୍ର, ସଞ୍ଜୟ ମିଶ୍ର, ନଟବର ଖୁଣ୍ଟିଆ, ଅରୁଣ ବେହେରା, ସନ୍ତୋଷ ମହାପାତ୍ର, ବିଷ୍ଣୁପ୍ରସାଦ ସାହୁ, ପ୍ରାଣବନ୍ଧୁ ପଲେଇ, ବାସୁଦେବ ସାହୁ, ପ୍ରମୋଦ ବେହେରା, ଯଦୁନାଥ ବେହେରା, ଶ୍ରୀନିବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ଆନ୍ଦୋଳନକୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମର୍ଥନ

ତିଗିରିଆ, ୨୯।୧୧(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୨ଟି ଦାବିକୁ ନେଇ ଡିସେମ୍ବର ୫ ତାରିଖରେ ଦେଇଥିବା ଆନ୍ଦୋଳନ ଡକରାକୁ ନୂତନ ପେନସନଭୁକ୍ତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ ସମର୍ଥନ ଦିଆଯାଇଥିବା ସଂଘ ସଭାପତି ଶଙ୍କର୍ଷଣ ବେହେରା ସଂପାଦକ ଚାରୁଚନ୍ଦ୍ର ବେହେରା ଓ ସଂଘ ସଚିବ ପ୍ରଶାନ୍ତ କୁମାର ମହାପାତ୍ର ଘୋଷଣା କରିଛନ୍ତି । ସଂଘ ସଭାପତି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଜିଲ୍ଲା ଓ ବ୍ଲକ ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ଆଭାସି ବୈଠକରେ ରାମଲାଲ ପଟେଲ, ରାଜେଶ ମହାନ୍ତି, ସୁଶାନ୍ତ କୁମାର ବେହେରା, ନରେଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ସଏଦ ଜ୍ୟାକି ଅମିନ୍, ରମେଶଚନ୍ଦ୍ର ବେହେରା, କର୍ଣ୍ଣରଞ୍ଜନ ସାହୁ, ପଦ୍ମଲୋଚନ ନାୟକ, ନିରଞ୍ଜନ ଭୋଇ, ବନମାଳି ସେଠୀ, ଅନାଥ ବେହେରା, ନାରାୟଣ ଚାନ୍ଦ, ଅମ୍ବରିଶ ସାହୁ, ପ୍ରସନ୍ନ କୁମାର ରାଉତ, ବନମାଳି ରାଉତଙ୍କ ସମେତ କର୍ଣ୍ଣାର୍ଜୁନ ନାଏକ, ପ୍ରମୋଦ କୁମାର ଗୋଛି, ପ୍ରଭାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଟକା ବିକ୍ରି ବିରୋଧରେ ଚଢ଼ଉ



ଟାଙ୍ଗୀ,୨୯ ।୧୧(ସମିସ): ବେଆଇନ୍ ଭାବେ ବିଶେଷକରି ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ନିକଟରେ ଗୁଟକା ବିକ୍ରିକୁ ନେଇ କଟକ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ଜିଲ୍ଲା ଖାଦ୍ୟ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ଓ କଇରାପାରି ସମେତ ଜରିପଡ଼ା ପଞ୍ଚାୟତ ଟିକରା ଓ କହ୍ନେଇପୁର ପଞ୍ଚାୟତ ଭଗତପୁର ଅଞ୍ଚଳରେ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି । ଗୁଟକା ବିକ୍ରି କରୁଥିବା ପ୍ରାୟ ୩୦ଟି ଦୋକାନରୁ ସାମଗ୍ରୀ ଜବତ କରାଯାଇଥିବାବେଳେ ପ୍ରାୟ ୨୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି । ଖାଦ୍ୟ ବିଭାଗ ନିରୀକ୍ଷିକା ଶର୍ମିଳା ସାହୁ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଅଭିନନ୍ଦିତାଙ୍କ ସହ ଭାରପ୍ରାପ୍ତ ଥାନା ଅଧିକାରୀ ଡ. ବିକାଶ ସେଠୀ ଯାଞ୍ଚରେ ସାମିଲ ହୋଇଥିଲେ ।

# ଓପଲଫେଡ୍‌ର ପୂର୍ବତନ ନିର୍ଦ୍ଦେଶକଙ୍କ ବିୟୋଗରେ ଶୋକ



ସାଲେପୁର,୨୯ ।୧୧(ସମିସ): ବ୍ଲକ୍‌ର ଓଡ଼ାସିଂହ ପଞ୍ଚାୟତ ନିବାସୀ ଓପେଲଫେଡ୍‌ର ପୂର୍ବତନ ନିର୍ଦ୍ଦେଶକ ହୃଷୀକେଶ ବେହେରାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଓଡ଼ାସିଂହଠାରେ ଅନୁଷ୍ଠିତ ହୋଇଯାଇଛି । କୈଳାସଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ଜ୍ୟୋତିରେଖା ନାୟକ, ସମାଜସେବୀ ଶ୍ରୀକାନ୍ତ ରାଉତରାୟ, ସ୍ଥାନୀୟ ସମିତିସଭ୍ୟ ବିନତୀ ମହାପାତ୍ର, ରାମଚନ୍ଦ୍ର ସାହୁ, ଚିତ୍ତରଂଜନ ମିଶ୍ର, ବୈଦ୍ୟନାଥ ବେହେରା, ବିଷ୍ଣୁଚରଣ ବେହେରା, ଅଂଜନ କୁମାର ବେହେରା, ଗୋପିନାଥ ବେହେରା, ମାଳତୀ ବେହେରା, ଗୌରୀ ବେହେରା, ତନ୍ମୟ ବେହେରା, ଉତ୍ତମ ବେହେରା, ରାମଚନ୍ଦ୍ର ବେହେରାଙ୍କ ସମେତ ବହୁ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀ ରଙ୍ଗଲତା ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସାଲେପୁର,୨୯ ।୧୧(ସମିସ): ସଉରୀ ପଞ୍ଚାୟତର ସଉରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଂଗଲତା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂପାଦକ ଅନନ୍ତ ସାହୁ, ଅବସରପ୍ରାପ୍ତ ସିଆରସିସି ଗୌରଚନ୍ଦ୍ର ଭୂୟାଁ, ଶିକ୍ଷକ ସଂଘର ସଭାପତି ଜାକି ଅମିନ୍, ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ, ରଂଜନ ନାୟକ, ସେକ୍ ଅଫଜଲ ହୁସେନ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ପ୍ରଧାନଶିକ୍ଷୟିତ୍ରୀ ରଂଗଲତା ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଓ ତାଙ୍କର ଛାତ୍ରଛାତ୍ରୀଙ୍କ ପ୍ରତି ରହିଥିବା ସ୍ନେହଶ୍ରଦ୍ଧାକୁ ଭୂୟସୀ ପ୍ରଶଂସା କରିଥିଲେ ।

# ବିଭିନ୍ନ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ






ତିଗିରିଆ, ୨୯ ।୧୧ (ସମିସ): ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ କାଶୀନାଥ ଇଂଲିଶ ମିଡିୟମ ସ୍କୁଲରେ ଚଳିତ ଶିକ୍ଷାବର୍ଷର ବାଲ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଏଲୋରା ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗ ଦେଇଥିଲେ । ଏଥିରେ ମୋଟ ୫୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ନର୍ସରୀ ଶ୍ରେଣୀର ଶ୍ରେୟାନସି ସାହୁ, ଏଲକେଜିର ପ୍ରିୟାନସୁ ଚିନାରା, ୟୁକେଜିର ଶ୍ରୀୟା ବେହେରା, ଷ୍ଟାଣ୍ଡାର୍ଡ -୧ର ଆଶୁତୋଷ ବିଶ୍ୱାଳ, ଷ୍ଟାଣ୍ଡାର୍ଡ-୨ର ହର୍ଷିତ ସାହୁ, ଷ୍ଟାଣ୍ଡାର୍ଡ-୩ର ଆଦିତ୍ୟ ନାରାୟଣ ହର୍ଷବର୍ଦ୍ଧନଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷକ ଜମ୍ବେଶ୍ୱର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପୀତବାସ ଦାସ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଅନିଶା ବେଗମ, ବିଳାସିନୀ ପଣ୍ଡା, ସୁଚିସ୍ମିତା ଦାଶ, ରଶ୍ମିତା ମହାନ୍ତି, ରକ୍ଷିତା କୁମାରୀ, ନେମତ ଜହାଁ ବେଗମ, ଅପରାଜିତା ପଲେଇ, ସୁଶ୍ରୀ ଋତୁପର୍ଣ୍ଣା ସାହୁ ସହଯୋଗ କରିଥିଲେ ।

**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଜିନିୟସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ମୋନାଲିସା ସାହୁ ମହୋଦୟା ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ରଘୁବଂଶ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଜ୍ଞାନ ଶିକ୍ଷକ ବିଶ୍ୱରଂଜନ ସାହୁ, ରାଜକିଶୋର ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ ।

**ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣା**

# ୨ ନାବାଳକ, ଜଣେ ମହିଳା ସମେତ ୧୦ ଗିରଫ






- ୩୭ ଲକ୍ଷ ୨୭ ହଜାର ନଗଦ ଟଙ୍କା
- ୫୨୧ ଗ୍ରାମ୍ ସୁନା, ୧୪.୩୨ କିଲୋ ରୁପା
- ୩ଟି ଦେଶୀ ବନ୍ଧୁକ, ୧୨ଟି ଗୁଳି ଜବତ

ଝାରସୁଗୁଡ଼ା, ୨୯।୧୧(ସମିସ)

ଝାରସୁଗୁଡ଼ା ପୁଲିସକୁ ଚ୍ୟାଲେଞ୍ଜ ଦେଇ ଟାଉନ ଥାନାର ନିକଟରେ ଜଣେ ପାନ ମସଲା ବ୍ୟବସାୟୀଙ୍କ ଘରେ ପଶି ପରିବାର ସଦସ୍ୟଙ୍କ ହାତଗୋଡ ବାନ୍ଧି ସଶସ୍ତ୍ର ଡକାୟତି ଘଟଣାର ଅଭିଯୁକ୍ତଙ୍କୁ ଧରିବାରେ ଝାରସୁଗୁଡ଼ା ପୁଲିସ ସଫଳ ହୋଇଛି। ଏହି ସଶସ୍ତ୍ର ଡକାୟତି ଘଟଣାରେ ଜଣେ ମହିଳା, ୨ଜଣ ନାବାଳକ ସମେତ ୧୦ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମାନଙ୍କ ନିକଟରୁ ପୁଲିସ ୩୭ ଲକ୍ଷ ୨୭ ହଜାର ନଗଦ ଟଙ୍କା, ୫୨୧ ଗ୍ରାମ୍ ସୁନା, ୧୪.୩୨ କେଜି ରୁପା, ୩ଟି ଦେଶୀ ବନ୍ଧୁକ, ୧୨ଟି ଜୀବନ୍ତ ଗୁଳି ଓ ୨ଟି କାର, ୨ଟି ସ୍କୁଟି, ଗୋଟିଏ ବାଇକ, ନକଲି ନମ୍ବର ପ୍ଲେଟ, ୧୨ଟି ମୋବାଇଲ ଫୋନ୍ ଆଦି ଜବତ କରିଛି। ଘଟଣାକୁ ନେଇ ଶନିବାର ଝାରସୁଗୁଡ଼ା ପୁଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଡକାୟତିର ମାଷ୍ଟରମାଇଣ୍ଡ ଅଶୋକ ପଣ୍ଡା (୫୮) ହୋଇଥିବା ନେଇ ସୂଚନା ଦିଆଯାଇଛି।

ଗତ ୧୯ ତାରିଖରେ ଝାରସୁଗୁଡ଼ା ଟାଉନଥାନା ଅଧୀନ ବିନାୟକ ପୁରମ ଲେନ୍‌ର ମୁକେଶ ବୁଟଓ୍ୱାନିଙ୍କ ଘରେ ପଶି ପରିବାର ସଦସ୍ୟଙ୍କ ହାତଗୋଡ ବାନ୍ଧି ସଶସ୍ତ୍ର ଡକାୟତି ହୋଇଥିଲା। ମୁଖାପିନ୍ଧା ଦୁର୍ବୃତ୍ତ ପରିବାର ସଦସ୍ୟଙ୍କୁ ବନ୍ଧକରଖିବା ସହିତ ଶ୍ରୀ ବୁଟଓ୍ୱାନୀଙ୍କୁ ଛୁରାମାଡ଼ କରି ତମାମ ଟଙ୍କା, ଗହଣା ଲୁଟ କରି ନେଇଥିଲେ। ଏଥିରେ ସଂଶ୍ଳିଷ୍ଟ ଦୁଇ ନାବାଳକ ଜଣେ ମହିଳା ସମେତ ୧୦ ଜଣ ଅଭିଯକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥି ସହିତ ପୁଲିସ ନଗଦ ଟଙ୍କା, ସୁନାରୁପା, ଦେଶୀବନ୍ଧୁକ, କାର ବାଇକ୍ ଓ ମୋବାଇଲ ଜବତ କରିଛି। ଏନେଇ ଅଭିଯୋଗ ହେଲା ପରେ ୧୦ରୁ ଅଧିକ ପୁଲିସ ଟିମ୍ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟ ବାହାରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଗିରଫ ଅଭିଯୁକ୍ତ ମାନେ ବିହାରର ଭୋଜପୁରର ସଞ୍ଜୟ ସିଂହ (୫୩), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧର ରାଧାକାନ୍ତ କହଁର (୩୮), ଝାରସୁଗୁଡ଼ା ସଦର ଥାନା ବମ୍ବେ ଛକର ଅଶୋକ ପଣ୍ଡା (୫୮), କଟକ ଜିଲ୍ଲା ନେମାଳର ଜଗବନ୍ଧୁ ବେହେରା (୫୬), ଜଗତସିଂହପୁର ଜିଲ୍ଲା ପାରାଦୀପର କାହ୍ନାଚରଣ ସ୍ୱାଇଁ (୩୨), ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ର ଆନନ୍ଦ ରାୟ (୨୪), ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ (୩୦) ଏବଂ ବଲାଙ୍ଗିର ବେଲପଡ଼ାର ପିଙ୍କି ଓରଫ ସୁଶୀଳା ମେହେର (୩୦) ହୋଇଥିବା ନେଇ ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ସ୍କ୍ରାପରୁ ମନ୍ଦିର ପ୍ରତିରୂପ କରି ଭିକାରୀ ଚରଣ ବେରିହା ପୁରସ୍କୃତ




ଝାରସୁଗୁଡ଼ା, ୨୯।୧୧(ସମିସ): ଓରିଏଣ୍ଟ କ୍ଷେତ୍ର ଫୋରମ୍ୟାନ ଇନ୍‌ଚାର୍ଜ ଭିକାରୀ ଚରଣ ବେରିହାଙ୍କ ତତ୍ତ୍ୱାବଧାନରେ କୋଇଲା ଖଣିରେ ବ୍ୟବହୃତ ମେସିନର ସ୍କ୍ରାପରୁ କୋଣାର୍କ ଓ କୋଲକାତା କାଳୀଘାଟ କାଳୀ ମନ୍ଦିରର ପ୍ରତିରୂପ ତିଆରି କରାଯାଇଛି। କାଳୀଘାଟ କାଳୀ ମନ୍ଦିରର ପ୍ରତିରୂପ ହୀରାକୁଦ ବୁନ୍ଦୀଆ କୋଇଲା ଖଣି ଏବଂ କୋଣାର୍କ ମନ୍ଦିର ରେସକ୍ୟୁ ଷ୍ଟେସନ ସାମ୍ନାରେ ରଖାଯାଇଛି। ଏହି ମନଲୋଭା ପ୍ରତିରୂପ ନିର୍ମାଣ ପାଇଁ କୋଲକାତା ଠାରେ ଆୟୋଜିତ କୋଲ ଇଣ୍ଡିଆ ଲିମିଟେଡର ୫୧ତମ ପ୍ରତିଷ୍ଠା ଦିବସରେ ସିଆଇଏଲ ଅଧ୍ୟକ୍ଷ ପିଏମ ପ୍ରସାଦ ଓରିଏଣ୍ଟ କ୍ଷେତ୍ର ଫୋରମ୍ୟାନ ଇଞ୍ଚାର୍ଜ ଭିକାରୀ ଚରଣ ବେରିହାକୁ 'ସ୍ପେଶାଲ କଣ୍ଟ୍ରିବ୍ୟୁସନ ଆୱାର୍ଡ' ଦେଇ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ଭିକାରୀ ଚରଣ ବେରିହାଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ର ଶେଖର ଆଜାଦ ପାର୍କରେ ମେସିନ ସ୍କ୍ରାପରେ 'ଚାରି ଧାମ' ମନ୍ଦିରର ଆକର୍ଷଣୀୟ ପ୍ରତିରୂପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

## ଅନୁସୂଚିତ ଜାତି ଯୁବ ବର୍ଗଙ୍କୁ କାର୍ଯ୍ୟ ଦକ୍ଷତା ତାଲିମ ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା, ୨୯।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବିଜେପି ଅନୁସୂଚିତ ଜାତି ପକ୍ଷରୁ ବିଟିଏମ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଝାରସୁଗୁଡ଼ା ଜିଲ୍ଲା ଅନୁସୂଚିତ ଜାତି ଯୁବବର୍ଗଙ୍କୁ କାର୍ଯ୍ୟ ଦକ୍ଷତା ତାଲିମ ପ୍ରଦାନ କରିବା ପାଇଁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ମାଗୁରଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମନୋଜ କଲେତ ଉପସ୍ଥିତ ଥିଲେ। ଶନିବାର ଝାରସୁଗୁଡ଼ା ସହର ସ୍ଥିତ ଇଞ୍ଜିନିଅରିଂ ସ୍କୁଲ ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଷ୍ଟମ ଶ୍ରେଣୀରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ବେକାର ଅନୁସୂଚିତ ଜାତି ଯୁବକ ଯୁବତୀଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଥିଲା। ସେମାନଙ୍କୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟ ଦକ୍ଷତା ତାଲିମ ଦିଆଯାଇ ବିଭିନ୍ନ କମ୍ପାନୀ ତଥା ଅନୁଷ୍ଠାନରେ ନିଯୁକ୍ତି ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହାଦ୍ୱାରା ଅନୁସୂଚିତ ଜାତି ବର୍ଗର ଯୁବକ ଯୁବତୀ ମାନଙ୍କୁ ଆଗକୁ ଯିବାର ରାସ୍ତା ପ୍ରଶସ୍ତ କରିବ ବୋଲି ଖବରଦାତାଙ୍କୁ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଭାଜପା ଅନୁସୂଚିତ ଜାତି ଝାରସୁଗୁଡ଼ା ମଣ୍ଡଳ ସଭାପତି ବାସୁଦେବ ସେଠ, କାର୍ଯ୍ୟକର୍ତ୍ତା ବେବି ତନ୍ତୀ, ରୁବି ତନ୍ତୀ, ପଙ୍କଜ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ଓ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ଦେବଗଡ଼, ୨୯।୧୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଓ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହୋଇଯାଇଛି। ସମବାୟ ସମିତି ସମୂହ ଉପ ନିବନ୍ଧକ ଭୀମସେନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ମୁଖ୍ୟ ପରିଚାଳକ ଭକ୍ତ ଚରଣ ମଲିକ, ଜିଲ୍ଲା ସମବାୟବିତ୍ ସୌଭାଗ୍ୟ ପାତ୍ର ଓ ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମବାୟ ସମିତି ଚାଷୀଙ୍କର ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ସୋସାଇଟି ମାଧ୍ୟମରେ ପହଞ୍ଚାଇ ଦିଆଯାଉଥିବା ଏବଂ ଚାଷୀଙ୍କର ଅର୍ଥନୈତିକ ବିକାଶ ପାଇଁ ସୋସାଇଟି ମାଧ୍ୟମରେ ଅଳ୍ପ ସୁଧରେ ଋଣ ଉପଲବ୍ଧ କରାଯାଉଥିବା ମଞ୍ଚାସୀନ ଅତିଥିବୃନ୍ଦ ପ୍ରକାଶ କରିଥିଲେ। ସେହିପରି ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ୨୯ ଟି ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ, ସମ୍ପାଦକ ଓ ଚାଷୀ ଉପସ୍ଥିତ ଥିଲେ।

## ଅନ୍‌ଲାଇନ ସୁରକ୍ଷା, ଡିଜିଟାଲ ଧମକ ସମ୍ପର୍କିତ କର୍ମଶାଳା

ଦେବଗଡ଼, ୨୯।୧୧(ସମିସ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଅନଲାଇନ ସୁରକ୍ଷା, ଡିଜିଟାଲ ଧମକ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନଞ୍ଜୟ ମହନ୍ତ, ଏସଡିପିଓ ରମେଶ ମାହାନା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର




ପୁହାଣ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ଜିଲ୍ଲା ଆଇନ୍ ସେବା ସହାୟତା ବିଭାଗ ଆଇନଜୀବୀ ଟିକେଶ୍ୱର ଧଳ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନ ଅନଲାଇନ ସୁରକ୍ଷା ଓ ଡିଜିଟାଲ ଧମକ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସମସ୍ତ ସିଡିପିଓ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଓ ମିଶନଶକ୍ତି ହବ୍‌ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨୯।୧୧(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶା ତରଫରୁ ନାରୀ ମାନଙ୍କୁ ନେଇ ଶୁକ୍ରବାର ସପ୍ତ ଶକ୍ତି ସଙ୍ଗମ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବିଦ୍ୟାଳୟର ଗୁରୁମା ପୁଷ୍ପା ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗରର ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ୟ ଗ୍ରୁପ୍‌ର ଅଧ୍ୟକ୍ଷ କିରଣ ଦାସ, ମାତୃ ଭାରତୀର ସଭାପତି ଜଗତ ଜ୍ୟୋତି ଲିନା, ମାତୃ ଭାରତୀର ଉପସଭାପତି ସୋଭାଗିଂନି ମେହେର ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ନେଇ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିଲା। ଅଭିଭାବିକା ମାନଙ୍କୁ ନେଇ ଝୋଟି ଅଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିଠ ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୁଚେତା ଠାକୁର୍ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଓ ସେବିକା ସହଯୋଗ କରିଥିଲେ।

## ଟ୍ରକ ମାଲିକ ସଂଘ ପକ୍ଷରୁ ଶୂନ ମୃତାହତ ପକ୍ଷ



ଇବଥର୍ମାଲ, ୨୯।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ମାଁ ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶୂନ ମୃତାହତ ପକ୍ଷ ପାଳିତ ହୋଇଯାଇଛି। ଲଖନପୁର କୋଇଲା ଖଣିକ୍ଷେତ୍ର ସ୍ଥିତ ପାର୍କିଂ ଅଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏମସିଆଇ ଅମିୟ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରକ୍ ମାଲିକ ସଂଘର ସଭାପତି ଅଖିଳ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଆରଟିଓ କାର୍ଯ୍ୟାଳୟ ଅଧିକାରୀ ରଞ୍ଜିତ ପରିଡ଼ା, ଟ୍ରକ୍ ମାଲିକ ସଂଘ ଉପ ସଭାପତି ଗୁରୁନାମ ସିଂହ, ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ସାମ୍ବାଦିକ ଦାମୋଦର ବଡ଼େଇ, ବନବାସୀ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଡାକ୍ତରଖାନା ଷ୍ଟାଫ୍ ସୌମ୍ୟ ପ୍ରକାଶ ନାଏକ ଓ ଅଶ୍ୱିନୀ ନାଏକ ଯୋଗ ଦେଇ ପ୍ରାୟ ୫୦ ଜଣ ଡ୍ରାଇଭର ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଟ୍ରକ ମାଲିକ ସଂଘ ପକ୍ଷରୁ ସେମାନଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରାଯିବା ପାଇଁ ପ୍ରତିଶ୍ରୁତି ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସଞ୍ଜିବ ଜେନା, ପ୍ରଶାନ୍ତ ଭୂୟାଁ, ଶ୍ରୀକାନ୍ତ ରାୟ, ଦେବେନ୍ଦ୍ର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

**ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ**

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା

ଦେବଗଡ଼, ୨୯।୧୧(ସମିସ): ତିଳେଇବଣି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ.କ୍ଷେତ୍ରମୋହନ ଦେହୁରୀ ଯୋଗ ଦେଇ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା



ପଟ୍ଟନାୟକ, ରାଜବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବରୁଣ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ ୧୩୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତାର ସର୍ବ କନିଷ୍ଠ ବର୍ଗ, କନିଷ୍ଠ ବର୍ଗ, ବରିଷ୍ଠ ବର୍ଗରେ ମୋଟ ୨୦୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ଡ.ଦିନେଶ ରାୟ, ଜୀବ ବିଜ୍ଞାନ ଅଧ୍ୟାପିକା ଅଙ୍କିତା ଡୁଙ୍ଗଡୁଙ୍ଗ, ବୁଢ଼ାପାଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦୟ ପ୍ରଧାନ, ଗୋପରଞ୍ଜନ ପ୍ରଧାନ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ବାଲ ବୈଜ୍ଞାନିକ ୭ଟି ସ୍ତରରୁ ୭ଟି, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ କନିଷ୍ଠ ଓ ବରିଷ୍ଠ ବର୍ଗରୁ ୬ଟି ଓ ଉପକନିଷ୍ଠ ବର୍ଗରୁ ୩ଟି ପ୍ରକଳ୍ପ ଜିଲ୍ଲା ସ୍ତର ପାଇଁ ମନୋନୀତ ହୋଇଥିଲେ। ସେହିପରି କୁଇଜ ପ୍ରତିଯୋଗିତାରେ ଉପ କନିଷ୍ଠ, କନିଷ୍ଠ, ବରିଷ୍ଠ ବର୍ଗରୁ ମୋଟ ୯ ଜଣ ଜିଲ୍ଲା ସ୍ତରକୁ ଚୟନ ହୋଇଥିଲେ। ଅପରାହ୍ଣରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁଙ୍କ ସଭାପତିତ୍ୱ ଓ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ତିଳେଇବଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ ପ୍ରଧାନ, ପ୍ରଧାନଶିକ୍ଷକ ବରୁଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ମେଳା ଆୟୋଜନରେ ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ମହିମା ହେମ୍ବ୍ରମ, ପଦ୍ମାଳି ଲାକ୍ରା, ରାଜେନ୍ଦ୍ର ସାହୁ ସଞ୍ଜୟ ବ୍ରହ୍ମା, ରଞ୍ଜନ ବ୍ରହ୍ମା, ସୁଜିତ ପାତ୍ର, ସୁଶାନ୍ତ ନନ୍ଦ, ଡୋଳାଧର ସ୍ୱାଇଁ, ସତ୍ୟ ପ୍ରକାଶ ମିଶ୍ର, ବୀରବର ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ତ୍ରିନାଥ ଖୁଣ୍ଟିଆ, ସିଆରସିସି ଭେନସ ପ୍ରଧାନ, ଚୂଡାମଣି ସାହୁ, ଉଦୟନାଥ ପ୍ରଧାନ, କ୍ଷିତୀଶ ପ୍ରଧାନ, ଅଶୋକ ଭୋଇ, ଅଜୟ ସାହୁ ସୁବ୍ରତ ପ୍ରଧାନ, ନୀଳାମ୍ବର କଲୋ, ବିପିନ ବିହାରୀ ଅଢ଼ା, ଶିକ୍ଷକ ସୌମିତ୍ରୀ ମହାପାତ୍ର, ଭବାନୀକାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରସୁଗୁଡ଼ା, ୨୯।୧୧(ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଗତ ୨୬ ତାରିଖରୁ ଚାଲିଥିବା ୪୪ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଖେଳ ତଥା ଦୌଡ, ଜାଭ୍‌ଲିନ୍ ଥ୍ରୋ, ମ୍ୟୁଜିକାଲ ଚେୟାର ସର୍ଟପୁଟ, ଡିସକସ ଆଦି ପ୍ରତିଯୋଗିତା ହୋଇଥିଲା। ସରବାହାଲ ସ୍ଥିତ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ, ଅଧ୍ୟାପିକା ଓ ସହକାରୀ କର୍ମଚାରୀଙ୍କ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଏଥିରେ ଗୃହବିଜ୍ଞାନ ବିଭାଗର ମୁଖ୍ୟ ଡ.ଜୟଶ୍ରୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ଶତପଥୀ ଦ୍ୱିତୀୟ ଓ ରାଜନୀତି ବିଭାଗର ମୁଖ୍ୟ ରେଣୁକା ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସହକାରୀ କର୍ମଚାରୀଙ୍କର ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତାରେ ବବିତା ରଣା ପ୍ରଥମ



ସ୍ଥାନ, ଯୁଗଳ କିଶୋର ବେହେରା ଦ୍ୱିତୀୟ ଓ ବିଦେଶିନୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଖେଳ ଦାୟିତ୍ୱରେ ଥିବା ସଦସ୍ୟ ନିରୋଜ ପଟେଲ, ମଦନ ବିଶ୍ୱାଳ, ଅଂଶୁମାନ ମିତ୍ର, ରେଶ୍ମା ଏକ୍କା, ଗକୁଳା ନନ୍ଦ ସାହୁ, ପିଇଟି ସରୋଜ ନାଏକ ସମସ୍ତେ ଏହି ଅବସରରେ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ନୈରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା**

## ଫାଇନାଲରେ ସମ୍ବଲପୁର ଫୁଟବଲ ଓ ସମ୍ବଲପୁର ଏକାଡେମୀ

ଦେବଗଡ଼, ୨୯।୧୧(ସମିସ)



ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା ୭ମ ସର୍ବ ଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାନାଲରେ ଶନିବାର ରାଉରକେଲା ୧୫ ଫୁଟବଲ କ୍ଲବ୍‌କୁ ୫-୧ ଗୋଲରେ ପରାସ୍ତ କରି ସମ୍ବଲପୁର ଫୁଟବଲ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ସମ୍ବଲପୁର ଏକାଡେମୀ ପ୍ରଥମ ସେମିଫାଇନାଲରେ ବିଜୟ ଲାଭ କରି ଫାଇନାଲରେ ପହଞ୍ଚିଥିବାରୁ ଆସନ୍ତା କାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଲ, ସାଗର ନାଏକ, ଚନ୍ଦ୍ର କିଷାନ ଓ ମୁକୁନ୍ଦ ବେହେରା ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡ଼ନାୟକ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସମ୍ବଲପୁର ଫୁଟବଲ କ୍ଲବ୍‌ର ଖେଳାଳି ଅଭୟ ମୁଣ୍ଡା ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଧାନପାଟ କ୍ଲବ୍‌ର ସଭାପତି ବିକାଶ ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚମ ଦିବସର ଖେଳ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଘରୋଇ ବସ ମାଲିକ ସଂଘର ସଭାପତି ରାଜକିଶୋର ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ସାମାଜିକ କର୍ମୀ ଦୟାଶଙ୍କର ଦ୍ୱିବେଦୀ, ପ୍ରାକ୍ତନ ଫୁଟବଲ ଖେଳାଳି ପ୍ରଦୀପ ଅମାନ୍ତ ଓ ଜିଲ୍ଲା କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ସଞ୍ଜୀବ ବେହେରା ଶୁଭାରମ୍ଭ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ପ୍ରଧାନପାଟ କ୍ଲବ୍‌ର ସଦସ୍ୟ ସହଯୋଗ କରୁଛନ୍ତି। ଆସନ୍ତା କାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ପାଇଁ ପୌର ପରିଷଦର ତତ୍ପରତା

## ଲଟେରୀ ମାଧ୍ୟମରେ ୭୫ ଜଣ ଯୋଗ୍ୟ ବିବେଚିତ



**ପାରଳାଖେମୁଣ୍ଡି,୨୯ ।୧୧(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ହାଟପଦା ଏବଂ ମେଡିକାଲ ରୋଡ୍‌ରେ ୧୪୨ ଦୋକାନ ଗୃହ କାର୍ଯ୍ୟକ୍ଷମ ପାଇଁ ପୌରପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏହି ଭେଣ୍ଡିଂ ଜୋନ୍ ୨୦୨୨ ମସିହାରେ ମୁକ୍ତା ଶ୍ରମ ଯୋଜନାରେ ନିର୍ମିତ ହୋଇଥିଲା । ହେଲେ ତିନିବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ବିବାଦ ଦେଖା ଦେଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୌରପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶୁକ୍ରବାର ପୌରପରିଷଦ କାର୍ଯ୍ୟାଳୟରେ ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସମେତ ଉପାଧ୍ୟକ୍ଷ ଲେଙ୍କା ମଧୁ, ତହସିଲଦାର ନାରାୟଣ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ କାଉନସିଲର, ପୌରଯନ୍ତ୍ରୀଙ୍କ ଉପସ୍ଥିତିରେ ଆବେଦନ କରିଥିବା ଉଠାଦୋକାନୀଙ୍କ ଲାଗି ଲଟେରୀ ଉଠାଣ କରାଯାଇଥିଲା । ୧୪୨ ଦୋକାନ ଗୃହ ଲାଗି ୧୮୧ ଜଣ ଆବେଦନ କରିଥିଲେ । ଲଟେରୀ ମାଧ୍ୟମରେ ୭୫ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଅବଶିଷ୍ଟ ୬୭ ଦୋକାନଗୃହ ଲାଗି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକ୍ରିୟା ଅନୁସାରେ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ପୌରାଧ୍ୟକ୍ଷା କହିଛନ୍ତି । ଅନ୍ୟପକ୍ଷରେ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ପାଇଁ ପୌରପରିଷଦ ପକ୍ଷରୁ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି ।

ସାଟେଲାଇଟ୍ ଫଟୋରେ ବାଧକ କୋହଲା ପାଗ

# କଟା ଧାନ ବିଲକୁ ନେଇ ଆଶଙ୍କାରେ ଚାଷୀ

**ଶେରଗଡ଼,୨୯ ।୧୧(ସମିସ)**

୩୦ ପ୍ରତିଶତ ଜମିରୁ ଧାନ ଅମଳ ହୋଇ ସାରିଲାଣି । ଧାନ ମଣ୍ଡି ଖୋଲିବାକୁ ପ୍ରଶାସନ ବି ପ୍ରସ୍ତୁତି କଲାଣି । ଧାନ କ୍ରୟ କମିଟି ବୈଠକ ବସିନଥିବା ବେଳେ ଏ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପରେ ଜମି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନି । ସାଟେଲାଇଟ ସର୍ଭେକୁ କୋହଲା ପାଗ ଅଡୁଆ କରୁଛି । ତେବେ ଅମଳ ସରିବା ଜମିରେ କିଭଳି ସାଟେଲାଇଟ ଫଟୋ ଆସିବ, ଆଶଙ୍କା ସୃଷ୍ଟି ହେଲାଣି । ନଦୀକୂଳିଆ ଅଞ୍ଚଳରେ ଧାନ ଅମଳ ସାରି ଅଣଧାନ ଚାଷ ଆରମ୍ଭ ହୋଇ ସାରିଥିବାରୁ ସେସବୁ ଜମି ଲାଗି ଚିନ୍ତା ଆହୁରି ବଢ଼ିଛି । କଟା ଧାନ ବିଲ ପଞ୍ଜୀକରଣରୁ କଟିଯିବନି ତ ? ସେନେଇ ଚାଷୀ ଆଶଙ୍କା ପ୍ରକାଶ କଲେଣି । ଯାହା ଧାନ ବିକ୍ରିରେ ସମସ୍ୟା ସାଜିବ ବୋଲି ଚାଷୀ ଚିନ୍ତାରେ ପଡ଼ିଲେଣି ।

ଶେରଗଡ଼ ବ୍ଲକରେ ଚଳିତବର୍ଷ ୭ ହଜାର ୨ ଶହ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଅଣଧାନ ଚାଷ ହେଉଥିବା ନଦୀକୂଳିଆ ଅଞ୍ଚଳରେ କମ୍‌ଦିନିଆ ଧାନଚାଷ ହୋଇଥାଏ । ଯାହା ଅମଳ ପରେ ଚିନାବାଦାମ, ଆଳୁ ଚାଷ ହୋଇଥାଏ । ସେସବୁ ଅଞ୍ଚଳରେ ଧାନ ଅମଳ ପ୍ରାୟ ସରି ସାରିଲାଣି । ବିଶେଷ କରି ଋଷିକୁଲ୍ୟା, ନନ୍ଦିନୀ ନଦୀ ଅଞ୍ଚଳରେ ଏଭଳି ଚାଷ ହୋଇଥାଏ । ସମ୍ଭାବ୍ୟ ଲଘୁଚାପଜନିତ ଅଦିନିଆ ବର୍ଷା ଆଶଙ୍କାରେ ଚାଷୀ ତରବରିଆ ଭାବେ ଧାନ ଅମଳ କରିଚାଲିଛି । କୃଷି ବିଭାଗର ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଜମିରେ ଧାନ ଅମଳ ସରି ସାରିଲାଣି, ହେଲେ ଏ ପର୍ଯ୍ୟନ୍ତ ଜମିର ଯାଞ୍ଚ ସରି ପାରିନାହିଁ । ଗତ ଅଗଷ୍ଟ ମାସରୁ ଚାଷୀ ନାମ ପଞ୍ଜୀକରଣ କରି ସାରିଛନ୍ତି । ଏଥର ୬୭୪୭ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି । ଯେଉଁମାନେ ଭୁଲ୍ ପ୍ଲଟ ଦେଇଥିବେ, ଏଥର ଆରମ୍ଭ ହୋଇଥିବା ଅନୁମତି ବା ସ୍ୱ-ଘୋଷଣାନାମାପତ୍ର ଦେଇନଥିଲେ ଭାଗଚାଷ ଜମି ମାଲିକଙ୍କ ଠାରୁ ଅନୁମତି ଆଣିନଥିବେ, ଆଦି ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ ହୋଇ ବାଦ୍ ଦିଆଯାଇଛି । ତେବେ ୩୦ ପ୍ରତିଶତ ଜମିରୁ ଧାନ କଟା ସରିଥିବାରୁ ତାହା ସାଟେଲାଇଟ ସର୍ଭେରେ କିଭଳି ଜଣାପଡ଼ିବ ବୋଲି ପ୍ରଶ୍ନ ଉଠୁଛି । ଯଦିଓ କଟା ପରେ ବି ଧାନ ଗଣ୍ଡିରୁ ଧାନ ହେଉଥିବା ଜଣାଯାଇପାରେ, ମାତ୍ର ଏଭଳି ହେଲେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ବଢିବାର ଆଶଙ୍କା ମଧ୍ୟ ରହିଛି । କେତେକଙ୍କ ଜମିରେ ଧାନ ଅମଳ ପରେ ଅଣଧାନ ଚାଷ ହେଉଥିବାରୁ ଜମି ଲାଗି ଅଧିକ ଅଡୁଆ ସ୍ଥିତି ସୃଷ୍ଟି କରିବ, ଅନ୍ୟ କିଛି ଜମିରେ ଧାନ ବିଲରେ ଧାନ ଅମଳ କରି ପାଳକୁ ବିଲ ମଧ୍ୟରେ ପୋଡି ଦିଆଯାଇଥାଏ ଏବଂ ପରେ ଚାଷ କରାଯାଇ ରବି ଜାତୀୟ ଫସଲ ଚାଷ ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଉଥିବାରୁ ସାଟେଲାଇଟ ସର୍ଭେରେ ଯଦି କାଟି ଦିଆଯାଏ, ତେବେ ଚାଷୀ ଅମଳ କରିଥିବା ଧାନ ବିକ୍ରିରେ ସମସ୍ୟା ହେବ ବୋଲି ଅଭିଯୋଗ କରିଛନ୍ତି । ଏନେଇ ସମବାୟ ସମିତି ସମୂହର ଆସିକା ସହକାରୀ ନିବନ୍ଧକ ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି, ନଦୀ କୂଳିଆ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଯାଏ, ଏନେଇ ବିଭାଗକୁ ଅବଗତ କରାଯାଇଛି । ସେଥିପ୍ରତି ଦୃଷ୍ଟି ଦିଆଯିବ । ଧାନ କଟା ସରିଥିଲେ ବି ପୂର୍ବ ଦୁଇ ମାସ ଫୋଟ ରହିଥାଏ । ଏସବୁକୁ ବିଚାରକୁ ନେଇ ସାଟେଲାଇଟ ସର୍ଭେ ସନ୍ଦିଗ୍ଧ ପ୍ଲଟ ତାଲିକା ଆସିବ । ସନ୍ଦିଗ୍ଧ ପ୍ଲଟ ଗୁଡିକର ଯାଞ୍ଚ କଲାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।



ଦାଶକାଠିଆ ସଂଘର ଅଭିଯୋଗ

## ଭଞ୍ଜ କଳାମଣ୍ଡପରେ କଳାକାରଙ୍କୁ ଅଣଦେଖା



**ବେଗୁନିଆପଡ଼ା,୨୯ ।୧୧(ସମିସ):** ସରକାରୀ ଅଧିକାରୀଙ୍କ ବୈମାତୃକ ମନୋଭାବ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ-୨୦୨୪ ଓ ୨୦୨୫ରେ ଦାସକାଠିଆ କଳାକାରଙ୍କୁ ଉଚିତ୍ ସମ୍ମାନ ନଦେବା ବାସ୍ତବରେ ଓଡ଼ିଶାର ଅଗଣିତ ଦାସକାଠିଆ ପ୍ରେମୀ, ବୁଦ୍ଧିଜୀବୀ ତଥା ସମସ୍ତ ଦାସକାଠିଆ କଳାକାରଙ୍କୁ ବ୍ୟଥିତ କରିଛି । ଏହାର ପ୍ରତିବାଦ ସ୍ୱରୂପ ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ସାଧାରଣ ସମ୍ପାଦକ ଗାୟକ ଦୁର୍ଗା ପ୍ରସାଦ ଦାଶ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ଭଞ୍ଜ କଳାମଣ୍ଡପ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ଓଡିଶା ସଙ୍ଗୀତ ଏକାଡେମୀ ଦ୍ୱାରା ଆୟୋଜିତ ମଞ୍ଚ ତରଫରୁ ୧୦ ଦଳ ପାଲା କଳାକାରଙ୍କ ସହ ମାତ୍ର ୨ ଦଳ ଦାସକାଠିଆ କଳାକାରଙ୍କୁ ପରିବେଷଣର ସୁଯୋଗ ଓ ୧୨ ଜଣ ପାଲା କଳାକାରଙ୍କୁ ସମ୍ବର୍ଦ୍ଧନା ସ୍ଥଳେ ମାତ୍ର ୨ ଜଣ ଦାସକାଠିଆ କଳାକାରଙ୍କୁ ସମ୍ବର୍ଦ୍ଧନା ଅତ୍ୟନ୍ତ ନିନ୍ଦନୀୟ । ଦାସକାଠିଆ କଳାକାରଙ୍କୁ ଉଚିତ୍ ସମ୍ମାନ ପ୍ରଦାନ ଆମର ମୌଳିକ ଦାବି ଏହା ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରୁଛୁ ଏବଂ ଏଥିରେ ସଂସ୍କୃତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହାର ତୁରନ୍ତ ସମାଧାନ କରନ୍ତୁ ବୋଲି ଦାଶକାଠିଆ ଗାୟକ ଦୁର୍ଗା ପ୍ରସାଦ ଦାଶ ମତବ୍ୟକ୍ତ କରିଛନ୍ତି ।

## ମଧୁମେହ ସଚେତନତା ଏବଂ ଜାତୀୟ ଫାର୍ମାସୀ ସପ୍ତାହ

**ବ୍ରହ୍ମପୁର,୨୯।୧୧(ସମିସ):** ସ୍ଥାନୀୟ ସ୍ୱାସ୍ଥ୍ୟ ସଦନ ଏବଂ ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିକ୍ୟୁଟାଲ୍ ସାଇନ୍ସେସ୍‌ର ମିଳିତ ଆନୁକୂଲ୍ୟରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଏବଂ ଡାଏବେଟିସ୍ ସୁପରସ୍ପେଶାଲିଷ୍ଟ ଡାକ୍ତର ସୁନୀଲ କୁମାର କୋଟାଙ୍କ ନେତୃତ୍ୱରେ ବିଶ୍ୱ ମଧୁମେହ ସଚେତନତା ମାସ ଏବଂ ଜାତୀୟ ଫାର୍ମାସୀ ସପ୍ତାହରେ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ସମ୍ପର୍କରେ ସଚେତନତା କରାଯାଇଛି । ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ସୁଶାନ୍ତ କୁମାର ନାୟକ, ଏମକେସିଜି ମେଡିକାଲ୍ କଲେଜର ଅଧୀକ୍ଷକ ଡାକ୍ତର ଦୁର୍ଗା ମାଧବ ଶତପଥୀ, ରୋଲାଣ୍ଡ ଶିକ୍ଷଣୀୟ ସଂସ୍ଥା ସମୂହର ନିର୍ଦ୍ଦେଶିକା ଡକ୍ଟର ଶ୍ରୁତି ଜାମୁଲା, ବ୍ରହ୍ମପୁର ଶାଖାର ଆଇଏମ୍‌ଏ ସଭାପତି ଡକ୍ଟର ପି କେ କର, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିକ୍ୟୁଟାଲ୍ ସାଇନ୍ସେସର ଅଧ୍ୟକ୍ଷ ଡକ୍ଟର ବି ଭି ଭି ରବି କୁମାର, ଉପ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ପାତ୍ର, ଫିଟନେସ କୋଚ ସୀମାଞ୍ଚଳ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।




ସମାଜରେ ବଢୁଥିବା ବ୍ୟାଧିର ମୂଳ ଉପଚାର ଉପରେ ସଚେତନ ହେବାକୁ ମୁଖ୍ୟ ଅତିଥି ଶ୍ରୀମତୀ ଦଳେଇ ମତପୋଷଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଡାକ୍ତର କୋଟା ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ "ଜୀବନ ପର୍ଯ୍ୟାୟରେ ମଧୁମେହ' ଉପରେ ମତବ୍ୟକ୍ତ କରିଥିଲେ । ରୋଲାଣ୍ଡ ଫାର୍ମାସୀ କଲେଜର ଡକ୍ଟର ବିମଳେନ୍ଦୁ ଚୌଧୁରୀ ବହୁ ସଂଖ୍ୟାରେ ଯୋଗଦାନ ପାଇଁ ଛାତ୍ର ଏବଂ ଅଧ୍ୟାପକ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଶୋଭାଯାତ୍ରା ଏମକେସିଜି ମେଡିକାଲ କଲେଜ ଖେଳ ପଡ଼ିଆରୁ ଆରମ୍ଭ ହୋଇ ସିଦ୍ଧାର୍ଥ ନଗର, ନୃସିଂହ ମନ୍ଦିର, ଗୋବିନ୍ଦ ବିହାର, ଲୋଚାପଡ଼ା ଦେଇ ଅଲ୍ ଇଣ୍ଡିଆ ରେଡିଓ ଷ୍ଟେସନରେ ଶେଷ ହୋଇଥିଲା । ପ୍ରାୟ ୪୦୦୦ ମଧୁମେହ ଶିକ୍ଷାଗତ ପୁସ୍ତିକା ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ ଅଞ୍ଜନ କୁମାର, ଡ ରାଜାରାମ ଦାଶ, ଡ ଦୀପକ ଷଡଙ୍ଗୀ, ଡ ସୁନିତା ପଟନାୟକ, ଡ଼ ଗୌତମ ଜେନା, ଡ଼ ସସ୍ମିତା ଆଚାର୍ଯ୍ୟ ଆଦି ତଥା ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସର ଅନ୍ୟାନ୍ୟ ଅଧ୍ୟାପକ ଏବଂ ଛାତ୍ର, ସ୍ୱାସ୍ଥ୍ୟ ସଦନର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

## ଭଗବତୀ ତାରାତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା



**ପାରଳାଖେମୁଣ୍ଡି,୨୯ ।୧୧(ସମିସ) :** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ଭଗବତୀ ତାରାତାରିଣୀ ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠା ଉତ୍ସବ ଗତ ତିନି ଦିନ ଧରି ଚାଲୁ ରହିଥିବା ବେଳେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଶେଷଦିନରେ ଷୋଡଶ ଉପଚାର ପୂଜା, ରତ୍ନମୁଦ ସ୍ଥାପନ, ପୂର୍ଣ୍ଣାହୁତି, ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା । ଭଗବତୀ ତାରାତାରିଣୀ ମା'ଙ୍କୁ ନିମ୍ବଗଛ ମୂଳେ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଥିଲା । ଗୁରାଣ୍ଡି ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ବର୍ତ୍ତମାନ ସ୍ଥାୟୀ ମନ୍ଦିର ନିର୍ମାଣ ହୋଇଛି ।

## ମାଗଣା କୃତ୍ରିମ ଅଙ୍ଗ ସହାୟତା ଶିବିର

**ପାରଳାଖେମୁଣ୍ଡି,୨୯ ।୧୧(ସମିସ):** ଖୋର୍ଦ୍ଧା ସ୍ଥିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ ସହଯୋଗରେ ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ମାଗଣା କୃତ୍ରିମ ଅଙ୍ଗ ସହାୟତା କେନ୍ଦ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ୨୪ ରୁ ୨୭ ପର୍ଯ୍ୟନ୍ତ ଚାରି ଦିନ ଧରି ହୋଇଥିଲା । ଶିବିରରେ ମାଗଣାରେ ଉଚ୍ଚମାନର ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ୨୦୧ ଜଣ ହିତାଧିକାରୀଙ୍କୁ ମାଗଣା ସାହାଯ୍ୟ ଏବଂ ଉପକରଣ ବଣ୍ଟନ କରାଯାଇଥିଲା । ୩୧ ଜଣଙ୍କୁ କୃତ୍ରିମ ଅଙ୍ଗ, ୬ ଜଣଙ୍କୁ ଅର୍ଥୋସିସ୍, ୫୧ ଜଣଙ୍କୁ ଶ୍ରାବ୍ୟ ଉପକରଣ, ୧୨ ଜଣଙ୍କୁ ଆଶା ବାଡ଼ି, ୪୧ ଜଣଙ୍କୁ କୁନି ଆଶାବାଡ଼ି, ୪୫ ଜଣଙ୍କୁ ଚାଲିବା ପାଇଁ ସହାୟକ ହେଉଥିବା ଉପକରଣ ସମେତ ୧୬ ଜଣଙ୍କୁ ଅକ୍ଷିରା ଆଶାବାଡି ପ୍ରଦାନ କରାଯାଇଥିଲା ।



ନିଘୋଡ଼ ନିଦ୍ରାରେ ସରକାର

## ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ; ଅଚଳାବସ୍ଥା ଜାରି



**କୁକୁଡ଼ାଖଣ୍ଡି,୨୯ ।୧୧(ସମିସ):** ଲୋକଙ୍କୁ ଆୟୁର୍ବେଦିକ ଚିକିତ୍ସା ଯୋଗାଇବା ତଥା ଆୟୁର୍ବେଦର ଲୋକପ୍ରିୟତା ଲାଗି କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ଆୟୁଷ ମନ୍ତ୍ରାଳୟ ଗଠନ କରିଥିଲେ । ହେଲେ ଆୟୁଷ ଡାକ୍ତରଙ୍କ ଦୁଃଖ କହିଲେ ନସରେ । ସମାନ କାମକୁ ସମାନ ଦରମା ଦିଆଯିବାର ପ୍ରବାଧାନ ଥିବାବେଳେ ଜଣେ ଏଲୋପାଥିକ ଡାକ୍ତର ଯେତିକି ପାରିଶ୍ରମିକ ପାଆନ୍ତି ତା'ଠାରୁ ଢ଼େର କମ୍ ଆୟୁଷ ଡାକ୍ତର ପାଆନ୍ତି । ଏହି କ୍ରମରେ ନିଜର ହକ୍ ଅଧିକାର ଦାବିରେ ଚାଲିଥିବା ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୪ ବିତିଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ସେମାନଙ୍କ ଦାବିପ୍ରତି ଅଣଦେଖା କରୁଛନ୍ତି । ପରିଣାମ ସ୍ୱରୁପ ୬ଦିନ ହେଲା ଆଙ୍କୁଶପୁର ସ୍ଥିତ ଆୟୁର୍ବେଦ କଲେଜରେ ତାଲା ଝୁଲୁଥିବାବେଳେ ରୋଗୀ ସେବା ଠପ୍ ହୋଇଯାଇଛି । ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅଭିଯୋଗ ପଞ୍ଜୀକରଣ ୨୦୨୩ ମସିହାରେ କରିଥିଲେ । ସରକାର ଆମ ସହ ବାରମ୍ବାର ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କିଛି ପୂରଣ ହେଲାନି ଆଜି ଯାଏଁ । ସେ ପ୍ରତିଶ୍ରୁତି ଓ ଆଲୋଚନାର ଧର୍ମକୁ ଆଖିଠାର ଭଳି ଥିଲା କାରଣ ସେ ବୈଠକ ଗୁଡ଼ିକର ବିବରଣୀ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ । ଆୟୁଷ ଡାକ୍ତର ପଦବୀ ବୃଦ୍ଧି ପାଇଁ ଦାବି କରାଯାଇଥିଲା । ହେଲେ ପରିତାପର ବିଷୟ ଆମ ଆନ୍ଦୋଳନ ପରେ ତାହା ୧୨୮୫ରୁ କମି ୮୬୧ ହେଇଗଲା । ସେହିପରି ପିଜି ସିଟ୍ ସଂଖ୍ୟା ହୋମିଓପାଥିର ଜମା ୩ଟି ଓ ଆୟୁର୍ବେଦର ୩୩ଟି ଯାହାର ମଧ୍ୟ ବୃଦ୍ଧି ଘଟିଲା ନାହିଁ । ୨୦୨୪ ନଭେମ୍ବରରୁ ଆୟୁଷ ଡାଇରେକ୍ଟର ଷ୍ଟାଇପେଣ୍ଡ ବଢିବା ନିମନ୍ତେ ତଥ୍ୟ ମାଗିଲେନି, କିନ୍ତୁ ଆଜି ଯାଏଁ ବଢୁନି । ପୂର୍ବଥର ଆନ୍ଦୋଳନ ବେଳେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ଆମକୁ ସହଯୋଗ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ହେଲେ ଦୁଃଖ ପରିତାପର ବିଷୟ ସରକାର ବଦଳିବା ପରେ ସେ ବି ବଦଳି ଯାଇଛନ୍ତି । ବୈମାତୃକ ମନୋଭାବ ଦୂର କରି ତିନୋଟି ପ୍ରମୁଖ ଦାବି ସହ ୮ ଦଫା ଦାବି ମାନିବାକୁ ଆନ୍ଦୋଳନରତ ଛାତ୍ରଛାତ୍ରୀ ଅନୁରୋଧ କରିଛନ୍ତି । ଦାବିଗୁଡ଼ିକ ମଧ୍ୟରେ ନୂତନ ଆୟୁଷ ଡାକ୍ତର ପଦବୀ ସୃଷ୍ଟି, ଉଚ୍ଚଶିକ୍ଷା ନିମନ୍ତେ ଆସନ ବୃଦ୍ଧି, ଡାଇନାମିକ ଷ୍ଟାଇପେଣ୍ଟ, କଲେଜଗୁଡିକରେ ପରିଚାଳନା କମିଟି ପୁନଃ ଗଠନ, ଆୟୁଷ ମନ୍ତ୍ରାଳୟର ସମସ୍ତ ନିୟମାବଳୀ ପାଳନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷକୁ ଅନ୍ତର୍ଭୁକ୍ତ, ଆୟୁଷ ଚିକିତ୍ସା ପଦ୍ଧତିରେ ପ୍ରଚାର ପ୍ରସାର ଓ ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ କରାଯାଉ । ଏହି ଦାବି ଗୁଡ଼ିକ ପୂରଣ ନ ହେଲେ ଆଗକୁ ପଦଯାତ୍ରା ହେବ ତା ସହ ଆନ୍ଦୋଳନ ତୀବ୍ରତର ହେବ ।

ଆଖୁଚାଷ ବୃଦ୍ଧି ଲାଗି ପ୍ରଶାସନର ପ୍ରସ୍ତୁତି

## ଟନ୍ ପିଛା ବେସ୍ ପ୍ରାଇସ୍ ୩୭୦୦, ବୋନସ୍ ୩୦୦ ଟଙ୍କା

**ଛତ୍ରପୁର,୨୯ ।୧୧(ସମିସ)**

ଦିନ ଥିଲା ଗଞ୍ଜାମ ଜିଲ୍ଲା ଆଖୁଚାଷରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲା । ଆସିକା, ଧରାକୋଟ, ଶେରଗଡ, ସୋରଡା, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ବୁଗୁଡା, ଭଞ୍ଜନଗର, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ପୋଲସରା, ବେଗୁନିଆପଡା, ଖଲ୍ଲିକୋଟ, ସାନଖେମୁଣ୍ଡି ଓ ଦିଗପହଣ୍ଡି ଆଦି ୧୬ଟି ବ୍ଲକ୍ ଆଖୁଚାଷର ପ୍ରମୁଖ ହବ୍ ଥିଲା । କିନ୍ତୁ ଜଳସେଚନର ସମସ୍ୟା ଓ ଭିତ୍ତିଭୂମି ଅଭାବ, ପ୍ରକୃତ ମୂଲ୍ୟ ନମିଳିବା ସମେତ ବିଭିନ୍ନ କାରଣରୁ ଏବେ ଅର୍ଦ୍ଧାଧିକ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇଛନ୍ତି ।

ତଥ୍ୟ ଅନୁସାରେ, ଜିଲ୍ଲାରେ ଗତ ୧୦ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ଆଖୁଚାଷ ହେଉଥିବା ଜମିର ପରିମାଣ ୩୦୪୧ ହେକ୍ଟରରୁ ଖସି ୨୦୨୪ରେ ୮୬୧.୬ ହେକ୍ଟରରେ ପହଞ୍ଚିଛି । ଯାହାକି ନିଶ୍ଚିତ ଭାବରେ ଜିଲ୍ଲା ପାଇଁ ଚିନ୍ତାର ବିଷୟ । ହେଲେ ଚଳିତ ବର୍ଷ ୧୨୦୦ ହେକ୍ଟର୍‌ରେ ଆଖୁଚାଷ କରୁଛନ୍ତି ଚାଷୀ । ଗଞ୍ଜାମ ପୂର୍ବଭଳି ଆଖୁଚାଷରେ ନିଜର ସ୍ୱତନ୍ତ୍ର ପରିଚୟ ଫେରିପାଇବ । ଏଥିନିମନ୍ତେ ଜିଲ୍ଲାରେ ଆଖୁଚାଷକୁ ବୃଦ୍ଧି କରିବା, ଜଳସେଚନ ସୁବିଧା ଓ ଚାଷୀଙ୍କୁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି ।

ଏହି କ୍ରମରେ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଆଖୁଚାଷର ତ୍ୱରାନ୍ୱିତ ସମ୍ବନ୍ଧୀୟ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ତୃଣମୂଳସ୍ତରରୁ ସଂଗୃହୀତ ତଥ୍ୟାନୁସାରେ, ଜିଲ୍ଲାରେ ଆଖୁଚାଷ ପାଇଁ ମୁଖ୍ୟତଃ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନ ଅଭାବ ରହିଛି । ଏହାସହ ଚାଷୀଙ୍କୁ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ମିଳିପାରୁନି । ବର୍ତ୍ତମାନ ଧାନଚାଷ ପାଇଁ ଯେଉଁଭଳି ଆଧୁନିକ ଯନ୍ତ୍ରପାତି ସୁବିଧା ଏବଂ ଏମ୍‌ଏସ୍‌ପି ମୂଲ୍ୟକୁ ବୃଦ୍ଧି କରାଯାଇଛି । ଏହାକୁ ଆଖୁଚାଷ କ୍ଷେତ୍ରରେ ମଧ୍ୟ ଲାଗୁ କରାଗଲେ ଚାଷୀ ନିଶ୍ଚିତ ଭାବେ ଆଗ୍ରହ ଦେଖାଇବେ । ଚଳିତ ବର୍ଷ ଜିଲ୍ଲାରେ ୨୫ ହଜାର ମେଟ୍ରିକ୍ ଟନ୍ ଆଖୁଚାଷ ପାଇଁ ଲକ୍ଷ୍ୟ ରହିଛି । ଟନ୍ ପିଛା ୩୭୦୦ ଟଙ୍କା ଚାଷୀଙ୍କ ବେସ୍ ପ୍ରାଇସ୍ ରହିଥିବା ବେଳେ ୩୦୦ ଟଙ୍କା ବୋନସ୍ ବାବଦରେ ମୂଲ୍ୟ ସ୍ଥିର କରାଯାଇଛି । ୨୦୨୬ ବର୍ଷ ପାଇଁ ଚାଷୀଙ୍କ ବେସ୍ ପ୍ରାଇସ୍‌କୁ ୪ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ବୋନସ୍ ପ୍ରାଇସ୍ ମଧ୍ୟ ବୃଦ୍ଧି କରାଯିବ । ସେହିପରି ୨୦୨୭ ବର୍ଷ ବେଳକୁ ୬୦ ହଜାର ମେଟ୍ରିକ୍ ଟନ୍ ଆଖୁଚାଷ ପାଇଁ ଲକ୍ଷ୍ୟ ରଖି ଏବେଠୁ ହିଁ ସେହି ଅନୁପାତରେ ପଦକ୍ଷେପ ନିଆଯିବ । ଏହା ପରଠୁ ପ୍ରତିବର୍ଷ ୧୦ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଗଲେ ଚାଷୀଙ୍କୁ ବେସ୍ ପ୍ରାଇସ୍ ସହ ବୋନସ୍‌କୁ ମଧ୍ୟ ବୃଦ୍ଧି କରିବାକୁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିପରି ଆସିକା ଚିନି କଳର ଯେଉଁ ଜମି ଗୁଡିକ ଜବରଦଖଲରେ ରହିଛି ସେଗୁଡିକ କିପରି ଉଚ୍ଛେଦ ହେବ ସେଥିପ୍ରତି ତହସିଲଦାରମାନେ ତୁରନ୍ତ ପଦକ୍ଷେପ ନେବେ । ବୈଠକରେ ଆସିକା ଚିନି କାରଖାନାର ଏମ୍‌ଡି ଡ. ସୁଶାନ୍ତ କୁମାର ପଣ୍ଡା, ଭାରପ୍ରାପ୍ତ ଡିଆରସିସି ଯୋଗମାୟା ସାବତ, ଆସିକା ଚିନି କଳର ସଭାପତି ରବୀନ୍ଦ୍ର ପଣ୍ଡା, ସମସ୍ତ ନିର୍ଦ୍ଦେଶକ, ଜଳସେଚନ ବିଭାଗର ଅଧିକରୀ, ନାବାର୍ଡ ବ୍ୟାଙ୍କ୍‌ର ଡିଡିଏମ୍, ଷ୍ଟେଟ୍ ବ୍ୟାଙ୍କର ଆସିକା ଓ ବ୍ରହ୍ମପୁରର ଆଂଚଳିକ ପ୍ରବନ୍ଧକ, ବ୍ରହ୍ମପୁର ଓ ଭଞ୍ଜନଗରର ଡିଏଫ୍‌ଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହ୍ୟୁମାନ ସାଗରଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି

**ଜି.ଉଦୟଗିରି,୨୯।୧୧(ସମିସ):** ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ଲକ୍ଷ ଲକ୍ଷ ପ୍ରଶଂସକ ହତାଶ ହୋଇପଡିଛନ୍ତି । ହଠାତ ତାଙ୍କର ମୃତ୍ୟୁ ଓ ସାମାଜିକ ଗଣମାଧ୍ୟମରେ ଏ ନେଇ ବିଭିନ୍ନ ଆଲୋଚନା ହେଉଛି । ହ୍ୟୁମାନ ସାଗରଙ୍କ ମୃତ୍ୟୁ ସ୍ୱାଭାବିକ ନୁହଁ, ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଓ ହତ୍ୟା ବୋଲି ଦର୍ଶାଇ ଏହାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଜି.ଉଦୟଗିରିର ଆଇନଜୀବୀ ମୃତ୍ୟୁଞ୍ଜୟ ନାୟକ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛନ୍ତି । ହ୍ୟୁମାନ ସାଗରଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବାକୁ ସେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା: ୧୪୫ ପ୍ରକଳ୍ପ ପ୍ରଦର୍ଶିତ



**ଜି.ଉଦୟଗିରି,୨୯ ।୧୧(ସମିସ):** ଜି.ଉଦୟଗିରି ପିଏମ୍‌ଶ୍ରୀ ହବାକ୍ ଉଚ୍ଚ ବିଦ୍ୟାଳୟରେ ୪୨ ତମ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହାକୁ ଜିଲ୍ଲାପାଳ ବେଦ ଭୂଷଣ ଉଦ୍‌ଘାଟନ କରିବା ସହିତ ପ୍ରକଳ୍ପ ବୁଲି ଦେଖିଥିଲେ । ଏହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ, ବିଡ଼ିଓ ଶରତ କୁମାର ମଲ୍ଲିକ, ବ୍ଲକ୍ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିହିର କୁମାର ପ୍ରଧାନ, ଜିଲ୍ଲା ବିଜ୍ଞାନ ଅଧିକାରୀ ସୀମାଞ୍ଚଳ ସ୍ୱାଇଁ, ହବାକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପାଟ୍ଟମାଝୀ, ବିଜୟ କୁମାର ମିଶ୍ର, ଜିତେନ୍ଦ୍ର ସାମଲ ଓ ଚତୁର୍ଭୁଜ ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ବିଚାରକ ଚିତ୍ତରଞ୍ଜନ ଜେନା ଏବଂ ଅଭିମନ୍ୟୁ ପରିଡା କୃତି ପ୍ରତିଯୋଗୀ ଚୟନ କରିଥିଲେ । ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ବାଜବାଟି ଖାଦାନରେ ବେଆଇନ ଖନନ ନେଇ ଏନ୍‌ଜିଟିଙ୍କ ଛାଟ

# ଜିଲ୍ଲାପାଳଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ

ଯାଜପୁର,୨୯।୧୧(ସମିସ):

ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟି ଖାଦାନରେ ବ୍ୟାପକ ମାତ୍ରାରେ ବେଆଇନ ପଥର ଖନନ ନେଇ ନ୍ୟାସନାଲ ଗ୍ରୀନ ଟ୍ରାଇବ୍ୟୁନାଲରେ ଦୁଇଟି ମାମଲା ରହିଛି। ଏହି ପାହାଡ଼ର ଉଭୟ ୨ ଏବଂ ୬ ନଂ କ୍ୱାରିରେ ବ୍ୟାପକ ଅନିୟମିତତା ନେଇ ଦୁଇଟି ମାମଲା (୧୮୦/୨୦୨୫ ଏବଂ ୧୮୩/୨୦୨୫) ର ଶୁଣାଣି ଚାଲିଛି। ଏହି ଖାଦାନରେ ବ୍ୟାପକ ମାତ୍ରାରେ ବେଆଇନ ଖନନ ସହିତ ନାନା ପରିବେଶ ଆଇନର ଉଲ୍ଲଘଂନ କରାଯାଉଥିବା ଅଭିଯୋଗ ହେବା ପରେ ଏହାର ଏକ ତଦନ୍ତ କରି ରିପୋର୍ଟ ଦେବାକୁ ଏନ୍‌ଜିଟି ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇଟି ପୃଥକ ପୃଥକ କମିଟି ଏହି ଅନିୟମିତତା ସଂପର୍କରେ ତଦନ୍ତ କରି ଯୁଗ୍ମ ରିପୋର୍ଟ ପ୍ରଦାନ କରିବାକୁ ଏନଜିଟିଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟମଧ୍ୟରେ ଜିଲ୍ଲାପାଳ ଯୁଗ୍ମ କମିଟିର ରିପୋର୍ଟ ଏନ୍‌ଜିଟିକୁ ପ୍ରଦାନ ନ କରିବା କିମ୍ବା ଏଥିପାଇଁ ସମୟ ନ ମାଗିବା ଘଟଣାକୁ ଗୁରୁତର ଭାବେ ନେଇଛନ୍ତି ଏନ୍‌ଜିଟି। ଯାହାର ପରିଣାମ ସ୍ୱରୁପ ଏନ୍‌ଜିଟି ଉଭୟ ମାମଲାରେ ଜିଲ୍ଲାପାଳଙ୍କ ଅବହେଳା ପାଇଁ ମାମଲା ବିଚାରରେ ବିଳମ୍ବ ହେଉଥିବା ଦର୍ଶାଇ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି ମାମଲାରେ ୨୦ ହଜାର ଟଙ୍କା ଜରିମାନା ଆସନ୍ତା ୧୫ ଦିନ ମଧ୍ୟରେ ଏନଜିଟିର ଇଷ୍ଟର୍ଣ୍ଣ ଜୋନର ରେଜିଷ୍ଟରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ୪ ସପ୍ତାହ ମଧ୍ୟରେ ଯୁଗ୍ମ କମିଟି ରିପୋର୍ଟ ଏନଜିଟିରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏଥିରେ ବିଫଳ ହେଲେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ଏନ୍‌ଜିଟି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

# ରୋକିହେଉନି ବାଲି ଚୋରାଚାଲାଣ



ବିଞ୍ଝାରପୁର,୨୯।୧୧(ସମିସ): ବିଞ୍ଝାରପୁର ତହସିଲ ଅଞ୍ଚଳରେ ବେଧଡ଼କ ଭାବରେ ଚାଲିଛି ବେଆଇନ ବାଲି ପରିବହନ। ଏହି ବେଆଇନ ବାଲି ପରିବହନ ଉପରେ ଅଙ୍କୁଶ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିବା ଦେଖାଯାଉଛି। ଏପରିକି ଏହି ବେଆଇନ ବାଲି ପରିବହନ ପ୍ରଶାସନ, ପୁଲିସ ଜାଣତରେ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଶନିବାର ଦେଖିବାକୁ ମିଳିଛି। ଘଟଣା ଅନୁସାରେ ବିଞ୍ଝାରପୁର ତହସିଲର ଭାରପ୍ରାପ୍ତ ତହସିଲଦାର ପ୍ରଦିପ୍ତ ସେଠୀ ଶନିବାର ସକାଳେ କଲ୍ୟାଣପୁର ସଂଲଗ୍ନ ଖରସ୍ରୋତା ନଦୀ ବନ୍ଧରୁ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ବିଞ୍ଝାରପୁର ଥାନାରେ ଜିମା ଦେଇଥିଲେ। କିନ୍ତୁ ମାତ୍ର ୬ ଘଣ୍ଟା ପରେ ସେହି ଦୁଇଟି ଟ୍ରାକ୍ଟରରୁ ନାମକୁ ମାତ୍ର ଜରିମାନା ଆଦାୟ କରି ଛାଡି ଦେଇଥିବା ଜଣା ପଡିଛି। ଏହି ବେଆଇନ ଭାବରେ ପରିବହନ କରୁଥିବା ବାଲି ଗାଡି ଜବତ କରି ପର ମୁହୂର୍ତ୍ତରେ ନାମକୁ ମାତ୍ର ଜରିମାନା ଆଦାୟ କରି ଛାଡ଼ି ଦେବା ଘଟଣା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି ବିଞ୍ଝାରପୁର ଅଞ୍ଚଳରେ ଦୈନିକ ଶହଶହ ହାଇୱା ମାଧ୍ୟମରେ ବେଆଇନ ବାଲି ପରିବହନ ହେଉଥିଲାବେଳେ ପ୍ରଶାସନ କେବଳ ଛୋଟ ଛୋଟ ଗାଡି ଧରି ବାହା ବାହା ନେବାକୁ ଅପଚେଷ୍ଟା କରୁଛି। କେବଳ ଧର୍ମକୁ ଆଖି ଠାର ମାରୁଛି ଜ୍ଞ ଅନ୍ୟ ପକ୍ଷରେ ମୋଟା ଅଙ୍କରେ ଅର୍ଥ ନେଇ ନିଘୋଡ ନିଦରେ ମାଇନ୍ସ ବିଭାଗ ଶୋଇପଡ଼ିଥିବା କଥା ଚର୍ଚ୍ଚା ଜୋର ଧରିଛି।

## ୨ ଶିଶୁ ଶ୍ରମିକ ଉଦ୍ଧାର

କର୍ଯାଁଗୋଲା,୨୯।୧୧(ସମିସ): ଦଶରଥପୁର ବ୍ଲକ ଅଞ୍ଚଳରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ମଙ୍ଗଳପୁର ପୋଲିସ ସହାୟତାରେ ଉଦ୍ଧାର କରିଛି ରୁଚିକା ସାମାଜିକ ସେବା ସଂସ୍ଥା। ମଙ୍ଗଳପୁର ଥାନା ଏଏସଆଇ ସଂଯୁକ୍ତା ପଣ୍ଡାଙ୍କ ସୂଚନା ମୁତାବକ ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ଆମ ଥାନା ପକ୍ଷରୁ ସୁରକ୍ଷା ସହାୟତା ଯୋଗାଇ ଦିଆଯାଇଥିଲା। କାଟିଆ ଓ ମଙ୍ଗଳପୁର ବଜାରରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ରୁଚିକା ସାମାଜିକ ସେବା ସଂସ୍ଥା ଉଦ୍ଧାର କରିଥିଲା। ଜଣକଙ୍କ ଘର ବିହାର ରାଜ୍ୟରେ ହୋଇଥିବା ବେଳେ ଅନ୍ୟ ଜଣକ ଦଶରଥପୁର ଥାନା କାଟିଆ ଅଞ୍ଚଳର। ଉଭୟ ଗୁପଚୁପ୍ ଦୋକାନ ଓ ଅନ୍ୟ ଜଣେ ଫୁଲ ସଜ୍ଜା ଦୋକାନରେ କାମ କରୁଥିଲେ। ରୁଚିକା ସାମାଜିକ ସେବା ସଂସ୍ଥାର ଜିଲା ସଂଯୋଜକ ଦେବ ପ୍ରସାଦ ପାଠକଙ୍କ ସୂଚନା ମୁତାବକ ସେ ଓ ତାଙ୍କ ସହ ଅରୁଣା ଦାସ, ପ୍ରତାପ ନାୟକଙ୍କ ସମେତ ଏକ ୪ ଜଣିଆ ଟିମ୍ ମଙ୍ଗଳପୁର ପୋଲିସ୍ ସହାୟତାରେ ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲୁ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ପାଖରେ ଜିମା ଦେଲୁ ବୋଲି ପାଠକ କହିଛନ୍ତି।

## ମୋବାଇଲ କିଣି ବୁଲେଟ ଜିତିଲେ ଗ୍ରାହକ



ଯାଜପୁର,୨୯।୧୧(ସମିସ): ଗୋଟିଏ ମୋବାଇଲ ରେ ଗୋଟିଏ ବୁଲେଟ ଗାଡ଼ି ମାଗଣା। ଆପଣଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥା ଟି ସତ। ମାତ୍ର ୧୭ହଜାର ଟଙ୍କାର ସାମ୍‌ସଙ୍ଗ ମୋବାଇଲ କିଣି ଜଣେ ଗ୍ରାହକ ୨.୫୦ଲକ୍ଷ ଟଙ୍କାର ବୁଲେଟ ଜିତିଛନ୍ତି। ଯାଜପୁର ସହରର ଜ୍ଞାନମନ୍ଦିରରୁ ଜାଲପୁର ଅଞ୍ଚଳର ସନ୍ତୋଷ କୁମାର ମାଝୀ ଏକ ସାମ୍‌ସଙ୍ଗ ମୋବାଇଲ କିଣିଥିଲେ। କିନ୍ତୁ ଲଟେରୀରେ ଏକ ବୁଲେଟ ଗାଡ଼ି ଉଠିଥିଲା। ସେ ଲଟେରୀ ମାଧ୍ୟମରେ ଭାଗ୍ୟଶାଳୀ ବିଜେତା ହିସାବରେ ଏକ ବୁଲେଟ୍ ଗାଡି ପୁରସ୍କାର ସ୍ୱରୁପ ପାଇଛନ୍ତି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମସଙ୍ଗ କମ୍ପାନୀ ତରଫରୁ ଜେଡଏସଏମ ଆର୍‌ଭି ସାଇକୁମାର, ଜ୍ଞାନମନ୍ଦିର ପ୍ରତିଷ୍ଠାନ ତତ୍ତ୍ୱାବଧାରକ ଜ୍ଞାନରଞ୍ଜନ ସାହୁ, ନରେନ୍ଦ୍ର ସାହୁ, ରତ୍ନାକର ସାହୁ, କମ୍ପାନୀ ଏଏସଏମ୍ ବିକ୍ରମ କୁମାର ସାହୁଙ୍କ ସମେତ ସାମସଙ୍ଗ କମ୍ପାନୀ ଡିଷ୍ଟ୍ରିବ୍ୟୁଟର ଶ୍ୟାମସୁନ୍ଦର ନାୟକ ଉପସ୍ଥିତ ରହି ବିଜେତା ଶ୍ରୀ ମାଝୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଯାଜପୁର ସହରସ୍ଥ ଅନ୍ୱେଷଣ ଗ୍ରୁପର କର୍ମକର୍ତ୍ତା, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, କୁଆଁସରପୁର ବଣିକ ସଂଘର ସଭାପତି ଆଲୋକ ରଞ୍ଜନ ନାୟକ, ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ରୂପକ କୁମାର ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୪୩୩ ଜଣ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା

ଯାଜପୁର,୨୯।୧୧(ସମିସ): ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବାବଦରେ ୪୯ ଜଣଙ୍କୁ ୧ କୋଟି ୩୯ ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪୮ ଜଣଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୧୮ ଜଣଙ୍କୁ ୧୯ ଲକ୍ଷ ୬୬ ହଜାର ଟଙ୍କା ବିବାହ ସହାୟତା ବାବଦରେ ୧୧୨ ଜଣଙ୍କୁ ୫୬ ଲକ୍ଷ ଟଙ୍କା ଏବଂ ପ୍ରସୂତୀ କାଳୀନ ସହାୟତା ବାବଦରେ ୬ ଜଣଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ବୋର୍ଡ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଇଛି।

### ● ଠିକା କମ୍ପାନୀର କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

## ପ୍ରତିବାଦରେ ଧାରଣା ଓ ଉତ୍ତେଜନା



ବରୀ,୨୯।୧୧(ସମିସ): ବରୀ ବ୍ଲକ ନେଉଳାଠାରେ ପାଣିପ୍ରକଳ୍ପ ଠିକା କମ୍ପାନୀ କଳ୍ପତରୁ ପ୍ରାଇଭେଟ୍ ଲିମିଟେଡରେ କାର୍ଯ୍ୟରତ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶ୍ରମିକ ଜଣକ ସ୍ଥାନୀୟ ଅରଙ୍ଗାବାଦ ଗ୍ରାମର ହରି ମଲିକଙ୍କ ପୁଅ ରାମକୃଷ୍ଣ ମଲିକ ବୋଲି ଜଣାପଡିଛି। ମୃତ ଶ୍ରମିକ ଜଣକ କିଛି ଦିନ ଧରି ଏହି ଠିକା କମ୍ପାନୀରେ କାର୍ଯ୍ୟକରୁଥିଲେ। ଗତକାଲି ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ପ୍ରଦାନ, ପ୍ରତିପୋଷଣ ପାଇଁ ମାସିକ ୧୫ ହଜାର ଟଙ୍କା ପ୍ରଦାନ ସହିତ ତାଙ୍କ ପିଲାମାନଙ୍କ ପାଠ ପଢ଼ା ପାଇଁ ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ ଦାବିରେ ଗ୍ରାମବାସୀ ଓ ଶ୍ରମିକଙ୍କ ପରିବାର ପକ୍ଷରୁ ଧାରଣା ଦିଆଯାଇଥିଲା। ମୃତ ରାମକୃଷ୍ଣଙ୍କର ବିଧବା ପତ୍ନୀ ଓ ଗୋଟିଏ ଛୋଟ ଝିଅ ଗୋଟିଏ ଛୋଟ ପୁଅ ରହିଛନ୍ତି। ଆଜି ମଧ୍ୟାହ୍ନରେ ଠିକା ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଓ ମୃତକଙ୍କ ପତ୍ନୀଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଏବେ ବି ନାନା କଥା ଶୁଣିବାକୁ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସ୍ଥାନୀୟ ପୁଲିସ କହିଛି।

## ବଜ୍ରପାତ ଓ କାଳ ବୈଶାଖୀ ସଚେତନା

ଦଶରଥପୁର,୨୯।୧୧(ସମିସ): ଦଶରଥପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବଜ୍ରପାତ ଓ କାଳବୈଶାଖୀରୁ ରକ୍ଷା ପାଇବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ଅଙ୍ଗନବାଡି ସୁପର ଭାଇଜର, କର୍ମୀ, ଆଶା ଦିଦି, ସିଆରପି, ଏମ୍‌ବିକେ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରିଣୀ ବନିତା ଦାଶ ନିଜ ଅଭିଭାଷଣରେ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି କହିଥିଲେ। ବଜ୍ରପାତ ଓ କାଳ ବୈଶାଖୀ ସମୟରେ ଆମେ କ'ଣ କରିବା ଓ ନ କରିବା ଓ କି ଉପାୟ ଅବଲମ୍ବନ କରିବା ନେଇ ଶ୍ରୀମତୀ ଦାଶଙ୍କ ସମେତ ଅନ୍ୟ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ସୁପର ଭାଇଜର ଶୁଭଶ୍ରୀ ମହଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜାତୀୟସ୍ତରୀୟ ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଧର୍ମଶାଳା,୨୯।୧୧(ସମିସ): ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଜାତୀୟସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯେଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି। ଦେବରାଜ ମିଶ୍ରଙ୍କ ସଭାପତିତ୍ୱରେ ଅୟୋଜିତ ଉଦଘାଟନୀ ଉତ୍ସବରେ ସମାଜସେବୀ ମିନତୀ ସାହୁ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ ଓ ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ଭାରତ ବର୍ଷର ଓଡ଼ିଶା, ଗୋଆ ସମେତ ୬ ଗୋଟି ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଆଜି ଉଦଘାଟନୀ ମ୍ୟାଚ ଓଡିଶା ଏବଂ ଗୋଆ ମଧ୍ୟରେ ଫ୍ଲଡଲାଇଟ ମ୍ୟାଚ ଅନୁଷ୍ଠିତ ହୋଇଛି।

### ■ ବିଧାୟିକାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

## ଥାନାର ଦ୍ୱାରସ୍ଥ ହେଲା ବିଜେଡି



ବିଞ୍ଝାରପୁର,୨୯।୧୧(ସମିସ): ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟକ୍ତି ଅଶାଳୀନ ମନ୍ତବ୍ୟକୁ ପ୍ରତିବାଦ କରି ବିଜୁ ଯୁବ ଜନତା ସଭାପତି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଦିଲ୍ଲିପ ରାଉଳ ଥାନାରେ ଦେଇଥିବା ଅଭିଯୋଗ ମୁତାବକ ସାମାଜିକ ଗଣମାଧ୍ୟମରେ ପିଡିଏସ୍ ଗହମ ବଣ୍ଟନ ସମ୍ପର୍କିତ ଏକ ଖବର ପ୍ରସାରିତ ହୋଇଥିବା ବେଳେ ସେଥିରେ ବିଶ୍ୱଜିତ ପ୍ରଧାନ ନାମକ ଜଣେ ବ୍ୟକ୍ତି ନିଜର ମତ ରଖିବାକୁ ଯାଇ ବିଞ୍ଝାରପୁର ବିଧାୟିକା ତଥା ବିଧାନସଭାର ବିରୋଧୀ ଦଳର ସଚେତକ ପ୍ରମିଳା ମଲ୍ଲିକଙ୍କୁ ସିଧାସଳଖ ଭାବରେ ତାଙ୍କ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରି କଟୁ ମନ୍ତବ୍ୟ ଦେଇଥିଲେ। ଶତାଧିକ ଯୁବ ବିଜେଡି ସମର୍ଥକଙ୍କ ସହ ଶନିବାର ପୂର୍ବାହ୍ନରେ ବିଞ୍ଝାରପୁର ଥାନାରେ ବିଧାୟିକାଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ବିଶ୍ୱଜିତ ପ୍ରଧାନଙ୍କ ବିରୋଧ ଆଇନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଅଭିଯୋଗକୁ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଗ୍ରହଣ କରିବା ସହିତ ଏକ ସୂଚନା ପ୍ରସାରଣ କେଶ ନଂ୫୬୭/୨୫ରେ ମାମଲା ରୁଜୁ କରି ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ ବିଜେଡିକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଧାୟିକା ପ୍ରତିନିଧିଙ୍କ ପିତୃ ବିୟୋଗ

ମଙ୍ଗଳପୁର,୨୯।୧୧(ସମିସ): ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅଭିଭକ୍ତ ଦୁଦୁରାଅନ୍ତା ପଞ୍ଚାୟତର ବରିଷ୍ଠ ମୁରବି ଶଶିଭୂଷଣ ମହାନ୍ତି (୮୧) ଶୁକ୍ରବାର ରାତିରେ ତାଙ୍କ ଦଉପୁରସ୍ଥ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ନାରୀଗାଁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିବା ବେଳେ ହେମନ୍ତପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୦୪ରେ ଅବସର ନେଇ ବାକି ଜୀବନ ନିଜ ଗ୍ରାମ ଦଉପୁରରେ ଅତିବାହିତ କରିଥିଲେ। ତାଙ୍କ ପୁଅ ପ୍ରଶାନ୍ତ କୁମାର ମହାନ୍ତି ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ହୋଇଥିବା ବେଳେ ବୋହୂ ସୁଚିସ୍ମିତା ମହାନ୍ତି ଦଉପୁର ପଞ୍ଚାୟତ ସରପଞ୍ଚ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ନିକଟରେ ବଡ଼ ପୁଅ ପ୍ରଶାନ୍ତ, ସାନ ପୁଅ ପ୍ରଭାତ, ଦୁଇ ଝିଅ, ଦୁଇ ଜ୍ୱାଇଁ, ପୁତ୍ରବଧୂ, ସମସ୍ତ ନାତିନାତୁଣୀ ଉପସ୍ଥିତ ଥିବା ବେଳେ ବଡ଼ ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର/ମଈଁଦା,୨୯।୧୧(ସମିସ): ବିଞ୍ଝାରପୁର ବ୍ଲକ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଶିକ୍ଷୟିତ୍ରୀ ସାଗରିକା ସାମଲଙ୍କ ସଭାପତିତ୍ୱରେ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଡ. ଶ୍ରୀହରି ଧଳ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟଭାନୁ ନାୟକ ଏବଂ ସମିତିସଭ୍ୟା ଲଭଲୀରାଣୀ ନାୟକ ସମେତ ବିଦ୍ୟାଳୟର ପୂର୍ବରୁ ଅବସର ନେଇଥିବା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ଅଭିରାମ ସାମଲ ଏବଂ ଅବସରପ୍ରାପ୍ତ ଶିକ୍ଷକ ଅଦୈତ ପ୍ରସାଦ ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଦିଗମ୍ବର




ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପାଠୀଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ସଦାଶିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ସମ୍ଭବ ପ୍ରଶିକ୍ଷଣ ଶିବିର



ବଡ଼ଚଣା,୨୯।୧୧(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୫ ଦିନ ବ୍ୟାପୀ ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକଙ୍କ 'ସମ୍ଭବ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନ ସଭାରେ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ଚଣା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ପୃଷ୍ଟି ଯୋଗଦେଇଥିବା ବେଳେ ପ୍ରଶିକ୍ଷକ ଭାବରେ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖଚିଲାର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ, ବୀଣାପାଣି ବିଦ୍ୟାପୀଠ ନଛିପୁରାର ପ୍ରଧାନ ଶିକ୍ଷୟିତ୍ରୀ ଯୁବପ୍ରଭା ସାବତ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପିଙ୍ଗଳର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ, ବିଞ୍ଝାରପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସଂଯୁକ୍ତ ଦାସ, ସମେତ ବଡ଼ଚଣା ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରିଥିଲେ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ଧର୍ମଶାଳା,୨୯।୧୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୋସ୍ତା ଗ୍ରାମର ବନମାଳୀ ମହାନ୍ତିଙ୍କ ସାନପୁଅ ରାକେଶ କୁମାର ମହାନ୍ତି (ବଳିଆ, ୩୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ସେ କଟକର ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। ଗତ ଗୁରୁବାର କୌଣସି କାରଣରୁ ତାଙ୍କୁ ବିଦ୍ୟୁତ ଆଘାତ ଲାଗିବା ଫଳରେ ସେ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛଦ ପରେ ପରିବାରଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ଗତକାଲି ଏକ ଶୋଭାଯାତ୍ରାରେ ରମାପୁରଠାରୁ ନୋସ୍ତା ଗ୍ରାମକୁ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ମସୁଦପୁର ବଜାର ଉଚ୍ଛେଦ ପାଇଁ ହେଲା ମାପଚୁପ

ପାଣିକୋଇଲି,୨୯।୧୧(ସମିସ):



ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମସୁଦପୁର ବଜାର ଜବରଦଖଲରେ ରହିଛି। ଗୋଚର ଜମିରେ ଅବସ୍ଥିତ ଏହି ବଜାରକୁ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୨୦ ନଭେମ୍ବର ମାସରେ ଉଚ୍ଛେଦ କରାଯାଇଥିଲା। ସେତେବେଳେ ଏଭରଗ୍ରୀନ କ୍ଲବ, ପୋଷ୍ଟ ଅଫିସ ଗୃହ, ହାଇସ୍କୁଲ ବାଉଣ୍ଡ୍ରି ସମେତ ୨୯ଟି ଦୋକାନ ଉଚ୍ଛେଦ ହୋଇଥିଲା। କିନ୍ତୁ ଆଉ ୧୬ଟି ଦୋକାନଗୃହ ସମେତ ମହାବୀର କ୍ଲବକୁ ଭଙ୍ଗାଯାଇନଥିଲା। ଜାତୀୟ ରାଜପଥ ୧୬ ଠାରୁ ନଦୀବନ୍ଧ ଚୁଡ଼ା ପରିଡ଼ାବାଦ ପର୍ଯ୍ୟନ୍ତ ଓ ଜାତୀୟ ରାଜପଥ ୧୬ରୁ ଜହଳ ଭାୟା ଜମୁନା ପୂର୍ତ୍ତବିଭାଗ ରାସ୍ତା ସମ୍ପ୍ରସାରଣ ପାଇଁ ଏହି ଜବରଦଖଲ ଉଚ୍ଛେଦ କରାଯାଉଥିଲା। ମାତ୍ର ୨ ଦିନ ଭାଙ୍ଗି ୨୯ଟି ଦୋକାନ ଉଚ୍ଛେଦ ପରେ ଆଉ ୧୬ଟିକୁ ଛାଡି ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଅଭିଯୋଗ ପରେ ଆଉ ୧୭ଟି ଗୃହକୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ତାହା ଭଙ୍ଗା ଯାଉନଥିଲା କି ରାସ୍ତା ସମ୍ପ୍ରସାରଣ କରାଯାଉନଥିଲା। ଏନେଇ ଭଙ୍ଗାଯାଇଥିବା ବ୍ୟବସାୟୀମାନଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡିଥିଲା। ଯାଜପୁର ଜିଲ୍ଲାପାଳ ଓ ଆର୍‌ଡିସିଙ୍କ ରିପୋର୍ଟ ତଲବ କରାଯାଇଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କମିଶନରଙ୍କ ଉପସ୍ଥିତିରେ ଆଜି ମସୁଦପୁର ବଜାର ଜବରଦଖଲର ମାପ କରାଯାଇଛି। ସରକାରୀ ଜମି ଗୋଚର ଓ ମେଡିକାଲ ଜମିରେ କିପରି ଭାବେ ଜବରଦଖଲ ହୋଇଛି ତାହା ମାପରେ ଜଣାପଡିଛି। ରିପୋର୍ଟ ଦାଖଲ ପରେ ଉଚ୍ଛେଦ ପାଇଁ କାର୍ଯ୍ୟକ୍ରମ ପ୍ରକାଶ ପାଇବ। କେବେ ଓ କେଉଁଦିନ ଉଚ୍ଛେଦ କରାଯିବ ତାହାକୁ ସମସ୍ତେ ଉତ୍କଣ୍ଠାର ସହିତ ଅନାଇ ରହିଛନ୍ତି। ଆଜିର ଏହି ମାପ କାର୍ଯ୍ୟକ୍ରମରେ କୋର୍ଟ କମିଶନର ଆକାଂଶ ଆଚାର୍ଯ୍ୟଙ୍କ ସମେତ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଏପିଡି ଲମ୍ବୋଦର ପଣ୍ଡା, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତୀ, ଧନେଶ୍ୱର ଆରଆଇ ସରୋଜ କୁମାର ମଲ୍ଲିକ, ପଚ୍ଛିକୋଟ ଆରଆଇ ସୁଧିର କୁମାର ମଲ୍ଲିକ, ବ୍ୟାସନଗର ତହସିଲ ଅମିନ ବିକଶ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

ଗଞ୍ଜାମ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ୪୧ ସ୍କୁଲରେ ବିଦ୍ୟୁତ୍ ଓ ୯ ଟିରେ ନାହିଁ ଶୌଚାଳୟ




- ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ
- ସବୁଜାଣି ଚୁପ୍ ବସିଛି ଶିକ୍ଷା ପ୍ରଶାସନ; କେବେ ଭାଙ୍ଗିବ କୁମ୍ଭକର୍ଣ୍ଣ ନିଦ୍ରା ?

ବ୍ରହ୍ମପୁର, ୨୯।୧୧ (ସମିସ): ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ହେଲା ରାଜ୍ୟ ସରକାରଙ୍କ ମୁଖ୍ୟ ଦାୟିତ୍ୱ। ରାଜ୍ୟର ସମସ୍ତ ଘରେ ଶୌଚାଳୟ ସାଙ୍ଗକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ ରହିଛି। ତେବେ ଡବଲ ଇଂଜିନ ସରକାରରେ କିନ୍ତୁ ରାଜ୍ୟରେ ବହୁ ବିଦ୍ୟାଳୟକୁ ବର୍ତ୍ତମାନ ମଧ୍ୟ ବିଦ୍ୟୁତ ସଂଯୋଗ ଓ ଶୌଚାଳୟ ନଥିବା ନଜରକୁ ଆସିଛି। ଗଞ୍ଜାମ ଜିଲ୍ଲାରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାହାକୁ ନେଇ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ପଦାରେ ପଡିଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ବର୍ଗର ୯ଟି ବିଦ୍ୟାଳୟରେ ଶୌଚାଳୟ ସୁବିଧା ନଥିବାବେଳେ ୪୧ଟି ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଧାନସଭାରେ ରାଜ୍ୟର ବିଦ୍ୟାଳୟ ଗୁଡିକରେ ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ଓ ପାନୀୟ ଜଳଯୋଗାଣ ସମ୍ପର୍କିତ ତଥ୍ୟ ନେଇ ପ୍ରଶ୍ନ କରିଥିଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା। ଗତ ୨୮ ତରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ଉତ୍ତର ରଖିଛନ୍ତି। ବିଧାନସଭାର୍ରେନ୍ତୀ ଦେଇଥିବା ତଥ୍ୟ ପ୍ରକାରେ ଗଞ୍ଜାମ ଜିଲ୍ଲାରେ ମୋଟ ୩ହଜାର ୩୬ଟି ବିଦ୍ୟାଳୟ ଥିବାବେଳେ ସେଥିମଧ୍ୟରୁ ୧୬ଶହ ୬୫ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥି ମଧ୍ୟରୁ ୭ଟି ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ନଥିବାବେଳେ ୩୭ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାରେ ଥିବା ୯୪୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଗୋଟିଏ ବିଦ୍ୟାଳୟରେ ଶୌଚାଳୟ ନଥିବା ବେଳେ ୪ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ମୋଟ ୬୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ଗୋଟିଏ ବିଦ୍ୟାଳୟରେ ଶୌଚାଳୟ ନାହିଁ। ଏହା ସହ ଗଞ୍ଜାମ ଜିଲ୍ଲାରେ ଥିବା ୩୬୧ଟି ମାଧ୍ୟମିକ ବିଦ୍ୟାଳୟରେ ଶୌଚାଳୟ, ବିଦ୍ୟୁତ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଥିବା ତଥ୍ୟରେ ଉଲ୍ଲେଖ ରହିଛି। ଜିଲ୍ଲାରେ ୨ଟି ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ ଓ ୬ଟି ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪-୨୫ଶିକ୍ଷାବର୍ଷରେ ମୋଟ ୧୩ଲକ୍ଷ ୬୮ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଘୋର ଅଭାବ ରହିଥିବା ବେଳେ ବର୍ତ୍ତମାନ ଶୌଚାଳୟ ଏବଂ ବିଦ୍ୟୁତ ନଥିବା ପ୍ରସଙ୍ଗକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ଘରେ ଶୌଚାଳୟ ଓ ବିଦ୍ୟୁତ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ତେବେ ବର୍ତ୍ତମାନ ରାଜ୍ୟରେ ଡ଼ବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ବିଦ୍ୟାଳୟ ଗୁଡ଼ିକରେ ଏଭଳି ଚିତ୍ର ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପ୍ରତି ଶିକ୍ଷାବର୍ଷରେ ବିଦ୍ୟାଳୟ ଗୁଡ଼ିକର ଉନ୍ନତି ସମେତ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବହୁ ବିଦ୍ୟାଳୟରେ ବିଦ୍ୟୁତ ଓ ଶୌଚାଳୟର ସୁବିଧା ନଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପ୍ରତିଦିନ ବିଦ୍ୟାଳୟ ଗୁଡ଼ିକରେ ୮ଘଣ୍ଟାରୁ ଅଧିକ ସମୟ ଧରି ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ରହୁଛନ୍ତି। ଏଭଳି କ୍ଷେତ୍ରରେ ବିଦ୍ୟାଳୟ ଗୁଡ଼ିକରେ ଶୌଚାଳୟ ଓ ବିଦ୍ୟୁତ୍ ନଥିବା କାରଣରୁ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁବାର ଅଧିକାରୀଙ୍କୁ ଅବଗତ କରିଥିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବା ଜଣାପଡ଼ିଛି। ସେହିପରି କିଛି ବିଦ୍ୟାଳୟରେ ବିଦ୍ୟୁତ୍ ନଥିବା କାରଣରୁ ସୌରଶକ୍ତି ଜରିଆରେ ବିଦ୍ୟୁତ ସଂଯୋଗ କରାଯାଇଥିବା ଜଣାପଡ଼ିଛି। ତେଣୁ ଉକ୍ତ ସମସ୍ୟାକୁ ଗୁରୁତ୍ୱ ସହ ଗ୍ରହଣ କରାଯାଇ ବିଦ୍ୟାଳୟ ଗୁଡ଼ି କରେ ବିଦ୍ୟୁତ୍ ସଂଯୋଗ ସହ ଶୌଚାଳୟ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ୪ ଜଣିଆ ଆନ୍ତଃରାଜ୍ୟ ମୋବାଇଲ୍ ଚୋର ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର,୨୯।୧୧(ସମିସ): ବଡ଼ବଜାର ଥାନା ପୁଲିସ ୪ ଜଣିଆ ଆନ୍ତଃରାଜ୍ୟ ମୋବାଇଲ ଚୋର ଗ୍ୟାଙ୍ଗକୁ ଗିରଫ କରିବା ସହ ୩୪୨ଟି ମୋବାଇଲ, ଗୋଟିଏ ସ୍କୁଟି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ଧରାକୋଟ ଦାମୋଦରପୁରର ଦାସ ସୋନୁ(୨୦) ଓ ଦାସ ସାହିଲ କୁମାର(୩୧), ଦାସ ରାଜା(୩୮) ଓ ଆନ୍ଧ୍ରପ୍ରଦେଶ ଆକିଭିଡୁର ପି. ଶ୍ରୀନିବାସୁଲୁ(୩୯)। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସୂଚନାନୁଯାୟୀ ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରାଫଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଶୁକ୍ରବାର ଯାନବାହନ ଯାଞ୍ଚବେଳେ ସ୍କୁଟିରେ ଗୋଟିଏ ବ୍ୟାଗ ଧରି ଯାଉଥିବା ଅଭିଯୁକ୍ତ ସୋନୁ ଓ ସାହିଲଙ୍କୁ ସନ୍ଦେହରେ ଅଟକାଇ ବ୍ୟାଗ ଯାଞ୍ଚବେଳେ ୧୦୦ଟି ଦାମୀ ମୋବାଇଲ ମିଳିଥିଲା। ପୁଲିସ ପଚରାଉଚରା ପରେ ସୋନୁ ଓ ସାହିଲ ମୋବାଇଲଗୁଡ଼ିକ ବିଷୟରେ ସଠିକ ଉତ୍ତର ଦେଇ ପାରିନଥିଲେ। ସମସ୍ତ ମୋବାଇଲ ବିଭିନ୍ନ ସହରରୁ ଚୋରି କରି ଅଣାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ସୋନୁ ଓ ତାର ଅନ୍ୟ ୩ଜଣ ସହଯୋଗୀ ଯଥା ସାହିଲ, ରାଜା ଓ ଶ୍ରୀନିବାସୁଲୁ ବିଭିନ୍ନ ଅଞ୍ଚଳରୁ ମୋବାଇଲ ଚୋରି କରୁଥିଲେ। ସେମାନେ ବ୍ରହ୍ମପୁର ସମେତ ଭୁବନେଶ୍ୱର, ହାଇଦ୍ରାବାଦ, ଚେନ୍ନାଇ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରରୁ ମୋବାଇଲ ଚୋରି କରିବା ସହ ସେଠାକାର ଚୋରଙ୍କ ଠାରୁ ଚୋରା ମୋବାଇଲ ଶସ୍ତାରେ କିଣି ଆଣୁଥିଲେ। ଶ୍ରୀକ୍ଷେତ୍ର ବିହାରରେ ଏକ ଘର ଭଡ଼ା ନେଇ ସେଠାରେ ଚୋରି ମୋବାଇଲଗୁଡ଼ିକ ଜମା କରୁଥିଲେ। ଉକ୍ତ ମୋବାଇଲ ଗୁଡ଼ିକୁ ମରାମତି କରି ନୂତନ କଭର ପକାଇ ଗ୍ରାମାଞ୍ଚଳରେ ତଥା ସୀମାନ୍ତରେ ଲୋକଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତ ସୋନୁର ବୟାନ ଆଧାରରେ ପୁଲିସ ଶ୍ରୀକ୍ଷେତ୍ର ବିହାର ସ୍ଥିତ ଅଭିଯୁକ୍ତଙ୍କ ଭଡ଼ା ଘରେ ଚଢ଼ଉ କରି ୨୫୦ରୁ ଅଧିକ ମୋବାଇଲ ଜବତ ସହ ଅଭିଯୁକ୍ତ ରାଜା ଓ ଶ୍ରୀନିବାସୁଲୁଙ୍କୁ ଗିରଫ କରିଥିଲା। ସମସ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ପି କହିଛନ୍ତି।



## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବ୍ରହ୍ମପୁର,୨୯।୧୧(ସମିସ): ଧାନମେରା ସାହିରେ ଟେଣ୍ଟ ଭିଡୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦିଗପହଣ୍ଡି ନିକଟ ନରସିଂହପୁରର ରୋଶନ ନାୟକ(୨୨)। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ରୋଶନଙ୍କ ମୃତଦେହକୁ ଟେଣ୍ଟ ଉପରୁ ଜବତ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରୋସନ ୩ ବର୍ଷ ଧରି ଏକ ଟେଣ୍ଟ ହାଉସରେ କାମ କରୁଥିଲେ। ଗତକାଲି ସ୍ଥାନୀୟ ଧାନମେରା ସାହି ଛକଠାରେ ଟେଣ୍ଟ ବନ୍ଧା ଯାଉଥିବାବେଳେ ରୋଶନ କପଡ଼ା ବାନ୍ଧୁଥିବା ବେଳେ ଅସାବଧାନତା ବଶତଃ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା।

## ୭୮ ଚୋରା ମୋବାଇଲ ମାଲିକଙ୍କୁ ଫେରାଇଲା ପୁଲିସ

ବ୍ରହ୍ମପୁର,୨୯।୧୧(ସମିସ): ପୁଲିସ ପକ୍ଷରୁ ଉଦ୍ଧାର କରାଯାଇଥିବା ୭୮ଟି ଚୋରା ମୋବାଇଲକୁ ଏହାର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଆୟୋଜନ କରାଯାଇ ଚୋରା ମୋବାଇଲର ପ୍ରକୃତ ମାଲିକଙ୍କୁ ଡାକି ହସ୍ତାନ୍ତର କରାଯାଇଥିଲା। ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ଉପସ୍ଥିତ ରହି ମୋବାଇଲ ପ୍ରଦାନ କରିବା ସହ ମୋବାଇଲ ଚୋରି ହେଲେ କିମ୍ବା ହଜିଗଲେ ଥାନାକୁ ନଆସି ବ୍ରହ୍ମପୁର ପୁଲିସ ପକ୍ଷରୁ ଜାରି କରାଯାଇଥିବା ୱାଟସ୍‌ଆପ ନମ୍ବରରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଆଲୋକ କୁମାର ଜେନା, ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡାଙ୍କ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳାଙ୍କ ଘରେ ପଶି ଲୁଟ୍ ପରେ ଜାଳିଦେଲେ କାର୍

ବ୍ରହ୍ମପୁର,୨୯।୧୧(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ୍ କରିବା ପରେ ଘର ବାହାରେ ଥିବା କାର୍‌କୁ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଶାନ୍ତିନଗର ପ୍ରଥମ ଲାଇନରେ ଲିଜା ନାହାକ ଓ ତାଙ୍କ ପୁଅ ରହୁଛନ୍ତି। ଗତକାଲି ସନ୍ଧ୍ୟାରେ ଲିଜା ନିଜ ଘରେ ଥିବା ବେଳେ ଏକାଧିକ ଦୁର୍ବୃତ୍ତ ଘର ନିକଟକୁ ଆସି କଲିଂ ବେଲ୍ ବଜାଇଥିଲେ। ଲିଜା କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାର୍‌ପିଟ କରିଥିଲେ। ଏହାପରେ ସେମାନେ ଘର ଭିତରେ ରଖା ଯାଇଥିବା ନଗଦ ୧୨ ହଜାର ଟଙ୍କା, ସୁନ ମୁଦି, ସୁନା କାନର ଓ ସୁନା ଚେନ ଲୁଟ କରି ନେଇ ଯାଇଥିଲେ। ତେବେ ଦୁର୍ବୃତ୍ତମାନେ ଗଲାବେଳେ ଘର ବାହାରେ ରଖାଯାଇଥିବା ତାଙ୍କ କାର ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିଜା ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ପୁଲିସ ନିକଟରେ ଅଭିଯୋଗ କଲେ ତାଙ୍କୁ ଓ ପୁଅକୁ ଜୀବନରେ ମାରିଦେବେ ବୋଲି ଦୁର୍ବୃତ୍ତମାନେ ଧମକ ଦେଇଥିବା ଲିଜା ପୁଲିସକୁ ଜଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି।

## ଟ୍ରକ୍‌ରୁ ୧୩ ଗୋରୁ ଉଦ୍ଧାର

ବ୍ରହ୍ମପୁର,୨୯।୧୧(ସମିସ): ଜାତୀୟ ରାଜପଥ-୧୬ ଲାଞ୍ଜିପଲ୍ଲୀ ବାଇପାସ୍ ଛକରୁ ଏକ ଟ୍ରକରୁ ୧୩ଗୋରୁ ଉଦ୍ଧାର କରାଯାଇଛି। ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଏହି ଗୋରୁଙ୍କୁ ବଜରଙ୍ଗ ଦଳ ପକ୍ଷରୁ ଉଦ୍ଧାର କରାଯିବା ପରେ ନିକଟସ୍ଥ ଗୋଶାଳାକୁ ପଠାଯାଇଛି। ସେହିପରି ଗୋରୁ ଚୋରା ଚାଲାଣରେ ସଂପୃକ୍ତ ୩ଜଣ ବ୍ୟକ୍ତି ଓ ଟ୍ରକ ଚାଳକଙ୍କୁ କାବୁ କରି ପୁଲିସ ଜିମା ଦିଆଯାଇଛି। ଏହି ଗୋରୁଙ୍କୁ ହାଇଦ୍ରାବାଦ ଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଟ୍ରକରେ ଗୋରୁଙ୍କ ସହ ଚାଲାଣ ହେଉଥିବା ଏକ ବାଛୁରୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ୩ ଦିନିଆ ଓଡ଼ିଶା ଗବେଷଣା ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର,୨୯।୧୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପକୁ ଏହିଭଳି ଗବେଷଣା ସମ୍ମିଳନୀ ମାର୍ଗଦର୍ଶନ ଦେଇପାରିବ। ସାଂପ୍ରତିକ ବିଶ୍ୱରେ ଦେଖାଦେଇଥିବା ପରିବେଶ, ଖାଦ୍ୟ ତଥା ଜୀବନଜୀବିକା ଭଳି ଜଟିଳ ତଥା ମୌଳିକ ସଂକଟକୁ ସମାଧାନ କରିବା ଦିଗରେ ଅଧିକ ଗବେଷଣା ହେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇ ବିକଶିତ ଭାରତର ସ୍ୱପ୍ନ ସାକାର ଦିଗରେ ଗବେଷଣା ଓ ନୂତନ ଜ୍ଞାନ କୌଶଳର ଆବଶ୍ୟକତା ରହିଛି। ଏଥିପାଇଁ ନୀତଗତ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସମିତ ପ୍ରସାଦ ପାଣି, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ବିଷୟରେ ଶ୍ରେଷ୍ଠ ଗବେଷଣାତ୍ମକ ସନ୍ଦର୍ଭ ପ୍ରଦର୍ଶନ କରିଥିବା ଯୁବଗବେଷକ ତଥା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ରାଜ୍ୟ ତଥା ଜାତୀୟସ୍ତରର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ ତଥା ଆଇଜର କୋଲକତାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ ପାଣିଗ୍ରାହୀ, ଆଇଆଇଟି ଦିଲ୍ଲୀର ଅବସରପ୍ରାପ୍ତ ପ୍ରଧାପକ ପ୍ରଫେସର ୟୁସି ମହାନ୍ତିଙ୍କୁ ନେଇ ଗବେଷଣା ଓ ଉନ୍ନୟନରେ ଆଧୁନିକ ପଦ୍ଧତି ସଂପର୍କିତ ଆଲୋଚନା କରାଯାଇଥିଲା। ୮ଟି ଅଧିବେଶନ ଓ ୩ଦିନ ଧରି ଚାଲିଥିବା ଓଡିଶା ଗବେଷଣା ସମ୍ମିଳନୀର ପଞ୍ଚମ ସଂସ୍କରଣରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୬୫୭ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତମାନେ ଯୋଗ ଦେଇଥିଲେ। ଯାହାକି ଓଡିଶା ଗବେଷଣା ସମ୍ମିଳନୀର ଅନ୍ୟ ସଂସ୍କରଣ ତୁଳନାରେ ସର୍ବାଧିକ। ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ସମ୍ମିଳନୀ ସଫଳତା ପାଇପାରିଛି। ଏନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ, ସମ୍ମିଳନୀରେ ଯୋଗ ଦେଇଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ମିଳନୀର ନିଷ୍କର୍ଷ ରିପୋର୍ଟ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରାଯିବ ବୋଲି କୁଳପତି କହିଛନ୍ତି।




## ଯୁବୋତ୍ସବରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର,୨୯।୧୧(ସମିସ): ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଯୋଗିତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବେଶ ସଫଳତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟର ୫ଟି ବିଭାଗରେ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଦଳଗତ ଲୋକନୃତ୍ୟରେ ଗଞ୍ଜାମର ଚଢ଼େୟା ନାଚ ଓ ବାଘନାଚ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରିନ୍ସ ଜେନା, ନମିତା ସେଠୀ, ଦୀପକ କୁମାର ରାଉତ, ଦୀପକ ରାଗସ୍ତ, ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରବୀଣ କୁମାର ବେହେରା, ଶିକ୍ଷା ବିଭାଗର କେଦାର ବେହେରା, ହିନ୍ଦୀ ବିଭାଗର ଶୁଭସ୍ମିତା ନାୟକ, ଅର୍ଥନୀତି ବିଭାଗର ଭୁବନେଶ୍ୱର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି କବିତା ଲିଖନ ପ୍ରତିଯୋଗିତାରେ ଓଡ଼ିଆ ବିଭାଗର ସୁମନ ଦାଶ, ଗଳ୍ପ ପ୍ରତିଯୋଗିତାରେ ରସାୟନ ବିଜ୍ଞାନ ବିଭାଗର ସୌରଭକାନ୍ତ ତ୍ରିପାଠୀ, ବିତର୍କ ପ୍ରତିଯୋଗିତାରେ ପଦାର୍ଥ ବିଜ୍ଞାନ ବିଭାଗର ନିତିଜ୍ଞା କୁମାରୀ ନାୟକ, ବିଜ୍ଞାନ ପ୍ରଦର୍ଶନୀରେ ବାୟୋଟେକ ବିଭାଗର ଆର୍. ଧବଳେଶ୍ୱର ରେଡ୍ଡୀ ପ୍ରମୁଖ ଯୋଗଦେଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ କ୍ୟାପଟେନ୍ ଡ. ଯତୀନ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।



# ସିନେମା 'ସମାଜ' ଓ 'ସଂସ୍କୃତି' ପରିବର୍ତ୍ତନର ବାହକ ହେବା ଜରୁରୀ

ବ୍ରହ୍ମପୁର,୨୯।୧୧(ସମିସ): ସାଉଥ ଏସିଆନ ଲିଟ୍ରେଚର ଆଣ୍ଡ କଲଚୁରାଲ ଫୋରମ୍, ବ୍ରହ୍ମପୁର ପ୍ରାୟୋଜିତ ଦୁଇଦିନିଆ ବାର୍ଷିକ ଜାତୀୟ ଆଲୋଚନାଚକ୍ର ଗୋପାଳପୁର ସେଣ୍ଟ ଭିନ୍‌ସେଣ୍ଟ ରିଟ୍ରିଟ୍ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ସମାଜରେ ସିନେମାର ଭୂମିକା ଏବଂ ଉତ୍ତରଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ସିନେମା କେବଳ ମନୋରଞ୍ଜନ ଧର୍ମୀ ଏବଂ ଅର୍ଥ ଆଦାୟର ମାଧ୍ୟମ ନହୋଇ ବରଂ ଶିକ୍ଷା, ସଂସ୍କୃତି, ପରମ୍ପରା, କୁସଂସ୍କାର, ଦୁର୍ନୀତି ବିଲୋପନ କ୍ଷେତ୍ରର ଆନ୍ଦୋଳନ ସୃଷ୍ଟି କରିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। 'ଏସଏଏଲସିଏଫ'ର ସଭାପତି ପ୍ରଫେସର ଇ. ରାଜା ରାଓ ଆଲୋଚନା ଚକ୍ରରେ ସଭାପତିତ୍ୱ କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଏବଂ ଶକ୍ତ ସମାଜ ଗଠନରେ ସିନେମାର ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ ଏବଂ ଏହା ଜରିଆରେ ଓଡ଼ିଆ ଭାଷାକୁ ସୁଦୂର ପ୍ରସାରୀ କରାଯାଇ ପାରିବ ବୋଲି ପ୍ରଫେସର ରାଓ ମତ ବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ଅମୂଲ୍ୟ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହ ସମୟକ୍ରମେ ଅନୁଷ୍ଠାନ କିପରି ଦେଶର କୋଣ ଅନୁକୋଣରୁ ଶିକ୍ଷାବିତ୍ ଏବଂ ଶିକ୍ଷାନିବେଶିଙ୍କୁ ଏକାଠି କରାଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ କରାଯାଉଛି ସେ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ସିଷ୍ଟର ନିବେଦିତା, କୋଲକତାର ସାମ୍ବାଦିକ ଓ ଗଣମାଧ୍ୟମ ବିଭାଗ ପ୍ରଫେସର୍ ବୁରୋସିଭା ଦାସଗୁପ୍ତ ମୁଖ୍ୟ ଆଲୋଚକ ରୂପେ ବିଷୟ ବସ୍ତୁ ଉପରେ ବିଶଦ ଆଲୋଚନା ରଖିଥିଲେ। ସମ୍ମାନୀତ ଅତିଥି ଭାବେ ହାଇଦ୍ରାବାଦର ଇଫ୍ଲୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ କୈଳାସ ଚନ୍ଦ୍ର ବରାଳ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର କାଳିଦାସ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସହ ସମ୍ପାଦକ ଡ଼ଃ ଭଗବାନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ବରାଳଙ୍କ ରଚିତ ଇଂରାଜୀ ପୁସ୍ତକ 'ଏମ୍ପାୟର ଇଜ ବ୍ୟାକୟାର୍ଡ'କୁ ମୁଖ୍ୟଅତିଥି ପ୍ରଫେସର ଜୟନ୍ତ ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସନ୍ଧ୍ୟାରେ ପ୍ରଖ୍ୟାତ କବି ସର୍ବଶ୍ରୀ ପ୍ରଫେସର ବିପିନ ନାୟକ, ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଭାଗିରଥି ମିଶ୍ର, ଭବାନୀ ପାଟଯୋଶୀ, ପ୍ରହ୍ଲାଦ ଶତପଥୀ, କେ. ଶ୍ୟାମବାବୁ ଦୋରା, ବସନ୍ତ ବେହେରା, ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ନିଜସ୍ୱ କବିତା ପାଠ କରି ପରିବେଶକୁ ଅଧିକ ସୁଗମ କରିଥିଲେ। ପ୍ରଫେସର ବଳଭଦ୍ର ତ୍ରିପାଠୀ, ପ୍ରଫେସର ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଡ଼ଃ କବିରାଜ ରାଉତ, ଡ଼ଃ ବୃନ୍ଦାବନ ପଟ୍ଟନାୟକ, ଡ଼ଃ ପ୍ରସନ୍ନ କୁମାର ବିଷୋୟୀ, ଡ଼ଃ ବିଭୂତି ଭୂଷଣ ଚୌଧୁରୀ, ଡ଼ଃ ଦୈତାରି ବେଜ, ଶ୍ରୀମତୀ ମୋନାଲିସା ଦାସ, ଶ୍ରୀମତୀ ମିନତି ପଟ୍ଟନାୟକ ଏବଂ ଡ଼ଃ ମାନସୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।



'ନନ୍ଦିଘୋଷ ଟିଭି'

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

## ଚାଷୀଙ୍କ ସମସ୍ୟା ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୨୯।୧୧(ସମିସ): ହିଲ୍‌ପଟଣା ନେହେରୁ ପାର୍କ ନିକଟସ୍ଥ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆର୍‌ସିଏସ୍) କାର୍ଯ୍ୟାଳୟ ସମ୍ମୁଖରେ ୫ଦଫା ଦାବି ନେଇ ଗଞ୍ଜାମ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୁଖ୍ୟତଃ ଗୋପାଳପୁର ନିର୍ବାଚନ ମଣ୍ଡଳୀର ସମବାୟ ସମିତି ଅଧୀନରେ ଚାଷୀଙ୍କ ପ୍ରତି ଦୀର୍ଘଦିନ ଧରି ହେଉଥିବା ବିଭିନ୍ନ ଅନିୟମିତତା ଓ ଅବହେଳାର ପ୍ରତିବାଦ କରାଯାଇଛି। ଚାଷୀଙ୍କ ଫସଲ ଋଣ ବଣ୍ଟନରେ ବ୍ୟାପକ ବିଳମ୍ବ ଓ ଅସଂଗତି, ଫସଲ ବୀମା ଦାବିର ସମାଧାନ କରାନଯିବା, ଚାଷୀ ପଞ୍ଜୀକରଣରେ ଅନିୟମିତତା ଓ ଅସ୍ୱଷ୍ଟ ପ୍ରକ୍ରିୟା, ଅନଧିକୃତ ଚାଲବାଜି, ବାଟମାରଣା ଓ ଘୋଟାଲା ସମ୍ପର୍କିତ ଅଭିଯୋଗ ସହିତ ବିଗତ ୩ମାସ ଧରି ଏଆରସିଏସ୍ କାର୍ଯ୍ୟାଳୟରୁ କୌଣସି ସୂଚନା କିମ୍ବା ପ୍ରତିକ୍ରିୟା ମିଳିନଥିବା ନେଇ ପାର୍ଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏଥି ସହିତ ଗୋପାଳପୁର ନିର୍ବାଚନ ମଣ୍ଡଳୀର ସମବାୟ ସମିତିରେ ଚାଲୁଥିବା ଅନିୟମିତତା ସମ୍ବନ୍ଧରେ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ଏନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଶାନ୍ତିପୂର୍ଣ୍ଣ ଧାରଣାରେ ଆମ୍ ଆଦ୍‌ମୀ ପାର୍ଟିର ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀ, ସାଧାରଣ ସମ୍ପାଦକ ଆଦିତ୍ୟ ନାରାୟଣ ରଥ, ଆବାହକ ସୁବାଷ ଚନ୍ଦ୍ର ରାଉତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।






# ଶ୍ରୀକ୍ଷେତ୍ର ସିଟି

୨୯/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୦୭,୯୮୧/- ସୁନା: ୧୭.୮୦୦ ଗ୍ରାମ୍ ରୁପା: ୨୨.୬୦୦ ଗ୍ରାମ୍





# ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ପୁରୀ, ୨୯।୧୧ (ଇମିସ): ପୋକ୍‌ସୋ ମାମଲାରେ ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ୨୦୨୪ ମସିହାରେ ବ୍ରହ୍ମଗିରି ଥାନା ଅଞ୍ଚଳରେ ଘଟିଥିବା ନାବାଳିକାକୁ ଗର୍ଭବତୀ ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡ୍‌ହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ବ୍ରହ୍ମଗିରି ଅଞ୍ଚଳର ବୈକୁଣ୍ଠ ଜେନାକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ବୈକୁଣ୍ଠ ଓରଫ ବରନ ୨୦୨୩ ସେପ୍ଟେମ୍ବର ମାସରେ ଜଣେ ୧୭ ବର୍ଷୀୟା ନାବାଳିକା ସହ ପୋଖରୀ କୂଳରେ ଜୋର୍‌ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଏ ବିଷୟରେ କାହାକୁ ନ କହିବାକୁ ଧମକ ଦେଇଥିଲା। ନାବାଳିକା ଜଣକ ଭୟଭୀତ ହୋଇ କାହାକୁ କହି ନ



- ନାବାଳିକାଙ୍କୁ ଗର୍ଭବତୀ କରିଥିଲେ ବରନ
- ଘରେ ପଶି ନାବାଳିକାକୁ ଦୁଷ୍କର୍ମ କରିଥିଲେ ନରେଶ

ଥିଲେ। ଏହାର ୩-୪ ମାସ ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ନାବାଳିକାଙ୍କର ବାରମ୍ବାର ପରିସ୍ରା ହେବାରୁ ତାଙ୍କ ମାଆ ଓ ଭଉଣୀ ଏମ୍‌ସ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ୨୦୨୪ ମାର୍ଚ୍ଚ ୬ ତାରିଖରେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣାରେ ପୁରୀ ପୁଲିସ୍ ମଧ୍ୟ ତତ୍ପରତା ପ୍ରକାଶ କରି ଶୀଘ୍ର ନ୍ୟାୟ ପାଇଁ ସମୟ ଉପଯୋଗୀ ତଦନ୍ତ, ଚାର୍ଜସିଟ୍ ପ୍ରଦାନ, ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ତଥ୍ୟ ଆଧାରିତ ମାମଲା ରୁଜୁ କରିଥିଲେ। ତେବେ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଶନିବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

ସେହିଭଳି ସଦର ଥାନା ଅଞ୍ଚଳରେ ନରେଶ ଜେନା ନାମକ ଜଣେ ବ୍ୟକ୍ତି ୨୦୨୩ ଅଗଷ୍ଟ ୪ ତାରିଖରେ ଜଣଙ୍କ ଘରେ ପଶି ବଳପୂର୍ବକ ୧୩ ବର୍ଷୀୟା ନାବାଳିକା ସହ ଦୁଷ୍କର୍ମ କରିଥିଲେ। ତାଙ୍କୁ ଅଦାଲତ ୨୦ ବର୍ଷ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ନରେଶ ଦୁଷ୍କର୍ମ ପରେ ନାବାଳିକାଙ୍କୁ ଏ ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ଭୟଭୀତ କରିଥିଲେ। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ ପରିବାର ବର୍ଗଙ୍କୁ ଜଣାଇଥିଲେ। ଏହାପରେ ମଧ୍ୟ ନରେଶ ତା'ର ପିତାମାତାଙ୍କୁ ଜାତିଆଣ ଆକ୍ଷେପ କରି ଭୟଭୀତ କରାଇ ଚୁପ୍ ରହିବାକୁ କହିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ବିଜୟ କୁମାର ମିଶ୍ର ଓ ପବ୍ଲିକ ପ୍ରୋସିକ୍ୟୁଟର ଜୋନାଲିନ ରାଉତ ପରିଚାଳନା କରିଥିଲେ। ଏସ୍‌ପି ପ୍ରତୀକ୍ ସିଂହ ଏହି ମାମଲାକୁ ଗୁରୁତ୍ୱ ପୂର୍ବକ ବୈଜ୍ଞାନିକ ତଦନ୍ତ, ସାକ୍ଷୀ ସଂଗ୍ରହ, ଭଲ ଭାବେ ଚାର୍ଜସିଟ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ଶ୍ରୀ ସିଂହ କହିଛନ୍ତି, ନାବାଳିକାଙ୍କ କ୍ଷେତ୍ରରେ ଅପରାଧକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏଥିରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉଛି। ପୋକ୍‌ସୋ ମାମଲାରେ ଶୀଘ୍ର ତଦନ୍ତ, ପ୍ରମାଣ ସଂଗ୍ରହ ଓ ଶୀଘ୍ର ନ୍ୟାୟ ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ବର୍ଷାନ୍ତ ଅଧିବେଶନ

ପୁରୀ,୨୯।୧୧(ସମିସ): କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରୀ ଜିଲ୍ଲାର ବର୍ଷାନ୍ତ ଅଧିବେଶନ ସ୍ଥାନୀୟ ସେନାପତି ବଗିଚାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ଅଧିବେଶନରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ଭାରତ ପେନ୍‌ସନର ସମାଜ ତରଫରୁ ଆଗାମୀ ଡିସେମ୍ବର ୩ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ମହାଅଧିବେଶନ ସମ୍ପର୍କରେ ଆଲୋଚନା କରିଥିଲେ। ଅଷ୍ଟମ ବେତନ କମିଶନ ପେନ୍‌ସନ ଭୋଗୀମାନଙ୍କ ପ୍ରତିକୂଳ ସିଦ୍ଧାନ୍ତ ନେଲେ ଏହାର ବିରୋଧ କରିବାକୁ ସ୍ଥିର କରାଯାଇଥିଲା। ସଂଘର ଉପଦେଷ୍ଟା ବିମଳ ପ୍ରସାଦ ମହାନ୍ତି ଓ ଲୋକନାଥ ମିଶ୍ର, ଗଣମାଧ୍ୟମ ବିଶେଷଜ୍ଞ ସଦସ୍ୟ ମାନସ ରଞ୍ଜନ ମହାପାତ୍ର, ସହାୟକ ସମ୍ପାଦକ ମନୋଜ କୁମାର ସାମଲ, କୋଷାଧ୍ୟକ୍ଷ କିଶୋର କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଭାରତର ଚାରିଧାମ ପରି ଶ୍ରୀଜଗନ୍ନାଥ ଧାମରେ ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ହେଲ୍‌ଥ ସ୍କିମ୍‌ର ଚିକିତ୍ସା କେନ୍ଦ୍ର ତୁରନ୍ତ ସ୍ଥାପନ କରାଯିବାକୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସ୍ଥିର କରାଯାଇଥିଲା। ସର୍ବଶେଷରେ ସଂଘର ଉପସଭାପତି ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଗୋଧୂଳିବେଳାରେ ପୁରୀ ବେଳାଭୂମିର ମନୋରମ ଦୃଶ୍ୟ (ଫଟୋ: ଅନିଲ)

**ମହିଳା ଯୋଗ ପ୍ରଶିକ୍ଷଣ ସମ୍ମାନ ସମାରୋହ**

## ସୁସ୍ଥ ଶରୀର ଓ ମନ ପାଇଁ ଯୋଗର ଭୂମିକା ଅତୁଳନୀୟ

ପୁରୀ,୨୯।୧୧(ସମିସ): ବାଲିଗୁଆଳିସ୍ଥିତ ସାଇ ସ୍ମାର୍ଟ ସ୍କୁଲ ପରିସରରେ ଯୋଗ ଭାରତ ଆନୁକୂଲ୍ୟରେ ସାଇ ସ୍ମାର୍ଟ ସ୍କୁଲ ଦ୍ୱାରା ଆୟୋଜିତ ପଞ୍ଚାୟତସ୍ତରୀୟ ମହିଳା ଯୋଗ ପ୍ରଶିକ୍ଷଣ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ବିଭାଗୀୟ ବନ ଅଧିକାରୀ ଧନଜୀ ରାଓସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ ଯେ, ସୁସ୍ଥ ଶରୀର ଓ ମନ ପାଇଁ ଯୋଗର ଭୂମିକା ଅତୁଳନୀୟ। ସମ୍ମାନିତ ଅତିଥି ଭାବେ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍)ର ଚେୟାରପର୍ସନ ଅନିମା ଦାଶ ଓ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଯୋଗଦେଇ ଆଜିର ଆଧୁନିକ ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଯୋଗ ଶାନ୍ତି ଓ ସୁଖ ଦେଇପାରିବ ବୋଲି ମତପୋଷଣ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବରେ ସାଇ ସ୍ମାର୍ଟ ସ୍କୁଲର ଅଧ୍ୟକ୍ଷ ଇଂ. ଆଶିଷ କୁମାର ଦାଶ, ପୁରୀ ସଦର ସାମାଜିକ



ସଦ୍‌ଭାବନାର ସହ ସଂଯୋଜକ ସର୍ବେଶ୍ୱର ସ୍ୱାଇଁ, ଯୋଗ ଗୁରୁ ଡ. ଆଲୋକ କୁମାର ସ୍ୱାଇଁ, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ଯୋଗ ବିଭାଗର ସହଯୋଗୀ ଅଧ୍ୟାପକ ପ୍ରେମ ପ୍ରକାଶ ପାଣ୍ଡେ ଯୋଗଦେଇ ଯୋଗର ପରିଭାଷା, ପ୍ରଣାଳୀ ଓ ଏହାର ବିସ୍ତାରି ପ୍ରଭାବ ସମ୍ପର୍କରେ ଉପସ୍ଥିତ ଯୋଗ ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। ଯୋଗ ଭାରତର ସଂଯୋଜିକା ତଥା ଯୋଗ ପ୍ରଶିକ୍ଷିକା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ତାଙ୍କର ପ୍ରିୟ ଶିକ୍ଷାର୍ଥୀମାନଙ୍କୁ ନିରନ୍ତର ଯୋଗାଭ୍ୟାସ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ସୁସ୍ଥ ନାରୀ ସଶକ୍ତ ପରିବାର ଗଠନ କରି ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ସମସ୍ତ ଶିକ୍ଷାର୍ଥୀ ସଂକଳ୍ପ ନେଇଥିଲେ। ମା ପାଇଁ ଗଛଟିଏ ନାରାରେ ସମସ୍ତ ଅତିଥି ଯୋଗ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଲେଖାଏଁ ଗଛ ସହିତ ସମ୍ମାନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀପଦା ମିଶ୍ର, ଲୋପାମୁଦ୍ରା ମହାପାତ୍ର ସମାରୋହ ସଞ୍ଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ନମ୍ରତା ରଥ, ସ୍ୱପ୍ନା ଦାଶ, ଅନିନ୍ଦିତା ଦାଶ, ସୁଲିପ୍ତା ମହାପାତ୍ର, ମଧୁସ୍ମିତା ଓଝା, ନୀଳାମ୍ବରୀ ପଣ୍ଡା ଓ ସୁଲେଖା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଖାଲି

ପୁରୀ,୨୯।୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି। ଏମିତି ବି ଭାରପ୍ରାପ୍ତ କୁଳପତି ଭାବେ ମଧ୍ୟ କାହାକୁ ବିଧିବଦ୍ଧ ଦାୟିତ୍ୱ ଦିଆଯାଇ ନାହିଁ। ଫଳରେ ବିଶ୍ୱବିଦ୍ୟାଳୟ ଷ୍ଟାଫମାନଙ୍କ ଦରମାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କାମ ଅଟକି ରହିଛି। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ଆଲୋଚନା ଚାଲିଥିବାବେଳେ ଏ ପର୍ଯ୍ୟନ୍ତ ସରକାରଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇ ନାହିଁ। କେବେ ନୂତନ କୁଳପତି ନିଯୁକ୍ତି ପାଇବେ ବା କାହାକୁ ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଦିଆଯିବା ତାହା ଏବେ ଅନିଶ୍ଚିତତାରେ ରହିଛି। ଭୁବନେଶ୍ୱର ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଶନ୍ନ ସ୍ୱାଇଁଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାଙ୍କୁ ବର୍ଷକ ପାଇଁ ଏହି ଦାୟିତ୍ୱ ଦିଆଯାଇଥିବା ବେଳେ ଗତ ୨୪ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଛି। ଫଳରେ ୫ ଦିନ ହେଲାଣି ବିନା କୁଳପତିରେ ଚାଲିଛି ବିଶ୍ୱବିଦ୍ୟାଳୟ। ନିୟମ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନୂତନ କୁଳପତିଙ୍କ ନିଯୁକ୍ତି ଏବଂ ଏହି ପଦ ପୂରଣ ହେବା ପର୍ଯ୍ୟନ୍ତ ବରିଷ୍ଠତା ଭିତ୍ତିରେ କାହାକୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେବା ନେଇ ସରକାରଙ୍କୁ ଅବଗତ କରାଇଥା'ନ୍ତି। ହେଲେ ୫ ଦିନ ହେବ କୁଳପତି ନ ଥିବାବେଳେ ଏ ସଂକ୍ରାନ୍ତରେ ସରକାରଙ୍କୁ ଚିଠି କରାଯାଇ ନାହିଁ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କୁ ପଚାରିବାରେ ସରକାରଙ୍କୁ ଚିଠି ଲେଖାଯାଉଛି ବୋଲି କହିଛନ୍ତି। ତେବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳର ନୂଆ କୁଳପତିଙ୍କୁ କେବେ ନିଯୁକ୍ତି ଦିଆଯାଉଛି ନା ବିନା କୁଳପତିରେ ବିଶ୍ୱବିଦ୍ୟାଳୟ ଚାଲୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ମୋନାଲିସାଙ୍କୁ ସ୍ୱର୍ଣ୍ଣ ପଦକ

ପୁରୀ,୨୯।୧୧(ସମିସ): ସେବା, ସାହାଯ୍ୟ କରିବା ମନୋବୃତ୍ତି ରଖି କାର୍ଯ୍ୟ କଲେ ପୁରସ୍କାର ଆପେ ଆପେ ଆସିଥାଏ। ଏଭଳି ଘଟଣା ଘଟିଛି ମୋନାଲିସା ଜେନାଙ୍କ କ୍ଷେତ୍ରରେ। କଲେଜରେ ପଢ଼ିବା ଦିନଠାରୁ ସ୍ୱଇଚ୍ଛାରେ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମୋନାଲିସା ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସରେ ସରସ୍ୱତୀ ରାୟ ସ୍ୱର୍ଣ୍ଣ ପଦକ-୨୦୨୫ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସର୍ବଶ୍ରେଷ୍ଠ ମହିଳା ସ୍ୱେଚ୍ଛାସେବୀ ଭାବେ ପ୍ରଥମଥର ଏହି ପଦକ ହାସଲ କରି ଅନୁଷ୍ଠାନ ଓ ଜିଲ୍ଲା ପାଇଁ ଗର୍ବ ଆଣି ଦେଇଛନ୍ତି। ପୁରସ୍କାର ମଞ୍ଚରେ ବିଶ୍ୱବିଦ୍ୟାଳୟର କୁଳପତି ଓ ରେଜିଷ୍ଟ୍ରାର, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକଗଣ, ବିଭିନ୍ନ କଲେଜରୁ




ଆସିଥିବା ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଦି ବେଲ୍‌ରେ ମୋନାଲିସା କାର୍ଯ୍ୟ କରି ବେଶ୍ ସଫଳତା ପାଇଛନ୍ତି। ଏକଲବ୍ୟ ପାଠଶାଳାରେ ବସ୍ତିର ଗରିବ ନିଃସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ପରିବେଶ ପରିଷ୍କାର ପାଇଁ ସମୁଦ୍ର କୂଳ ପାଣି ସଫା ରଖିବା ପାଇଁ ସଚେତନ କରୁଛନ୍ତି। ବିଶ୍ୱସ୍ତରୀୟ ମହୋଦଧି ଦିବସରେ ସଫଳତାର ସହ କାର୍ଯ୍ୟ କରି ପର୍ଯ୍ୟଟମାନଙ୍କୁ ଆକୃଷ୍ଟ କରିପାରିଛନ୍ତି। ମହିଳାମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ୍ ହେବେ ସେଥିପାଇଁ ଉଦ୍ୟମ ଜାରି ରଖିଛନ୍ତି ମୋନାଲିସା। ଦି ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଓ ସମସ୍ତ ସଭ୍ୟସଭ୍ୟା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କୁରାଳ ପଞ୍ଚମୀ ପର୍ବ ଉଦ୍‌ଯାପିତ

ପୁରୀ,୨୯।୧୧(ସମିସ): କୁମ୍ଭକାରମାନଙ୍କ ପାଞ୍ଚଦିନିଆ କୁରାଳ ପଞ୍ଚମୀ ପର୍ବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସାର୍ବଜନୀନ ପୂଜା ମଣ୍ଡପରେ ପୂଜା ପାଉଥିବା ରୁଦ୍ରପାଳ, ରତ୍ନେଶ୍ୱରୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଅଠରନଳା ନଦୀରେ ବିସର୍ଜନ କରାଯାଇଛି। ପରିବାରର ମୁଖ୍ୟମାନେ ସଂକଳ୍ପ ଭାଙ୍ଗିଛନ୍ତି। କୁମ୍ଭକାର ନିଯୋଗ ପକ୍ଷରୁ ଜ୍ୟୋତିଷଙ୍କ ଦ୍ୱାରା ମୃତ୍ତିକା ଅନୁକୂଳ ଯୋଗ ନିର୍ଘଣ୍ଟ ପରେ ସମସ୍ତେ ଏକକାଳୀନ ହାଣ୍ଡି ଗଢ଼ିବାର ପରମ୍ପରା ରହିଛି। ପର୍ବ ସମାପ୍ତ ପରେ ଆଜିଠାରୁ ସ୍ୱାଭାବିକ ଭାବେ ଶ୍ରୀମନ୍ଦିରକୁ ହାଣ୍ଡି କୁଡୁଆ ଯୋଗାଣ ଚାଲୁ ରହିବ। ପର୍ବ ପାଳନ ଅବସରରେ ଶୁକ୍ରବାର ସନ୍ଧ୍ୟାରେ କୁମ୍ଭାରପଡ଼ାରେ ମନୋଜ୍ଞ କୁରାଳ ପଞ୍ଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କୁମ୍ଭାରପଡ଼ା ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ ସମାରୋହକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଓଡ଼ିଶା କୁରାଳ ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପୁରୀ ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ନାରୀନେତ୍ରୀ ଜ୍ୟୋତି ମହାପାତ୍ର, ଜିଲ୍ଲା ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବାଦଲ କୁମାର ବେହେରା, ସମାଜସେବୀ ଜଗଦାନନ୍ଦ ମିଶ୍ର, ପୂର୍ବତନ କାଉନ୍‌ସିଲର ସୁଦର୍ଶନ ସାହୁ, ସଂଗଠକ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ସମାରୋହ ସମ୍ପର୍କରେ ଅବତାରଣା କରିଥିଲେ। ସମାରୋହରେ ଗୀତିକାର ଗୁରୁ ପ୍ରସାଦ ଶତପଥୀ, ସମାଜସେବୀ ସନ୍ଧ୍ୟାରାଣୀ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଏହି ଅବସରରେ ପୁରୀର ମହ୍ଲାର ଭଜନ ଗ୍ରୁପ୍ ପକ୍ଷରୁ ଗୁରୁ ସନ୍ଧ୍ୟାରାଣୀ ମିଶ୍ରଙ୍କ ନେତୃତ୍ୱରେ କଳାକାରମାନେ ଭକ୍ତି ସଂଗୀତ ପରିବେଷଣ କରିଥିବାବେଳେ ଜଗତସିଂହପୁର ସାଇକୃପା କଳାବିକାଶ କେନ୍ଦ୍ର ତରଫରୁ ଗୁରୁ ଶିବ ପ୍ରସାଦ ରାଉତଙ୍କ ନେତୃତ୍ୱରେ କଳାକାରମାନେ ଭଜନ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଦର୍ଶକ ଏହି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ସାମ୍ବାଦିକ ଜୁପିଟର ଦାସ, ପରିଷଦର ସହସମ୍ପାଦକ କୈଳାସ ବିଶୋଇ, ରସାନନ୍ଦ ବିଶୋଇ, କୃଷ୍ଣଚନ୍ଦ୍ର ବିଶୋଇ, ପ୍ରକାଶ ବିଶୋଇ, ଧୀରେନ୍ଦ୍ର ବିଶୋଇ, ବୃନ୍ଦାବନ ବିଶୋଇ, ଲିଙ୍ଗରାଜ ମୁଦୁଲି, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେଦାରନାଥ ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା




ପୁରୀ,୨୯।୧୧(ସମିସ): ଲୋକପ୍ରିୟ ଅଭିନେତା, ଚଳଚ୍ଚିତ୍ର ପ୍ରଯୋଜକ ଓ ସଂଗଠକ କେଦାରନାଥ ଗୁରୁଙ୍କ ୩୮ତମ ପୁଣ୍ୟତିଥିରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'କେଦାରଗୁରୁ କଳା ସଙ୍ଗମ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେବାୟତ ଜମ୍ବେଶ୍ୱର ପୂଜାପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଦିବଂଗତ ଶ୍ରୀ ଗୁରୁଙ୍କର ସଂକ୍ଷିପ୍ତ ଜୀବନୀପାଠ ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ବରିଷ୍ଠ ସେବାୟତ ରବି ନାରାୟଣ ଗୁରୁ, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବଦ୍ରି ମିଶ୍ର, ପ୍ରତିହାରୀ ନିଯୋଗ ସମ୍ପାଦକ କେଦାରନାଥ ଖୁଣ୍ଟିଆ, ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର, ସଂଗଠକ ଚକ୍ରଧର ମହାପାତ୍ର, ସେବାୟତ ଉଦୟ ପ୍ରତିହାରୀ, ରବିଶଙ୍କର ପ୍ରତିହାରୀ, ଉମାଶଙ୍କର ପ୍ରତିହାରୀ, କୃଷ୍ଣଚନ୍ଦ୍ର ପଣ୍ଡା, ବିଶ୍ୱଜିତ୍ ମୁନା ମିଶ୍ର, ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ, ସନ୍ତୋଷ କୁମାର ପଣ୍ଡା, ଅମରନାଥ ଗୁରୁ, ପ୍ରେମନାଥ ଗୁରୁ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କଣ୍ଠଶିଳ୍ପୀ କାର୍ତ୍ତିକ ସାହୁ ପାରମ୍ପରିକ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ ଓ ଆବାହକ ଜଗଦୀଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀ ଗଉଡ଼ବାଡ଼ ସାହିରେ ଜନ୍ମଗ୍ରହଣ କରିଥିବା ଦିବଂଗତ ଶ୍ରୀ ଗୁରୁ ମଞ୍ଚରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ ଓ ପରେ ଓଡ଼ିଆ ଚଳଚ୍ଚିତ୍ର ଗୌରୀ, ସିନ୍ଦୂର ବିନ୍ଦୁ, ବନ୍ଧୁ ମହାନ୍ତି, ସାକ୍ଷୀ ଗୋପୀନାଥ, ସୁବର୍ଣ୍ଣ ସୀତା, ରାମାୟଣ, ନୀଳମାଧବ ଓ ଶ୍ରୀଜଗନ୍ନାଥ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ସିନ୍ଦୂର ବିନ୍ଦୁ ଓ ଜୱାନ ମର୍ଦ୍ଦ (ହିନ୍ଦୀ) ଚଳଚ୍ଚିତ୍ରର ସେ ପ୍ରଯୋଜକ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବୁଦ୍ଧିଜୀବୀ ଓ କଳାପ୍ରେମୀ ଉପସ୍ଥିତ ଥିଲେ।

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯ ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

**● କୁମ୍ଭୀର ଭୟରେ ଜାହାନିଆ ଉପକୂଳ ଶୂନ୍‌ଶାନ୍**

## ଅନାୟାସରେ ବିଚରଣ କରୁଛନ୍ତି ସାମୁଦ୍ରିକ ସର୍ପ

ଅସ୍ତରଙ୍ଗ,୨୯।୧୧(ସମିସ): ଗତ କିଛିଦିନ ତଳେ ଜାହାନିଆ ଉପକୂଳରେ ଏକ କୁମ୍ଭୀର ଦେଖାଦେବା ପରେ ପର୍ଯ୍ୟଟକଙ୍କ ମହଲରେ ଆତଙ୍କ ଖେଳିଯାଇଥିଲା। ଖବର ପ୍ରସାରଣ ପରେ ଶାନ୍ତ ପଡ଼ିଛି ଅସ୍ତରଙ୍ଗ ପୀର୍ ଜାହାନିଆ ବେଳାଭୂମି ଏବଂ ତତ୍ ସଂଲଗ୍ନ ଅନ୍ୟ ବେଳାଭୂମି। ଏହି ଶାନ୍ତ ପରିବେଶ ଭିତରେ ଶନିବାର ସକାଳ ସମୟରେ ଦେଖିବାକୁ ମିଳିଛି ସାମୁଦ୍ରିକ ସାପ ସମୁଦ୍ର ପଠାରେ ବିଚରଣ କରୁଥିବାର। ଏହି ସାପ ବିଷୟରେ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଲୋକମାନଙ୍କୁ ପରାମର୍ଶ ଦେଇ କହିଛନ୍ତି କି ଏହା ଏକ ବିଷବିହୀନ ସର୍ପ। ତେଣୁ ଜନସାଧାରଣ ଭୟଭୀତ ନ ହୋଇ ସତର୍କ ରହିବା ସହିତ ଯଦି କୌଣସି ସମୟରେ ଏଭଳି ଘଟଣା ସାମ୍ନାକରେ ତାହେଲେ ତାକୁ ଆଘାତ ନ ପହଞ୍ଚାଇ ସ୍ଥାନୀୟ ବନ ବିଭାଗକୁ ଖବର ଦେବାକୁ ଅନୁରୋଧ। ଏହିଭଳି ସାମୁଦ୍ରିକ ସରୀସୃପ ପରିବେଶ ପାଇଁ ନିହାତି ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।





## ଶେଷ ପର୍ଯ୍ୟାୟରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ କାମ

# ଆପ୍ରୋଚ ରୋଡ୍ ନିର୍ମାଣରେ ବିଳମ୍ବ ଯୋଗୁଁ ହୋଇପାରୁନି ଲୋକାର୍ପଣ

ରାଇରଙ୍ଗପୁର, ୨୯।୧୧(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତଙ୍କ ପ୍ରତିଭାକୁ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ପରିସ୍ଫୁଟନ କରିବା ପାଇଁ ରାଇରଙ୍ଗପୁରରେ ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ



**ଚିଠି ଲେଖିବା ସତ୍ତ୍ୱେ ରାଜ୍ୟ ସରକାର ଦେଇନାହାନ୍ତି ଅନୁଦାନ ରାଶି**

ହେଉଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଲୋକାର୍ପଣ ଅପେକ୍ଷା ରହିଛି। କିନ୍ତୁ ଲୋକାର୍ପଣ ନିମନ୍ତେ ଆପ୍ରୋଚ ରୋଡ୍ ବାଧକ ସାଜିଛି।

ରାଇରଙ୍ଗପୁର ତହସିଲ ଅନ୍ତର୍ଗତ କଣ୍ଟବାଣୀ ଗ୍ରାମସ୍ଥ ବଇଦାପୋଷିଠାରେ ନିର୍ମିତ ହେଉଥିବା ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ରାଇରଙ୍ଗପୁର ଗସ୍ତ ଅବସରରେ ଗତବର୍ଷ ଫେବୃଆରୀ ୨୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। ଏ ନେଇ ତତ୍କାଳୀନ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସହାୟତରେ ୪୩ କୋଟି ୯୫ ଲକ୍ଷ ଟଙ୍କାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। କଣ୍ଟବାଣୀ ଗ୍ରାମରେ ପୂର୍ବରୁ ଖାଲିପଡ଼ିଥିବା ଜମିରେ ଅତ୍ୟାଧୁନିକ କ୍ରୀଡ଼ା ପ୍ରକଳ୍ପ ଗଢ଼ିଉଠିଛି। ଯାହାକି ଗ୍ରାମୀଣ ଯୁବଶକ୍ତିଙ୍କୁ କ୍ରୀଡା କ୍ଷେତ୍ରରେ ଉଜ୍ୱଳ ଭବିଷ୍ୟତ ପ୍ରଦାନ କରିବ। ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫୁଟବଲ ଗ୍ରାଉଣ୍ଡ, ଆଥଲେଟିକ ଆଦି ଅନେକ କ୍ରୀଡା ନେଇ ବ୍ୟବସ୍ଥା ରହିଛି। ଦର୍ଶକଙ୍କ ନିମନ୍ତେ ବଡ଼ ଗ୍ୟାଲେରୀ, ରନିଂ ଟ୍ରାକ୍, ଜିମ, ବିଶ୍ରାମ ଗୃହ ଆଦି ରହିଛି। ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜଣେ କ୍ରୀଡାବିତ ନିଜର କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏଥିସହିତ ଆନ୍ତର୍ଜାତିକ ଓ ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇପାରିବ। କିନ୍ତୁ ଆପ୍ରୋଚ ରୋଡ୍ ନ ଥିବାରୁ ଲୋକାର୍ପଣ ହେବାରେ ବିଳମ୍ବ ହେଉଛି। ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ସଂଯୋଗ ଆପ୍ରୋଚ ରୋଡ ନିର୍ମାଣ ପାଇଁ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ଗତ ୧୪/୦୭/୨୦୨୫ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପତ୍ର ଯୋଗେ ସୂଚିତ କରିଥିଲେ। ଜମି ଅଧିଗ୍ରହଣ ଓ ରାସ୍ତା ନିର୍ମାଣ ପାଇଁ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବାରୁ ଅର୍ଥ ଅନୁମୋଦନ କରିବାକୁ ଦର୍ଶାଯାଇଛି। କିନ୍ତୁ ପତ୍ର ଲେଖିବାର ୪ ମାସ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥ ଅନୁମୋଦନ ହୋଇନାହିଁ। ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ୯୦ ପ୍ରତିଶତରୁ ଅଧିକ ସରିଥିବାବେଳେ ଆପ୍ରୋଚ ରୋଡ୍ ନ ଥିବାରୁ ଲୋକାର୍ପଣ ବିଳମ୍ବ ହେଉଛି।



ଡିସେମ୍ବର ମାସରେ ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଆସିବାର ସମ୍ଭାବନା ରହିଛି। ତେବେ ଉକ୍ତ ସମୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଲୋକାର୍ପଣ କରିବାର ସ୍ଥିରୀକୃତ ହୋଇଥିବାବେଳେ ଆପ୍ରୋଚ ରୋଡ ନିର୍ମାଣ ହୋଇନାହିଁ। ମୁଖ୍ୟ ଶାସନ ସଚିବ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସହିତ ସମୀକ୍ଷା ବୈଠକ କରିବା ସମୟରେ ଏ ବାବଦରେ ଆଲୋଚନା କରିଛନ୍ତି। କିନ୍ତୁ କିପରି ଅନୁଦାନ ମିଳି ଆପ୍ରୋଚ ରୋଡ ନିର୍ମାଣ ହେବ ସେଥିପ୍ରତି ଗୁରୁତ୍ୱ ଦେଉନାହାଁନ୍ତି। ଆଗକୁ ରାଇରଙ୍ଗପୁରରେ ତୀରନ୍ଦାଜୀ (ଆରଚେରି) ଏକଡେମୀ, ଅନ୍ତର୍ଜାତୀୟ ସ୍ତରର ଇଣ୍ଡୋର ଷ୍ଟାଡିୟମ, ନିୟମିତ ବାର୍ଷିକ କ୍ରୀଡା ଫେଷ୍ଟ, ଫୁଟବଲ କ୍ଲବ୍ ଆଦି ହେବାର ଯୋଜନା ରହିଛି। କିନ୍ତୁ ଏପରି କାର୍ଯ୍ୟ ବିଳମ୍ବ ପାଇଁ ତାହା ମଧ୍ୟ ଆହୁରି ବିଳମ୍ବିତ ହେଉଛି। ଏ ନେଇ ରାଇରଙ୍ଗପୁର ପୌରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକଙ୍କୁ ପଚାରିବାରୁ ଆପ୍ରୋଚ ରୋଡ୍ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖାଯାଇଛି। ଏହାସହିତ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଅର୍ଥ ଅନୁମୋଦନ କରିବାକୁ ଜଣାଇଥିଲେ। ଅର୍ଥ ପ୍ରଦାନ ନେଇ ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥ ଆସିନାହିଁ ବୋଲି କହିଛନ୍ତି। ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଗ୍ରାମୀଣ କ୍ରୀଡ଼ା ପ୍ରତିଭାର ବିକାଶ ଘଟିବ। ତେଣୁ ଏଥିପ୍ରତି ସାଂସଦ ଓ ବିଧାୟକ ଦୃଷ୍ଟି ଦେଇ ଆପ୍ରୋଚ ରୋଡ ନିର୍ମାଣ ବ୍ୟବସ୍ଥା କରାଇବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଦୋମୁହାଣୀ ପୀଠରେ ପଞ୍ଚାୟତ ପକ୍ଷରୁ ନଳକୂପ ଖନନ



ଖିଚିଂ, ୨୯।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଆରାଧ୍ୟ ଦେବୀ ଖିଚିଂସ୍ଥ ମା' କିଚକେଶ୍ୱରୀଙ୍କ ପୀଠ ଅନତି ଦୂରରେ ଅବସ୍ଥିତ ଖଇରି- ଭଣ୍ଡନ ଓ ବୈତରଣୀ ନଦୀ ଦ୍ୱୟର ସଙ୍ଗମସ୍ଥଳ ଦୋମୁହାଣୀ ପୀଠ। ଏହି ପ୍ରାଚୀନ ଆଧ୍ୟାତ୍ମିକ ପୀଠ ସୁଦୂର ଅତୀତରୁ ବହୁବିଧ ପୌରାଣିକ ଓ ଐତିହାସିକ ବିଭବ ଧାରଣ କରି ପ୍ରାକୃତିକ ପରିବେଶ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି। ଏହି ମହିମାମଣ୍ଡିତ ପୀଠରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଯଶସ୍ୱୀ ଜନନେତା ଅଟଳ ବିହାରୀ ବାଜପେୟୀଙ୍କ ଅମର ଆତ୍ମାର ବୈକୁଣ୍ଠ ପ୍ରାପ୍ତି ନିମନ୍ତେ ସେମାନଙ୍କ ଚିତାଭସ୍ମକୁ ଏହି ପବିତ୍ର ତୀର୍ଥ ଜଳରେ ବିସର୍ଜନ କରାଯାଇଥିଲା। ପରିତାପର ବିଷୟ ଏହି ଐତିହ୍ୟ ସମ୍ପନ୍ନ କୀର୍ତ୍ତିସ୍ଥଳର ବିକାଶ ପାଇଁ ଅଦ୍ୟାବଧି କୌଣସି ସରକାରୀ ପ୍ରୋତ୍ସାହନ ମିଳିପାରି ନ ଥିବାବେଳେ ଏହାର ସର୍ବାଙ୍ଗୀନ ବିକାଶ ନିମନ୍ତେ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ, ଆଦିପୁର ନାମରେ ଏକ ପଞ୍ଜିକୃତ ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସ ଜାରି ରଖିଛି। ଏଥିସହ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଏହି ପୀଠରେ ପ୍ରତି ଶନିବାର ଦିନ ସାପ୍ତାହିକ ହାଟର ଶୁଭାରମ୍ଭ କରିବା ସହିତ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତ, ପର୍ଯ୍ୟଟକ ଓ ବଣଭୋଜିପ୍ରେମୀଙ୍କ ଅତ୍ୟାବଶ୍ୟକ ପାନୀୟଜଳ ଯୋଗାଣ ପାଇଁ ନଳକୂପ ଖନନ କରିଛନ୍ତି। ସରପଞ୍ଚଙ୍କ ଏହି ବିକାଶମୂଳକ ପଦକ୍ଷେପ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।

## ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗର ଫେରାର ଅଭିଯୁକ୍ତ ଗିରଫ

ବୈଶିଙ୍ଗା, ୨୯।୧୧(ସମିସ): ବୈଶିଙ୍ଗା ଥାନାଠାରୁ ମାତ୍ର ୫୦୦ମିଟର ଦୂରରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଡକାୟତ ଗ୍ୟାଙ୍ଗ ବୈଶିଙ୍ଗା ଅଞ୍ଚଳରେ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୁଲିସ ୩ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିଲେ। ସେମାନଙ୍କ ନିକଟରୁ ଖଣ୍ଡା, କଟୁରୀ, ଲୁହାରଡ଼ ସମେତ ଗୋଟିଏ ବାଇକ୍ ଓ କାର୍ ଜବତ କରିଥିଲା। ସେହି ଗ୍ୟାଙ୍ଗର ଅନ୍ୟଜଣେ ଫେରାର ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଅଞ୍ଚଳର ଚନ୍ଦନ ମଣ୍ଡଳ ଓରଫ ଚନ୍ଦୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ।

ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ବୈଶିଙ୍ଗା ବଜାରସ୍ଥ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କିଛି ଯୁବକ ମାରଣାସ୍ତ୍ର ସହିତ ସନ୍ଦେହଜନକ ଭାବେ କିଛି ଯୋଜନା କରୁଥିବା ସ୍ଥାନୀୟଲୋକ ଦେଖି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ଦେବାଶିଷ ମଣ୍ଡଳ, ବୋଇତ ବେହେରା, ଏସଆଇ ଶୁଭ୍ରାଂଶୁ ରାଉଳ ପ୍ରମୁଖ ଏକ ଟିମ ଗଠନ କରି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ପୁଲିସ ଭ୍ୟାନକୁ ଦେଖି ଦୁର୍ବୃତ୍ତମାନେ ବାଇକ ଓ କାର ଯୋଗେ ଖସିଯିବାକୁ ବସିଥିବାବେଳେ ପୁଲିସ ପିଛା କରି ରଙ୍ଗାମାଟିଆ ଛକ ନିକଟରେ ସ୍ଥାନୀୟ ଲୋକଙ୍କ ସହଯୋଗରେ କରନ ଓ ସମ୍ବିତ ଭଳି ୨ ପେଶାଦାର ଡକାୟତଙ୍କୁ କାବୁ କରିନେଇଥିଲେ। ଅନ୍ୟମାନେ ଚମ୍ପଟ ମାରିଥିଲେ। ସେମାନଙ୍କୁ ପଚରାଉଚରା କରିବାରୁ ସେମାନେ ସ୍ୱୀକାର କରିଥିଲେ ଯେ ସ୍ଥାନୀୟ ଅଞ୍ଚଳର ଅନ୍ୟ ୩ଜଣ ସାମିଲ ଥିଲେ। ସମ୍ବିତ ଓ କରନଠାରୁ ସୂଚନା ପାଇ ପୁଲିସ ରାତିରେ ଯୁଗପୁରା ଅଞ୍ଚଳରେ ଚଢ଼ଉ କରି ଦେବୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସିପିଆଇର ମୟୂରଭଞ୍ଜ ଜିଲ୍ଲା ପରିଷଦ ବୈଠକ

ସାରସକଣା/ଝାରପୋଖରିଆ, ୨୯।୧୧(ସମିସ): ଶନିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ମୟୂରଭଞ୍ଜ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇ ସମସ୍ତ ଶାଖା, ଜୋନ, ଜିଲ୍ଲାରେ ପାର୍ଟିର ଶତବାର୍ଷିକୀ ପାଳନ ସହ ଡିସେମ୍ବର ୧୮ରେ ବାଲେଶ୍ୱରରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଆଞ୍ଚଳିକ ସ୍ତରର ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହେଉଥିବାରୁ ଏହାର ସଫଳତା ପାଇଁ ସ୍ୱତନ୍ତ୍ର ନିଷ୍ପତ୍ତି ହୋଇଛି। ଏହି ବୈଠକକୁ ସିପିଆଇର ନବନିର୍ବାଚିତ ରାଜ୍ୟ ସମ୍ପାଦକ ଡାକ୍ତର ପ୍ରଶାନ୍ତ ମିଶ୍ର ଉଦ୍‌ଘାଟନ କରି ଦେଶର ଗଣତନ୍ତ୍ର ଓ ଏହାର ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ରରେ ଦେଶକୁ ପରିଚାଳନା କରୁଥିବା ସମ୍ବିଧାନ ଉପରେ ସାମ୍ପ୍ରଦାୟିକ ଆରଏସସ୍‌ଏସ୍ ପରିଚାଳିତ ବିଜେପି ଦେଶର ସମସ୍ତ ସାମ୍ବିଧାନିକ ଅନୁଷ୍ଠାନ ସଂସଦ, ସିବିଆଇ, ଇଡି, ବିଚାର ବ୍ୟବସ୍ଥା ଏପରିକି ନିର୍ବାଚନ ବ୍ୟବସ୍ଥାକୁ ଧ୍ୱଂସ କରି ଏହାର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ ଓ ଗଣତନ୍ତ୍ର ଉପରେ ଏକଛତ୍ରବାଦୀ ଆକ୍ରମଣ ସହ ଦେଶର ଜନଗଣଙ୍କୁ ଦରବୃଦ୍ଧି, ବେରୋଜଗାରୀ, ଅଣଶିକ୍ଷା ଭିତରକୁ ଠେଲିଦେଇ ବିଜେପିକୁ ଚାନ୍ଦା ଦେଉଥିବା ବହୁ ପୁଞ୍ଜିପତିଙ୍କ ଲାଭ ଓ ଲୋଭ ଚରିତାର୍ଥ କରିବାକୁ ଅହରହ ଉଦ୍ୟମ କରୁଛି। ସଂଖ୍ୟାଲଘୁ, ମହିଳା, ଆଦିବାସୀ ଓ ଦଳିତଙ୍କୁ ଅତ୍ୟାଚାର କରିଚାଲିଛି। ଏହି ଏକଛତ୍ରବାଦୀ ଶାସନର ଅବସାନ ପାଇଁ ଶ୍ରମିକ, କୃଷକ, ଛାତ୍ର, ଯୁବ ଆନ୍ଦୋଳନକୁ ଶାଣିତ କରିବା ସହ ବାମପନ୍ଥୀ ଏକତାକୁ ସୁଦୃଢ କରି ଗଣତାନ୍ତ୍ରିକ ଓ ଧର୍ମନୀରପେକ୍ଷ ଶକ୍ତିଙ୍କୁ ଐକ୍ୟବଦ୍ଧ କରାଇ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ରକ୍ଷା କରିବା ପ୍ରାଥମିକ ଦାୟିତ୍ୱ ଅଟେ। ତେଣୁ କମ୍ୟୁନିଷ୍ଟ ପିର୍ଟିର ପ୍ରତ୍ୟେକ ଶାଖା, ଅଞ୍ଚଳ ଓ ଜିଲ୍ଲା କମିଟି ଜନଗଣଙ୍କ ସମସ୍ୟା ନେଇ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ ଚଣ୍ଡିଗଡ଼ରେ ଗତ ସେପ୍ଟେମ୍ବର ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ପାର୍ଟିର ୨୫ତମ ମହାଅଧିବେଶନର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଜିଲ୍ଲା ସହସମ୍ପାଦକ ପରମେଶ୍ୱର ମହାନ୍ତ, କାର୍ଯ୍ୟକାରୀ କମିଟି ସଦସ୍ୟ ଶୁକଦେବ ସିଂ, ପାରାଓ ହାଁସଦା, ପ୍ରତାପ ନାଏକ, ଅଞ୍ଚଳ ସମ୍ପାଦକ ବଳରାମ ମୁର୍ମୁ ପ୍ରମୁଖ ସଭ୍ୟ ସଂଗ୍ରହ, ଜନସମସ୍ୟା ନେଇ ଆନ୍ଦୋଳନ, ଗଣପାଣ୍ଠି ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ନାରାୟଣ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଉତ୍ତର ଓଡ଼ିଶାରୁ ସିପିଆଇର ପ୍ରଥମ କରି ରାଜ୍ୟ ସମ୍ପାଦକ ନିର୍ବାଚିତ ଡଃ ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଏଆଇଟିୟୁସି ନେତା ମହେଶ୍ୱର ବେହେରା, ଭାରତୀୟ କ୍ଷେତ ମଜଦୂର ୟୁନିୟନର ନିରଞ୍ଜନ ମହାନ୍ତ, ମୁକୁଳା ସିଂ, ଶ୍ୟାମଳେନ୍ଦୁ ସିଂ, ଶରତ ବିନ୍ଧାଣୀ, ଛତିଶ ସି, ରୁପା ବିନ୍ଧାଣୀ ପ୍ରମୁଖ ଯୋଗ ଦେଇଥିଲେ।

## କଳମା ଗ୍ରାମରୁ ଚୋରି

ବୈଶିଙ୍ଗା, ୨୮।୧୧(ସମିସ): ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଗ୍ରାମରେ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଳମା ଗ୍ରାମର ସୁଦର୍ଶନ ମହାଲିକଙ୍କ ପରିବାର ଘରେ ନଥିଲେ। ଏହାର ସୁଯୋଗ ନେଇ ବୁଧବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଘର ଭିତରେ ଥିବା ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା, ଟଙ୍କା, ଲାପଟପ ଚୋରି କରିନେଇଥିଲେ। ଗୁରୁବାର ସକାଳେ ସୁଦର୍ଶନଙ୍କ ବଡଭାଇ ପୁଅ ଘରକୁ ଆସିଥିବାବେଳେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସୁଦର୍ଶନଙ୍କର ବଡଭାଇ ଏ ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ଚୋରି ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ଟଙ୍କା ହେବ। ଅଭିଯୋଗକୁ ଆଧାର କରି ବୈଶିଙ୍ଗା ପୁଲିସ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ତଦନ୍ତ କରିଛି।

## ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



ରାଇରଙ୍ଗପୁର, ୨୯।୧୧(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଓଡ୍ରାଫ, ଏନ୍‌ଏସ୍‌ଏସ୍ ଓ ୱାଇଆରସି ମିଳିତ ଉଦ୍ୟମରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ଅଧ୍ୟକ୍ଷତା, ଅଧ୍ୟାପକ ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଅନୀତା ସାମାଡ୍ ଓଡ୍ରାଫ ଟିମଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ସଭା ଆରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପିକା ରାଜଶ୍ରୀ ଦାସ ଯୋଗ ଦେଇଥିଲେ। ଅଧ୍ୟାପିକା ସମାପ୍ତିରାଣୀ ଦାସ, ତିଳୋତ୍ତମା ଷଡ଼ଙ୍ଗୀ, ରେଣୁକା ମହାନ୍ତ, ପାନେଶ୍ୱରୀ ଟୁଡୁ, ରଞ୍ଜୁଲତା ନାୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟ କର୍ମଚାରୀ ଶ୍ୟାମ ମଣ୍ଡଳ, ମାୟା ମହାଲି, ଛିତା ନାଏକ, ସୁଲୋଚନା ପଲେଇ, ଅମିତ ଗୋପାଳ ଉପସ୍ଥିତ ଥିଲେ। ଏହି ଶିବିରରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୨୯।୧୧(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଅଧ୍ୟାପକ ବିଜୟ ରାମ ସଭା ପରିଚାଳନା କରିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ, ରାଇରଙ୍ଗପର ଟାଉନ୍ ଥାନା, ଏନଏସଏସ ଓ ୱାଇଆରସି ମହିଳା ମହାବିଦ୍ୟାଳୟର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତ, ଏମଭିଆଇ ଆଶୁତୋଷ ନାୟକ ଓ ଏଏସଆଇ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଉପରେ ବାର୍ତ୍ତା ପ୍ରଧାନ କରିଥିଲେ। ଅଧ୍ୟାପିକା ସମପ୍ତିରାଣୀ ଦାସ, ତିଳୋତ୍ତମା ଷଡ଼ଙ୍ଗୀ, ସାଇବର ଏକ୍ସପର୍ଟ ଶ୍ୟାମ ମଣ୍ଡଳ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପିକା ଅନୀତା ସାମାଡ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକ ସଡ଼କ ସୁରକ୍ଷା ପଦଯାତ୍ରରେ ସାମିଲ ହୋଇଥିଲେ। ଦୁର୍ଗା ମଣ୍ଡପରେ ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ଶ୍ରାଦ୍ଧବାର୍ଷିକୀ

ବେତନଟୀ, ୨୯ ।୧୧(ସମିସ): ଓଡ଼ିଶା ପ୍ରାନ୍ତ ମୁନିସମାଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବେତନଟୀରୁ ଦୀର୍ଘ ୪୪ ବର୍ଷ ଧରି ପ୍ରକାଶ ପାଉଥିବା ଆଧ୍ୟାତ୍ମିକ ପତ୍ରିକା ଜ୍ଞାନଦୀପର ପ୍ରତିଷ୍ଠାତା ସମ୍ପାଦକ ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଯୋଗୀ ସୁବାସ ମୁନି ସ୍ମୃତି କମିଟି ଆନୁକୂଲ୍ୟରେ ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ମୁନି ସ୍ମୃତି କମିଟି ସଭାପତି ମୁନିମତୀ ତୁଳାମଣି ଭୂୟାଁ ସତ୍ୟ ପତାକା ଉତ୍ତୋଳନ କରିଥିଲେ। ଯୋଗୀ ମହିମ ମୁନି ପତାକା ସଙ୍ଗୀତ ଗାନ କରିଥିଲେ। ସ୍ମୃତି କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବେତନଟୀ ମୟୂର ସାହିତ୍ୟ ସଂସଦ ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଯୋଗଦେଇ ସୁବାସ ମୁନି ସମସ୍ତ ମୁନି ଜଗତର ମଉଡ଼ମଣି ଓ ପ୍ରେରଣାର ଉତ୍ସ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ତଥା ଆତ୍ମତୀର୍ଥ ପତ୍ରିକା ସମ୍ପାଦକ ପ୍ରାଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନ, ସମ୍ମାନିତ ବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ମୁନି ଓ ସମ୍ମାନିତ ଅତିଥି ରୂପେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ସହ ପ୍ରଚାର ସଂଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି ଓ ମୁନିରତ୍ନ ଯୋଗୀ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ବକ୍ତା ଭାବେ ବେତନଟୀ ବ୍ଲକ ସମାଜ ପ୍ରତିନିଧି ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ଯୋଗ ଦେଇଥିଲେ। ଅତିଥିମାନେ ଆଶ୍ରମ ପରିସରରେ ଥିବା ଶିବ ମୁନି ଓ ସୁବାସ ମୁନିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁନି ସୈନିକ ଯୋଗୀ ନରୋତ୍ତମ ମୁନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗୀ ସୁବାସ ମୁନିଙ୍କ ଜଣେ ଛାତ୍ର ତଥା ଶିକ୍ଷକ ନେତା ଅବସରପ୍ରାପ୍ତ ଶିକ୍ଷକ ଗୌରହରି ବେହେରାଙ୍କୁ ଆଦର୍ଶ ଛାତ୍ର, ପଣ୍ଡୁଗଡ଼ିଆ ଆଶ୍ରମକୁ ଅଧିକ ଦାନ ପ୍ରଦାନ କରିଥିବା ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଙ୍କୁ ଆଶ୍ରମ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଆଶ୍ରମ ଦେଖାଶୁଣା କରୁଥିବା ଦମ୍ପତି ମୁନି ରତିକାନ୍ତ ଓ ମୁନିମତୀ ବିଜୟା ମହାନ୍ତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମୁନିମତୀ ଗୀତାଞ୍ଜଳି ଭୂୟାଁ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ସୁବାସ ମୁନିଙ୍କ ସୁକନ୍ୟା ମନିମତୀ ଡଃ ଅଳକା ମଞ୍ଜରୀ ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ମୃତି କମିଟି ସମ୍ପାଦକ ଯୋଗୀ ସଞ୍ଜୟ ମୁନି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଯୋଗୀ ଭାଗବତ ମୁନି ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ ଓ ଉପାଧ୍ୟକ୍ଷ ଯୋଗୀ ହରେକୃଷ୍ଣ ମୁନି କମିଟି ସମ୍ପର୍କରେ କହିଥିଲେ। ସୁବାସ ମୁନିଙ୍କ ସମ୍ପର୍କର କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗିନୀ ସତ୍ୟଭାମା ସାହୁ, ମୁନିମତୀ ସୁମତୀ ପ୍ରଧାନ, ଯୋଗ ଶିକ୍ଷୟିତ୍ରୀ ଶାନ୍ତିଲତା, ଯୋଗୀ ପରମାନନ୍ଦ ବାରିକ, ମୁନି ଦୟାନିଧି ବାରିକ, ମୁନିମତୀ କମଳା ନାଏକ, ମୁନିରାଜ ଜଳଧର ପାତ୍ରୀ, ଯୋଗୀ ଦାଶରଥି ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ବେତନଟୀ ଆଞ୍ଚଳିକ ମୁନି ସମାଜ ଅଧ୍ୟକ୍ଷ ଆଡ଼ଭୋକେଟ କୃଷ୍ଣଚନ୍ଦ୍ର ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

**ଆବାସ ନିର୍ମାଣ ଚୁକ୍ତି କରି ଠକୁଥିଲେ**

## ଠକ ଅଙ୍ଗନବାଡ଼ି କର୍ମୀ ଗିରଫ

ମହୁଲଡିହା, ୨୯।୧୧(ସମିସ): ଠାକୁରମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରିବାକୁ ହିତାଧିକାରୀଙ୍କ ସହ ଚୁକ୍ତି କରି ଅର୍ଥ ନେବା ପରେ ଧରାଛୁଆଁ ଦେଉ ନ ଥିଲେ। ଏ ନେଇ ହିତାଧିକାରୀ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଠକ ଅଙ୍ଗନବାଡି କର୍ମୀକୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ଖୁଣ୍ଟାପୋଷି ଗ୍ରାମର ସୁମି ଗାଗାରାଇ ପ୍ରଧାନମନ୍ତ୍ରୀ ଆବାସ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ସେ ଘର କାମ ଆରମ୍ଭ କରିପାରି ନ ଥିବାବେଳେ କରଞ୍ଜିଆ ଥାନା ଚାଞ୍ଚବଣୀ ଗ୍ରାମର ଲବଙ୍ଗଲତା ଲୋହାର (୪୬), ସ୍ୱାମୀ ମଦନ ଲୋହାର ଓ ପୁରୁଣାପାଣି ଗ୍ରାମର ସାବିତ୍ରୀ ନାଏକ (୫୦), ସ୍ୱାମୀ ଶଙ୍କର ନାଏକ ଗତବର୍ଷ ଅଗଷ୍ଟ ୧୩ ତାରିଖରେ ଚୁକ୍ତି କରି ସୁମି ଗାଗାରାଇ ପାଖରୁ ୪୦, ୦୦୦ ଟଙ୍କା, ଟୁନି ମୁଣ୍ଡାଙ୍କ ନିକଟରୁ ୩୮, ୦୦୦ ଟଙ୍କା ଓ ବାହାଦୂର ହାଁସଦାଙ୍କ ନିକଟରୁ ୯, ୦୦୦ ଟଙ୍କା ନେଇଥିଲେ। ୨୦୨୪ ଅଗଷ୍ଟର ୩୦ ତାରିଖ ସୁଦ୍ଧା କାର୍ଯ୍ୟ ଆରମ୍ଭ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଚୁକ୍ତିନାମାରେ ଉଲ୍ଲେଖ କରିଥିଲେ। ଅଗଷ୍ଟ ଯାଇ ଚଳିତ ବର୍ଷ ଜାନୁଆରୀରେ କାମ ନ ହେବାରୁ ଠକାମୀର ଶିକାର ହୋଇଥିବା ଜାଣି ଜାନୁଆରୀ ୧୭ ତାରିଖରେ ଟୁନି ମୁଣ୍ଡା ଥାନାରେ ଏତଲା ଦେଇଥିଲେ। ଲବଙ୍ଗଲତା ଲୋହାର ଜଣେ ଅଙ୍ଗନବାଡି କର୍ମୀ ଅଟନ୍ତି। ସେ ଓ ସାବିତ୍ରୀ ଠାକୁରମୁଣ୍ଡା ସମେତ ଶୁକ୍ରୁଳି, ରରୁଆଁ ଆଦି ଅନ୍ୟାନ୍ୟ ବ୍ଲକରେ ନିରାଶ୍ରୟଙ୍କ ଘର ନିର୍ମାଣ କରିବାକୁ ଚୁକ୍ତି କରି ଅଗ୍ରୀମ ଅର୍ଥ ଠକି ନେଇଥିବା ଜଣାପଡ଼ିଛି। କେବଳ ଟୁନି ମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଟୁନି, ସୁମି ଓ ବାହାଦୂର ଆଶା ଛାଡି ଦେଇଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ଫଳରେ ଖୁସି ହୋଇଥିଲେ ମଧ୍ୟ ଘର ଖଣ୍ଡକ



କିପରି କରିବେ ଚିନ୍ତାରେ ଅଛନ୍ତି। ଠକ ଜେଲ ଗଲା ସତ, ମାତ୍ର ଟଙ୍କା କିପରି ଫେରିପାଇବେ ସେ ଚିନ୍ତା ସେମାନଙ୍କୁ ଘାରିଛି। ଅଙ୍ଗନବାଡି କର୍ମୀ ଲବଙ୍ଗଲତା ଜଣେ ପେସାଦାର ଠକ। ସେ ବିଭିନ୍ନ ବ୍ଲକରେ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ ଦେଖି ତାଙ୍କ ଘର ତିଆରି କରିବା ବାହାନା କରି କରଞ୍ଜିଆ କୋର୍ଟକୁ ଡାକି ଚୁକ୍ତିନାମା କରାଉଥିଲେ ଓ ସରକାର ଅଗ୍ରିମ ଦେଇଥିବା ଟଙ୍କା ସମେତ ସେମାନଙ୍କ ସଞ୍ଚିତ ଅର୍ଥ ହଡପ କରି ନେଉଥିଲେ। ନିରାଶ୍ରୟଙ୍କୁ ଠକୁଥିବା ଏଭଳି ଲୋକଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

**ରାଇରଙ୍ଗପୁର ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

## ବିଧାନସଭାରେ ଉଦବେଗ ପ୍ରକାଶ କଲେ ବିଧାୟକ

ରାଇରଙ୍ଗପୁର, ୨୯।୧୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ଅଭାବ ଯୋଗୁଁ ରାଇରଙ୍ଗପୁର ହସ୍‌ପିଟାଲ ଏକ ରେଫରାଲ ସେଣ୍ଟର ପାଲଟିଛି। ରାଇରଙ୍ଗପୁର ଭଳି ଆଦିବାସୀ ବହୁଳ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ବିଧାନସଭାରେ

- **ବିଜେପି ସରକାରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ ଜଣାଇଲେ ଖୋଦ ବିଜେପି ବିଧାୟକ**
- **ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ଦାବି**



ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉଦବେଗ ପ୍ରକାଶ କରିଛନ୍ତି। ବିଧାନସଭାର ଶୀତ ଅଧିବେଶନର ଶୂନ୍ୟକାଳରେ ଏ ବାବଦରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ରାଇରଙ୍ଗପୁର ହେଉଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜସ୍ୱ ଅଞ୍ଚଳ। କିନ୍ତୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇରହିଛି। ଅଧିବେଶନ ଆରମ୍ଭରେ ଇତିହାସରେ ପ୍ରଥମଥର ପାଇଁ ବିଧାନସଭାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସି ଅଭିଭାଷଣ ଦେଇଥିଲେ। କିନ୍ତୁ ତାଙ୍କ ନିଜ ଅଞ୍ଚଳ ରାଇରଙ୍ଗପୁର ହସ୍ପିଟାଲରେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିନୁ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବରୁ ୫୦ ପ୍ରତିଶତରୁ କମ୍ କର୍ମଚାରୀରେ ରୋଗୀ ସେବା ଚାଲିଛି। ସର୍ଜରୀ ଓ ନିଶ୍ଚେତକ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ହୋଇ ନ ପାରି ଓଟି ବନ୍ଦ ରହିଛି। ଯାହାକୁ ନେଇ ବିଧାୟକ ଶ୍ରୀ ନାଏକ ଦୁଃଖ ପ୍ରକାଶ କରିଛନ୍ତି। ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସା ସୁବିଧା ନ ପାଇ ୧୦୦ କିମି ଦୂର ବାରିପଦାସ୍ଥ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର ହେଉଛନ୍ତି। ଫଳରେ ଗରିବ ରୋଗୀଟି ହନ୍ତସନ୍ତ ହେଉଛି। ବିଭିନ୍ନ ବିଭାଗରେ ଡାକ୍ତର ସମେତ ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ଲାବ୍ରୋଟୋରି ଟେକ୍ନିସିଆନ ଆଦି ନିଯୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ପତ୍ର ଲେଖିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ନିଯୁକ୍ତ ହେଉନାହାନ୍ତି। ହସ୍ପିଟାଲରେ ତୁରନ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତ କରି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର କରିବାକୁ ବାଚସ୍ପତିଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ବିଧାୟକ ଶ୍ରୀ ନାଏକ ଦାବି କରିଛନ୍ତି। ତେବେ ବିଜେପି ସରକାରରେ ଖୋଦ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ବିଜେପି ବିଧାୟକ ଉଦବେଗ ପ୍ରକାଶ କରିଛନ୍ତି। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି।

# ଭଙ୍ଗା ଆଜ୍‌ବେଷ୍ଟସ ତଳେ ଚାଲିଛି ଭବିଷ୍ୟତ ଗଢ଼ା

ବନ୍ତ/ଆଗରପଡ଼ା,୨୯।୧୧(ସମିସ):



ସରକାର ଶିକ୍ଷାର ମାନବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ

- ୬୪ ପିଲାଙ୍କ ନିମନ୍ତେ ଗୋଟିଏ ଗୃହ
- ଶୌଚାଳୟ ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଘୋର୍ ଅସୁବିଧାର ସମ୍ମୁଖୀନ
- ପାଚେରି ନ ଥିବାରୁ ଗାଇଗୋରୁ ଓ ଅସାମାଜିକଙ୍କ ଅବାଧ ପ୍ରବେଶ

ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଙ୍କତିରା ହାଇସ୍କୁଲରେ। ଅର୍ଥ ମହଜୁଦ ଥାଇ ମଧ ଅଧାଗଢ଼ାରେ ଅଟକିଛି ଗୃହ ନିର୍ମାଣ ଯାହାକି ପିଲାଙ୍କ ଭବିଷ୍ୟତ ଗଢ଼ାରେ ବାଧକ ସାଜିଛି। ନା ଅଛି ଶ୍ରେଣୀ ଗୃହ, ନା ଅଛି ଶୌଚାଳୟ, ନା ଶୈକ୍ଷିକ ବାତାବରଣ; ତଥାପି ଚାଲିଛି ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟଟି ୧୯୮୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠାକୁ ୩୮ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରି ନାହିଁ। ଚଳିତ ଶିକ୍ଷା ବର୍ଷରେ ଉକ୍ତ ହାଇସ୍କୁଲର ୮ମ ଶ୍ରେଣୀରେ ୩୮, ୯ମରେ ୫୩ ଓ ୧୦ମରେ ୬୪ ଏହିପରି ୩ଟି ଶ୍ରେଣୀରେ ମୋଟ୍ ଛାତ୍ରଛାତ୍ରୀ ସଂଖ୍ୟା ୧୫୫। ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ପରିବେଶ ଅନୁକୂଳ ହେଉ ନ ଥିବା ପରିଲକ୍ଷିତ ହେଉଛି। ୨ଟି ସୁରକ୍ଷିତ ଛାତ ଗୃହରେ ୮ମ ଓ ୯ମ ଶ୍ରେଣୀର ପାଠପଢ଼ା ଚାଲିଥିବାବେଳେ ଗୋଟିଏ ଅସୁରକ୍ଷିତ ଆଜ୍‌ବେଷ୍ଟସ ଗୃହରେ ୬୪ଜଣ ପିଲାଙ୍କୁ ନେଇ ଚାଲିଛି ୧୦ମ ଶ୍ରେଣୀର ପାଠପଢ଼ା। ହାଇସ୍କୁଲର ଗୃହ ସମସ୍ୟା ଲାଗିରହିଥିବାରୁ ମଧ ଇଂରାଜୀ ସ୍କୁଲର ଏକ ଗୃହରେ ଏହାର କାର୍ଯ୍ୟାଳୟ ଚାଲିଛି।

ସେହିପରି ୧୨ଜଣ କର୍ମଚାରୀଙ୍କ ଆବଶ୍ୟକତା ଥିବାବେଳେ ୫ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ହାଇସ୍କୁଲ ଚାଲିଛି। ଆବଶ୍ୟକୀୟ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟିର କୌଣସି ସ୍ଥାୟୀ ପାଚେରି ନ ଥିବାରୁ ଗାଇଗୋରୁଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କର ଅବାଧ ପ୍ରବେଶ ଘଟିବା ସହ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆଟି ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ। ବିଦ୍ୟାଳୟଟିରେ ବିଜ୍ଞାନାଗାର କିମ୍ବା କୌଣସି ଉପକରଣ ସାମଗ୍ରୀ ନ ଥିବାରୁ ବିଜ୍ଞାନ ବିଷୟରେ ଅଧ୍ୟୟନ, କମ୍ପ୍ୟୁଟର ପାଠ୍ୟକ୍ରମ ଆଦିରେ ଅସୁବିଧା ସୃଷ୍ଟି ହେଉଛି। ଏହି ସବୁ ସମସ୍ୟାର ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନାରେ ଶ୍ରେଣୀଗୃହ ନିର୍ମାଣ, ଶୌଚାଳୟ ଓ ପାନୀୟ ଜଳଯୋଗାଣ କାର୍ଯ୍ୟ, ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ନିର୍ମାଣ, ପରିସରର ସୋ÷ନ୍ଦର୍ଯ୍ୟ ଉନ୍ନତୀକରଣ ଆଦି ପାଇଁ ପଞ୍ଚାୟତ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏହିସବୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବର୍ଷାଧିକ କାଳ ବିତିଯିବା ପରେ ବି ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରୁଥିବା ଜଣାପଡ଼ିଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ଏହି ପ୍ରହସନ ଆଉ କେତେଦିନ ବୋଲି ଲୋକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଇବ। ଏଥିରେ ଦ୍ୱିମତ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ସମେତ ଅଭିଭାବକ ମହଲରେ ଦାବି ହେଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅସୁରାଳି,୨୯ ।୧୧(ସମିସ): ହରିହଂସ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ବଳେଖଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଓଡ଼ିଶାରତ୍ନ ଅଧ୍ୟାପକ ନିକୁଞ୍ଜ କିଶୋରେ ଯେନା, ଧାମନଗର ଶିକ୍ଷା ମଣ୍ଡଳର ଅତିରିକ୍ତ ଗୋଷ୍ଠି ଅଧିକାରୀ ସତ୍ୟସୁନ୍ଦର ପରିଡା, ଆନନ୍ଦପୁର ମଣ୍ଡଳର ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ଧୂଷୁରୀ ଶିକ୍ଷା ସାଧନର ସିଆରସିସି ଅଭୟ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମହାନ୍ତି, ପ୍ରଧାନଶିକ୍ଷକ ଅକ୍ଷୟ ହୋତା, କୃଷ୍ଣଚନ୍ଦ୍ର ମିଶ୍ର, ରୂପକ ମିଶ୍ର, ମନୋରମା ମହାନ୍ତି, ରବିନ୍ଦ୍ର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ବିନ୍ଧାଣି ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପିକା ବିଶ୍ୱାଳ, ଅମିତା ମହାଳିକ, ପୁଷ୍ପଲତା ପାଣିଗ୍ରାହୀ ପରିଚାଳନା କମିଟି ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଲଷ୍ଟରର ଶିକ୍ଷକଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

## ମଧ ଇଂରାଜୀ ସ୍କୁଲରେ ବିଜ୍ଞାନ ମେଳା



ଅସୁରାଳି,୨୯ ।୧୧(ସମିସ): ଧାମନଗର ବ୍ଲକ ରଇପୁର ପଂଚାୟତ ଅଧୀନ କଟିଂକା ଉନ୍ନୀତ ମଧ ଇଂରାଜୀ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବାଲ୍ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ସମ୍ମାନିତ ଅତିଥିଭାବେ ଜୟଦୁର୍ଗା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା, ବାପୁଜୀ ସାଧନ କେନ୍ଦ୍ରର ସଂଯୋଜକ ବ୍ରଜକିଶୋର ଶିଅଳ, ପ୍ରାକ୍ତନ ସଂଯୋଜକ ତୃପ୍ତିରଞ୍ଜନ ବିଶ୍ୱାଳ, ଶିକ୍ଷକ ଅଜୟ ବେହେରା, ପ୍ରହଲ୍ଲାଦ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, ବରିଷ୍ଠ ଶିକ୍ଷାବିତ ଦୁଃଶାସନ ରାଉତ, ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଖଟୁଆ, ଚିତ୍ତରଞ୍ଜନ ମହାନ୍ତି, ରାକେଶ ସାହୁ, କାମଦେବ ସେଠୀ, ଅଜିତ ଦାସ, ମିନତୀ ଧଳ, ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୩୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ୱାଗତ ଭାରତୀ ପ୍ରଥମ, ଓମପ୍ରକାଶ ସେଠୀ ଦ୍ୱିତୀୟ, ଜୀବନଜ୍ୟୋତି ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଧର୍ମାନନ୍ଦ ଭାରତୀ।



● ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାର ବାଳକ ଦଳ ଘୋଷିତ

ଭଦ୍ରକ,୨୯।୧୧(ସମିସ): ପୁରୀ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୧ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏସନ୍ ତା'ର ୧୨ ବାଳକ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଏହି ଦଳ ସହିତ ରାଜେଶ କୁମାର ନାୟକ କୋଚ୍ ଓ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି। ବାଳକରେ ଓମ୍ ସାଇ ନାୟକ, ବିଷ୍ଣୁଦତ୍ତ ଜେନା, ତାପସ ପାଢ଼ୀ, ଶୁଭ୍ରଜ୍ୟୋତି ଜେନା, ରିତେଶ ଦେବ, ବିଶ୍ୱମ୍ବର ଜେନା, ନାଗେଶ୍ୱର କାଣ୍ଡି, ଧନଞ୍ଜୟ ସେଠୀ, ସୁନିଲ୍ କୁମାର ଜେନା, ରୁଦ୍ର ପ୍ରତାପ ବଳ, ସାଇ ଶେଖର ନାୟକ, ଶୁଭଙ୍କର ନାୟକ ସାମିଲ୍ ହୋଇଛନ୍ତି।

## ଅର୍ଣ୍ଣପାଳ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଅସୁରାଳି,୨୯।୧୧(ସମିସ): ଅର୍ଣ୍ଣପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ କ୍ରୀଡ଼ା ଉତ୍ସବ ଆନନ୍ଦ ବଜାରସ୍ଥିତ ଦିନାରି କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ସଂଯୁଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରଶିକ୍ଷକ ହେମନ୍ତ ଜେନା ମୁଖ୍ୟ ଅତିଥି, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କବି ମନୋଜ ପଣ୍ଡା ଓ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ଉପାଦେୟ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଚିତାକର୍ଷକ ଭାବେ ସଂଯୋଜନା କରିବା ସହିତ ଶାରୀରିକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଗୁରୁମା' ସୁଲୋଚନା ପାଢ଼ୀ, କନ୍ତାରାଣୀ ଘୋଷାଲ, ଜ୍ୟୋସ୍ନାରାଣୀ ଦାସ, ସମାପ୍ତି ପ୍ରିୟଦର୍ଶନୀ ପଣ୍ଡା, ମୀନାକ୍ଷୀ ପଣ୍ଡା, ନମିତା ଜେନା, ହରପ୍ରିୟା ପାତ୍ର, ସୁନନ୍ଦା ପତି, ଅନ୍ନପୂର୍ଣ୍ଣା ପାତ୍ର, ଜୟଶ୍ରୀ ଲେଙ୍କା, ପାପୀୟା ରାୟ, ଶ୍ରଦ୍ଧାଞ୍ଜଳି ସାହୁ, ମିନାଧିଶ୍ୱରୀ ସାହୁ, ମାମିନା ମହାନ୍ତି, ଗୁରୁଜୀ ରଞ୍ଜନ ପୁଷ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ସେବିକା ଭଉଣୀ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା।

## ମାଣ୍ଡିଆ ଅମଳ ଓ ଚୋପାଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶିତ



ବନ୍ତ/ଆଗରପଡ଼ା,୨୯।୧୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ରାଛୋଗଡ଼ିଆରେ କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମାଣ୍ଡିଆ ଅମଳ ଓ ଚୋପାଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶିତ କରିବା ସହିତ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଛି। ମାଣ୍ଡିଆ ଚାଷୀ କମ୍ ସମୟ ମଧ୍ୟରେ ଏହି ଯନ୍ତ୍ର ବ୍ୟବହାର ମାଧ୍ୟମରେ କିପରି ଅମଳ କରିପାରିବେ ଏ ବିଷୟରେ ମଧ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି, କୃଷି ଯାନ୍ତ୍ରୀକରଣ ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହନ୍ତ, ଏଡିଆଇର ବ୍ଲକ୍ ସଂଯୋଜକ ପର୍ଶୁରାମ ସାହୁ, ସହସଂଯୋଜକ ସାରଦା ପ୍ରସନ୍ନ ସାହୁ, ଏଫ୍‌ଇଓ ଆସ୍ଥାଶ୍ରୀ ଜଗନ୍ନାଥ, ସିଇଓ ଅପୂର୍ବ ରଞ୍ଜନ ରାଉତ, ସିଆର୍‌ପି ବନମାଳୀ ବାରିକ, ସୁଶାନ୍ତ ଜେନା, ଜ୍ୟୋତିରଞ୍ଜନ ରାଉତ, ପ୍ରମୋଦ ପାଣିଗ୍ରାହୀ, ମୁଖ୍ୟ ସିଆର୍‌ପି ସତ୍ୟବ୍ରତ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ରାଛୋଗଡ଼ିଆର ମାଣ୍ଡିଆ ଚାଷୀ ନାରାୟଣ ଦାସ ଓ ଗଣିଜାଙ୍ଗ(ହାସିନପୁର) ମାଣ୍ଡିଆ ଚାଷୀ ରଞ୍ଜନ କୁମାର ସାହୁଙ୍କ ପ୍ରାୟ ୨ କ୍ୱିଣ୍ଟାଲ ମାଣ୍ଡିଆ ଏହି ଯନ୍ତ୍ର ମାଧ୍ୟମରେ ଅମଳ କରାଯାଇଥିଲା। ଭୀମସେନ୍ ମାଝୀ, ପରେଶ ଚନ୍ଦ୍ର ସାହୁ, ସୁଦର୍ଶନ ମାଝୀ, ପୁଷ୍ପଲତା ଦାସ, ଅଚ୍ୟୁତାନନ୍ଦ ସେଠୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

● ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା ●

## 'ଅପରାଧ ବଢ଼ିବା ଯୋଗୁଁ ଭୟଭୀତ ଅବସ୍ଥାରେ ନାଗରିକ ସମାଜ'

ଭଦ୍ରକ,୨୯।୧୧(ସମିସ): ସମ୍ପ୍ରତି ସମାଜରେ ଅପରାଧପ୍ରବଣତା ଏତେ ବୃଦ୍ଧିପାଇଛି ଯେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ନାଗରିକ ସମାଜ ଓ ଅନିଶ୍ଚିତତା ମଧ୍ୟରେ ସାଧାରଣ ନିରାପତ୍ତା। ନିତିଦିନିଆ ଜୀବନ ଯାତ୍ରା ଅସହ୍ୟ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ଓ ଆମ ବୁଦ୍ଧିଜୀବୀ ସମାଜ ଏଥିନେଇ ଚିନ୍ତାଗ୍ରସ୍ତ। କଠୋର ଆଇନର କାର୍ଯ୍ୟାନ୍ୱୟନ, ସାମାଜିକ ସଚେତନତା, ନୈତିକ ଶିକ୍ଷାର ଅଭାବ ଓ ପ୍ରତିବାଦହୀନତା ଯୋଗୁଁ ନାନା ଅପରାଧିକ କାର୍ଯ୍ୟକଳାପ କାୟାବିସ୍ତାର ହେଉଛି ବୋଲି ତ୍ୟାଗଭୂମି ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ଆଜିର ମଞ୍ଚ 'ସଂଗ୍ରାମୀ ମହମ୍ମଦ ହନିଫ୍'ଙ୍କ ନାମରେ ଉତ୍ସର୍ଗୀକୃତ ଥିଲା। ତ୍ୟାଗଭୂମି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଇଂ. ଅଖିଳ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଏହି ମଞ୍ଚରେ 'ଭୟହୀନ ଅପରାଧ ଓ ଭୟଭୀତ ସମାଜ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ମନୋବିଜ୍ଞାନ ବିଶ୍ଳେଷକ ଡ. ଦୁର୍ଯ୍ୟୋଧନ ଦାସ ଯୋଗଦେଇ ଅପରାଧ ଏବେ ମନସ୍ତତ୍ତ୍ୱର ଅଂଶ ହୋଇଯାଇଛି। କେବଳ ଚୋରି, ଡକାୟତି କି ଛିନ୍‌ତାଇ ଭଳି ଘଟଣା ନୁହେଁ, ଡିଜିଟାଲ ଆରେଷ୍ଟ, ସାଇବର କ୍ରାଇମ୍, ସୋସିଆଲ ମିଡିଆ କ୍ରାଇମ୍ ଭଳି ଅନ୍ତର୍ନିହିତ ଅପରାଧିକ କାର୍ଯ୍ୟକଳାପ ଆଜି ଅନେକ ମାତ୍ରାରେ ଆମ ଧନଜୀବନ ନଷ୍ଟ କରୁଛି ବୋଲି ମତ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭଲେଖିକା ଡ. ଚିନ୍ମୟ ହୋତା ଯୋଗଦେଇ ଅପରାଧୀର ନିଃଶଙ୍କୋଚ ଚଳପ୍ରଚଳ ଦେଖି ସାଧାରଣ ଲୋକେ ଆତଙ୍କିତ ହେବା ଆମ ସୁସ୍ଥସମାଜ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଓ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ବିଷୟଭିତ୍ତିକ ସ୍ୱକୀୟ ଚିନ୍ତନ ବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଭାତ ବିଜୟ ମଞ୍ଚ ଆହ୍ୱାନ କରିଥିବାବେଳେ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ଅଭିନେତା ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାର ଏକମାତ୍ର ଯାତ୍ରାନୁଷ୍ଠାନ 'ରାଜନନ୍ଦିନୀ' ଅପେରାର ପ୍ରଯୋଜକ ଇଂ. ସ୍ମୃତିରଞ୍ଜନ ପଲାଇଙ୍କୁ ଏ ବର୍ଷର ଚର୍ଚ୍ଚିତ ନାଟକ 'ଏମିତି ବିଚାର କେବେ ଦେଖିନି' ନାଟକର ଜନାଦୃତି ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସଦସ୍ୟ ଅଶୋକ ଦ୍ୱିବେଦୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ସାହିତ୍ୟିକ ଶାନ୍ତନୁ କୁମାର ରାଉତ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବସୁମିତ୍ରା ସାହୁ, ରାମଚନ୍ଦ୍ର ନାୟକ, ଅଧ୍ୟାପକ ନାସିର ବକ୍ସ, ଡ. ଅଭୟ କୁମାର ଦାସ, ବାବୁଲାଲ୍ ଦାସ, ଶାନ୍ତନୁ ନାୟକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଚର୍ଚ୍ଚିକା ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ଗୋବର୍ଦ୍ଧନ ଦାସ, ସଞ୍ଜୟ ମାଝୀ, ରାଜୀବଲୋଚନ ବଳ, ନାରାୟଣ ପାଢ଼ୀ, ଇଂ. ବସନ୍ତ ପାଣିଗ୍ରାହୀ, ପଦ୍ମନ ରାୟ, ଅଭୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚରମ୍ପା 'ତେଜସ୍ୱିନୀ ପଲାଇ ଏଣ୍ଡ ଟ୍ରୁପ୍' ପକ୍ଷରୁ 'ଅକ୍ଷୟ ସ୍ମୃତିସନ୍ଧ୍ୟା' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଝୋଟି କଳାରେ ପରିଚିତ ଅନ୍ନପୂର୍ଣ୍ଣା

ଅସୁରାଳି,୨୯।୧୧(ସମିସ): ଧାମନଗର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ରଞ୍ଜନ କୁମାର ନାଥଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାହାଲ (୪୫) ଝୋଟି କଳାରେ ନିଜର ଅସାଧାରଣ ପ୍ରତିଭାରେ ସମଗ୍ର ଅଞ୍ଚଳରେ ପରିଚିତ। ପିଲାଟି ବେଳୁ ଅନ୍ନପୂର୍ଣ୍ଣାଙ୍କ ଝୋଟି ପ୍ରତି ଅହେତୁକ ଦୁର୍ବଳତା ଥିଲା। ସ୍କୁଲରେ ପଢ଼ିଲା ବେଳୁ ତାଙ୍କର ଏହି କଳା ପ୍ରତିଭା ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଚଉଦିଗେ ଖେଳିଯାଇଥିଲା। ବିଭିନ୍ନ ଝୋଟି କଳା ପ୍ରତିଯୋଗିତାରେ ସେ ସବୁବେଳେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାବାଦ୍ ସାଂସ୍କୃତିକ କଳା କାର୍ଯ୍ୟକ୍ରମରେ ରଙ୍ଗୋଲି ପକେଇ ସେ ବହୁ ପୁରସ୍କାର ଅର୍ଜନ କରିଛନ୍ତି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରମାଣପତ୍ର ଓ ମାନପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଅନ୍ନପୂର୍ଣ୍ଣାଙ୍କ କଳା କେବଳ ପ୍ରତିଯୋଗିତାରେ ସୀମିତ ନୁହେଁ, ଗ୍ରାମର ପ୍ରତ୍ୟେକ ପର୍ବପର୍ବାଣୀରେ ତାଙ୍କର ଝୋଟି ଓ ରଙ୍ଗୋଲି ଗ୍ରାମକୁ ନୂଆ ରୂପ ଦେଇଥାଏ। ସାଂସ୍କୃତିକ ମଞ୍ଚରେ ଅନ୍ନପୂର୍ଣ୍ଣାଙ୍କର ଏହି ଅବିରତ ପ୍ରତିଭା ଗୋବିନ୍ଦପୁର ଗ୍ରାମକୁ ଗର୍ବିତ କରିଛି।



ସମସ୍ୟାରେ ୧୬୦ ବର୍ଷର ଭଦ୍ରକ ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ

## ଭିତ୍ତିଭୂମିର ବିକାଶ ହୋଇନି, ସୁରକ୍ଷା ବ୍ୟବସ୍ଥା ନାହିଁ

ଭଦ୍ରକ, ୨୯ ।୧୧(ସମିସ):

ବ୍ରିଟିଶ ଅମଳର ଓ ବହୁ ପୁରତନ ନିବନ୍ଧନ କାର୍ଯ୍ୟାଳୟ; ମାତ୍ର ଏବେ ବି କୌଣସି ଆଖିଦୃଶିଆ ଉନ୍ନତିକରଣ କାର୍ଯ୍ୟ କରାଯାଉନାହିଁ। ସୂଚନାଯୋଗ୍ୟ, ୧୮୬୫ରେ ଭଦ୍ରକ ଏସ୍‌ଆର ବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପରେ ଏହା ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟରେ ପରିଣତ ହୋଇଥିଲା। ତେବେ ୧୬୦ ବର୍ଷର ଏହି ବହୁ ପୁରୁଣା କାର୍ଯ୍ୟାଳୟଟିର କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନି। ଏପରିକି ସ୍ପଷ୍ଟ ଭାବେ ଦିଶୁଥିବା ନାମଫଳକଟିଏ ବି ଏହି ଦପ୍ତରରେ ନଥିଲା। ଲଗାଣ ବର୍ଷା ହେଲେ ଅଫିସ ଆଗରେ ଆଣ୍ଠୁଏ ଉଚ୍ଚାର ପାଣିର ସୁଅ ଛୁଟୁଥିଲା। ତେବେ ଜିଲ୍ଲା ନିବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିବାପରେ ଗୁରୁଚରଣ ମଲ୍ଲଙ୍କ ଉଦ୍ୟମରେ ଏହି ସମସ୍ୟାର ଆଂଶିକ ସମାଧାନ ହୋଇଥିବା ବେଳେ କାର୍ଯ୍ୟାଳୟର ମରାମତି କାର୍ଯ୍ୟାଳୟ ବି କିଛି ପରିମାଣରେ ହୋଇପାରିଛି।




ପ୍ରକାଶ ଯେ, ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟଟି ଜନସାଧାରଣଙ୍କ ଅନ୍ୟତମ ପ୍ରମୁଖ କାର୍ଯ୍ୟାଳୟ। କାରଣ ଏହି କାର୍ଯ୍ୟାଳୟରେ କେବଳ ଜମିଜମା କିଣାବିକା ବା ଦଲିଲ୍ କାର୍ଯ୍ୟ ହୁଏନାହିଁ; ବିବାହ ପଞ୍ଜୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ଦପ୍ତରରେ ହୋଇଥାଏ। ଏହାବାଦ ଜମିର ମୂଲ୍ୟାୟନ ପ୍ରତି ଦୁଇ ବର୍ଷରେ ଥରେ ଏହି କାର୍ଯ୍ୟାଳୟ ପକ୍ଷରୁ ସମ୍ପନ୍ନ କରାଯାଇଥାଏ। ଏଥିସହ ବ୍ୟାଙ୍କରଣ ପାଇଁ ମଡଗେଜ୍ ଓ ଟ୍ରଷ୍ଟ ଡିଡ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ କରିଥାଏ ଏହି ଅଫିସ। ଦୈନିକ ବୟସ୍କ ନାଗରିକଙ୍କଠାରୁ ମହିଳା ଓ ଦିବ୍ୟାଙ୍ଗ ନାମରିକମାନେ ଏହି ଦପ୍ତରକୁ ସେମାନଙ୍କ କାର୍ଯ୍ୟ ଲାଗି ଆସିଥାନ୍ତି। ସେମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ଏହି ଅଫିସରେ ନାହିଁ। ୱେଟିଂ ହଲ୍, ପାନୀୟଜଳର ବ୍ୟବସ୍ଥା ଟିକକ ମଧ କରାଯାଇନାହିଁ। ଫଳରେ ଆସୁଥିବା ମହିଳା, ବୟସ୍କ ଓ ଦିବ୍ୟାଙ୍ଗମାନେ ନାନାଦି ଦୁର୍ଦ୍ଦଶାରେ ସମ୍ମୁଖୀନ ହେବାକୁ ଦୀର୍ଘ ବର୍ଷ ହେବ ବାଧ ହେଉଛନ୍ତି।

ସୂଚନାନୁଯାୟୀ, ଏହି ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟରେ ଦୈନିକ ପାଖାପାଖି ୨୫ରୁ ଅଧିକ ବିଭିନ୍ନ ପ୍ରକାର ପଞ୍ଜୀକରଣ କରାଯାଇଥାଏ। ବର୍ଷକୁ ୬ରୁ ସାଢେ ୬ହଜାର ଭଳି ପଞ୍ଜୀକରଣ କରାଯାଇଥାଏ। ଦୈନିକ ଶହଶହ ଲୋକ ଆସୁଥିବା ଏହି ୧୬୦ବର୍ଷର ସରକାରୀ କାର୍ଯ୍ୟାଳୟର ଭିତ୍ତିଭୂମିର ବିକାଶ ନହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ରହୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଜଣେ ନାଇଟ୍ ୱାଚ୍‌ମ୍ୟାନ ନାହିଁ। ଫଳରେ ନିକଟରେ ଦୁଇ ଦୁଇ ଥର ଏହି ଅଫିସରୁ ଚୋରି ହୋଇଛି। ସେହିଭଳି ଜଣେ ସୁଇପରଙ୍କୁ ନିଯୁକ୍ତି କରାଯାଇନି। ୧୬୦ ବର୍ଷର ଏହି ପୁରୁଣା ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ଭିତ୍ତିଭୂମିର ବିକାଶ ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ସରକାର ଧ୍ୟାନ ଦେବାକୁ ଦାବି ହୋଇଛି।

# ଧାର ଟଙ୍କା ପାଇଁ ଅପହରଣ ମାମଲା: ବାପପୁଅ ଗିରଫ

ଚମ୍ପୁଆ, ୨୯।୧୧(ସମିସ): ଧାର ଆକାରରେ ଟଙ୍କା ଶୁଝିବାକୁ ନେଇ ଯୁବକଙ୍କୁ ଅପହରଣ ଓ ନିର୍ଯାତନା ମାମଲାରେ ଚମ୍ପୁଆ ପୁଲିସ ଧଳାଡିହି ଗାଁରୁ ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହ ଏହି ଅପହରଣ ମାମଲାରେ ସଂପୃକ୍ତ ଥିବା ବାପ-ପୁଅଙ୍କୁ ଗିରଫ କରିଛି। ଅପହୃତ ହୋଇଥିବା ବିଟେକ୍ ଛାତ୍ର ସମୀରଙ୍କ ବାପା ଅନନ୍ତ ଚରଣ ନାଏକଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ପୁଲିସ କେସ୍ ନମ୍ବର ୩୭ ୯/୨୦୨୫ ଅନୁଯାୟୀ ପୁଲିସ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅନୁଗୁଳରେ ବିଟେକ୍ ପଢୁଥିବା ସମୀର ରଞ୍ଜନ ନାଏକଙ୍କୁ ଗତ ୨୪ ତାରିଖରୁ ରିମୁଳି ଡିପାସାହି ଗ୍ରାମର ବାଦଲ ପାତ୍ର ଏବଂ ପିତା ଭରତଚନ୍ଦ୍ର ପାତ୍ର ମିଶି ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ପୂର୍ବରୁ ଦେଇଥିବା ଧାର ଟଙ୍କା ପାଇଁ ତାଙ୍କୁ କଲେଜରୁ ଅପହରଣ କରି ଚମ୍ପୁଆ ଥାନା ଧଳାଡିହି ଗ୍ରାମରେ ଏକ ଭଡ଼ାଘରେ ଲୁଚାଇ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଏପରିକି ସମୀରଙ୍କ ମୁଣ୍ଡ ଜାମିନ ରଖି ୫ ଲକ୍ଷ ଟଙ୍କା ଦାବି କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ରାତିଅଧିଆ ଚଢଉ କରି ସମୀର ରଞ୍ଜନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ପାଣିରେ ବୁଡ଼ି ଶିକ୍ଷକଙ୍କ ମୃତ୍ୟୁ



ତେଲକୋଇ, ୨୯।୧୧(ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜ ଗ୍ରାମରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତ ଶିକ୍ଷକ ହେଲେ ସେହି ଗ୍ରାମର ଯୁଗୋଳ କିଶୋର ନାୟକ (୬୩)। ଶ୍ରୀ ନାୟକ ଘର ପାଖ ସମାକୋଇ ନଦୀକୁ ଗାଧେଇବାକୁ ଯାଇଥିବା ବେଳେ ଆଉ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ନଥିଲେ। ସ୍ଥାନୀୟ ଲୋକେ ନଦୀରେ ଗାଧୋଉଥିବା ବେଳେ ମୃତଦେହ ଭାସୁଥିବା ଦେଖି ତେଲକୋଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀସ୍ୱାସ୍ଥ୍ୟକୁ ଆଣିଥିଲା। ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଫକୀରପୁର ହାଇସ୍କୁଲରେ ପୋଷାକ ବଣ୍ଟନ



ଆନନ୍ଦପୁର, ୨୯।୧୧ (ସମିସ): ଫକୀରପୁର ଉଚ୍ଚବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ପୋଷାକ ବଣ୍ଟନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କାଉନସିଲର ସନତ କୁମାର କର ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମହାକୁଡ଼ ପୋଷାକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କମିଟିର ସଭ୍ୟମାନେ ସହଯୋଗ କରିଥିଲେ। ୨୦୦ ଜଣ ଛାତ୍ର ଏବଂ ୧୧୬ ଜଣ ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୋଷାକ ବଣ୍ଟନ କରାଯାଇଛି।

## ରାଜ୍ୟ ସ୍ୱଚ୍ଛ ବାୟୁ ଯୋଜନାରେ କେନ୍ଦୁଝରଗଡ଼

# ପ୍ରଦୂଷଣ ରୋକିବା ପାଇଁ ଆକ୍ସନ୍ ପ୍ଲାନ୍

କେନ୍ଦୁଝର, ୨୯।୧୧(ସମିସ):

କେନ୍ଦୁଝର ସହରରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ବଢ଼ିବା ଚିନ୍ତାର କାରଣ ହୋଇଛି। ବାୟୁ ଓ ଜଳ ପ୍ରଦୂଷଣ ରୋକିବା ପାଇଁ କେନ୍ଦୁଝରଗଡ଼ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ବୈଠକରେ ଏନେଇ ଶୁକ୍ରବାର ମାଷ୍ଟରପ୍ଲାନ୍ ପ୍ରସ୍ତୁତି ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିଟି କ୍ଷେତ୍ରରେ ପ୍ରଦୂଷଣ କିପରି କମ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଆକ୍ସନ ପ୍ଲାନରେ ୩ଟି ରୋଡ ସୁଇପିଂ ମେସିନ, ବିଭିନ୍ନ ସ୍ଥାନରେ ଇଭି ଚାର୍ଜିଂ ପଏଣ୍ଟ, ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରିବା, କେନ୍ଦୁଝର ସହରର ପୁରୁଣା ସହର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାୟୁ ପ୍ରଦୂଷଣ ଏବଂ ଅନ୍ୟ ୮ଟି ମାନଦଣ୍ଡ ସମ୍ପର୍କିତ ସୂଚନା ପାଇବା ପାଇଁ ଡିଜିଟାଲ ଡିସପ୍ଲେ ବୋର୍ଡ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ମ୍ୟୁନସିପାଲିଟି ଇଞ୍ଜିନିୟର ଇଂ ଭକ୍ତବନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଖରାପ ରାସ୍ତାଘାଟ, ରାସ୍ତା ଠିକ୍ ଭାବରେ ସଫେଇ ନହେବା, ଗାଡ଼ି ଚଳାଚଳ ବେଳେ ଧୂଳି ଉଡିବା, ଅଳିଆ ଆବର୍ଜନାକୁ ପୋଡି ଦିଆଯିବା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି ବୋଲି କୁହାଯାଉଛି। କେନ୍ଦୁଝର ସହରରେ ଗତ ୪ ଦିନ ହେବ ପିଏମ-୧୦ ଏକ୍ୟୁଆଇ ବଢିବା ଚିନ୍ତାର କାରଣ ହୋଇଛି।



୨୪ ତାରିଖରେ ପିଏମ ୧୦ ଏକ୍ୟୁଆଇ ହାରାହାରି ୧୫୮ ରହିଥିବାବେଳେ ୨୫ ତାରିଖରେ ଏକ୍ୟୁଆଇ ହାରାହାରି ୧୬୦ ରହିଥିଲା। ୨୬ ତାରିଖରେ ଏକ୍ୟୁଆଇ ହାରାହାରି ୧୪୨ ଥିବାବେଳେ ୨୭ ତାରିଖରେ ଏକ୍ୟୁଆଇ ହାରାହାରି ୧୨୯ ରହିଥିଲା। ଦିନ ସମୟରେ ମଧ୍ୟାହ୍ନ ୧୧ଟାରୁ ୨ଟା ମଧ୍ୟରେ ଏବଂ ସନ୍ଧ୍ୟା ସମୟରେ ପିଏମ ୧୦ ଏକ୍ୟୁଆଇ ୨୦୦ରୁ ଅଧିକ ରହୁଛି। ଲଗାତର ଚତୁର୍ଥ ଦିନ ପାଇଁ କେନ୍ଦୁଝର ସହରରେ ବାୟୁର ମାନ ଖରାପ ସ୍ଥିତିରେ ଅଛି। ଏହି ମାନର ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛି। ଶ୍ୱାସ ଓ ହୃଦରୋଗୀଙ୍କ ପାଇଁ ଏହା ଅତି ବିପଦଜନକ ହୋଇଥିଲାବେଳେ ସାଧାରଣ ଲୋକେ ଏହି ଖରାପ ବାୟୁ ପାଇଁ ରୋଗରେ ପଡିବା ନିଶ୍ଚିତ। ବାୟୁରେ ଏହି ଅତି କ୍ଷୁଦ୍ର କଣିକାଗୁଡିକୁ ପ୍ରଶ୍ୱାସରେ ନେବା ଫଳରେ ହୃତପିଣ୍ଡ ଓ ଫୁସଫୁସ୍‌କୁ ପ୍ରଭାବିତ କରିଥାଏ ବୋଲି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର କମର ମହମ୍ମଦ କହିଛନ୍ତି। ଏହି ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସଜନିତ ବିଭିନ୍ନ ରୋଗ ହେବା ସହ ଫୁସଫୁସ୍ ସଂକ୍ରମଣ, ଥଣ୍ଡା, କାଶ, ଜ୍ୱର ଆଦି ହୋଇପାରେ। ବହୁଦିନ ଏମିତି ଅବସ୍ଥା ରହିଲେ ନିମୋନିଆ ହେବାର ମଧ୍ୟ ଆଶଙ୍କା ରହିଛି। ଏଣୁ ଘରୁ ବାହାରିଲେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ବାୟୁର ମାନ ଖରାପ ଥିବାରୁ ବୟସ୍କ ଲୋକ ଏବଂ ଶିଶୁ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

କେନ୍ଦୁଝର ସହରରେ କାରଖାନା ବର୍ଜ୍ୟବସ୍ତୁ ଏଣେତେଣେ ପଡୁଥିବାରୁ କଳାଗୁଣ୍ଡ ଉଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ଏ ଦିଗରେ ପୌର ପ୍ରଶାସନ ପଦକ୍ଷେପ ନେବା ଜରୁରୀ। କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ କହିଛନ୍ତି, ସହରରେ ବାୟୁ ପ୍ରଦୂଷଣ କମାଇବା ପାଇଁ ପଦକ୍ଷେପ ନିଆଯାଉଛି। ରାଜ୍ୟ ସ୍ୱଚ୍ଛ ବାୟୁ ଯୋଜନାରେ କେନ୍ଦୁଝର ସହରକୁ ସାମିଲ କରାଯାଇଛି। ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ ବାୟୁ ଗଣବତ୍ତା ମନିଟରିଂ କରାଯାଇ ବାୟୁ ପ୍ରଦୂଷଣ ମାତ୍ରା ୩୦ ପ୍ରତିଶତ କମାଇବା ଲକ୍ଷ୍ୟ ରଖାଯାଇଛି। ସହରରେ ବସବାସ କରୁଥିବା ଲୋକମାନେ କିପରି ସ୍ୱଚ୍ଛ ବାୟୁ ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଇଂ କର କହିଛନ୍ତି। ଏହି ଯୋଜନାରେ ସହରସ୍ତରୀୟ କାର୍ଯ୍ୟ ଯୋଜନାର ବିକାଶ କରିବା, ରାସ୍ତା ପରିଷ୍କାର ପାଇଁ ଯନ୍ତ୍ର ବ୍ୟବହାର କରିବା ଏବଂ ନୂତନ ରାସ୍ତା ନିର୍ମାଣ କରିବା, ମନିଟରିଂ ଭିତ୍ତିଭୂମିକୁ ସୁଦୃଢ କରିବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସହର ମଧ୍ୟରେ ଥିବା ଡମ୍ପିଂୟାର୍ଡ ହଟାଇବା, ସହର ଭିତରେ ବ୍ୟାପକ ବୃକ୍ଷରୋପଣ, ପଲିଥିନ ବ୍ୟବହାର ରୋକିବା, ମାଟି କପର ବହୁଳ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପୋଡିବା ରୋକିବା ଆଦି କାର୍ଯ୍ୟକ୍ରମ ରାଜ୍ୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ ଅଧୀନରେ ପ୍ରମୁଖ କାର୍ଯ୍ୟଖସଡ଼ା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି।

# ସୁଆଁପଦା ଆଦର୍ଶ ବିଦ୍ୟାଳୟରେ ଆନ୍ଦୋଳନ



ଆନନ୍ଦପୁର, ୨୯।୧୧ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ ୧୩ ଦଫା ଦାବିନେଇ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କଳାବ୍ୟାଜ ପରିଧାନକରି କାର୍ଯ୍ୟରେ ଯୋଗ ଦେଇଥିବା ବେଳେ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସୁଆଁପଦାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଏକ ଧାରଣାରେ ବସିଛନ୍ତି। କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡର ମାନ୍ୟତା, ସମାନ କାମକୁ ସମାନ ଦରମା ଓ କମ୍ପ୍ୟୁଟର, ପିଇଟି ଓ ମ୍ୟୁଜିକ ଶିକ୍ଷକଙ୍କୁ ୪୬୦୦ ଗ୍ରେଡ ପେ ପ୍ରଦାନ, ଛାତ୍ରଛାତ୍ରୀମାନଙ୍କୁ ଏନଏମଏମଏସ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବା ସହ ଅନ୍ୟାନ୍ୟ ଦାବି ପୂରଣ କରିବା ପାଇଁ ଏହି କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ସରକାର ଯଦି ଏହି ଦାବିଗୁଡିକୁ ପୂରଣ ନକରନ୍ତି ତାହେଲେ ସଂଘର ନିଷ୍ପତ୍ତିକ୍ରମେ ଡିସେମ୍ବର ୮ ତାରିଖ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ରାଜଧାନୀ ଭୁବନେଶ୍ୱର ପିଏମଜିରେ ଆନ୍ଦୋଳନ କରିବେ ବୋଲି ଜଣାପଡ଼ିଛି।

**● ଅଟୋ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

# ୨ ଭାଇ ଗିରଫ, ଚତୁର୍ଥୀ ପୂର୍ବରୁ ଅଭିଯୁକ୍ତଙ୍କୁ ଉଠାଇନେଲା ପୁଲିସ

ତୁରୁମୁଙ୍ଗା, ୨୯।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବେଗେନା ଗ୍ରାମରେ ଗତ ସୋମବାର ଗ୍ରାମର ଅଟୋ ଡ୍ରାଇଭର ସାନୁ ସେଠୀଙ୍କୁ ମାତ୍ର ୫୦ ଟଙ୍କା ଭଡ଼ାକୁ କେନ୍ଦ୍ରକରି ପାଇଁ ମରଣାନ୍ତକ ଆକ୍ରମଣ ଘଟଣାରେ ପାଟଣା ପୁଲିସ ଶନିବାର ବେଗନା ଗ୍ରାମର ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିଛି। ଏହି ମାମଲାରେ ଅଭିଯୁକ୍ତଦ୍ୱୟଙ୍କ ବାପା ପଙ୍କଜ ସେଠୀଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି। ଗିରଫ ୨ ଭାଇ ହେଲେ ବେଗନା ଗ୍ରାମର ଅମିୟ ସେଠୀ (୩୭) ଏବଂ ପୀୟୁଷ ସେଠୀ (୩୩)। ସୂଚନା ଅନୁସାରେ, ପଙ୍କଜ ସେଠୀଙ୍କ ଧାନବିଡ଼ାକୁ ନିଜ ଡାଲା ଅଟୋରେ ଆଣିବା ପରେ ଭଡ଼ା ବାବଦକୁ ୨୫୦ ଟଙ୍କା



ହୋଇଥିଲା। ପଙ୍କଜ ୨୦୦ ଟଙ୍କା ଦେବାରୁ ସାନୁ ଆଉ ୫୦ ଟଙ୍କା ମାଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପଙ୍କଜ ଆଉ ତାଙ୍କ ଦୁଇ ପୁଅ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସାନୁ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିବା ସମୟରେ ପୁଲିସକୁ ମଧ୍ୟ ଅଟକ ରଖିଥିଲେ ଉତ୍ତ୍ୟକ୍ତ ଲୋକେ। ଫଳରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ମାଡ଼ ମାରିଥିବା ପଙ୍କଜଙ୍କ ପୁଅ ଅମୀୟଙ୍କ ଗତ ବୁଧବାର ବାହାଘର ଥିବାରୁ ସୁରକ୍ଷା ପାଇଁ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ପୁଲିସ ନିୟୋଜିତ ହୋଇଥିଲେ। ଘଟଣା ଘଟିବାର ୫ ଦିନ ପରେ ପୁଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏଏସଆଇ ଧନେଶ୍ୱର ପାତ୍ର କହିଛନ୍ତି। ଏନେଇ ପାଟଣା ଥାନାରେ ୨୮ ୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚତୁର୍ଥୀ ପୂର୍ବରୁ ମାଡ଼ ମାରିଥିବା ଅମୀୟ ସେଠୀଙ୍କୁ ପୁଲିସ ଗିରଫ କରିବା ସହ ଏବଂ ତାଙ୍କ ଭାଇ ପୀୟୁଷକୁ ମଧ୍ୟ ଗିରଫ କରିବା ଘଟଣା ବେଶ୍ ଚହଳ ସୃଷ୍ଟି କରିଛି।

# ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା





କେନ୍ଦୁଝର, ୨୯।୧୧(ସମିସ): ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଦ୍ୟା ମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଷ୍ଟାଡିୟମ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ମୋଟ ୬୦ଟି ଖେଳରେ ଭାଇ ୭୧୫ ଜଣ ଓ ଭଉଣୀ ୬୯୫ ଜଣ ଭାଗ ନେଇଥିଲା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡ଼ା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୌରାଞ୍ଚଳ ମୁରାବାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘଷିପୁରାରେ ୩୭ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘଷିପୁରା ଅଗ୍ନି ନିର୍ବାପକ ବିଭାଗର ମୁଖ୍ୟ ଅଧିକାରୀ ରାଧୁଚରଣ ମଲ୍ଲିକ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଭାପତି ମଦନ ମୋହନ ରାଉତ, ସହସଂପାଦକ ଯଦୁମଣି ସାହୁ ଏବଂ କୋଷାଧ୍ୟକ୍ଷ ଅକ୍ଷୟ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଚିତ୍ତରଂଜନ ଦାସ ଏବଂ ସଂପାଦକ ରଶ୍ମିରଂଜନ ନନ୍ଦ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୟାନନ୍ଦ ସାହୁ ଏବଂ ସହ କ୍ରୀଡ଼ା ଶିକ୍ଷକ ସୁବାସଚନ୍ଦ୍ର ରାଉଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ ତିନି ଦିନରେ ଶିଶୁ ବାଟିକାର ଖେଳକୁଦ ପ୍ରତିଯୋଗିତାରେ ୩୫୦ ଜଣ ଶିଶୁ ଭାଗ ନେଇଥିଲେ। ସଫଳତା ପାଇଥିବା ଶିଶୁଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

# ୭ରେ ବାର୍ଷିକ ସମ୍ମିଳନୀ; ବ୍ରାହ୍ମଣ ମହାସଂଘର ପ୍ରସ୍ତୁତି

ଆନନ୍ଦପୁର, ୨୯।୧୧ (ସମିସ): ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ସମାଜ ମହାସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ସମ୍ମିଳନୀ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ମହାସଂଘର ଉପଦେଷ୍ଟା ଶରତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତାମାନେ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିବା ସହିତ ଡିସେମ୍ବର ୭ ତାରିଖରେ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିରରେ ଏହାକୁ ପାଳନ ହେବାକୁ ନିଷ୍ପତ୍ତି ହୋଇଥିଲା। ସାଧାରଣ ସଭାରେ ଷୋହଳ ଶାସନ ବତିଶ ପଡା ଶାସନ ଓ ଚଉଷଠି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ସଦସ୍ୟ, କର୍ମକାଣ୍ଡବିତ୍ ବୈଦିକ ବ୍ରାହ୍ମଣ ଯୋଗଦେଇ ବୈଦିକ ସଂସ୍କୃତି, ରୀତିନୀତି ପ୍ରଥା ପରମ୍ପରା, ଯଜ୍ଞ ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭାଗବତ ଉପରେ ଆଲୋଚନା କରାଯିବ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢିଙ୍କୁ କର୍ମକାଣ୍ଡ ପ୍ରବୀଣ କରିବା ପାଇଁ ବିଭିନ୍ନ ଶାସନର ପ୍ରତିନିଧିମାନେ ସକ୍ରିୟ ଯୋଗଦାନ କରି ନିଜ ନିଜର ମତ ରଖିବାକୁ ମହାସଂଘର ଆବାହକ ମଦନ ପାଣି ଜଣାଇଛନ୍ତି।



# ସହାୟତା ଅପେକ୍ଷାରେ କୁଣ୍ଡେଇ ଗାଁର ଜୁଆଙ୍ଗ ଭିନ୍ନକ୍ଷମ ବାଳକ

କେନ୍ଦୁଝର, ୨୯।୧୧(ସମିସ):

ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁର ଭୀମ ଜୁଆଙ୍ଗଙ୍କ ଏକମାତ୍ର ପୁଅ ପିଲାବେଳୁ ଭିନ୍ନକ୍ଷମ। ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ। ସରକାରୀ ସାହାଯ୍ୟ ଆଶାରେ ପରିବାର ଥିଲା ବେଳେ ଏହା ମିଳୁ ନଥିବାରୁ ଭାଗ୍ୟକୁ ଆଦରି ରହିଛନ୍ତି ଭୀମ। ପୁଅ ପ୍ରେମାନନ୍ଦଙ୍କୁ ବୟସ ଏବେ ମାତ୍ର ଉଣେଇଶ ବର୍ଷ। କଥା କହିପାରେ ନାହିଁ। କିଛି ବୁଝିପାରେ ନାହିଁ। ମଝିରେ ମଝିରେ ଚିତ୍କାର କରେ। ଭୀମ ନିଜ ଚେଷ୍ଟାରେ କିଛି ମାତ୍ରାରେ ଚିକିତ୍ସା କରାଇଥିଲେ; କିନ୍ତୁ, ପିଲା ଏବେ ମଧ୍ୟ ସୁସ୍ଥ ହୋଇନାହିଁ। ଦିନକୁ ଦିନ ରୋଗ ବଢି ଚାଲିଛି। ଏକମାତ୍ର ପୁଅର ସ୍ୱାସ୍ଥ୍ୟକୁ ନେଇ ବାପମା’ ବଡ଼ ଚିନ୍ତାରେ। ଭୀମ ଜଣେ ଜୁଆଙ୍ଗ ଜନଜାତିର ଗରିବ ବ୍ୟକ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ପୁଅର ପୁରା ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ତା’ ପକ୍ଷରେ ଅସମ୍ଭବ। ଯାହା-ତାହା କରି ସେ ପରିବାର ପୋଷଣ କରନ୍ତି।



ଯେତେବେଳେ ପ୍ରେମାନନ୍ଦ ଛଅ ବର୍ଷର ପିଲା ହୋଇଥିଲା, ସେତେବେଳେ ତା’ର ଭିନ୍ନକ୍ଷମତା ପରୀକ୍ଷା କରାଯାଇଥିଲା। ୨୦୧୨ ବର୍ଷରେ ଭିନ୍ନକ୍ଷମତା ଥିଲା ନବେ ପ୍ରତିଶତ। ସରକାର କିଛି ଭତ୍ତା ଦେଇ ଚୁପ୍ ହୋଇଗଲେ। ଚିକିତ୍ସା ପାଇଁ କିଛି ବି ବ୍ୟବସ୍ଥା କଲେ ନାହିଁ। ନା ପଞ୍ଚାୟତ ନା ଜିଲ୍ଲା ପ୍ରଶାସନ ନା ବିଧାୟକ କେହି ଚିକିତ୍ସା ପ୍ରତି ଧ୍ୟାନ ଦେଲେ ନାହିଁ। ଜୁଆଙ୍ଗ ଉନ୍ନୟନ ସଂସ୍ଥା ନିଘୋଡ଼ ନିଦରେ। ପିଲାଟିକୁ ଅଣଦେଖା କରାଗଲା। ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇଥିଲେ, ହୁଏତ ପିଲାଟି ସୁସ୍ଥ ହୋଇ ପାରିଥାନ୍ତା। ସମୟକ୍ରମେ ରୋଗ ବଢି ବଢି ଚାଲିଛି। ପରିବାରରେ ବୋଝ ଉଠାଇବା ସାଙ୍ଗକୁ ପିଲାର ଦିନକୁ ଦିନ ବିଗୁଡୁ ଥିବା ସ୍ୱାସ୍ଥ୍ୟକୁ ନେଇ ବାପ, ମା’ ନିରାଶ ହୋଇ ପଡୁଛନ୍ତି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶା’ ନଜରକୁ ଆସିଛି ଏ ସମସ୍ୟା। ଅନୁଷ୍ଠାନ ତରଫରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରାଯାଇଛି। ବର୍ଦ୍ଧିତ ହାରରେ ଭତ୍ତା ଦେବାକୁ ଅନୁରୋଧ କରାଯାଇଛି। ଭତ୍ତା ମିଳିଯିବ ବୋଲି ସୂଚନା ମିଳିଛି। ଏସବୁ ବାଦ୍, ପିଲାଟିର ଚିକିତ୍ସା ନିତାନ୍ତ ଆବଶ୍ୟକ ହୋଇପଡିଛି। ଏଣୁ, ‘ଆଶା’ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ଏଥିନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ କୁଣ୍ଡେଇ ଗାଁଟି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ। ଏ ପରିବାର ତାଙ୍କର ଭୋଟର। ସେଇଥିପାଇଁ ଭୀମଙ୍କ ପରିବାର ଓ ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ରଖିଛନ୍ତି ଯେ ପିଲାଟିର ଚିକିତ୍ସା ଦାୟିତ୍ୱ ସରକାର ନେବେ। ସରକାର କେବେ ଓ କେତେ ସହାୟକ ହେଉଛନ୍ତି, ଏ ଗରିବ ଆଦିବାସୀ ପରିବାର ପାଇଁ ତାହା ମାନବିକତା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ହୋଇଥିବା ବେଳେ ଯେତେ ଶୀଘ୍ର ପିଲାଟିର ଚିକିତ୍ସା ବ୍ୟବସ୍ଥା ହୋଇପାରୁଛି ତାକୁ ନେଇ ମଧ୍ୟ ଅପେକ୍ଷା ରହିଛି।

# ‘ଆମ ଗୌରବ ଆମ କଲେଜ’ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୯।୧୧ (ସମିସ): ରେକୁଟିଆସ୍ଥିତ କୁଶାଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଆମ ଗୌରବ ଆମ କଲେଜ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ୟୁକୋ ବ୍ୟାଙ୍କର ଚିଫ ମ୍ୟାନେଜର ବିଶ୍ୱଜିତ ଶତପଥୀ ମୁଖ୍ୟଅତିଥି, ଜୋନାଲ ମ୍ୟାନେଜର ପ୍ରେମ ପ୍ରସନ୍ନ ଦାସ, ଘସିପୁରା ଶାଖା ମ୍ୟାନେଜର ରଶ୍ମିତା ସାହୁ ଓ ଜିତେନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥିଭାବେ ବ୍ୟାଙ୍କର ସୁବିଧା କିପରି ଜନସାଧାରଣଙ୍କ ନିକଟତର ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆମ ଗୌରବ ଆମ କଲେଜର ସଂଯୋଜକ ଅଧ୍ୟାପକ ବିଜୟ କୁମାର ସାହୁ ଅତିଥିଙ୍କ ପରିଚୟ ଦେବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଆଲୁମନି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ଭବାନୀ ପ୍ରସାଦ ବଳ ଧନ୍ୟବାଦ ଅର୍ପଣ କରଥିଲେ।

ସକାଳ THE SAKALA



## ଆଇଆଇଏମ୍ ସମ୍ବଲପୁରରେ ଆଇ-ହବ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ

# ଓଡ଼ିଶାର ଗ୍ରାମ୍ୟ ଉଦ୍ଭାବକଙ୍କୁ ସଶକ୍ତ କରିବା ଲକ୍ଷ୍ୟ

**ସମ୍ବଲପୁର, ୨୯।୧୧(ସମିସ)**

ଆଇଆଇଏମ୍ ସମ୍ବଲପୁର ଏହାର ଆଇହବ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଏବସରରେ ଅନୁଷ୍ଠାନର ଇନୋଭେସନ୍ ଏବଂ ଇନ୍ଟ୍ରପ୍ରେନର୍ସିପ୍ ସେଲ୍ଫ ପକ୍ଷରୁ 'ନବଯୁବ ୨.୦'କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। 'ମେଡ୍ ଇନ୍ ଭାରତ: ଲୋକାଲ୍ ରୁଟ୍ସ୍, ଗ୍ଲୋବାଲ୍ ରାଉଟ୍ସ୍' ବିଷୟବସ୍ତୁ ଉପରେ ଆଧାରିତ କାର୍ଯ୍ୟକ୍ରମ ଛୋଟ ସହର ଓ ଗ୍ରାମ୍ୟ ଅଞ୍ଚଳରୁ ଭାରତର ଉଦ୍ୟମୀ ପରିଦୃଶ୍ୟକୁ ପରିବର୍ତ୍ତନ କରୁଥିବା ଗ୍ରାସରୁଟ୍ ଉଦ୍ଭାବକମାନଙ୍କୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ଶିଶୁ ସେବାରୁ ଆରମ୍ଭ କରି ଆଦିବାସୀ ଜୀବିକା, ସ୍ଥାୟୀ ଫ୍ୟାସନ୍, ସହରାଞ୍ଚଳ ଗତିଶୀଳତା, ଏବଂ ଛୋଟ ବ୍ୟବସାୟଙ୍କୁ ସହଜ କରୁଥିବା ଡିଜିଟାଲ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ଚ୍ୟାଲେଞ୍ଜକୁ ମୁକାବିଲା କରୁଥିବା ଷ୍ଟାର୍ଟଅପ୍ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଉଦ୍ଭାବନ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆଇଆଇଏମ୍ ସମ୍ବଲପୁର ଅଞ୍ଚଳର ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ସହ ଏକ କୋଇନ୍କ୍ୟୁବେସନ୍ ବା ସଂଯୁକ୍ତ ଉଦ୍ଭାବନ ଚୁକ୍ତି ସ୍ୱାକ୍ଷର କରିଛି। ଅଞ୍ଚଳର ଉଦ୍ୟମୀମାନଙ୍କୁ ସଶକ୍ତ କରିବା ଦିଗରେ ଏହି ପଦକ୍ଷେପ ନିଆଯାଇଛି।ଏହି କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚର ଇନ୍କ୍ୟୁବେଟରମାନଙ୍କୁ ସମ୍ମାନିତ କରାଯିବା ସହ ଦ୍ୱିତୀୟ ବ୍ୟାଚ୍‌କୁ ମଧ୍ୟ ସ୍ୱାଗତ କରାଯାଇଥିଲା।



ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି, ଗୋଟିଏ ଜାତିର ଉନ୍ନତି ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟମଶୀଳତା ଉପରେ ନିର୍ଭର କରେ। ଷ୍ଟାର୍ଟଅପ୍‌ମାନେ କେବଳ ଅର୍ଥନୀତିକୁ ସହଯୋଗ କରୁନ୍ତି ନୁହେଁ, ସମାଜରେ ସମାଧାନମୂଖୀ ଚିନ୍ତାଧାରାକୁ ମଧ୍ୟ ତିଆରି କରନ୍ତି। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଇସିଆଇସିଆଇ ବ୍ୟାଙ୍କର ନ୍ୟାସନାଲ୍ ପ୍ରୋଡକ୍ଟ ହେଡ୍ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ରଞ୍ଜୁ ସିଙ୍ଗିଆ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଲେ। ଇକୋସିଷ୍ଟମ୍ ସହ ଯୁକ୍ତ ହୁଅନ୍ତୁ, ଯେଉଁମାନେ ଏହି ପଥରେ ଚାଲିଛନ୍ତି ସେମାନଙ୍କଠାରୁ ଶିଖନ୍ତୁ, ଏବଂ ପ୍ରତ୍ୟେକ ସୁଯୋଗକୁ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଘଟାଇବାରେ ବ୍ୟବହାର କରନ୍ତୁ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସୁଗର୍ ଫିଟ୍‌ର ସହ ପ୍ରତିଷ୍ଠାତା ଶିଭତୋଷ କୁମାର କହିଥିଲେ, ସତ୍ୟ ଉଦ୍ୟମଶୀଳତା କେବଳ ଗୋଟିଏ ପ୍ରଡକ୍ଟ ଲଞ୍ଚ କରିବା ନୁହେଁ; ଏହା ସମାଜକୁ ଉପକାର କରୁଥିବା ସମାଧାନ ଗଢ଼ିବାରେ ମନୋନିବେଶ। ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ନିଜକୁ ପଚାରନ୍ତୁବଜାରରେ ଏହାର ପ୍ରୟୋଜନ ଅଛି କି? ଏହା ଲୋକମାନଙ୍କୁ ସହଯୋଗ କରିବ କି? ଏବଂ ଏହା ସସ୍ତାୟୀ କି?। ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏଭିପି ଫାଇନାନ୍ସ ଓ ୟୋରନେଷ୍ଟ କ୍ୟାପିଟାଲର ରଜତ ଚାଓଲା କହିଥିଲେ ଯେ ଭେନଚର୍ସ କ୍ୟାପିଟାଲ୍‌କୁ ବୁଝିବା ଏବଂ ସେଥିପାଇଁ ଉଚିତ ବ୍ୟାପାର ମୋଡେଲ୍ ସହ ସମନ୍ୱୟ କରିବା ଅତି ଆବଶ୍ୟକ। ଆସନ୍ତା ଦଶକରେ ସମ୍ବଲପୁରର ଛାତ୍ରଛାତ୍ରୀ ଗ୍ଲୋବାଲ୍ ସ୍ତରରେ ପ୍ରଶଂସା ଅର୍ଜନ କରିପାରୁଥିବା ପ୍ରଡକ୍ଟ ତିଆରିରେ ଅଗ୍ରଣୀ ହେବେ। ଆଇ-ହବ୍‌ର ଭବିଷ୍ୟତ ଯୋଜନା ବିଷୟରେ ଆଇଆଇଏମ୍ ସମ୍ବଲପୁରର ଇନ୍କ୍ୟୁବେସନ୍ ଅଧକ୍ଷ ଦିବାହର ସୁନ୍ଦର ନାଦାର କହିଥିଲ୍ ଯେ, ଆଇ-ହବ୍ ବିଜନେସ୍ କ୍ଲିନିକ୍, ମହିଳା ଇନ୍କ୍ୟୁବେସନ୍ ପ୍ରୋଗ୍ରାମ୍, ସହିତ ଏକ ବିଶେଷ ମାଷ୍ଟରପିସ୍ ଇନ୍କ୍ୟୁବେସନ୍ ପ୍ରୋଗ୍ରାମ୍ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏହା ସହିତ ସହିତ, ଗ୍ରାସରୁଟ୍ସ ଇନୋଭେଟର୍ ଏବଂ ଷ୍ଟାର୍ଟଅପ୍‌ମାନଙ୍କୁ ସଶକ୍ତ କରିବା ପାଇଁ ଅନ୍ୟାନ୍ୟ ଅନେକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ଗତ ବର୍ଷରେ ଆଇହବ୍ ଫାଉଣ୍ଡେସନ ୮୦ରୁ ଅଧିକ ମେଣ୍ଟରଶିପ୍ ସେସନ୍, ୩୦ ମାଷ୍ଟରକ୍ଲାସ୍ ଆୟୋଜନ କରିବା ସହିତ ମିଲେଟ୍ ଚାଷ, ଗ୍ରାମ୍ୟ ମହିଳାଙ୍କ ପାଇଁ ପୁନଃବ୍ୟବହାର ଯୋଗ୍ୟ ସାନିଟାରି ପ୍ରୋଡକ୍ଟ, ମାଷ୍ଟର ବୁଣାକାରଙ୍କୁ ସଶକ୍ତ କରିବା, ଏବଂ ଶିଶୁସେବା ସହିତ ଜଡିତ ୨୭ଟି ଷ୍ଟାର୍ଟଅପ୍‌କୁ ସମର୍ଥନ କରିଛି। ଏହି ପଦକ୍ଷେପ ଗ୍ରାସରୁଟ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ସକ୍ରିୟ ଭାବେ ପରିବର୍ତ୍ତନ କରୁଛି।




ପୂଜାର୍ଚ୍ଚନା କରି ପଠାଇଲେ ଧାନଗାଡ଼ି, ମିଲର୍ ଖୋଲିଲାନି ଫାଟକ

# କଲରାପତରିଆ ବାଘ ଆତଙ୍କ



**ରେଢ଼ାଖୋଲ, ୨୯ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ବୁର୍ଡା ବଡମାଳ ଅଞ୍ଚଳରେ କଲରାପତରିଆ ବାଘ ଆତଙ୍କ ଯୋଗଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରରୁ ବୁର୍ଡାକୁ ଯାଇଥିବା ରାସ୍ତାରେ ସକାଳେ ଏକ କଲରାପତରିଆ ବାଘ ରାସ୍ତା ପାର ହେଉଥିବାର ଦୃଶ୍ୟ ରାସ୍ତାରେ ଯାଉଥିବା ଲୋକମାନେ ଦେଖିଥିଲେ।ଏ ସମ୍ପର୍କରେ ବନ ବିଭାଗ ଖବର ପାଇଲା ପରେ ଘଟଣାସ୍ଥଳକୁ ଯାଇ ବାଘର ପାଦ ଚିହ୍ନଟ କରିଥିବା ଜଣାପଡ଼ିଛି। ପ୍ରକାଶ ଥାଇ କି କିଛି ଦିନ ପୂର୍ବରୁ ବୁର୍ଡା ପଞ୍ଚାୟତ ବନ୍ତୋଲେଇ ଗ୍ରାମରେ ଏକ କଲରାପତରିଆ ବାଘ ଗାଈକୁ ମାରି ଖାଇଥିବା ଖବର ପ୍ରକାଶ ପାଇଥିଲା। ଏଥିରେ ବାଘର ଗତିବିଧି ଉପରେ ନଜର ରଖିଛି ବନ ବିଭାଗ, ଏହା ସହିତ ଗ୍ରାମବାସୀଙ୍କୁ ଡ଼ାକବାଜି ଯନ୍ତ୍ର ଜରିଆରେ ସତର୍କ କରାଯିବ ବୋଲି ବନବିଭାଗ ପକ୍ଷରୁ ରେଢାଖୋଲ ରେଞ୍ଜର ରେଞ୍ଜର ମୈତ୍ରୀ ମଞ୍ଜରୀ ବିଶ୍ୱାଳ କହିଛନ୍ତି।

# ବୁର୍ଲା ଡିଏଭିରେ ରକ୍ତଦାନ ଶିବିର



**ସମ୍ବଲପୁର, ୨୯।୧୧ (ସମିସ):** ବୁର୍ଲା ଏମସିଏଲସ୍ଥିତ ଡିଏଭି ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଜେନେରାଲ ମ୍ୟାନେଜର ମାନବ ସମ୍ବଳ ଏମସିଏଲର ଜଗବନ୍ଧୁ ବେହେରା ଓ ସମ୍ମାନୀତ ଅତିଥି ଭାବେ ସିନିୟର ମ୍ୟାନେଜର ଅଜୟ ମୁକୁଳ ଟୋପୋ ଯୋଗ ଦେଇଥିଲେ। ଅତିଥିଙ୍କୁ ବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ ସ୍ୱାଗତ କରିଥିଲେ। ଶିବିରକୁ ବୁର୍ଲା ରକ୍ତ ଭଣ୍ଡାରର ମେଡିକାଲ ଅଫିସର ଡ. ଡୋଲି ଛନ୍ଦ, ଜନସମ୍ପର୍କ ଅଧିକାରୀ ଦେବାଶିଷ ମିଶ୍ର ଓ ତାଙ୍କ ଟିମ ପରିଚାଳନା କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଦ୍ୟାଳୟ ଅଧକ୍ଷଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ରକ୍ତ ଦାନ କରିଥିଲେ। ଶିକ୍ଷାନୁଷ୍ଠାନରେ କେବଳ ଆନୁଷ୍ଠାନିକ ଶିକ୍ଷା ପାଇଁ ନୁହେ, ବରଂ ସମାଜ ପାଇଁ ଏକ ଆଦର୍ଶ ସଚେତନା ବାର୍ତ୍ତା ନେଇ ସମସ୍ତେ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟମହଲରେ ପ୍ରଶଂସା କରାଯାଇଛି।

# ବଡ଼ରମାଘାଟି ରାସ୍ତା କଡରେ ଖାଲ

**ଜମନକିରା, ୨୯ ।୧୧(ସମିସ):** ଜାତୀୟ ରାଜପଥ ଉନ୍ନତୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ରାସ୍ତା ସୁଧୁରିବାର ନା ଧରୁନି। କାରଣ କିଛି ଅସାଧୁ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ କେଉଁଠି ରହିଛି ଯେ ପ୍ରତି ଦିନ ରାସ୍ତା ଉପରେ ମୁଣ୍ଡ ଗଡୁଛି। ମୃତ୍ୟୁ ଶୂନ୍ୟ ସପ୍ତାହ ଚାଲି ଥିବା ବେଳେ ରାସ୍ତାର ଦୂରବସ୍ଥା ବିଷୟରେ ବୁଝିବାକୁ କାହାରି ସମୟ ନାହିଁ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳୁଛି ବମ୍ବେ କଲିକତା



ରାସ୍ତାର ସମ୍ବଲପୁର ଜିଲ୍ଲା ବଡ଼ରମା ଘାଟି ରାସ୍ତା କଡ଼ରେ ବିଛା ହୋଇଛି ମୃତ୍ୟୁଯନ୍ତା। ଏକ ସପ୍ତାହ ହେବ ସମ୍ବଲପୁର ବଡ଼ରମା ଘାଟି ଚଢିବା ପ୍ରଥମ ଉଠାଣି ରାସ୍ତା କଡରେ ପ୍ରାୟ ୨ ଫୁଟ ରାସ୍ତା କଡରେ ଖାଲ ହୋଇ ଥିବା ବେଳେ ସେଠାରେ ବିଭାଗ ପକ୍ଷରୁ ମାଟି ମୁଠାଏ ବି ପଡୁ ନାହିଁ। ଯାହା ଫଳରେ ଗାଡ଼ି ମାଲିକ ସହ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି

## ■ ଆଦର୍ଶ ବିଦ୍ୟାଳୟର ଛାତ୍ରବୃତ୍ତି ଓ ଧାନମଣ୍ଡି ଅବ୍ୟବସ୍ଥା

# ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ବିଜେଡି ପ୍ରତିନିଧି

**ସମ୍ବଲପୁର, ୨୯।୧୧ (ସମିସ) :** ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲ୍ଲାପାଳଙ୍କ ସହ ଆଦର୍ଶ ବିଦ୍ୟାଳୟର ଛାତ୍ରବୃତ୍ତି ବନ୍ଦ ରହିଥିବା ଓ ଧାନମଣ୍ଡିରେ ଅବ୍ୟବସ୍ଥାର ସମାଧାନ ପାଇଁ ଆଲୋଚନା କରିଛନ୍ତି। ଉତ୍ତମ ପରିବେଶ ଓ ସିବିଏସସି ପାଠ୍ୟକ୍ରମ ନେଇ ଆରମ୍ଭ ହୋଇଥିବା ଆଦର୍ଶ ବିଦ୍ୟାଳୟ ଗରିବ ପରିବାରର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସୃଷ୍ଟି କରିଥିଲା ଏକ ସୁଯୋଗ। ଅଢ଼େଇ ଲକ୍ଷରୁ କମ୍ ଆୟ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ମିଳିଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେମାନଙ୍କ ଛାତ୍ର ବୃତ୍ତି ବନ୍ଦ ରହିଛି, ସେପ୍ଟେମ୍ବର ମାସରେ ହେବାକୁଥିବା ବୃତ୍ତି ପରୀକ୍ଷା ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଷ୍ଠିତ ନହେବା ଯୋଗୁଁ ବର୍ତ୍ତମାନ ଅନିଶ୍ଚିତତାରେ ବିଦ୍ୟାର୍ଥୀ। ଏହାସହ ଓଡ଼ିଶାର ୩୧୫ ସ୍କୁଲରେ ୭୦୩୬ ଜଣ ଶିକ୍ଷକ ପଦବୀ ଥିବାବେଳେ ୨୪୬୬ ଶିକ୍ଷକ, ୨୬୧ ଅଧକ୍ଷ ପଦବୀ ଖାଲି ରହିଥିବା ଦିଗରେ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହିତ ସମ୍ବଲପୁର ଜିଲ୍ଲାରେ ଚାଷୀମାନେ ସାମ୍ନା କରୁଥିବା ଅବ୍ୟବସ୍ଥା, ରାତି ଅଧରେ ଟୋକନ ପ୍ରଦାନ, ମଣ୍ଡି ଖୋଲିବା ଦିନ ୨୮ ତାରିଖରେ ଧାନ ନଉଠିବା ଓ ଚାଷୀ ମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାସହ ମଣ୍ଡି ସୁବ୍ୟବସ୍ଥିତ କରିବା ପାଇଁ ଆଲୋଚନା କରାଯାଇଥିଲା। ଧାନ ମଣ୍ଡି ସମସ୍ୟା ସମାଧାନ କରାଯାଇ ଆଜି ଧାନ ଉଠିବା ପାଇଁ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରକାଶ କରିଥିଲେ। ବିଜୁ ଜନତା ଦଳର ପ୍ରତିନିଧି ଦଳରେ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଛାତ୍ର ବିଜେଡି ଜୋନ ସଭାପତି ମିଳନ ହୋତା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ଦୁର୍ଯ୍ୟ ମହାନ୍ତି, ସଂଖ୍ୟାଲଘୁ ସେଲ ପୂର୍ବତନ ସଭାପତି ଜାଫର ଅଲି ଖାଁ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଶୁଭମ୍ ସାହୁ, ଜିତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଅବହେଳାରୁ ନବଜାତର ମୃତ୍ୟୁ ଅଭିଯୋଗ

**ଯୁଯୋମୁରା, ୨୯।୧୧ (ସମିସ):** ଯୁଯୋମୁରାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ମୁତାବକ ଅଇଲାଝରଣ ଗାଁର ସତ୍ୟାନନ୍ଦ ବିଶ୍ୱାଳଙ୍କ ପତ୍ନୀଙ୍କ ପ୍ରସବ ବେଦନା ହେବାରୁ ଶୁକ୍ରବାର ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଯୁଯୋମୁରାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ପାଇଁ ନେଉଥିଲେ। ବାଟରେ ତାଙ୍କ ପତ୍ନୀ ସୌଦାମିନୀ ବିଶ୍ୱାଳ ଏକ ଶିଶୁ ପୁତ୍ରକୁ ଜନ୍ମ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚିବା ପରେ ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରି ୱାର୍ଡରେ ଭର୍ତ୍ତି କରାଇଥିଲେ। ହେଲେ କାର୍ଯ୍ୟରତ ଦୁଇଜଣ ନର୍ସ ଉକ୍ତ ପ୍ରସବ ମହିଳାଙ୍କୁ ତମର ଛୁଆର ସ୍ୱାସ୍ଥ୍ୟ ଭଲ ଅଛି କହି ପ୍ରସବ ମହିଳା ଏବଂ ନବଜାତ ଶିଶୁକୁ ଘରକୁ ଯିବା ପାଇଁ କହିଥିଲେ। ସନ୍ଧ୍ୟାରେ ସେମାନେ ଶିଶୁକୁ ନେଇ ଘରକୁ ଗଲେ। ହେଲେ ଆଜି ଶିଶୁପୁତ୍ରର ସ୍ୱାସ୍ଥ୍ୟ ଅଚାନକ ଖରାପ ହେବାରୁ ପୁଣି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶିଶୁର ପରୀକ୍ଷା ସକାଶେ ଆସିଥିବା ବେଳେ ଡାକ୍ତର ଶିଶୁର ଉପଚାର କରିନପାରି ସମ୍ବଲପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ସେଠାରେ ଡାକ୍ତର ଶିଶୁର ୪ ଘଣ୍ଟା ପୂର୍ବରୁ ମୃତ୍ୟୁ ହୋଇଥିବା ପ୍ରକାଶ କରିଛନ୍ତି। ଉଭୟ ନର୍ସ ଏବଂ ଡାକ୍ତରଙ୍କ ଅବହେଳା ଯୋଗୁଁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବାସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ଭବନ ସଂହିତା ଉପରେ ତାଲିମ ଶିବିର

**ସମ୍ବଲପୁର, ୨୯।୧୧(ସମିସ):** ସମ୍ବଲପୁର ମହାନଗର ନିଗମ ପ୍ରେକ୍ଷାଳୟରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ଓ ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଏବଂ ରାଜ୍ୟ ଡେଜିଗନେଟେଡ୍



ଏଜେନ୍ସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ସ୍ଥାୟୀ ଭବନ ସଂହିତା (ଇସିଏସ୍‌ବିସି) ସେଲ୍ଫ ପକ୍ଷରୁ ୨୮ ଓ ୨୯ ତାରିଖ ଦୁଇଦିନିଆ ତାଲିମ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ଏନ୍ଏସି ରେଢ଼ାଖୋଲ ଓ କୁଚିଣ୍ଡା, ଟିପିଡବ୍ଲୁଓଡିଏଲ୍, ଇଡ୍‌କୋ, ପୂର୍ତ୍ତ ବିଭାଗ, ଭିସୁଟ୍ ଏବଂ ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାନଗର ନିଗମ ଅତିରିକ୍ତ କମିଶନର ସରୋଜିନୀ କୁଲୁ, ଡେପୁଟି କମିଶନର ଭିକ୍ଟର ସୋରେଙ୍ଗ, ଅତିରିକ୍ତ ସିଟି ଇଞ୍ଜିନିୟର ପ୍ରଫୁଲ୍ଲ ରାଇତ, ଅତିରିକ୍ତ ମୁଖ୍ୟ ଇଞ୍ଜିନିୟର (ବିଦ୍ୟୁତ) ଓ ବୈଦ୍ୟୁତିକ ନିରୀକ୍ଷକ, ସମ୍ବଲପୁର ଗଣନାଥ ଦାସ ଏବଂ ଶକ୍ତି ଦକ୍ଷତା ବ୍ୟୁରୋ ପକ୍ଷରୁ ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦାର ଏବଂ ଡଃ ସୟଦ ମୋୟାଜମ ଅଲିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର ଶ୍ରୀ ପୋଦାର ଏବଂ ଡଃ ଅଲିଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟିକ ଏବଂ ଆବାସିକ କୋଡ୍ ପାଇଁ ଇସିଏସବିସି କୋଡ୍ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ପାୱାର୍ ସିମୁଲେସନ୍ ସଫ୍ଟୱେର୍ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ରାଜ୍ୟ ଶକ୍ତି ବିଭାଗ ଦ୍ୱାରା ୨୦୨୨ ରେ ଅଧିସୂଚିତ ଓଡ଼ିଶା ଶକ୍ତି ବିଲ୍ଡିଂ ସଂରକ୍ଷଣ କୋଡ୍ (ଓଇସିବିସି) ସଂଶୋଧନ କରିବା ପାଇଁ ଏନର୍ଜି ଆଫିସିଏନ୍ସି ବ୍ୟୁରୋ ଦ୍ୱାରା ପ୍ରକାଶିତ ଇସିଏସବିସି କୋଡର ବର୍ତ୍ତମାନର ସମୀକ୍ଷା ସହିତ ସମନ୍ୱିତ।

# ଧନକଉଡ଼ା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ସମ୍ବଲପୁର, ୨୯।୧୧ (ସମିସ) :** ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବୁର୍ଲାଠାରେ ଧନକଉଡ଼ା ବ୍ଲକସ୍ତରୀୟ ବିଜ୍ଞାନ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସହିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି, ଭିସୁଟ୍ ବୁର୍ଲାର ପ୍ରଫେସର ସଞ୍ଜୟ କୁମାର ପାତ୍ର ମୁଖ୍ୟବକ୍ତା ଏବଂ ପୁରାତନ ଛାତ୍ରସଂସଦର ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧନକଉଡ଼ା ବ୍ଲକ ବିଆରସିସି ରମେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପୃଷ୍ଟି ଓ ଶିକ୍ଷକ ଅସୀମ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

ବିଜ୍ଞାନ ପ୍ରଦର୍ଶନୀରେ ୨୧୦ଟି ବିଜ୍ଞାନ ପ୍ରକଳ୍ପ, ୩୫ଟି ଇକୋ କ୍ଲବ୍ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୁଇଜରେ ୪୫ ଜଣ ଏବଂ ସେମିନାରରେ ୧୧ ଜଣ ଛାତ୍ରଛାତ୍ରୀ




ଭାଗ ନେଇଥିଲେ। ବିଭିନ୍ନ ସବ୍‌ଥିମ୍ ଅନୁସାରେ ଜୁନିଅର, ସବ୍‌ଜୁନିଅର ଏବଂ ସିନିଅର୍ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭିମସାର ବୁର୍ଲାର ପ୍ରଫେସର ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ଅଜୟ କୁମାର ବେହେରା ମୁଖ୍ୟବକ୍ତା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜିଏମ୍‌ୟୁରେ 'ପ୍ରାଚୀନ ଭାରତର ଲୋକତନ୍ତ୍ର ଓ ଶାସନ ପ୍ରଣାଳୀ' ଶୀର୍ଷକ ବ୍ୟାଖ୍ୟାନ

**ସମ୍ବଲପୁର, ୨୯।୧୧(ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ଅଧୀନ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଏଣ୍ଡ ଗଭର୍ଣ୍ଣାନ୍ସ ପକ୍ଷରୁ 'ପ୍ରାଚୀନ ଭାରତର ଲୋକତନ୍ତ୍ର ଓ ଶାସନ ପ୍ରଣାଳୀ' ଶୀର୍ଷକ ବିଶେଷ ବ୍ୟାଖ୍ୟାନ ଶନିବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଏବଂ ବକ୍ତା ଭାବେ ଅଞ୍ଚଳ କଲେଜ, ପଦମପୁର ଶିକ୍ଷା ବିଭାଗର ପ୍ରଫେସର ଡ.ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ଡଃ ପଣ୍ଡା ନିଜ ବକ୍ତବ୍ୟରେ ଆଧୁନିକ ଭାରତର ଲୋକତନ୍ତ୍ରୀୟ ସଫଳତାର ପଛରେ ଗଭୀର ପ୍ରାଚୀନ ପରମ୍ପରା ରହିଛି ଏବଂ ଭାରତକୁ ଯଥାର୍ଥ ଭାବରେ 'ଲୋକତନ୍ତ୍ରର ଜନନୀ' କୁହାଯାଏ ବୋଲି କହିଥିଲେ। ସେ ବୈଦିକ ଯୁଗରୁ ଆରମ୍ଭ କରି ରିଗ୍‌ବେଦର 'ସମ୍ ଗଚ୍ଛଧ୍ୱମ୍, ସମ୍ ବଦଧ୍ୱମ୍' ଭଳି ମନ୍ତ୍ର ସାମୂହିକ ଚିନ୍ତା ଓ ମିଳିତ ଉଦ୍ୟମର ଲୋକତନ୍ତ୍ରୀୟ ମୂଲ୍ୟକୁ ପ୍ରତିପାଦନ କରିଥିଲା। ସେ କହିଲେ ଯେ ପ୍ରାଚୀନ ଭାରତରେ 'ସଭା', 'ସମିତି' ଓ 'ସଂସଦ' ଭଳି ପ୍ରତିନିଧିମୂଳକ ମଞ୍ଚ ଚାଲୁଥିଲା, ଯାହା ବିଶ୍ୱରେ ସବୁଠୁ ପୁରୁଣା ଲୋକତନ୍ତ୍ରୀୟ ଗଠନଗୁଡ଼ିକ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ। ରାମାୟଣରେ ଦଶରଥଙ୍କ ଦ୍ୱାରା ମନ୍ତ୍ରିମଣ୍ଡଳ ଓ ଜନପ୍ରତିନିଧିଙ୍କ ସମ୍ମତି ସହ ରାମଙ୍କୁ ରାଜା ଭାବେ ବଛାଯାଇଥିବା ଘଟଣାକୁ ସେ ଜନମତର ସର୍ବୋଚ୍ଚ ଗୁରୁତ୍ୱର ପ୍ରମାଣ ଭାବେ ବ୍ୟାଖ୍ୟା କଲେ। ମହାଭାରତରେ ଭୀଷ୍ମଙ୍କ ଶାସନ-ନୀତି, ପ୍ରଜାସୁଖ, ନ୍ୟାୟ ଓ ନୀତିଗତ ଶାସନ ଉପରେ ଦିଆ ଉପଦେଶକୁ ସେ ପ୍ରାଚୀନ ଭାରତୀୟ ଶାସନ ପ୍ରଣାଳୀର ଭିତ୍ତି ଭାବେ ଚିହ୍ନଟ କଲେ। ସେ ବକ୍ତବ୍ୟରେ କହିଲେ ଯେ ଜୈନ ଧର୍ମର 'ଅନେକାନ୍ତବାଦ' ଓ ବୌଦ୍ଧ ସଂଘରେ ଖୋଲା ଆଲୋଚନା, ତର୍କ ଓ ମତାଧିକ୍ୟ ଆଧାରିତ ନିଷ୍ପତ୍ତି ପ୍ରକ୍ରିୟା ଲୋକତନ୍ତ୍ରୀୟ ପ୍ରଣାଳୀକୁ ଗଭୀର




ଭାବରେ ପ୍ରଭାବିତ କରିଥିଲା। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର 'ପ୍ରଜାସୁଖେ ସୁଖଂ ରାଜ୍ୟଃ' ଉକ୍ତିକୁ ସେ ଉଦ୍ଧୃତ କରି କହିଲେ ଯେ ପ୍ରାଚୀନ ଭାରତରେ ରାଜାଙ୍କ ସୁଖ ପ୍ରଜାଙ୍କ ସୁଖରେ ବସିଥାଏ, ଯାହା ଶାସନୀୟ ଦାୟିତ୍ୱ ବୋଧର ସର୍ବୋତ୍ତମ ଉଦାହରଣ ବୋଲି ଉଲ୍ଲେଖ କରିଥିଲେ। ଡଃ ପଣ୍ଡା ଆହୁରି କହିଲେ ଯେ ମେଗାସ୍ଥନିଜ୍ ଓ ଦିଓଡୋରସ୍ ଭଳି ବିଦେଶୀ ଇତିହାସକାରମାନେ ଭାରତର ସମାନତାମୂଳକ ସମାଜ ଓ ଦାସପ୍ରଥାର ଅଭାବକୁ ଉଲ୍ଲେଖ କରିଛନ୍ତି, ଯାହା ତାଲାଣ୍ଡା ଉନ୍ନତ ସଭ୍ୟତାର ପ୍ରମାଣ। ଅଶୋକଙ୍କ ଶାସନରେ ଆଇନଗତ ସମାନତା, ଧର୍ମ, ନୀତିକତା ଓ ଜନକଲ୍ୟାଣକୁ ଯେପରି ଗୁରୁତ୍ୱ ଦିଆଯାଇଥିଲା, ସେଥିକୁ ସେ ଆଧୁନିକ ଭାରତୀୟ ଲୋକତନ୍ତ୍ରର ପ୍ରାଣଭିତ୍ତି ଭାବେ ଉପସ୍ଥାପନ କଲେ। ସେ ଭାରତ ଓ ପାଶ୍ଚାତ୍ୟ ସଭ୍ୟତା ଭିତରେ ପାର୍ଥକ୍ୟ ଦର୍ଶାଇ ଭାରତର ସଭ୍ୟତା ଉଚ୍ଚ ଓ ବୃହତ ବୋଲି କହିଥିଲେ।

ଏହାପରେ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଏଣ୍ଡ ଗଭର୍ନାନ୍ସ ତରଫରୁ ଅତିଥିଙ୍କ ଦ୍ୱାରା କାର୍ଯ୍ୟପତ୍ର ଉନ୍ମୋଚନ କରାଗଲା। ଏହାର ବିସ୍ତୃତ ବିବରଣୀ ଅର୍ଥନୀତି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡି.ପି ପ୍ରିୟଦର୍ଶୀ ଯୋଶୀ ଉପସ୍ଥାପନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବୈଦାର ଆଲୋଚନାଚକ୍ରକୁ ପରିଚାଳିତ କରିଥିଲେ। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ତଥା ଅର୍ଥନୀତି ବିଭାଗ ମୁଖ୍ୟ ଡଃ ଉମା ଚରଣ ପତି ପ୍ରାଚୀନ ଭାରତର ଲୋକତନ୍ତ୍ର ଓ ଶାସନ ପ୍ରଣାଳୀ ର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ କେଶବ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ପିଜି କାଉନସିଲ ଅଧକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଉଭୟ ବିଭାଗର ଫେକଲ୍‌ଟି ଡଃ ବନିତା ମହାନନ୍ଦିଆ, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା, ଡଃ ସୁରଜ ବଡ଼ାଇକ, ଡଃ ମୁରଲିଧର ମାଝୀ, ଡଃ ତାପସ ପୟର, ଆନନ୍ଦ ମେହେର, ଅକ୍ଷୟ କୁମାର ଜେନା ଓ ଉଭୟ ବିଭାଗର ଗବେଷକ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅନୁରଞ୍ଜନ ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ କଳାବ୍ୟାଜ୍ ପରିଧାନ




**ଅମ୍ବାଭୋନା, ୨୯।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅମ୍ବାଭୋନାର ଶିକ୍ଷକ, ଶିକ୍ଷୟିତ୍ରୀମାନେ କଳା ବ୍ୟାଜ୍ ପରିଧାନ ପୂର୍ବକ ଶାନ୍ତି ପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅମ୍ବାଭୋନାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ଦୀନେଶ ବିଶ୍ୱାଳଙ୍କ କହିବା ଅନୁଯାୟୀ ରାଜ୍ୟର ୩୧୪ ଟି ଆଦର୍ଶ ବିଦ୍ୟାଳୟର ଶିକ୍ଷକଙ୍କ ସ୍ୱର ଆଜି ଗୋଟିଏ ସ୍ୱର ପାଲଟିଛି। ଆଜିକୁ ଷଷ୍ଠ ଦିନରେ ଧାରଣା ଚାଲିଥିବା ବେଳେ ସରକାର ଏପର୍ଯ୍ୟନ୍ତ କୌଣସି କର୍ଣ୍ଣପାତ କରିନାହାନ୍ତି। ତେଣୁ ସମସ୍ତ ଆଦର୍ଶ ଶିକ୍ଷକ ସଂଘର ଶିକ୍ଷକମାନଙ୍କ ମନରେ ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ଘୋର ସଙ୍କଟରେ ଥିବା ସନ୍ଦେହ କରୁଛନ୍ତି। ଶିକ୍ଷକମାନଙ୍କ ଚାକିରି କାଳରେ କୌଣସି ସର୍ତ୍ତାବଳୀ କ୍ୟାଡରରୁଲ ନାହିଁ। ସଂଘର ୧୩ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧିଛନ୍ତି। ଧାରଣାରେ ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ବିଶ୍ୱାଳଙ୍କ ସମେତ ସୁଧାମୟ ତ୍ରିପାଠୀ, ସୁଶ୍ରୀ ସୁନ୍ଦର୍ଯ୍ୟା ଗଡ଼ତିଆ, ଗଙ୍ଗାରାମ ମିର୍ଦ୍ଧା, କୀର୍ତ୍ତି ଚନ୍ଦ୍ର ସରାଫ, ନିକେଶ ସାହୁ, ସୁଶୀଳ ନାୟକ, ମୁକେଶ ସାହୁ, ଆଦିତ୍ୟ ଭୁଏ, ଅଭିନାଶ ପଧାନ, ଦେବପ୍ରିୟା ତାଣ୍ଡି ଓ ମହେଶ୍ୱର ପଧାନ ପ୍ରମୁଖ ସାମିଲ ହୋଇଥିଲେ।

# ପାଇକମାଲ ବ୍ଲକ୍ ଲୋକ ମହୋତ୍ସବ

## ଲୁପ୍ତପ୍ରାୟ କଳାକାରଙ୍କୁ ଉଦ୍‌ଜୀବିତ ରଖିବା ପାଇଁ ପ୍ରୟାସ

**ବରଗଡ଼, ୨୯।୧୧(ସମିସ)**



ବରଗଡ଼ ଜିଲ୍ଲା ପଦ୍ମପୁର ଟାଉନ୍ କ୍ଲବ୍ ଦ୍ୱାରା ଆୟୋଜିତ ହେଉଥିବା ପଦ୍ମପୁର ଲୋକ ମହୋତ୍ସବ ଆନୁକୂଲ୍ୟରେ ପାଇକମାଳ ଠାରେ ବ୍ଲକସ୍ତରୀୟ ପାଇକମାଳ ଲୋକ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବୋଡାସମ୍ବର ଅଞ୍ଚଳର କଳା ଓ କଳାକାରଙ୍କୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ପଦ୍ମପୁର ଲୋକ ମହୋତ୍ସବ ଦ୍ୱାରା କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଛି। ପାଇକମାଳ ଗ୍ରାମାଞ୍ଚଳର କଳାକାରଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାରଙ୍କ ସମେତ ଲୁପ୍ତପ୍ରାୟ କଳାକାରଙ୍କୁ ଉଦ୍‌ଜିବିତ କରିରଖିବା ପାଇଁ ପ୍ରୟାସରେ ବିଭିନ୍ନ କଳା ପ୍ରଦର୍ଶନ କରୁଥିବା ୩୪ଟି ସାଂସ୍କୃତିକ ଦଳର ୨୭୬ ଜଣ ବରିଷ୍ଠ ଓ କନିଷ୍ଠ ମହିଳା ଓ ପୁରୁଷ କଳାକାର ଅଭିନୟ ପ୍ରଦାନ କରି ଯୋଗଦାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପାଇକମାଳ ଦୁର୍ଗା ମନ୍ଦିର ସମ୍ମୁଖରେ ସମସ୍ତ କଳାକାର ଓ ମହୋତ୍ସବ ପାଳନ କମିଟିର ସଦସ୍ୟ, ପଦ୍ମପୁର ଟାଉନ୍ କ୍ଲବ୍ ସଭାପତି ପ୍ରିତେଶ ବହିଦାର, ପଦ୍ମପୁର ଲୋକ ମହୋତ୍ସବ ପାଳନ କମିଟିର ଆବାହକ ଅଶୋକ ମିଶ୍ର, ଉପସଭାପତି ନରେଶ ସୁନ୍ଦର ସାହୁ ଯୋଗଦାନ ଦେଇ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ବାହାରି ମହୋତ୍ସବ ପାଳନ ସ୍ଥାନରେ ପହଞ୍ଚି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ପଦ୍ମପୁର ବୁଢ଼ାସମ୍ବର ଜମିଦାର ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସମେତ ପାଇକମାଳର ବିଶିଷ୍ଟ କଳାକାର ଚିତ୍ତରଞ୍ଜନ ସରାଫ, ପ୍ରେମ ସାଗର ଫୈଜଦାର, ତ୍ରିଲୋଚନ ମେହେର, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ, ଲମ୍ବୋଦର ପଣ୍ଡା, କୈଳାଶ ଦିଶି, ସୁଶାନ୍ତ ନାଗ, ଯୋଗେନ୍ଦ୍ର ଭୋଇ, ରୋଶନ ପାଣିଗ୍ରାହୀ, ବିକି ଅଗ୍ରୱାଲ, କେଶରଞ୍ଜନ ପ୍ରଧାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଳାକାର ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ନାଟ୍ୟକାର ଅଶୋକ ବହିଦାର ଓ ଲଳିତ ଜଗତ ଅତିଥି ସହ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ କଳାକାର ଲଳିତ ଜଗତ ଅପରାହ୍ନରେ ସମସ୍ତେ କଳାକାରଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ରାଜ୍ୟସ୍ତରୀୟ ଚଷା ମହାସମାଜ ପାଇଁ ପ୍ରସ୍ତୁତି ବୈଠକ

**ନାକଟିଦେଉଳ, ୨୯ ।୧୧(ସମିସ):** ନାକଟିଦେଉଳ ବ୍ଲକ ସାହେବି ଶିବମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ମହାସମାବେଶ ପାଇଁ ଚଷା ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ୧୪ଟି ପଞ୍ଚାୟତର ଚଷା ସମାଜ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରଥମେ ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା।ଚଷାଙ୍କ ଆର୍ଥିକ ଉନ୍ନତି, ଶିକ୍ଷାର ପ୍ରସାର ଓ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଡିସେମ୍ବର ମାସରେ ଅନୁଗୁଳ ଜିଲ୍ଲା ବାମୁର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚାଷୀ ମହାସମାବେଶକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା। ଚଷା ଭାଇମାନେ ଏକତ୍ରିତ ହେଲେ ଜାତି ଓ ସମାଜର ଉନତି ହେବା ସହିତ ଦେଶର ପ୍ରଗତି ହେବବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଚଷା ସମାଜର ଓଡ଼ିଶା ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନ, ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ରେଢ଼ାଖୋଲ ଚଷା ସମାଜର ପ୍ରତିନିଧି ଛବିଳ କୁମାର ପ୍ରଧାନ, ନାକଟିଦେଉଳ କଲେଜ ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୃଷ୍ଣ ସାହୁ, ପ୍ରମୋଦ କୁମାର ସାହୁ, ବିପିନ ପ୍ରଧାନ, ହରିହର ପ୍ରଧାନ, ନୀଳକଣ୍ଠ ପ୍ରଧାନ, ସୁଦାମ ପ୍ରଧାନ, ଭକ୍ତ ବଲ୍ଲଭ ପ୍ରଧାନ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ବ୍ଲକର ଶତାଧିକ ଲୋକ ଉପସ୍ଥିତ ଥିଲେ।ଶେଷରେ ସାଗର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## ସଂଯୁକ୍ତ କୃଷକ ସଂଗଠନ ଆଲୋଚନା ବୈଠକ

**ବରପାଲି, ୨୯।୧୧(ସମିସ):** ବରପାଲି ବ୍ଲକକୁମ୍ଭାରୀ ମାର୍କେଟ ୟାଡ ପରିସରରେ ସଂଯୁକ୍ତ କୃଷକ ସଂଗଠନର ବୈଠକରାଧେଶ୍ୟାମ ନାୟକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବୈଠକରେ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ଯୋଗ ଦେଇ ଧାନ କିଣା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟତଃ ସରକାର ସ୍ପଷ୍ଟକରନ୍ତୁ ଧାନ ଦର କେତେ ରହିବ, ଏକର ପ୍ରତି କେତେ କୁଇଣ୍ଟାଲ ଧାନ କିଣିବେ, ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନଙ୍କର ପଞ୍ଜୀକରଣ କେବେ ହେବ, ଗତ ବର୍ଷ ଯେଉଁ ପରିମାଣରେ ଧାନ ବିକ୍ରି ଅନୁମତି ମିଳିଥିଲା ଚଳିତ ବର୍ଷ କାହିଁକି ସେହି ଅନୁମତିକୁ କମ କରି ଦିଆଗଲା। ଜମି ତୁଳନାରେ କମ ପରିମାଣର ଟୋକନ ଏବଂ ଅନେକ ଚାଷୀଙ୍କ ଧାନ ବିକ୍ରି ଅନୁମତି ତାରିଖ ଜାନୁୟାରୀ ଶେଷ ସୁଦ୍ଧା ଅଛି ଯଦି ଜାନୁଆରୀରେ ଧାନ ବିକ୍ରି କରିବ ତାହା ହେଲେ ଧାନ ରଖିବା କେଉଁଠି ଏବଂ ଆବଶ୍ୟକ ଟଙ୍କା ତାହାକୁ ଦେବ କିଏ ? ଏଣୁ ଆମର ଏହି ଦାବି ତୁରନ୍ତ ସମାଧାନ କରାଯାଉ ନ ହେଲେ ବଡ ଧରଣର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସମ୍ବୋଧିତ କରିଥିଲେ। ପରେ ଉପସ୍ଥିତ ସମସ୍ତଙ୍କ ମିଳିତ ନିଷ୍ପତ୍ତି ଅନୁସାରେ ଆସନ୍ତା ସୋମବାର ଦିନ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବୈଠକରେ ସଭାପତି କାରଣ ସାହୁ, ସୁରେଶ ନିକେଣ୍ଟି, ଟେକରଜ ପଧାନ, ଟିକେଶ୍ୱର ଦେହେରି, ପ୍ରଫୁଲ୍ଲ ଭୋଇ, ଆଲ୍ଲାଦିନ ମାଝୀ, କୃଷ୍ଣ ଚନ୍ଦ୍ର ଭୋଇ, ହୃଷିକେଶ ବାରିକ, ଜୟପ୍ରତାବ ସାହୁ, ପ୍ରଶାନ୍ତ ସାହୁ, ନିର୍ମଳ ପଧାନ, ନିରଞ୍ଜନ ସାହୁ, ଦମ୍ବୁରୁଧର ପଧାନ, କମାଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗୁଣନିଧି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ

## ରିତେଶ ମେହେରଙ୍କୁ ରୌପ୍ୟ

**ବରଗଡ଼, ୨୯।୧୧(ସମିସ):** ଜାତୀୟ ପାରା ସୁଇମିଂ ଚମ୍ପିୟାନସିପରେ ରୋପ୍ୟ ପଦକ ହାସଲ କରି ବରଗଡ଼କୁ ଗୌରବ ଆଣିଲେ ଚକରକେନ୍ଦର ରିତେଶ ମେହେର। ହାଇଦ୍ରାବାଦ ଠାରେ ଅନୁଷ୍ଠିତ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ ଗତ ୧୫ ରୁ ୧୮ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ବରଗଡ଼ ଚକରକେନ୍ଦର ରୀତେଶ ମେହେର ସୁଇମିଂରେ ରୋପ୍ୟ ପଦକ ହାସଲ କରିଛନ୍ତି। ତାଙ୍କ ଆଖି ୭୦ ପ୍ରତିଶତ ଦେଖାଯାଉ ନ ଥିବା ବେଳେ ଛୋଟ ବେଳୁ ସେ ସୁଇମିଂରେ ରୁଚି ରଖିଥିଲେ।ବରଗଡ଼ ବ୍ଲକ ଚକରକେନ୍ଦର ରିତେଶଙ୍କ ବାପା ଧନୁ ମେହେର ଓ ତାଙ୍କ ମାଆ ଚାଷ କାର୍ଯ୍ୟ କରନ୍ତି। ରିତେଶ ରୌପ୍ୟ ପଦକ ହାସଲ କରିଥିବାରୁ ବରଗଡ଼ବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶନିବାର ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ରିତେଶ ତାଙ୍କ ପ୍ରାକ୍ଟିସ ପାଇଁ ସୁବିଧା ଯୋଗାଇବା ସହ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି।



## ସେଣ୍ଟ ଫ୍ରାନ୍ସିସ ସ୍କୁଲର ବାର୍ଷିକ ଉତ୍ସବ

**କୁଚିଣ୍ଡା, ୨୯ ।୧୧ (ସମିସ):** ବାମରା ମୁଣ୍ଡାଡ଼ିପାସ୍ଥିତ ସେଣ୍ଟ ଫାନ୍ସିସ ଡି ସେଲ ସ୍କୁଲର ବାର୍ଷିକ ଅଭିଭାବକ ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ରେ ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରା ଯୋଗ ଦେଇ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୋଏ ଯୋଗ ଦେଇ, ବର୍ତ୍ତମାନ ସମୟରେ ଗୁଣାତ୍ମକ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରି ଥିଲେ। ଫାଦର୍ ପିଟର କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଓ ରୁପମ ଖଣ୍ଡେଲୱାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସ୍କୁଲ ପ୍ରଶାସକ ଅମିତ୍ ତିର୍କି ଧନ୍ୟବାଦ୍ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସଚେତନତା ବାର୍ତ୍ତା ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ଷ୍ଟାଫ୍ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


### ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ

## ପଞ୍ଚମ ସନ୍ଧ୍ୟା ଅଷ୍ଟମଲ୍ଲ ନିହତ

**ଭେଡେନ, ୨୯।୧୧(ସମିସ):** ଭେଡେନ ବ୍ଲକ ଚିଚିଣ୍ଡା ଗାଁରେ ଚାଲୁଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶନିବାର ପଞ୍ଚମ ସନ୍ଧ୍ୟାରେ ଗୋପପୁରରେ କୃଷ୍ଣ ବଳରାମ ମାରିବା ପାଇଁ ମହାରାଜ କଂସ ଅଷ୍ଟମଲ୍ଲଙ୍କୁ ପ୍ରେରଣ ଯୁଦ୍ଧରେ ବେନି ଭାଇ ହାତେ ଷଡମଲ୍ଲ ନିହତ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ସେହିପରି ମଥୁରା ପୁରରେ ମହାରାଜ କଂସଙ୍କ ନଗର ପରିଭ୍ରମଣ, ରାଜ ଦରବାର, ଅଷ୍ଟମଲ୍ଲ ନିହତ ଖବର ପାଇ କଂସ ବିଚଳିତ ଓ ମହାରାଜ କଂସ ପାତ୍ର ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ରାଜଦରବାରରେ ଦେବର୍ଷି ନାରଦଙ୍କ ଆଗମନ ହୋଇଛି।ନାରଦଙ୍କ ପରାମର୍ଶକ୍ରମେ ମହାରାଜ କଂସଙ୍କ ମଗଧ ଆକ୍ରମଣ କରି ମଗଧ ସମ୍ରାଟ ଜରାସନ୍ଧ ସହିତ ଯୁଦ୍ଧ ହୋଇ ମଗଧ ସମ୍ରାଟ ଜରାସନ୍ଧ ପରାସ୍ତ ହୋଇଛନ୍ତି। ହେତି ପ୍ରହତୀ ସହ କଂସର ବିବାହ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ଯୋଗଦାନ କରିଥିଲେ।

## ସୁଦର୍ଶନ ମିଶ୍ରଙ୍କ ପରଲୋକ

**ବରଗଡ଼, ୨୯।୧୧(ସମିସ):** ସହରର ଜଣାଶୁଣା ପଣ୍ଡିତ ତଥା ଚଣ୍ଡୀ ପାଠକ ନରେଶ ମିଶ୍ରଙ୍କ ପିତା ସୁଦର୍ଶନ ମିଶ୍ରଙ୍କ ୯୨ ବର୍ଷ ବୟସରେ ମହାନ୍ତିପଡ଼ା ବାସଭବନରେ ପରଲୋକ ଘଟିଯାଇଛି। ଭେଡେନ ଥାନା ସିଆଳଖଣ୍ଡହଥା ପଞ୍ଚାୟତ କୁମୁରାପାଲି ତାଙ୍କ ପୈତୃକ ଗାଁ। ଶିକ୍ଷକତାରୁ ତାଙ୍କ କର୍ମମୟ ଜୀବନ ଆରମ୍ଭ କରି ଡୁଙ୍ଗୁରିପାଲି ବ୍ଲକ ସୁଖା ଗାଁରେ ଶିକ୍ଷକ ଭାବେ ତିନି ବର୍ଷ ରହିଥିଲେ। ପ୍ରାୟ ୭୦ ବର୍ଷ ତଳେ ସେ ବରଗଡ଼ ଆସି ଏକ ବ୍ୟବସାୟିକ ଅନୁଷ୍ଠାନ ସୁରେଶ ଟବାକୋରେ ମୁଖ୍ୟକିରାଣି ଚାକିରିରେ ଯୋଗ ଦେଇଥିଲେ।ଶୁକ୍ରବାର ଜୀରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜ୍ୟେଷ୍ଠ ପୁତ୍ର ହରିଶ ମିଶ୍ର ମୁଖାଗ୍ନି ଦେଇଥିଲେ।



# କ୍ରିଷ୍ଣା ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୫-୨୬

**ବରଗଡ଼, ୨୯।୧୧(ସମିସ)**

କ୍ରିଷ୍ଣା ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୫-୨୬ ପାଳିତ ହୋଇଯାଇଛି। କ୍ରିଷ୍ଣା ବିକାଶର ଛାତ୍ରଛାତ୍ରୀ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦରାଉଳ ଓ ସିନିୟର

### ୧୭ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବାର୍ଷିକ ବିବରଣୀ ପାଠ କରିବା ସହିତ ସର୍ବ ଭାରତୀୟସ୍ତରରେ ଛାତ୍ରଛାତ୍ରୀ କିପରି କୃତିତ୍ୱର ସହ ସଫଳତା ଅର୍ଜନ କରିଥିଲେ ସୂଚନା ପ୍ରଦାନ କରିଥିଲେ।ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ।ବିକାଶ ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ୍ ଡି ମୂରଳୀ କ୍ରିଷ୍ଣାଙ୍କ ମାର୍ଗଦର୍ଶନରେ ସର୍ବଭାରତୀୟସ୍ତରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇପାରିଛି ବୋଲି ମତ ଦେଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି ମୂରଲୀ କ୍ରିଷ୍ଣା ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ସମୂହ ଉନ୍ନତି ପାଇଁ କିଣ୍ଡର କସ୍‌ମସ୍ ମାଧ୍ୟମରେ ସେମାନଙ୍କର ବୃତିଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ସତତ ଯତ୍ନଶୀଳ ରହୁଛି ବୋଲି କହିଥିଲେ। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସବୁବେଳେ ଶିକ୍ଷା ବ୍ୟତିରେକ ଖେଳ, ଯୋଗ, ସଙ୍ଗୀତ, ନୃତ୍ୟ ଉପରେ ଅଧିକ ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ପଥରେ ଅଗ୍ରସର ହେଉଛି ବୋଲି ମତବ୍ୟକ୍ତ କରିଥିଲେ।ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡାଇରେକ୍ଟର ଟ୍ରୁ ଚେୟା ୟାରମ୍ୟାନ୍ ଲୋକେଶ ଦଶାରୀ କ୍ରିଷ୍ଣା ବିକାଶ ଅନୁଷ୍ଠାନ ଶିକ୍ଷା ସହିତ ଅତ୍ୟାଧୁନିକ ସହଜ ଲବ୍ଧ ଚିକିତ୍ସା ସୁବିଧା ଯୋଗାଇ ଦେଇ ଆସୁଛି ବୋଲି କହିଥିଲେ। ସଭାକାର୍ଯ୍ୟ ପରେ ୧୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୩୯ ଟି ନୃତ୍ୟରେ ସମ୍ବଲପୁରୀ, ଓଡିଶୀ, ଲାଉଣୀ, ଗୁଜୁରାଟୀ, ତେଲୁଗୁ ତଥା ଲୋକନୃତ୍ୟ ପରିବେଷିତ ହୋଇଥିଲା।ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ଗଣ ସ୍ମୃତିଫଳକ ଓ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ (ଏକାଡେମିକ୍) ଡ. ମନୋଜ ତ୍ରିପାଠୀ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ସମସ୍ତ ଅତିଥିଗଣଙ୍କୁ କ୍ରିଷ୍ଣା ବିକାଶର ପରିଚାଳନା କମିଟିର ସମସ୍ୟା ମାନେ ପୁଷ୍ପଗୁଚ୍ଛ, ସ୍ମୃତିଫଳକ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଚେୟାରମ୍ୟାନ ଶ୍ରୀ କ୍ରିଷ୍ଣା ସମସ୍ତ ଶିଶୁକଳାକାର, ତଥା ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡା, ଗୌତମରାଏ, ଚାନନ୍ଦ ମହାନନ୍ଦ, ରିଙ୍କୁ ସାହୁ ଓ ସଙ୍ଗୀତ ଶିକ୍ଷକ ନବ ଦତ୍ତ, ପ୍ରତିମା ସାହୁ, କୁଶ ଭୂୟାଁ, ଅମୂଲ୍ୟ ସିକନ୍ଦର ଓ କିଶୋର କୁଅଁର ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।କାର୍ଯ୍ୟକ୍ରମରେ ଟ୍ରଷ୍ଟି ରାମ ତୁଳସୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣରଥ, ବିକାଶ ଫାଷ୍ଟ ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ବିକାଶ ଇନଷ୍ଟିଚ୍ୟୁଟ୍ ଫର ସୋସିଆଲ୍ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ଓ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




### ବରଗଡ଼ ପୁସ୍ତକ ମେଳାର ନବମ ସନ୍ଧ୍ୟା

## ବିଦ୍ୟାସାଗର ଏକାଡେମୀର ସାଂସ୍କୃତିକ କାର୍ଯ୍ୟକ୍ରମ

**ବରଗଡ଼, ୨୯।୧୧(ସମିସ):** ଗାନ୍ଧୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ବିଦ୍ୟାସାଗର ଏକାଡେମୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସନ୍ତୋଷ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାସାଗର ଏକାଡେମୀର ଚେୟାରମ୍ୟାନ ବଳରାମ ବିଶି, ପ୍ରଶାସନିକ ନିର୍ଦ୍ଦେଶିକା ଶୁଭ୍ରନିତା ବିଶି, ଡାଇରେକଟର ଡ.ଜୟଦେବ ଭୋଇ, ସୁଧାମୟୀ ଭୋଇ ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର, ସିଏଚ୍‌ଏସଇ ଅଧ୍ୟକ୍ଷ ବିକାଶ ସେନ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶିକ୍ଷା ନୀତି, ଓଡିଶୀ, ବିହୁ, ଗରଭା ଓ ସମ୍ବଲପୁରୀ ନୃତ୍ୟ ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। ଶ୍ରୁତିଶିକ୍ଷା ତ୍ରିପାଠୀ, ଆଦିତ୍ୟ ପ୍ରସାଦ, ସମୀକ୍ଷା ପ୍ରଧାନ, ସୋନାକ୍ଷୀ ମଳିକ, ନନ୍ଦିନୀ କଠାର ଓ ବୈଶାଳି ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନୃତ୍ୟ ଶିକ୍ଷକ ତାପସକୁମ୍ଭାର ଓ ସୁଶୀଲ ବୁଧିଆଙ୍କ ତତ୍ତ୍ୱାବଧାନରେ ୮୦ ଜଣ ଛାତ୍ରଛାତ୍ରୀ ମଞ୍ଚରେ ପରିବେଷଣ କରିଥିଲେ। ଶେଷରେ ଗାନ୍ଧୀ ପାଠାଗାର ଦ୍ୱାରା ବିଦ୍ୟାସାଗର ଏକାଡେମୀକୁ ସମ୍ମାନିତ କରାଯାଇଥିଲା।




## ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ବ୍ୟାଖ୍ୟାନ



**ସମ୍ବଲପୁର, ୨୯।୧୧ (ସମିସ):** ସମ୍ବଲପୁର ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ଏବଂ ଚିନ୍ମୟ ମିଶନ୍‌ର ମିଳିତ ସହଯୋଗରେ ଶ୍ରୀମଦ୍ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ତଥା ପୁରୁଷୋତ୍ତମ ଯୋଗ ଉପରେ ଏକ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବ୍ୟାଖ୍ୟାନରେ ଆଲୋଚକ ଭାବରେ ଚିନ୍ମୟ ମିଶନ, ସମ୍ବଲପୁରର ସ୍ୱାମିନୀ ବିଷ୍ଣୁପ୍ରିୟା ନନ୍ଦ, କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସଭାପତିତ୍ୱ ଅଭିଭାଷଣରେ ଗୀତାକୁ ସମଗ୍ର ବିଶ୍ୱର ଏକ ମହାନ ଗ୍ରନ୍ଥ ଭାବେ ଅଭିହିତ କରିବା ସହିତ ଛାତ୍ରଛତ୍ରୀଙ୍କ ପାଇଁ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଆଲୋଚିକା ସ୍ୱାମିନୀ ନନ୍ଦ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରିବା ସହିତ ଏହାକୁ ବ୍ୟାଖ୍ୟାପୂର୍ବକ ସୃଷ୍ଟି, ଜୀବ- ପରମାତ୍ମା ଆଦି ପଞ୍ଚ-ପ୍ରକରଣ ଉପରେ ଆଲୋକପାତ କରିଥିଲେ ଏବଂ ପୁରୁଷୋତ୍ତମ ଯୋଗର ମହତ୍ତ୍ୱ ବୁଝାଇଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଚିନ୍ମୟ ମିଶନର କର୍ମକର୍ତ୍ତା ବିଶ୍ୱରଞ୍ଜନ ଜେନା, ବିନୟ କୁମାର ସୋନୀ ଓ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯ — ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯







# ବେତ ମାଣର ଜାଗା ନେଉଛି ବ୍ରାଇଡାଲ୍ ମାଣ

ଭୁବନେଶ୍ୱର, ୨୯ ।୧୧(ସମିସ): ଉତ୍କଳୀୟ ପରମ୍ପରାରେ ପ୍ରତିଟି ପୂଜା ପର୍ବର ସ୍ୱତନ୍ତ୍ର ପ୍ରାଧାନ୍ୟ ରହିଛି। ଠିକ୍ ଏହିପରି ମଧ୍ୟ ମାର୍ଗଶୀର ମାସ ଗୁରୁବାରରେ ମା ଲକ୍ଷ୍ମୀଙ୍କୁ ଆବାହନ କରାଯାଏ। ଏଥିପାଇଁ ପ୍ରତି ଘରେ ମାସର ଯେ କୌଣସି ଗୁରୁବାରରେ ମାଣ ମାଧ୍ୟମରେ ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା ହୋଇଥାଏ। ପୂର୍ବରୁ ବେତରେ ତିଆରି ହେଉଥିବା ମାଣ ପ୍ରତିଘରେ ଦେଖିବାକୁ ମିଳୁଥିଲା ହେଲେ ଏବେ ଏହି ମାଣର ଚାହିଦା ଆଉ ନାହିଁ। ଲୋକମାନେ ଏବେ କଂସା, ପିତ୍ତଳ ଆଦିରେ ତିଆରି ହୋଇଥିବା ମାଣରେ ମାଣ ବସାଯାଉଛି। ଫଳରେ ଦିନକୁ ଦିନ ବେତ ମାଣର ଗୁରୁତ୍ୱ କମିଯାଉଛି। ଏଥିସହିତ ବେତ ମାଣ ଶିଘ୍ର ଉଈ ଲାଗିବା ସହ ପୋକ କାଟୁଥିବାରୁ ଲୋକମାନେ ପିତ୍ତଳ ମାଣକୁ ଅଧିକ ପସନ୍ଦ କରୁଛନ୍ତି। ବର୍ଷ ବର୍ଷ ପଡ଼ି ରହିଲେ ମଧ୍ୟ ଏହି ମାଣକୁ ପୋକ କାଟିବ ନାହିଁ କି ମଧ୍ୟ ଲାଗିବ ନାହିଁ ଯେଉଁଥିପାଇଁ ଏହି ମାଣ ଏବେ ସମସ୍ତଙ୍କ ପସନ୍ଦ ପାଲଟିଛି।

ରାଜଧାନୀରେ ମଧ୍ୟ ମାଣବସାର ଗୁରୁତ୍ୱ ରହିଛି। ମହିଳାଙ୍କ ଚାହିଦାକୁ ଦେଖି ୟୁନିଟ୍-୧ରେ ଦୋକାନୀମାନେ ଗୁଜୁରାଟ ସମେତ ଅନ୍ୟ ରାଜ୍ୟରୁ ପିତ୍ତଳ, କଂସା ମାଣ ଆଣିଛନ୍ତି। ପିତ୍ତଳ ମାଣରେ ମା ଲକ୍ଷ୍ମୀଙ୍କ ମୂର୍ତ୍ତି ରହିଛି। ମାଣରେ ଧାନ ଦେଇ ସାଲୁକନା ଘୋଡ଼ାଇଲେ ତାହା ବ୍ରାଇଡ଼ାଲ ପରି ରହିବ। ଫଳରେ ଲୋକମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ମାଣ ଶହେ ଗ୍ରାମରୁ ନେଇ ଏକ କେଜି ପର୍ଯ୍ୟନ୍ତ ରହିଛି। ପିତ୍ତଳ ମାଣର ଦର ୨୫୦ ଟଙ୍କାରୁ ଆରମ୍ଭ ହୋଇ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଠିକ୍ ଏହିପରି ୟୁନିଟ୍ ୨ ମାର୍କେଟ ବିଲ୍ଡିଂ ପଟେ କାରିଗରମାନେ ବେତରେ ମାଣ ତିଆରି କରିଛନ୍ତି। ହେଲେ ଏହି ବେତ ମାଣ ୧ କେଜିରୁ ନେଇ ୨୫୦ ଗ୍ରାମ ପର୍ଯ୍ୟନ୍ତ ରହିଛି। ଏହାର ଦର ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦ ଟଙ୍କା ଭିତରେ ରହୁଛି। ବେତ ମାଣର ଦର କମ୍ ଏବଂ ତିଆରି କରିବା ପାଇଁ ତିନିଘଣ୍ଟା ସମୟ ଲାଗୁଛି। ହେଲେ କମ ଦର ଥିଲେ ବି ଲୋକମାନେ କିଣିବା ପାଇଁ କୁଣ୍ଠକୁଣ୍ଠ ହେଉଛନ୍ତି।





ପରମ୍ପରା ଅନୁସାରେ ବେତ ମାଣରେ ମାଣ ବସିବା କଥା ହେଲେ ଏବେ ବେତ ମାଣକୁ ପୋକ କାଟିଦଉଛନ୍ତି ଏବେ ଉଈ ଲାଗୁଛି। ଯେଉଁଥିପାଇଁ ପିତ୍ତଳମାଣ ପସନ୍ଦ ବୋଲି ସୁନ୍ଦରପଦାର ସ୍ୱାଗତିକା ରଥ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଘରେ ବେତ ମାଣ ସହିତ ପିତ୍ତଳ ମାଣ ରହିଛି; ହେଲେ ବେତ ମାଣ ପୁରୁଣା ହେବା ସହ ପୋକ କାଟିଦେଉଛନ୍ତି। ଏଥିପାଇଁ ସେ ପିତ୍ତଳ ମାଣ କିଣିବାକୁ ଆସିଛନ୍ତି ବୋଲି କହିଛନ୍ତି।





ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟନ ଅବସରରେ ଅତିଥିଗଣ ଓ ବିଶିଷ୍ଟ ସାହିତ୍ୟିକ

## ବଦଳି ଦାବିରେ ସପରିବାର ଆନ୍ଦୋଳନରେ ବସିଲେ ଶିକ୍ଷକ ଦମ୍ପତି



ଭୁବନେଶ୍ୱର, ୨୯ ।୧୧(ସମିସ): ବଦଳିରେ ଅହେତୁକ ବିଳମ୍ବ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତି। ପିଲାଛୁଆଙ୍କୁ ଧରି ସପରିବାର ଗାନ୍ଧିମାର୍ଗରେ ଧାରଣା ଦେଇଥିବାବେଳେ ସେମାନଙ୍କ ସହ ସରକାର ଅନ୍ୟାୟ କରୁଥିବା ଅଭିଯୋଗ କରିଛନ୍ତି। ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଶିକ୍ଷକ ଦମ୍ପତିଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ ଅନ୍ୟ ଶିକ୍ଷକଙ୍କର ବଦଳି ପ୍ରକ୍ରିୟା ଶେଷ ହୋଇଥିବାଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି। ଆବେଦନକୁ ଦୀର୍ଘ ୬ ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ତୁରନ୍ତ ସେମାନଙ୍କ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ଶିକ୍ଷକ ଦମ୍ପତିଙ୍କ ବଦଳିରେ ବିଳମ୍ବ ହେଉଥିବାରୁ ଦୁଇଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଦିନ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। (ବିଶ୍ୱଜିତ)

## ଉଦ୍ଦୀପନ: ତୁଳନାତ୍ମକ ସ୍ମାର୍ଟ ସହର ପ୍ରସ୍ତୁତି ନିମନ୍ତେ କିଶୋରଙ୍କୁ ପ୍ରୋତ୍ସାହନ



ଭୁବନେଶ୍ୱର, ୨୯।୧୧ (ସମିସ): ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆୱାର୍ସ! ଆଡୋଲେସେଂଟ୍‌ସ୍ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ଏକ ଉଲ୍ଲେଖନୀୟ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମେଫେୟାରକନ୍‌ଭେନ୍‌ସନରେଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିଶୋରମାନେ ଯୁବ ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ଭବିଷ୍ୟତ ନିମନ୍ତେ ସେମାନଙ୍କର ଚିନ୍ତାଧାରା ଓ ଦୂରଦୃଷ୍ଟି ବିନିମୟ କରିବାକୁ ସହରାଞ୍ଚଳ କର୍ତ୍ତୃପକ୍ଷ, ନୀତି ନିର୍ଦ୍ଧାରକ ଏବଂ ଯୋଜନା ପ୍ରସ୍ତୁତକାରୀଙ୍କ ସହିତ ନିୟୋଜିତ ରହିଥିଲେ। ଧରିତ୍ରୀ ପଟ୍ଟନାୟକ (ଫାଉଣ୍ଡର ଚେୟାରପର୍ସନ, ଏଚ୍‌ବିଟି) ଙ୍କ ଉଦ୍‌ବୋଧନରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସେ ସଂଗଠନର ଦଶନ୍ଧି ଧରି ଲକ୍ଷ୍ୟ ଓ ମୂଲ୍ୟବୋଧଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଗୃହ ନିର୍ମାଣମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବ-ଅନ୍ତର୍ଭୁକ୍ତିଭିତ୍ତିକ ସହରାଞ୍ଚଳ ବିକାଶ ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ। ସେ କହିଥିଲେ ଯେ କିଶୋରମାନେ କେବଳ ସହରଗୁଡ଼ିକର ବ୍ୟବହାରକାରୀ ନୁହନ୍ତି, ସେମାନେ ମଧ୍ୟ ଏହାର ସହ-ସ୍ରଷ୍ଟା। ସେମାନଙ୍କର ନିରୀକ୍ଷଣ ଏବଂ ଆକଳନ ଆମକୁ ସର୍ବସାଧାରଣ ସ୍ଥଳଗୁଡ଼ିକ କିଭଳି ସ୍ୱାସ୍ଥ୍ୟ, ନିରାପତ୍ତା, ଅନ୍ତର୍ଭୁକ୍ତି ଏବଂ କଲ୍ୟାଣକୁ ପ୍ରଭାବିତ କରେ ତାହା ବୁଝିବାରେ ସହାୟତା କରୁଛି। ଏହି କାର୍ଯ୍ୟକ୍ରମରେ ବିଏମସି କମିଶନର ଚଞ୍ଚଳ ରାଣା ମଧ୍ୟ ସାମିଲ ହୋଇଥିଲେ। ଶେଷରେ "ରିଇମାଜିନିଂ ସିଟିଜ୍ ୱିଥ୍ ଆଣ୍ଡ ଫର୍ ଆଡୋସେଂଟ୍‌ସ୍" ଶୀର୍ଷକ ଶ୍ୱେତପତ୍ର ପ୍ରକାଶ ସହିତ କାର୍ଯ୍ୟକ୍ରମ ପରିସମାପ୍ତ ହୋଇଥିଲା।

## 'ରମାଦେବୀ' ବିଇଡି ବିଭାଗର ଆଲୋଚନାଚକ୍ର



ଭୁବନେଶ୍ୱର, ୨୯ ।୧୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବିଇଡି ବିଭାଗ ପକ୍ଷରୁ ଫଳପ୍ରଦ ଶିକ୍ଷକ ଓ ଶିକ୍ଷାଦାନ ଏବଂ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରାଧ୍ୟାପକ ଡ. ମାନସ ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କ ସୃଜନଶୀଳତା ଓ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବାରେ ଏହି ଆଲୋଚନା ସହାୟକ ହେବ ବୋଲି କହିଛନ୍ତି। ବିଷୟ ବିଶେଷଜ୍ଞ ଭାବେ ରାଧାନାଥ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶରତ କୁମାର କଣ୍ଡ ନୂତନ ଶିକ୍ଷାନୀତି ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ଦିଗଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷା ବିଭାଗ ମୁଖ୍ୟ ଡ. ସସ୍ମିତା କର ବକ୍ତବ୍ୟ ରଖିଥିଲେ। ଶେଷରେ ଡ. ସନ୍ତୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ଅଭିନୟ ପାଇଁ ପରିପକ୍ୱତା ଓ ଅନୁଶୀଳନ ଆବଶ୍ୟକ: ବିନୋଦ ମିଶ୍ର



ଭୁବନେଶ୍ୱର, ୨୯ ।୧୧(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ-ଅଭିନେତା ବିନୋଦ ମିଶ୍ର ଯୋଗ ଦେଇ କହିଛନ୍ତି ଯେ, ଅଭିନୟରେ ସଫଳତା ପାଇଁ ପରିପକ୍ୱତା, ନିଷ୍ଠା ଓ ଚରିତ୍ର-କାହାଣୀର ଗଭୀର ଅନୁଶୀଳନ ଅପରିହାର୍ଯ୍ୟ। ସିନେ ଗବେଷକ ସୂର୍ଯ୍ୟ ଦେଓଙ୍କ ସହ ଆଳାପରେ ଶ୍ରୀ ମିଶ୍ର ଘରବାହୁଡ଼ା, ମୁକ୍ତି, ଉଲ୍‌କା, କାଚଘର, ମାୟା ମିରିଗ, ଭିନ୍ନ ମଣିଷ ଓ ସଦ୍ୟ ମୁକ୍ତିଲାଭ କରିଥିବା 'ଅଜାତି' ଆଦି ଚଳଚ୍ଚିତ୍ରରେ ନିଜ ଅଭିନୟ ଅନୁଭବ ବର୍ଣ୍ଣନା କରିଥିଲେ। କଥାକାର ଅଧ୍ୟାପକ ଆଭାସ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ରୋତସ୍ୱିନୀ ପରିଡ଼ା ଗଳ୍ପ ପାଠ କରିଥିଲେ ଏବଂ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ ସୁସ୍ମିତା ଶତପଥୀ, ନଟ ଆଚାର୍ଯ୍ୟ, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଗାୟକ ହୁମାନ ସାଗର ଓ ଗୀତିକାର ମନୋରଞ୍ଜନ ହୋତାଙ୍କ ପ୍ରତି ନିରବ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଗଳ୍ପ ସଂକଳନ 'କାଳିଜହ୍ନ' ଉନ୍ମୋଚିତ



ଭୁବନେଶ୍ୱର, ୨୯।୧୧(ସମିସ): ଶନିବାର ବୁଦ୍ଧମନ୍ଦିରରେ ସଂଯୁକ୍ତା ନାୟକଙ୍କ ଲିଖିତ ଗଳ୍ପ ସଂକଳନ 'କାଳିଜହ୍ନ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ପ୍ରତିଭା ରାୟ ଯୋଗ ଦେଇଥିବା ବେଳେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାସ ଯୋଗ ଦେଇଥିଲେ। ଲେଖିକା ସଂଯୁକ୍ତା ନାୟକ ନିଜର ଲେଖକ ଅଭିବ୍ୟକ୍ତ ପ୍ରଦାନ କରିବା ସହ ନିଜ ପୁସ୍ତକକୁ ଝିଅ ଗୌତମୀ ଦାସ ନାୟକଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘମିତ୍ରା ଭଞ୍ଜ ପରିଚାଳନା କରିଥିବା ବେଳେ ପ୍ରକାଶନୀ ସଂସ୍ଥା ବ୍ଲାକ୍ ଇଗଲ ବୁକ୍‌ସର ଅଶୋକ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

**ଖେଳ ଖବର**

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





**ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ**

## ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି। ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ।

ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବ ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ। ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



**୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ**

## ବଲାଙ୍ଗିର ଚାମ୍ପିଅନ: ଭୁବନେଶ୍ୱର ରନର୍ସଅପ୍

ଭୁବନେଶ୍ୱର, ୨୯ ।୧୧ (ସମିସ): ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନସିଂ ଓ ଥାଙ୍ଗଟା (ପାରମ୍ପରିକ ମଣିପୁରୀ ସାମରିକ କଳା) ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ୨୭ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ବଲାଙ୍ଗିର ୧୮ ପଦକ ସହ ଗ୍ରୁପ୍ ଚାମ୍ପିଅନ ଓ ୪ଟି ପଦକ ଜିତି ଭୁବନେଶ୍ୱର ରନର୍ସଅପ୍ ହୋଇଛି। ବଲାଙ୍ଗିର ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।



## ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା। ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା। ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିସ୍ମା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଅନନ୍ୟା ମିଶ୍ର

## ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର



ଭୁବନେଶ୍ୱର, ୨୯।୧୧ (ସମିସ): ଟିପି ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍‌କୁ) କୁ ଓଡ଼ିଶା ସିଏସ୍‌ଆର ଫୋରମ୍ ଦ୍ୱାରା ଓଡ଼ିଶା ସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର - ୨୦୨୫ ରେ ସମ୍ମାନିତ କରାଯାଇଛି। ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅଧିକାର–ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥ' କୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ 'ଅଧିକାର' କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି। ଏହା ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତିକରଣ ସମ୍ଭବ ହୋଇପାରିଛି। ଏହି ସ୍ୱୀକୃତି ସେବା ଯୋଗାଣ ଅଞ୍ଚଳରେ ଗୋଷ୍ଠୀର ବିକାଶ, ଅନ୍ତର୍ଭୂକ୍ତିକରଣ ଅଭିବୃଦ୍ଧି ଏବଂ ପରିବର୍ତ୍ତନର କ୍ଷମତା ରଖୁଥିବା ବିଭିନ୍ନ ସିଏସ୍‌ଆର ହସ୍ତକ୍ଷେପ ପାଇଁ ଟିପିସିଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ଏନ୍‌ଏସ୍‌ଇ ଓ ଜମ୍ମୁ-କଶ୍ମୀର ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯।୧୧(ସମିସ): ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଓ ଜମ୍ମୁକାଶ୍ମୀର ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଜମ୍ମୁ-କଶ୍ମୀରର ଏମମ୍‌ଏସଏମଇଗୁଡ଼ିକ ମଧ୍ୟରେ ଏନଏସଇ ଏମର୍ଜର ବ୍ୟବହାର କରି ଆଇପିଓ ମେକାନିଜିମରେ ପାଣ୍ଠି ହାସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପସ୍ଥିତିରେ ଜମ୍ମୁର ଶିଳ୍ପ ବିଭାଗ ନିର୍ଦ୍ଦେଶକ ଅରୁଣ ମନହାସ, ଶିଳ୍ପ ଓ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଖାଲିଦ ମାଜିଦ ଏବଂ ଏନଏସଇର ବରିଷ୍ଠ ଉପାଧ୍ୟକ୍ଷ କ୍ରିଷ୍ଣନ ଆୟରଙ୍କ ମଧ୍ୟରେ ଜମ୍ମୁରେ ଏହି ବୁଝାମଣାପତ୍ରର ଆଦାନପ୍ରଦାନ ହୋଇଥିଲା। ଏମଓୟୁ ପରେ ସରକାରଙ୍କ ସହଯୋଗରେ ଏନଏସଇ ପକ୍ଷରୁ ଏନଏସଇ ଏମର୍ଜ ପ୍ଲାଟଫର୍ମ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା ଉପରେ ରାଜ୍ୟର କର୍ପୋରେଟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ ପାଇଁ ସେମିନାର, ଏମଏସଏମଇ କ୍ୟାମ୍ପ, ନଲେଜ ସେଶନ, ରୋଡଶୋ' ଓ ୱର୍କସପ ଦ୍ୱାରା ସଚେତନତା ଅଭିଯାନଗୁଡ଼ିକୁ ପରିଚାଳନା କରାଯିବ।



# ଭୁବନେଶ୍ୱର ସିଟି



# ବଣଭୋଜିରେ ଜମୁଛି କୁଆଖାଇ ବାଲିପଠା

ନନ୍ଦନକାନନ, ୨୯।୧୧(ସମିସ): ପର୍ଯ୍ୟଟନ ଋତୁରେ ପ୍ରାକୃତିକ ମନୋରମ ମନଲୋଭା ପରିବେଶକୁ ନେଇ ଭୋଜିର ଆସରସ୍ଥଳ ପାଲଟିଛି ଉତ୍ତର ଭୁବନେଶ୍ୱର ଝିଙ୍କରଡ଼ିହି ନିକଟରେ ଥିବା କୁଆଖାଇ ନଦୀ ପଠା ଜଙ୍ଗଲ। ଯେଉଁଠି ଏବେ ଦେଖିବାକୁ ମିଳୁଛି ଶହଶହ ଦଳ, ଗୋଷ୍ଠୀ, ପରିବାର, ସାଙ୍ଗସାଥୀ, ସ୍କୁଲ ବ୍ୟାଚ, ବରିଷ୍ଠ ନାଗରିକ, କମ୍ପାନୀ ଷ୍ଟାଫ, କର୍ପୋରେଟ ଗୋଷ୍ଠୀ, ବିଭିନ୍ନ ସାମାଜିକ କ୍ଲବ, ମଞ୍ଚ ଓ ଅନୁଷ୍ଠାନର ସଦସ୍ୟମାନେ ଏକାଠି ହୋଇ ବଣଭୋଜିର ଆସର ଜମାଉଛନ୍ତି। ସପ୍ତାହକ ସତ ଦିନ ଯାକ ଏଠି ଭିଡ଼ ଜମୁଥିଲା ବେଳେ ବୁଧବାର, ଶୁକ୍ରବାର ଓ ରବିବାର ବହୁ ସଂଖ୍ୟାରେ ଭୋଜିଭାତ, ବନ୍ଧୁ ମିଳନ କାର୍ଯ୍ୟକ୍ରମ ହେଉଛି। ଭୁବନେଶ୍ୱର କଟକ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପ୍ରତାପନଗରୀ ଧାକୁଳେଇ ପୀଠ ଠାରୁ ମାତ୍ର ୨ରୁ ୩ କିଲୋମିଟର ଦୂରରେ ଥିବା ଏହି ସ୍ଥାନରେ ଭୋଜିଭାତ କରିବା ପାଇଁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। କୁଆଖାଇ ନଈକୁ ଜଙ୍ଗଲିଆ ପରିବେଶ ଛାଇର ଲୋକମାନେ ବେଶ ମଜା ନେଉଛନ୍ତି। ହାଣ୍ଡି, ଡେ଼କଚି, କଡେଇ, କରଛୁଲି, ପାଣି ବୋତଲ, ଗ୍ୟାସ ଚୁଲା, ସାଙ୍ଗରେ ଆଣି, ଖାସି ମାଂସ, କୁକୁଡ଼ା ମାଂସ, ରୋହି ଭାକୁର ଚିଙ୍ଗୁଡ଼ି କଙ୍କଡା, ଅଣ୍ଡା ଆଣି ଜଙ୍ଗଲିଆ ପରିବେଶ ବଡ ବଡ ଗଛ ତଳେ ରାନ୍ଧି ଖାଇ, ନାଚି ଗାୟୀ ସମୟକୁ ଆପଣା ଲୋକଙ୍କ ସହିତ ବିତାଉଛି। କୁଆଖାଇ ନଦୀର ବିସ୍ତୃତ ବାଲି ପଠା ସାଙ୍ଗକୁ ସରୁ ସରୁ ଧାର ହୋଇ ବୋହିଯାଉଥିବା ନଈ ପାଣିରେ ଜଳ କ୍ରୀଡାର ଆନନ୍ଦ ନେଉଛନ୍ତି। ନଈ ପଠାରେ ବାଲିରେ, ଖରିବଣରେ ରିଲସ, ଭିଡିଓ ଫଟୋ ଉଠାଇ ଏକ ମଜାଦାର ସ୍ମୃତିକୁ ବାଣ୍ଟୁଛନ୍ତି। ଏଠାକୁ ଆସିବାକୁ ହେଲେ ଭୁବନେଶ୍ୱର କଟକ ଜାତୀୟ ରାଜପଥ ପ୍ରତାପନଗରୀ ମା ଧାକୁଳେଇ ପୀଠ ଠାରୁ ଆସି କୁଆଖାଇ ବ୍ରିଜ ଅତିକ୍ରମ କରିବାରେ ବାମ ପାର୍ଶ୍ୱରେ ଏହା ପଡ଼ିବ। ସେହିଭଳି ଭୁବନେଶ୍ୱର ମଞ୍ଚ?ଶ୍ୱର ହାଇଟେକ ଗଡ଼ା ଠାରୁ କୁଆଖାଇ ପଟିଆ ବନ୍ଧ ରାସ୍ତାରେ ଆସି ବରିମୁଣ୍ଡ, କଲ୍ୟାଣପୁର ପରେ ଗଣ୍ଡରପୁର ହାଇସ୍କୁଲ ଗଡ଼ା ଛକଠାରେ ଥିବା ଛୋଟବ୍ରିଜ ଦେଇ ଯାଇପାରିବେ। ନନ୍ଦନକାନନ ବାରଙ୍ଗ ମୁଖ୍ୟରାସ୍ତା ଦେଇ ଆସିଲେ, ବାରଙ୍ଗ ବ୍ଲକ ଛକ ଗଡ଼ା ଠାରୁ ପୁରୀ ମୁଖ୍ୟ କେନାଲ ବନ୍ଧେ ବନ୍ଧେ ଆସିଲେ ବନ୍ଧ ଶେଷରେ ଦକ୍ଷିଣ ପାର୍ଶ୍ୱରେ ଏହା ଅବସ୍ଥିତ। ସେମିତି ଜୟଦେବ ବିହାର ନନ୍ଦନକାନନ ରାସ୍ତା ଦେଇ ଆସୁଥିଲେ ପଟିଆ ଷ୍ଟେସନ ରାସ୍ତା ଦେଇ କଳାରାହାଙ୍ଗ ପାର ହୋଇ ଟାଙ୍ଗିବନ୍ତ ଗ୍ରାମ ଦେଇ ଗଣ୍ଡରପୁର ହାଇସ୍କୁଲ ଛକ ହୋଇ ଯାଇପାରିବେ। ନନ୍ଦନକାନନ ପର୍ଯ୍ୟଟକ ମାନେ ପଦାସାହି କଳାଝରି ଦୟା ୱେଷ୍ଟ କେନାଲ ରାସ୍ତା ହୋଇ ପନ୍ଦରପୁଙ୍ଗା ଠାରେ ଥିବା ବ୍ରିଜ ହୋଇ ଟାଙ୍ଗିବନ୍ତ ବାଟେ ଯାଇ ପାରିବେ।



## ରାସ୍ତା ସାଙ୍ଗକୁ ପାନୀୟ ଜଳ ସମସ୍ୟା

ତେବେ ଏଠାକୁ ଆସୁଥିବା ହଜାରେ ହଜାରେ ସଂଖ୍ୟାରେ ଲୋକ ମାନଙ୍କ ପାଇଁ ବଡ଼ ସମସ୍ୟା ଯେ ଏଠାରେ ରୋଷେଇବାସ କରିବାକୁ ବିଶୁଦ୍ଧ ପାନୀୟ ଜଳର ଅସୁବିଧା ରହିଛି। କୁଆଖାଇ ନଈ ପାଣି ଦୂଷିତ ରହିବା ସହ ଏହା ଖାଦ୍ୟ ପ୍ରସ୍ତୁତ ଓ ପାନୀୟ ପାଇଁ ଅନୁପଯୁକ୍ତ। ଏହି ନଦୀବନ୍ଧ ରାସ୍ତାଟି ଅଣ ଓସାରିଆ। ଯାହା ଫଳରେ ଗାଡିମାଟର ଯିବାଆସିବାରେ ଅସୁବିଧା ଉପୁଜୁଛି। ଗୋଟିଏ ଚାରିଚକିଆ ଗାଡି ଗଲା ବେଳେ ଆଉ ଗୋଟିଏ ଚାରି ଚକିଆଗାଡି ନଦୀବନ୍ଧର ଏକଦମ ତୀକ୍ଷ କଡକୁ ଯିବାକୁ ପଡ଼ି ଅଟକି ରହିବାକୁ ପଡୁଛି। ଅନେକବାର ଗାଡି ନଦୀ ବନ୍ଧ ତଳକୁ ଓଲଟି ପଡୁଛି। ଏଇ କିଛି ଦିନ ତଳେ ଏହି ନଦୀବନ୍ଧ ରାସ୍ତା କାର୍ଯ୍ୟ ହୋଇଥିଲେ ସୁଦ୍ଧା, ରାସ୍ତାର ଉଭୟ ପାର୍ଶ୍ୱର ବହୁ ଜାଗାରେ ଦବିଯାଇ ବଡବଡ ଖାଇ ହୋଇ ଖଲଖମା ହୋଇଗଲାଣି। ଏମିତି କି ରାସ୍ତା ମଝିରେ ବି ଦବି ଘାଇ ଖାଇ ହୋଇଯାଇଛି। ଯାହାପାଇଁ ରାସ୍ତା ବିପଦପୂର୍ଣ୍ଣ ହେବା ସହ ଦୁର୍ଘଟଣା ମାନ ଘଟୁଛି। ଏଠାରେ ଓ ଏହି ରାସ୍ତାରେ ଆଲୋକୀକରଣ ନଥିବାରୁ ଲୋକେ ହଇରାଣ ହରକତ ହେବା ସହ, ଚୋରି ଡକାୟତିର ଅସଦାଚରଣ, ଆଦି ଅଘଟଣ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ଭିଭାଗୀୟ ମନ୍ତ୍ରୀ, ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି କରାଯାଉଛି।

## କୋଲକାତା ସର୍ଟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ 'ଦଣ୍ଡେ ରହେ କାହାଣୀ କହେ'

ଭୁବନେଶ୍ୱର, ୨୯ ।୧୧(ସମିସ): କୋଲକାତା ଇଣ୍ଟରନ୍ୟାସନାଲ ସର୍ଟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି ବାଲୁକା କଳା ଉପରେ ନିର୍ମିତ କ୍ଷୁଦ୍ର ପ୍ରମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ କାହାଣୀ କହେ'। ୨୩ ମିନିଟ ଅବଧି ବିଶିଷ୍ଟ ଏହି ଚଳଚ୍ଚିତ୍ରର ରଚନା, ପ୍ରଯୋଜନା ଓ ନିର୍ଦ୍ଦେଶନା ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା ଦେଇଥିବା ବେଳେ ଏହାକୁ ଓଡ଼ିଆରେ ବର୍ଣ୍ଣନା କରିଛନ୍ତି ପ୍ରଫେସର ରମାକାନ୍ତ ମିଶ୍ର। ଏଦ ପ୍ରିମିୟର ମିଡ଼ିଆ ବ୍ୟାନରରେ ପ୍ରସ୍ତୁତ ଏହି କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରରେ ବାଲୁକା କଳାର ଉତ୍ପତିସ୍ଥଳ ଓଡ଼ିଶା ବୋଲି ଦର୍ଶାଯାଇଛି। ଏହାସହ ଜାତୀୟ ତଥା ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀମାନେ ବାଲୁକା କଳାର ଶୈଳୀ, ବାଲୁକା କଳା ଓ ଜୀବନ ମଧ୍ୟରେ ରହିଥିବା ସାମଞ୍ଜସ୍ୟ କୁ ବର୍ଣ୍ଣନା କରିଛନ୍ତି। ଜୀବନ କ୍ଷଣସ୍ଥାୟୀ ନୁହେଁ, ଠିକ୍ ବାଲୁକା କଳା ଭଳି। ତେଣୁ ଯେତିକି ସମୟରେ ଜିଇଁବା ତାହାକୁ ସରଶ ଭାବେ ଗଢ଼ି ପାରିବା ଏଥିରେ ଦର୍ଶାଯାଇଛି। ଆସନ୍ତା ଜାନୁଆରୀ ମାସ ୨୫ ତାରିଖରେ କୋଲାକାତାରେ ଆୟୋଜିତ ହେବାକୁ ଥିବା ଫିଲ୍ମ ଫେଷ୍ଟିଭାଲରେ ଫିଲ୍ମଟି ସମସ୍ତଙ୍କ ପସନ୍ଦ ଆସିବ ବୋଲି ଫିଲ୍ମର ନିର୍ଦ୍ଦେଶକ ଶ୍ରୀ ପଣ୍ଡା କହିଛନ୍ତି।

## କ୍ରୁଟ୍‌କୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

ଭୁବନେଶ୍ୱର, ୨୯ ।୧୧(ସମିସ): ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ କ୍ରୁଟ୍‌କୁ ୧୮ ତମ ସହରାଞ୍ଚଳ ଗତିଶୀଳତା ଭାରତ (ୟୁଏମ୍ଆଇ) ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ସଫଳତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଆସନ୍ତା ବର୍ଷ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀ ଆୟୋଜନ କରିବ। ଡ. ମହାପାତ୍ର ଆହୁରି ମଧ କହିଛନ୍ତି କି 'ଆମ ବସ୍' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି। ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ଟି ଆମ ବସ୍ ଚାଲୁଛି। ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଏଥିସହିତ ବହୁତ ଶୀଘ୍ର, ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ ବୋଲି ସେ କହିଛନ୍ତି।

## 'କବ୍ ବୁଲ୍‌ବୁଲ୍ ଉତ୍ସବ' ଉଦ୍‌ଯାପିତ




ଭୁବନେଶ୍ୱର, ୨୯।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ 'କବ୍ ବୁଲ୍‌ବୁଲ୍ ଉତ୍ସବ' ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଜିଲ୍ଲାପାଳ ତଥା ସ୍କାଉଟ୍ କମିସନର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ ଦାଶରଥୀ ଶତପଥୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ। ଶେଷରେ କବ୍ ବୁଲ୍‌ବୁଲ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା।

**୮୯ ତମ ସଂସ୍କୃତି ଚର୍ଚ୍ଚା ସମାରୋହ**

## ଓଡ଼ିଆମାନେ ହିଁ ଜାତୀୟ ଚେତନାର ଜନ୍ମଦାତା

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଆ ମାନେ ହିଁ ମହାଭାରତୀୟ ଜାତୀୟ ଚେତନାର ଜନ୍ମଦାତା। ଓଡିଆ ମାନେ ହିଁ ସମନ୍ୱୟ-ସଦ୍ଭାବନା-ସମ୍ପ୍ରୀତି ଓ ଶାନ୍ତିର ବାର୍ତ୍ତା ଦେଇଆସିଛନ୍ତି। ଓଡିଆ ମାନେ ମୁକ୍ତିକାମୀ ଚେତନାର ଅଗ୍ରଦୂତ ଓ ମହାମାନବୀୟ ଚିନ୍ତା ଚେତନାରେ ଜଗତକୁ ଉଦବୁଦ୍ଧ କରିଆସିଛନ୍ତି। ଶିକ୍ଷା ଓ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଭାରତ ଓ ବିଶ୍ୱକୁ ଶୁଣାଇଥିଲେ ଅମୃତର ବାର୍ତ୍ତା। ବହିର୍ବାଣିଜ୍ୟ ମାଧ୍ୟମରେ ଆପଣାକୁ ସମୃଦ୍ଧ କରିବା ସହ ମାନବ ସମାଜକୁ ଶିଖାଇଥିଲେ ସହଯୋଗ ହିଁ ସମୃଦ୍ଧି ବୋଲି ୮୯ତମ ସଂସ୍କୃତି ଚର୍ଚ୍ଚା ସମାରୋହରେ ମତପ୍ରକାଶ ପାଇଛି। ଶନିବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଆଇନଜୀବୀ, କବି, ଲେଖକ ତଥା ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର 'ପ୍ରାଚୀନ ଇତିହାସରେ ଓଡ଼ିଆଙ୍କ ସ୍ୱାକ୍ଷର (ଏକ ସାଂସ୍କୃତିକ ଅନୁଶୀଳନ)' ଉପରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପୃଥିବୀର ପ୍ରଥମ ବୌଦ୍ଧଥିଲେ ଓଡ଼ିଆ। ମହାବୀରଙ୍କ ବିଜୟଚକ୍ର ପ୍ରବର୍ତ୍ତନର ସ୍ଥାନ ଥିଲା ଓଡ଼ିଶା। କରକଣ୍ଡୁ ଓ ଖାରବେଳଙ୍କ ପରି ସମ୍ରାଟମାନେ ଓଡ଼ିଆ ଜାତିର ପ୍ରତିନିଧିତ୍ୱ କରି ଜଗତକୁ କହିଯାଇଛନ୍ତି, ସବୁକ୍ଷେତ୍ରରେ ଓଡ଼ିଆମାନେ ଅଗ୍ରଦୂତ। ପ୍ରକୃତରେ ପ୍ରାଚୀନ ଓଡ଼ିଶା ଥିଲା ଏକ ଅତୁଳନୀୟ ଭୂଖଣ୍ଡ ଓ ପ୍ରାଚୀନ ଓଡ଼ିଆମାନେ ଥିଲେ ବସୁଧୈବ କୁଟୁମ୍ବକମ୍ ମନ୍ତ୍ରର ବାହକ ବୋଲି ମୁଖ୍ୟବକ୍ତା ଶ୍ରୀ ମିଶ୍ର କହିଥିଲେ। ସମ୍ମାନରେ ସମ୍ମାନନୀୟ ଅତିଥି ଭାବରେ ସଂସ୍କୃତି ବିଭାଗ ଉପଶାସନସଚିବ ସଙ୍ଘମିତ୍ରା ବେହେରା, ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଅଶୋକ କୁମାର




ପଟ୍ଟନାୟକ, ଡ. ଅନାମ ବେହେରା, ଡ. ସତ୍ୟନାରାୟଣ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଙ୍ଗୀତରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୯।୧୧(ସମିସ): ସୁର ଭାଇବ୍ରେସନ ଷ୍ଟୁଡିଓ ଠାରେ ଦିବଙ୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେ ପୂର୍ବରୁ ଗାଇବାକୁ କଥା ଦେଇଥିବା ସଙ୍ଗୀତ 'କୁଆଡ଼େ ଗଲୁ କୁଆଡ଼େ ଗଲୁ' କୁ ଆଜି ରିଲଇଜ୍ କରାଯିବା ସହ ସଙ୍ଗୀତଟି ତାଙ୍କୁ ସମର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, ଯୁବ ପ୍ରଯୋଜକ ବିବେକାନନ୍ଦ ବାରିକ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ଗୀତିକାର ସଂଗ୍ରାମଜିତ, ସମାଜସେବୀ ମହାସଂଘ ସଭାପତି ବାପୁ ଓଝା ପ୍ରମୁଖ ଉପସ୍ଥିତ ରହି ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ। କର୍ଯ୍ୟକ୍ରମକୁ ପିଣ୍ଟୁ, ବାପି ପ୍ରମୁଖ ପରିଚାଳନା କରିଥିଲେ।

## କଣ୍ଠଶିଳ୍ପୀ ହ୍ୟୁମାନଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାଲିଅନ୍ତା, ୨୯ ।୧୧(ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଶ୍ରୀ ସୁଦର୍ଶନ ଦାରୁ ପୀଠରେ ଓଡ଼ିଆ କଳା ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ପ୍ରଶାନ୍ତ ମିଶ୍ର, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଦୀନବନ୍ଧୁ ଭୋଇ, ହରେକୃଷ୍ଣ ମହାରଣା, ରଶ୍ମୀ ରଞ୍ଜନ ମହାପାତ୍ର, ଲକ୍ଷ୍ମଣ ଜେନା ପ୍ରମୁଖ ଯୋଗ ଦେଇ ୧୦୮ ଦୀପ ଜାଳିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଶ୍ରୀରାମ ମନ୍ଦିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡର ଅବଧି ଏକବର୍ଷ ବୃଦ୍ଧି

ଭୁବନେଶ୍ୱର, ୨୯ ।୧୧(ସମିସ): ୟୁନିଟ-୩ ଖାରବେଳ ନଗରସ୍ଥିତ ଶ୍ରୀରାମ ମନ୍ଦିର ସେବା ସମିତିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡର ଅବଧି ବର୍ଷ ବଢ଼ିଛି। ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ଶନିବାର ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ଅବଧିକୁ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୫ ସେପ୍ଟେମ୍ବର ୪ରୁ ଆସନ୍ତା ୨୦୨୬ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ସମୟ ଅବଧିକୁ ବୃଦ୍ଧି କରାଯାଇଛି। ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ଦେବୋତ୍ତର ଆୟୁକ୍ତ ୨୦୨୪ ସେପ୍ଟେମ୍ବର ୪ରେ ୭ ଜଣ ସଦସ୍ୟଙ୍କୁ ନେଇ ଅନ୍ତରୀଣ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ଜଟଣୀ ବିକାଶ ନଗରର ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି କୁମାର ରଥ ଟ୍ରଷ୍ଟବୋର୍ଡର ସଭାପତିଙ୍କ ସମେତ ବ୍ରହ୍ମେଶ୍ୱର ପାଟଣାର ବରିଷ୍ଠ ଆଇନଜୀବୀ ନିର୍ମଳ କିଶୋର ରଥ, ସାମ୍ବାଦିକ ଅଜିତ କୁମାର ଶତପଥୀ, ରାଜଭବନ ନିକଟ ଆର୍. ଏନ. ସିଂହଦେଓ ମାର୍ଗର ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ତଥା ବ୍ୟବସାୟୀ ସୁରେନ୍ଦ୍ର କୁମାର ଝୁନ୍‌ଝୁନ୍‌ୱାଲା, ଘାଟିକିଆ ସାଇବାବା ମନ୍ଦିର (ଭିପୁଲ)ର ରାଜନୀତିଜ୍ଞ ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ସତ୍ୟନଗର ଭଞ୍ଜ ପ୍ରଭା ମାର୍କେଟ ଅଞ୍ଚଳର ରାଜନୀତିଜ୍ଞ କାଳୀ ପ୍ରସାଦ ମିଶ୍ର ଓ ଖାରବେଳ ନଗର ଥାନା ନିରୀକ୍ଷକ ରଜନୀକାନ୍ତ ମିଶ୍ରଙ୍କୁ ସଦସ୍ୟ ଭାବେ ଆୟୁକ୍ତ ମନୋନୀତ କରିଥିଲେ।

## ୧୧ ଜଣଙ୍କୁ ମିଳିଲା କଳିଙ୍ଗ ପୁସ୍ତକ ମେଳା ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୨୯।୧୧(ସମିସ):୨୮ ତମ କଳିଙ୍ଗ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ପୁସ୍ତକ ମେଳା ମଞ୍ଚରେ ମର୍ଯ୍ୟାଦାଜନକ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସାହିତ୍ୟ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟର ୧୦ ଗୋଟି ବିଭାଗର ୧୧ ଗୋଟି ପୁସ୍ତକର ଲେଖକ ଲେଖିକାଙ୍କୁ ଚଳିତ ବର୍ଷର କଳିଙ୍ଗ ପୁସ୍ତକ ମେଳା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ପ୍ରଦର୍ଶନୀ ପଡ଼ିଆ ଠାରେ ଚାଲିଥିବା କଳିଙ୍ଗ ପୁସ୍ତକ ମେଳାର ଶନିବାର ମୁଖ୍ୟ ମଞ୍ଚରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଭାଷା ବିଜ୍ଞାନୀ ତଥା ଲେଖକ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ପ୍ରମୁଖ ଆୟକର କମିଶନର ତଥା ଲେଖକ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ଲେଖକ ଲେଖିକାଙ୍କୁ ସମ୍ମାନିତ କରିଥିଲେ। ଏହାସହ କଳିଙ୍ଗ ପୁସ୍ତକ ମେଳାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ଗୀତା ହୋତାଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ଗୀତା ହୋତା ସ୍ମୃତି ସମ୍ମାନ'ରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡ. ସେବା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପୁସ୍ତକ ମେଳାର ମୁଖପାତ୍ର ହର୍ଷିତା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ ଭାଷା ବିଜ୍ଞାନୀ ତଥା ଲେଖକ ଡ. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

**ଡ. ସେବା ମହାପାତ୍ରଙ୍କୁ 'ଗୀତା ହୋତା ସ୍ମୃତି ସମ୍ମାନ' ପ୍ରଦାନ**

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା



ବାଲିପାଟଣା, ୨୯।୧୧ (ସମିସ): ବାଲିପାଟଣା ବ୍ଲକ ଅଧୀନ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୩୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଉଭୟ ସିନିଅର ଏବଂ ଜୁନିଅର ବିଭାଗରୁ ତିନୋଟି ଲେଖାଏଁ ପ୍ରକଳ୍ପକୁ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ଅଧକ୍ଷା ରତ୍ନପ୍ରଭା ତ୍ରିପାଠୀ ପ୍ରକାଶ କରିଥିଲେ। ପ୍ରତିଯୋଗୀତାକୁ ବିଦ୍ୟାଳୟର ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ର ପରାମର୍ଶଦାତା ଜଗନ୍ନାଥ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଧକ୍ଷା ଶ୍ରୀମତୀ ରତ୍ନପ୍ରଭା ତ୍ରିପାଠୀ ବିଜ୍ଞାନ ମେଳା ଆୟୋଜନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ବିଶ୍ୱଜିତ୍ ସେନାପତି, ବିଶ୍ୱରଞ୍ଜନ ନାୟକ, ଉପାଧକ୍ଷା ସଂଯୁକ୍ତା ଜେନା, ସ୍ନେହ ବାଳା ଆଚାର୍ଯ୍ୟ, ପ୍ରତିମାରାଣୀ ଦେଇ, ରାଜଶ୍ରୀ ରାଉତରାୟ, ସବିତା ଜେନା, ଅର୍ଚ୍ଚନା ମୁଦୁଲି ଏବଂ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଆରମ୍ଭ ହୋଇଛି ପର୍ଯ୍ୟଟନର ଋତୁ**

# ଆକର୍ଷଣରେ ସାମୁଦ୍ରିକ ଜୀବଙ୍କ ପ୍ୟାନେଲ ପ୍ରଦର୍ଶନୀ



**ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ଜମୁଛି ଭିଡ଼**

ଭୁବନେଶ୍ୱର, ୨୯।୧୧(ସମିସ): ଆରମ୍ଭ ହୋଇଯାଇଛି ପର୍ଯ୍ୟଟନର ଋତୁ। ରାଜ୍ୟରେ ଏବେ ଶୀତର ଲହରୀ। ସେନେଇ ଭିନ୍ନ ଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର ଆଗ୍ରହ ଦେଖାଉଛନ୍ତି ପର୍ଯ୍ୟଟକ। ତା ସାଙ୍ଗକୁ ସଂଗ୍ରହାଳୟ ଗୁଡ଼ିକରେ ମଧ ଭିଡ଼ ଦେଖିବାକୁ ମିଳୁଛି ସେହିକ୍ରମରେ ରାଜଧାନୀର ଆଚାର୍ଯ୍ୟ ବିହାର ନିକଟରେ ଥିବା ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ସ୍କୁଲ ପିଲାଙ୍କଠାରୁ ନେଇ ସବୁ ବର୍ଗର ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ସେଥିପାଇଁ ସଂଗ୍ରାହଳୟର ଭିତର ପାର୍ଶ୍ୱ ସହ ବାହାର ପାର୍ଶ୍ୱକୁ ମଧ ଆକର୍ଷିତ କରିବାର ପ୍ରୟାସ କରୁଛି ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ। ପର୍ଯ୍ୟଟକଙ୍କ ପାଇଁ ସଂଗ୍ରହାଳୟର ଗ୍ୟାଲେରୀରେ ବିଭନ୍ନ ପକ୍ଷୀଠାରୁ ଆରମ୍ଭକରି ଜୀବଜନ୍ତୁଙ୍କ କଙ୍କାଳ ସଂଗ୍ରହ କରି ପ୍ରଦର୍ଶିତ ହେଉଛି। ସେଥିମଧ୍ୟରୁ ବାଲିନ୍ ତିମିରର ପ୍ରକୃତ ଖପୁରି, କଙ୍କାଳ, ବିଶ୍ୱର କ୍ଷୁଦ୍ରତମ ସ୍ଥଳଚର ସ୍ତନ୍ୟପାୟୀ ପ୍ରାଣୀର ଶରୀର, ମାଙ୍କଡ଼ର କଙ୍କାଳ, ପ୍ରକୃତ ମହୁଫେଣାଠାରୁ ଆରମ୍ଭକରି ସମସ୍ତ ପ୍ରଜାତିର ସରୀସୃପ, ଆଫ୍ରିକ୍ରିୟ କଳା ଗଣ୍ଡାର କଙ୍କାଳ ସହ ବିଦେଶୀୟ ପକ୍ଷୀଙ୍କ ଅଣ୍ଡା ଆଦି ଗ୍ୟାଲେରୀରେ ପ୍ରଦର୍ଶିତ ହେଉଛି। ସେଥିରେ ଅଧିକାଂଶ ବର୍ଜ୍ୟରୁ ତିଆରି ମଡେଲ ରହିଛି। ଯାହାକୁ ଦେଖିବା ପାଇଁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଲୋକ ଏଠାକୁ ଆସୁଛନ୍ତି। ହେଲେ ଚଳିତ ବର୍ଷ 'ଇଷ୍ଟନ୍‌ଘାଟ - ଏ ବଟାନିକାଲ ଟ୍ରେଜର୍'ର ପ୍ୟାନେଲଗୁଡିକ ଲୋକଙ୍କୁ ଅଧିକ ଆକର୍ଷିତ କରୁଛି। ଏହା ୧୦ଟି ପ୍ୟାନେଲ ବିଶିଷ୍ଟ ଓପନ ଗ୍ୟାଲେରୀରେ ପ୍ରଦର୍ଶିତ ହେଉଛି। ସେଥିରେ ଇଷ୍ଟନ୍‌ଘାଟ୍'ର ମ୍ୟାପ୍, ଡିଜାଇନ୍, ସମ୍ପୂର୍ଣ୍ଣ ତଥ୍ୟ, ତାର ଭିଜୁଆଲସ୍ ଏବଂ ସାମୁଦ୍ରିକ ଜୈବ ବିବିଧତା ଆଦି ପ୍ରଦର୍ଶିତ ହେଉଛି। ବିଶେଷକରି ସାମୁଦ୍ରିକ ଜୀବ ଏବଂ ତାଙ୍କ ମଡେଲରେ ବିଭିନ୍ନ ପ୍ରଜାତି ଏବଂ ଲିଙ୍ଗର କଙ୍କଡା, ବିଭିନ୍ନ ସାମୁଦ୍ରିକ ଅଞ୍ଚଳର ଶଙ୍ଖ, ସାମୁକା, ଲିମୁଲିଡେ ଭଳି ଜୀବ ସେହି ପ୍ୟାନେଲରେ ଚଳିତ ବର୍ଷ ଆକର୍ଷଣ ସାଜିଛି। ଏହା ବ୍ୟତିତ ପିଲାଙ୍କ ଶିକ୍ଷଣୀୟ କଥା ଜାଣିବା ପାଇଁ କିଛି ଉପକରଣମାନ ମଧ୍ୟ ଏଠାରେ ରହିଛି। ଯେଉଁଥିରେ ସେମାନଙ୍କୁ କିଛି ମଜାଳିଆ ଖେଳ ମାଧ୍ୟମରେ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ବିଷୟରେ ଅବଗତ କରାଯାଉଛି। ଏହା ସହ ପ୍ରତ୍ୟେକ ହଲ୍‌ରେ ଜଣେ ଲେଖାଏଁ ଗାଇଡ ରହୁଛନ୍ତି ଯିଏକି କୌଣସି ତଥ୍ୟ ଜାଣିବାରେ ଅସୁବିଧା ହେଲେ ସାହାଯ୍ୟ କରୁଛନ୍ତି। ପର୍ଯ୍ୟଟନ ଋତୁରେ କେବଳ ଯେ ଓଡ଼ିଶା ଲୋକ ଆସୁଛନ୍ତି ତାହା ନୁହଁ ବରଂ ଓଡ଼ିଶା ବାହରୁ ମଧ ପର୍ଯ୍ୟଟକ ଆସୁଥିବା ପରିଲକ୍ଷିତ ହେଉଛି। ଏନେଇ କଟକର ଏକ ସରକାରୀ ବିଦ୍ୟାଳୟରୁ ଆସିଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ଅନନ୍ୟା କୁହନ୍ତି ସଂଗ୍ରାହଳୟର ପରିବେଶ ତାଙ୍କୁ ବହୁତ ଭଲ ଲାଗିଲା ଏବଂ ଏଠାରେ ବିଜ୍ଞାନ ସମ୍ବନ୍ଧିତ ଅନେକ ଗୁଡିଏ ତଥ୍ୟ ମଧ ଜାଣିବାକୁ ପାଇଲେ। ସୁଯୋଗ ମିଳିଲେ ସେ ଏଠାକୁ ଆଉଥରେ ଆସିବେ ବୋଲି କହିଛନ୍ତି।



## କଳାହାଣ୍ଡି ଜିଲ୍ଲାରେ ଆରମ୍ଭ ହେଲା ଧାନ ମଣ୍ଡି

# ମିଳିନି ଟୋକନ, ଆସିଲାନି ଚାଷୀଙ୍କ ଧାନ

ଧର୍ମଗଡ଼, ୨୯ ।୧୧(ସମିସ)



କଳାହାଣ୍ଡି ଜିଲ୍ଲାରେ ଆଜିଠାରୁ ଆରମ୍ଭ ହେଲା ଖରିଫ ଧାନ କିଣା ପ୍ରକ୍ରିୟା ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଘୋଟିଆ ଧାନ ମଣ୍ଡିରେ ଉପଜିଲ୍ଲାପାଳଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଆରମ୍ଭ ହେଲା ଧାନ କ୍ରୟ ପ୍ରକ୍ରିୟା । ଆଜି ଧାନ କ୍ରୟର ପ୍ରଥମ ଦିନରେ କୌଣସି ଚାଷୀଙ୍କ ଟୋକନ ନଥିଲା । ଫଳରେ କୌଣସି ମଧ ଚାଷୀଙ୍କ ଧାନ ମଣ୍ଡି ପରିସରକୁ ଆସିନଥିଲା । ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ଚାଷୀଙ୍କ ଟୋକନ ଆସିବାରେ ମଧ ବିଳମ୍ବ ହେଉଛି । ଫଳରେ ଅନେକ ଚାଷୀଙ୍କ ଟୋକନ ଆସିନଥିବା ହେତୁ ଚାଷୀ ମହଲରେ ମଧ ଅସନ୍ତୋଷ ପ୍ରକାଶ ପାଉଛି । ସୂଚନାମତେ ଜିଲ୍ଲାରେ ବିଗତ ବର୍ଷ ତୁଳନା ଅପେକ୍ଷା ଚଳିତ ବର୍ଷ ୧ଲକ୍ଷ ୨୧ହଜାର ୧୮୧ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି ।ସେହିପରି ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ୬ଟି ଅଧିକ ଧାନ ମଣ୍ଡି ଖୋଲାହେବା ସହ ସମୁଦାୟ ୨୨୯ଟି ଧାନ ମଣ୍ଡିରୁ ଖରିଫ ଧାନ ସଂଗ୍ରହ କରିବା ଜଣାପଡ଼ିଛି । ସରକାରଙ୍କ ତରଫରୁ ୩୬ଲକ୍ଷ ୫୮ହଜାର କୁଇଣ୍ଟାଲ ଟାର୍ଗେଟ ଆସିଛି ଓ ପର୍ଯ୍ୟାୟକ୍ରମେ ଚାଷୀଙ୍କୁ ଟୋକନ ଦିଆଯିବ ଓ ମିଲର୍ସ ଟ୍ୟାଗ୍ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ୬୦ପ୍ରତିଶତରୁ ଊର୍ଦ୍ଧ୍ୱ ଧାନ ଅମଳ ହୋଇ ସାରିଥିବା ବେଳେ ମଣ୍ଡି ବିଳମ୍ବ ଯୋଗୁଁ ଅନେକ ଚାଷୀଙ୍କ ଧାନ ପଡୋଶୀ ରାଜ୍ୟ ଛତିଶଗଡ଼କୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ଅନେକ ଚାଷୀ ଙ୍କ ଟୋକନ ମଧ ଆସି ନାହି । ଗୋଟିଏ ପଟେ ପ୍ରଶାସନର ମଣ୍ଡି ଖୋଲିବା ଅନ୍ୟପଟେ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟା ଯୋଗୁଁ ଚାଷୀ ଏବେ ହରଡଘଣାରେ ପଡ଼ିଛି । ବିଗତ ବର୍ଷରେ ଚାଷୀ ଧାନ ବସ୍ତା ଦେଇଥିବା ବେଳେ ଚଳିତ ବର୍ଷ ଧାନ ବିକ୍ରୟ ସମୟ ଆସିଲାଣି ହେଲେ ଏଯାଏଁ ଅଖା ବସ୍ତା ପାଇନାହାନ୍ତି ଚାଷୀ । ଅନ୍ୟପଟେ ଏନେଇ ଚାଷୀମାନେ ନିଜ ନିଜ ଧାନକୁ ମଣ୍ଡିକୁ ଆଣୁନଥିବା ଦେଖିବାକୁ ମିଳିଛି । ପୂର୍ବ ସରକାର ସମୟରେ ଠିକ ଏହି ସମୟ ବେଳକୁ ଚାଷୀ ଟୋକନ, ଅଖା ବସ୍ତା ପାଇ ମଣ୍ଡି ମାଧ୍ୟମରେ ସହଜରେ ଧାନ ବିକ୍ରି କରି ପାରୁଥିଲେ କିନ୍ତୁ ଏହି ଡବଲ ଇଞ୍ଜିନ ସରକାରରେ ଚଳିତ ବର୍ଷ ଚାଷୀଙ୍କୁ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟା ଓ ମିଲର ସମ୍ପୃକ୍ତି ଖରିଫ ଧାନ କିଣା ପ୍ରକ୍ରିୟାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ଚାଷୀଙ୍କ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟାର ସମାଧାନ ସାଙ୍ଗକୁ ମିଲର୍ସ ଟ୍ୟାଗିଂ କଲେ ଚାଷୀ ମାନେ ଶୀଘ୍ର ନିଜ ନିଜ ଧାନ ବିକ୍ରୟ କରିପାରିବେ ଏଥିରେ ସନ୍ଦେହ ନାହିଁ । ମଣ୍ଡି ଉଦ୍‌ଘାଟନୀ ସମାରୋହରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର, ସମବାୟ ସମିତିର ଉପନିବନ୍ଧକ ସ୍ୱରୂପ କର, ସମବାୟ ସମିତିର ସହକାରୀ ନିବନ୍ଧକ ସରୋଜ ପ୍ରଧାନ, ମଣ୍ଡି ପର୍ଯ୍ୟବେକ୍ଷକ ବିଡ଼ିଓ ତ୍ରିପୁରା ମହାନନ୍ଦ, ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟରାଜ ଭୋଇ, ବୃନ୍ଦାବାହାଲ ସରପଞ୍ଚ ଇଂ.ଦିନେଶ କୁମାର ରାଉତ, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ଧାନ କ୍ରୟ ଅଧିକାରୀ ଠଣ କୁମାର ସେଠୀ, ନିକାଶ ଖମାରୀ, ପଦ୍ମଲୋଚନ ଭୋଇ, ଆରଏମସି ସଦସ୍ୟ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଆରଏମ୍‌ସି କର୍ମଚାରୀ ଓ ପାକ୍ସ କର୍ମଚାରୀ ସହଯୋଗ କରିଥିଲେ ।

### ପୂଜାର୍ଚ୍ଚନା କରି ଫେରିଗଲା ପ୍ରଶାସନ

## ଦାଦନ ଦଲାଲଙ୍କ ଦବଙ୍ଗଗିରି

# ମହିଳା ଶ୍ରମିକଙ୍କୁ ଦୁର୍ବ୍ୟବହାର କରି ବସ୍‌ରୁ ଓହ୍ଲାଇ ଦେଲେ

**ଧର୍ମଗଡ଼, ୨୯ ।୧୧(ସମିସ):** ଧାନକଟା ସରିଲା ବାହାର ରାଜ୍ୟ ମୁହାଁ ଦାଦନ ଶ୍ରମିକ । ଏହି ସମୟରେ ଗତକାଲି ଅପରାହ୍ନରେ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରା ବସ ଷ୍ଟପେଜରେ ଶ୍ରମିକ ଚାଲାଣକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି । ବାହାର ରାଜ୍ୟକୁ ଗୀତା ନାମକ ଏକ ଘରୋଇ ବସରେ ଯାଉଥିବା କିଛି ମହିଳା ଶ୍ରମିକଙ୍କ ସହ ୨୦ ଶ୍ରମିକଙ୍କୁ ୨ ଜଣ ଦାଦନ ଦଲାଲ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଟାଣି ଟାଣି ଜୋର୍ କରି ବସ୍‌ରୁ ଓହ୍ଲାଇ ଏକ ବୋଲେରୋରେ ବସାଇ ନେଇ ଯାଇଥିବା ଦେଖିବାକୁ ମିଳିଥିଲା ।ଦାଦନ ଶ୍ରମିକ ମାନେ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳ ର ହୋଇଥିବା ଚର୍ଚ୍ଚା ହେଉଛି ।ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏହି ଦାଦନ ଶ୍ରମିକମାନଙ୍କୁ ଦଲାଲମାନେ କିଛି ଟଙ୍କା ଅଗ୍ରୀମ ଦେଇ ନେଉଥିବା ବେଳେ ଅନ୍ୟ ଏକ ଦଲାଲ କିଛି ଲୋକ ଲଗେଇ ବସ୍‌ରେ ଯାଉଥିବା ବେଳେ ଅଟକାଇ ଜୋର ଜବର ଟାଣି ନେଇ ବୋଲେରୋ ଗାଡିରେ ବସାଇ ନେଇଥିବା କୁହାଯାଏ । ରୀତିମତ ନୂଆପଡ଼ା-କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲାରୁମାନଙ୍କରୁରୁ ଶହ ଶହ ଦାଦନ ଶ୍ରମିକ ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ବସ୍ ଯୋଗେ ଯାଉଥିବା ନଜିର ରହିଛି । ଦଲାଲଙ୍କ ପ୍ରତିଦ୍ୱନ୍ଦ୍ୱିତା ଭିତରେ ପେଷି ହେଉଛନ୍ତି ଦାଦନ ଶ୍ରମିକ । ଦଲାଲମାନେ ଦାଦନ ଶ୍ରମିକଙ୍କୁ ଦୁର୍ବ୍ୟବହାର କରିବା ସହ ଦାଦାଗିରି ଭାବେ ବସ୍, ବୋଲେରୋ ରେ ଜୋର ଜବରଦସ୍ତ ଭାବେ ନେଉଥିବା ଜଣାପଡେ । ଏହି ଘଟଣାକୁ ସାଧାରଣ ଭାବେ ନିନ୍ଦା କରାଯାଉଥିବା ବେଳେ ପ୍ରଶାସନ କିନ୍ତୁ ଅଜଣା ଭାବେ ନିରବ ସାଜିଛି । ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ଅନେକ ବସ୍ ବେଆଇନ ଭାବେ ଯାତାୟାତ କରୁଛି ।କେବଳ ଦାଦନ ଶ୍ରମିକ ଚାଲାଣ ଉଦ୍ଦେଶ୍ୟ ରେ ଅନେକ ବସ ବିନା ପରମିଟ ରେ ଯାଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଦଲାଲଙ୍କୁ ସହଯୋଗ କରୁଥିବା ଏଡାଇ ଦିଆ ଯାଇନପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଲୋୟର ଇନ୍ଦ୍ର ପ୍ରକଳ୍ପରେ ଥଇଥାନ କେଳେଙ୍କାରୀ

# ହିତାଧିକାରୀଙ୍କ ୪ଲକ୍ଷ ଟଙ୍କା ଠକେଇ, ମହିଳା ଦଲାଲ ଗିରଫ

**ନୂଆପଡ଼ା/କୋମନା, ୨୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ନିର୍ମାଣ ହୋଇଥିବା ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଥଇଥାନ ନାଁ ରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । କୋମନା ଥାନା ବିରୁନପଦର ଗାଁର ପ୍ରକାଶ ପଟେଲ ନାମକ ଜନୈକ ହିତାଧିକାରୀଙ୍କ ୪ଲକ୍ଷ ଟଙ୍କାର ଥଇଥାନ ରାଶି ସହାୟତା ଠକେଇ ହୋଇଥିବା କୁହାଯାଇଛି । ଏହି ଅଭିଯୋଗରେ ଶୁକ୍ରବାର କୋମନା ଥାନା ଡୁମେରବାହାଲ ଗାଁର ଜନୈକା ମହିଳାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ବିବରଣୀମତେ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କୋମନା ଥାନା କୋନାବିରା ପଞ୍ଚାୟତ ବିରୁନପଦର ଗାଁର ପ୍ରକାଶ ପଟେଲ ଜମି ହରାଇଥିଲେ । ପ୍ରକାଶଙ୍କ ଥଇଥାନ ରାଶି ଓ ଜମି ବାବଦରେ ସହାୟତା ପାଇଁ ଡୁମେରବାହାଲ ଗାଁର ଦିବ୍ୟକାରୀ ମହାନନ୍ଦଙ୍କ ସହାଯ୍ୟ ଲୋଡ଼ିଥିଲେ । ଦିବ୍ୟକାରୀ ଖଡ଼ିଆଳସ୍ଥିତ ଲୋୟରଇନ୍ଦ୍ର ପ୍ରକଳ୍ପ ଅଫିସରେ ପ୍ରକାଶଙ୍କ କାଗଜପତ୍ର ଜମାକରିବା ସହ ସହାୟତା ରାଶି ମଞ୍ଜୁର କରିବାରେ ସହଯୋଗ କରିଥିଲେ । ହିତାଧିକାରୀ ପ୍ରକାଶଙ୍କ ନାଁରେ ୪ଲକ୍ଷ ଟଙ୍କା ଥଇଥାନ ସହାୟତା ରାଶି ମଞ୍ଜୁର ହୋଇଥିଲା । ସେଥିରୁ ପ୍ରକାଶଙ୍କୁ ୨ଲକ୍ଷ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଗତ ସେପ୍ଟେମ୍ବର ୨ରେ କୋମନା ଏସବିଆଇ ଶାଖାରେ ପ୍ରକାଶଙ୍କ ଜମାଖାତାରେ ଥଇଥାନ ଓ ଜମି ପାଉଣା ବାବଦକୁ ୧୪ଲକ୍ଷ ୧୪ ହଜାର ୧୨୧ ଟଙ୍କା ଜମା ହୋଇଥିଲା । ଏହି ଟଙ୍କା ଜମାହେବା ପୂର୍ବରୁ ଦିବ୍ୟକାରୀ ପ୍ରକାଶଙ୍କ ଠାରୁ ଏକ ଚେକ୍‌ରେ ୪ଲକ୍ଷ ଟଙ୍କା ବସାଇ ଦସ୍ତଖତ ନେଇଥିବା ଅଭିଯୋଗ ହୋଇଛି । ଗତ ସେପ୍ଟେମ୍ବର ୩ରେ ଦିବ୍ୟକାରୀ ପ୍ରକାଶଙ୍କ ଚେକ୍‌କୁ ବ୍ୟାଙ୍କରେ ଜମାକରି ୪ଲକ୍ଷ ଟଙ୍କା ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ । ୨ଲକ୍ଷ ଟଙ୍କାରେ ଡିଲ ହୋଇଥିବାରୁ ବକେୟା ୨ଲକ୍ଷ ଫେରାଇ ଦେବାକୁ ପ୍ରକାଶ ଅନୁରୋଧ କରିଥିଲେ । କିନ୍ତୁ ଭୁବନେଶ୍?ରରେ ଦେବାର ଅଛି ଓ ଆଗକୁ ତୁମର ସବୁ କାମ କରିବି ବୋଲି କହି ଭୁଆଁ ବୁଲାଇଥିଲେ । ଇତିମଧ୍ୟରେ ଦୁଇମାସ ବିତି ଯାଇଥିଲେ ବି ପ୍ରକାଶ ନିଜ ସହାୟତା ରାଶି ଫେରିପାଇନଥିଲେ । ଏଣୁ ଗତ ନଭେମ୍ବର ୧୭ରେ ପ୍ରକାଶ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାର ତଦନ୍ତକରି ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ । କେସ ନମ୍ବର ୨୫ରେ କୋମନା ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଶୁକ୍ରବାର ଦିବ୍ୟକାନ୍ତିଙ୍କୁ ଗିରଫକରି କୋମନା କୋର୍ଟଚାଲାଣ କରିଥିଲା । ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କୋମନା ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି ।

## ଘାଟି ଅଞ୍ଚଳରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଦାବି

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

**ଲାଞ୍ଜିଗଡ଼, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ଆଜି ବି ଦୁର୍ବାର ସ୍ୱପ୍ନ ହୋଇରହିଛି । ବ୍ଲକର ପାହାଡ଼ପଦର, ମାଳିଯୁବାଙ୍ଗ, ଲାଖବାହାଲି, ବେନଗାଁ, ବିଜେପୁର, ଲାଞ୍ଜି ଆଦି ଗ୍ରାମପଞ୍ଚାୟତ ଅଞ୍ଚଳର ଶହଶହ ଛାତ୍ରଛାତ୍ରୀ ହାଇସ୍କୁଲ ଶିକ୍ଷା ପରେ ଉଚ୍ଚ ଶିକ୍ଷା ପାଇଁ ୬୦ କିମି ବିଶ୍ୱନାଥପୁର, ୩୦ କିମି ଲାଞ୍ଜିଗଡ଼, ୬୫ କିମି ଦୂର ଅମ୍ବାଦଳା, ୩୦ କିମି ଦୂର କଲ୍ୟାଣ ସିଂହପୁର ସହିତ ୧୨୦ କିମି ଦୂର ଭବାନୀପାଟଣା ଉପରେ ନିର୍ଭର କରିଥାନ୍ତି । ଏପରିକି ଦୀର୍ଘ ଦିନ ହେଲା ବ୍ଲକର ଘାଟି ଅଞ୍ଚଳରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଆସୁଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏ ଦାବି ପୂରଣ ହୋଇପାରିନି । ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ବ୍ଲକର ଘାଟିଅଞ୍ଚଳର ବେନଗାଁ କିମ୍ବା ଲାଖବାହାଲି ଠାରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ ପରେ ମନ୍ତ୍ରୀ ଏନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଭବାନୀପାଟଣା, ୨୯ ।୧୧ (ସମିସ):** ଲାଞ୍ଜିଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ପ୍ରଦର୍ଶନୀରେ ୨୩୨ଟି ନବୋନ୍ମେଷୀ ବୈଜ୍ଞାନିକ ପ୍ରକଳ୍ପ ସହିତ



ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏବଂ ୧୦୦ ଶିକ୍ଷକ, ସମସ୍ତ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଓ ୧୩ଟି ଆଞ୍ଚଳିକ ସାଧନକର୍ମିମାନେ ସକ୍ରିୟଭାବରେ ଅଂଶଗ୍ରହଣ କଲେ । ଯୋଡାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ସ୍ୱାଗତ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।ପ୍ରଦର୍ଶନୀର ଅଧକ୍ଷ ବ୍ଲକ ଶିକ୍ଷା ଅଧିକାରୀ ରୁଷିଆ ମେହେର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଆଇଏଏସ୍ ଅନିମେଶ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼ ଏବଂ ସମ୍ମାନିତ ଅତିଥି ମଧ୍ୟରେ ଶଶାଙ୍କ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼, ସୁତ୍ରଳଦେବ ମୁଣ୍ଡ; ଶ୍ରୀମତୀ ସୁଜାତା ମଳିକ, ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଉଦ୍‌ବୋଧନରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଅବଦାନକୁ ସ୍ତୁତି କରି ବିଜ୍ଞାନମୂଳକ ଚିନ୍ତାଧାରା, ଉତ୍ସୁକତା ଓ ଆବିଷ୍କାରମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ବୋଲି କହିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ମଧ ଏହିପରି ପ୍ରଦର୍ଶନୀ ଯୁବପିଢ଼ୀଙ୍କ ସୃଜନଶୀଳତା ଓ ସମାଲୋଚନାତ୍ମକ ଚିନ୍ତାକୁ ସବଳ କରିଥାଏ ବୋଲି ବକ୍ତବ୍ୟ ଦେଇଥିଲେ । ବିଚାରକ ମଣ୍ଡଳୀ ଭାବେ ପ୍ରଧାନଶିକ୍ଷକ କୁବେର ନାଏକ, ଉପେନ୍ଦ୍ର କୁମାର ସୁନାନୀ, ବିରେନ୍ଦ୍ର କୁମାର ପ୍ରଧାନ, ରାଜୀବ କୁମାର ଦାଶ, ଦିବାକର ସାହୁ, ଅଶୋକ କୁମାର ବିଶ୍ୱାଳ ବିଜ୍ଞାନ ମଡେଲ୍ ଦେଖି ମୂଲ୍ୟାୟନ କରିଥିଲେ ।ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିବା ମଡେଲଗୁଡ଼ିକ 'ପ୍ରଯୁକ୍ତି', 'ନବୀକରଣଯୋଗ୍ୟ ଶକ୍ତି', 'କୃଷି', 'ପରିବେଶ ସୁରକ୍ଷା' ଏବଂ 'ସମୁଦାୟମୂଳକ ସମସ୍ୟା ସମାଧାନ' ଭଳି ବିଷୟରେ ଆଧାରିତ ଥିଲା । ସମାପନୀ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ କମଳା ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାଏକ, ଦୁଷ୍ମନ୍ତ ଶେଖର ପାଢ଼ୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ପଙ୍କଜିନି ମାଝୀ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମଧୁସ୍ମିତା ନାଏକ, କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ କରି ବିଜ୍ଞାନ ର ଉପାଦେୟତା ବିଷୟରେ କହିଥିଲେ ।ସମାପନୀ ସଭାରେ ଶ୍ରେଷ୍ଠ ମଡେଲ୍ ପ୍ରଦର୍ଶନ କରିଥିବା ୧୭ ଜଣ ଛାତ୍ରଛାତ୍ରୀ ଓ ବିଦ୍ୟାଳୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରେସ କ୍ଲବ ଲାଞ୍ଜିଗଡ଼ ଦ୍?ାରା ରକ୍ତଦାନ ଶିବିରରେ ଶିକ୍ଷକ ହିମାଂଶୁ ଶେଖର ମେହେର, ଦୂର୍ବଦଳ ପଟେଲ, ସୁରେଶ କୁମାର ମହାରଣା, ସୁଶାନ୍ତ କୁମାର ବାରିକ ରକ୍ତ ଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ

**ନୂଆପଡ଼ା, ୨୯ ।୧୧ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ । ପ୍ରାଥମିକସ୍ତରରେ ଏହା କୃଷକ ମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରି ଗ୍ରାମାଞ୍ଚଳର କୃଷକଙ୍କ ବିଶ୍ୱାସ ଭାଜନ ହୋଇଥାଏ । ସମବାୟ ସୁରକ୍ଷିତ ରହିଲେ କୃଷକ ସମାଜ ସମୃଦ୍ଧ ହେବ । ଏହାପରେ ଆସନ୍ତା ବର୍ଷ ପାଇଁ ନୂଆପଡ଼ା ଜିଲ୍ଲାର ସମବାୟ ବିକାଶ ଉପରେ ବିଷଦ ଆଲୋଚନା କରାଯାଇଥିଲା । ବୈଠକରେ ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ଯୋଗଦାନ କରି ନୂଆପଡ଼ା ଜିଲ୍ଲାରେ ସମବାୟର ବିକାଶ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ ।ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ କିଣା, ସାର ଓ ବିହନ ର ସୁବଣ୍ଟନ, କେସିସି ଋଣ ପ୍ରଦାନ, ମାଇକ୍ରୋ ଏଟିଏମ ଦ୍ୱାରା ଟଙ୍କା ଉଠାଣ କିଭଳି ଭାବେ ସୁଚାରୁ ରୂପେ ହୋଇ ପାରିବ, ସେଥି ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ବେଆଇନ ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ



**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମୋହନଗିରି ଓ ସିଂହପୁର ପଞ୍ଚାୟତର ସିଟୁବାଲି ଓ କମ୍ ଗାଁ ସମ୍ପସିଲ ଗ୍ରାମରେ ବେଆଇନ ଚାଷ କରିଥିବା ହଜାର ହଜାର ଗଞ୍ଜେଇ ଗଛକୁ ନଷ୍ଟ କରିଛି ମ.ରାମପୁର ପୁଲିସ୍ ଓ ଅବକାରୀ ବିଭାଗ । କଳାହାଣ୍ଡି ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶରେ ମ.ରାମପୁର ପୁଲିସ, ଅବକାରୀ ବିଭାଗର ୩୦ ଜଣିଆ କର୍ମଚାରୀ ଏକର ଏକର ଗଞ୍ଜେଇ ଚାଷ କାଟି ନଷ୍ଟ କରୁଛନ୍ତି । ଏହି ଅପରେସନ ରେ ମ.ରାମପୁର ବନ ବିଭାଗ ଓ ମୋହନଗିରି ପୋଲିସ୍ ଫାଣ୍ଡି ମଧ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନରୁ ଏହି ଅଞ୍ଚଳ ଗଞ୍ଜେଇର ହବ ପାଲଟିଥିବା ପୁଲତସ ବିଶେଷ ସୂତ୍ର ଖବର ପାଇଥିଲା । ଦୁଇ ଦିନ ଧରି କଳାହାଣ୍ଡି ପୋଲିସ ଗଞ୍ଜେଇ ଚାଷ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରିଛି । ଏହି ଅଞ୍ଚଳକୁ ଗଞ୍ଜେଇ ଚାଷ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ମ.ରାମପୁର ଥାନା ଅଧିକାରୀ ବିରବର ଭଗତ ପ୍ରକାଶ କରିଛନ୍ତି । ଅଭିଯାନ ରେ ମ. ରାମପୁର ଥାନା ଅଧିକାରୀ ବିରବର ଭଗତ, ଏଏସ ଆଇ ଅଭିରାମ ରାଓ, ଅବକାରୀ ବିଭାଗ ସବ ଇନିସ୍ପେକଟର ଦେବାଶିଷ ସିରଦର, ବନ ବିଭାଗ ଏସିଏଫ ଅସିତ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ ।

# ଭବାନୀପାଟଣା ରେଳ ଷ୍ଟେସନରେ କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପିତ

**ଭବାନୀପାଟଣା, ୨୯ ।୧୧(ସମିସ):** ପ୍ଲାଟଫର୍ମରେ କୋଚ୍ ଏବଂ ଟ୍ରେନ୍ ର ସ୍ଥାନ ବିଷୟରେ ଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ, ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ଭବାନୀପାଟଣା ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ ରେ କୋଚ୍ ଇଣ୍ଡିକେସନ୍ ବୋର୍ଡ (ସିଆଇବି) କାର୍ଯ୍ୟକ୍ଷମ କରିଛି । ନୂତନ ଭାବରେ ସ୍ଥାପିତ କୋଚ୍ ଇଣ୍ଡିକେସନ୍ ବୋର୍ଡଗୁଡ଼ିକ ଟ୍ରେନ ଆସିବା ପୂର୍ବରୁ ବିଭିନ୍ନ ପ୍ରକାରର କୋଚ୍ ଯେପରିକି ଅଣସଂରକ୍ଷିତ କମ୍ପାର୍ଟମେଣ୍ଟ, ସ୍ଲିପର୍ କୋଚ୍ ଏବଂ ଏସି କୋଚ୍ ର ସ୍ଥାନ ସହଜରେ ଚିହ୍ନଟ କରିବାରେ ଯାତ୍ରୀମାନଙ୍କୁ ସହାୟତା କରିବ । ପ୍ଲାଟଫର୍ମରେ ମୋଟ ୨୫ଟି କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପନ କରାଯାଇଛି । ଏହା ସହିତ, ଯାତ୍ରୀମାନଙ୍କ ପାଇଁ ରିଅଲ୍-ଟାଇମ୍ ଟ୍ରେନ୍ ଅପଡେଟ୍ ସୁବିଧାଜନକ କରିବା ପାଇଁ ପ୍ଲାଟଫର୍ମ ପ୍ରବେଶ ପଥରେ ଏକ ଟ୍ରେନ୍ ସୂଚନା ପ୍ରଦର୍ଶନ ବୋର୍ଡ ପୂର୍ବରୁ ସ୍ଥାପନ କରାଯାଇଛି ।ସ୍ଥାନୀୟ ସଂଘ ଏବଂ ଗ୍ରାହକ ମଞ୍ଚ ଦୀର୍ଘ ଦିନ ଧରି ଏହି ସୁବିଧା ପାଇଁ ଅନୁରୋଧ କରିଆସୁଥିଲେ, କାରଣ ଅଧିକାଂଶ ଏକ୍ସପ୍ରେସ୍ ଏବଂ ସୁପରଫାଷ୍ଟ ଟ୍ରେନ୍ ଭବାନୀପାଟଣାରେ କେବଳ କିଛି ମିନିଟ୍ ପାଇଁ ଅଟକିଥାଏ । ସାଧାରଣତଃ ୨୪ଟି କୋଚ୍ ବିଶିଷ୍ଟ ଟ୍ରେନଗୁଡ଼ିକ ସହିତ, ଯାତ୍ରୀମାନେ - ବିଶେଷକରି ବୃଦ୍ଧ, ଭିନ୍ନକ୍ଷମ ଏବଂ ପିଲା ଥିବା ପରିବାର - ପ୍ରାୟତଃ ସେମାନଙ୍କର ସଂରକ୍ଷିତ କୋଚ୍ଗୁଡ଼ିକୁ ଶୀଘ୍ର ଖୋଜିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । କୋଚ୍ଇ ଣ୍ଡିକେସନ୍ ବୋର୍ଡ (ସିଆଇବି) ସିଷ୍ଟମର ପ୍ରଚଳନ ଏହି ଅସୁବିଧାକୁ ବହୁତ କମ କରିବ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି ।ଭାରତୀୟ ରେଳବାଇର ଅମୃତ ଭାରତ ଯୋଜନା ଅଧୀନରେ ସମ୍ବଲପୁର ମଣ୍ଡଳ ଭବାନୀପାଟଣା ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମଧ କରୁଛି, ଯାହାର ଲକ୍ଷ୍ୟ ହେଉଛି ଏକ ଅଧିକ ଯାତ୍ରୀ-ଅନୁକୂଳ ଏବଂ ଆଧୁନିକ ଷ୍ଟେସନ ପରିବେଶ ସୃଷ୍ଟି କରିବା ।




## କଳମପୁରର ୧୬ଟି ସ୍ଥାନରେ ଫାଟ

# ପାଇପ୍ ପାଣି ଯୋଗାଣରେ ଅବ୍ୟବସ୍ଥା

କଳମପୁର, ୨୯ ।୧୧(ସମିସ)



କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅବ୍ୟବସ୍ଥାରେ ପରିଚାଳିତ ହେଉଛି ।ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ଦୂଷିତ ଜଳ ପାନ କରିବାକୁ ବାଧ ହେଉଛନ୍ତି ।କଳମପୁର ବ୍ଲକ ଅଞ୍ଚଳରେ ଶତାଧିକ ନଳକୂପ ବ୍ୟବସ୍ଥା ହୋଇଥିବା ବେଳେ ଉଠା ଜଳ ଯୋଗାଣ ବ୍ୟବସ୍ଥା, ବସୁଧା ଯୋଜନାରେ ବିଭିନ୍ନ ସ୍ଥାନରେ ଥଣ୍ଡା ଗରମ ପାନୀୟ ବ୍ୟବସ୍ଥା ହୋଇଛି । କିନ୍ତୁ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି । ଏହାର କାରଣ ଖୋଜିବାରୁ ଜଣାଯାଏ ଯେ ଏହାର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କରାଯାଉଛି, ଫଳରେ ବ୍ଲକ କିମ୍ବା ପଞ୍ଚାୟତ କେହି ଚାହିଁଲେ ବି କିଛି କରି ପାରୁନାହାନ୍ତି, ସମଗ୍ର ବ୍ଲକ ଅଞ୍ଚଳର କଳମପୁର ସଦରମହକୁମାକୁ ନିରିଖେଇ ଦେଖିଲେ ଏହାର ସ୍ପଷ୍ଟ ଚିତ୍ର ବାରି ହୋଇ ପଡୁଛି । ଘରକୁ ଘର ପାଇପ ଯୋଗେ ବିଭାଗ ପାନୀୟ ଜଳ ଯୋଗାଣ କରି ଆସୁଛି ।ଏଥିରେ ଦୁଇଟି ଗଭିର ନଳକୂପ ଖନନ ହୋଇ କାର୍ଯ୍ୟକାରୀ ହୋଇ ଆସୁଥିବା ବେଳେ ୧୬ଟି ସ୍ଥାନରେ ଫାଟ ସୃଷ୍ଟି ହୋଇ ଅନବରତ ପାନୀୟ ଜଳ ଅପଚୟ ହେବାରେ ଲାଗିଛି । ସେହି ପଥଦେଇ ଦୂଷିତ ଜଳ ପାଇପରେ ପ୍ରବେଶ କରୁଥିବାରୁ ଲୋକଙ୍କ ପାଖକୁ ପାନୀୟ ଜଳ ଭାବେ ବ୍ୟବହାର ହେଉଛି । ଏଥିପ୍ରତି କାହାରି ନିଘା ନାହିଁ, ପ୍ରଶ୍ନର ଉତ୍ତରରେ ସ୍ଥାନୀୟ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି ଯେ ବ୍ଲକ ଓ ପଞ୍ଚାୟତ ଗୁଡିକ ନିର୍ଦ୍ଦିଷ୍ଟ ପ୍ରତିଶତ ଅର୍ଥ ରାଶି ପାନୀୟ ଜଳ ପାଇଁ ରଖିବାକୁ କୁହାଯାଉଛି, କିନ୍ତୁ ସେହି ଅର୍ଥ ରାଶି ବ୍ଲକ କି ପଞ୍ଚାୟତ ଖର୍ଚ୍ଚ କରିବାର ଅଧିକାର ନାହିଁ, ସେତିକି ପ୍ରତିଶତ ଅର୍ଥ ରାଶି ଜିଲ୍ଲା ଗ୍ରାମ୍ୟଜଳ ଓ ପରିମଳ ବିଭାଗକୁ ହସ୍ତାନ୍ତର ହେଉଛି, ସେମାନେ ସେଠାରେ ରହି ନିୟନ୍ତ୍ରଣ କରୁଛନ୍ତି । ଫଳରେ ଜନସାଧାରଣ ଜନପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ପାରୁନାହିଁ । ଅଧିକାଂଶ ଉଠା ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ନିୟମିତ ଭାବେ କଳମପୁର ପ୍ରକଳ୍ପ କୌଣସି ପ୍ରକାରେ ସଚଳ ରହିଛି । ଯଦି ଏପରି ଲାଗି ରହେ ତେବେ ଏହି ପ୍ରକଳ୍ପ ମଧ ଅଚଳ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏନେଇ କଳମପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁର୍ଯ୍ୟୋଧନ ଖଟୁଆ ମୁଁ ନୂଆଁ ଆସିଛି, ଜାଣି ନ ଥିଲି, ମୁଁ ପଚାରି ବୁଝୁଛି ଓ ଏହା ଶିଘ୍ର ମରାମତି ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି । ନିର୍ବାଚିତ ଜନ ପ୍ରତିନିଧିମାନେ ଆମଠାରୁ ଅର୍ଥ ରାଶି ନିଆଯାଇ ସେମାନେ ରକ୍ଷଣାବେକ୍ଷଣ କରୁଥିବା ଦ୍ୱାରା ଆମେ ଲୋକମାନଙ୍କ ରୋଷର ଶିକାର ହେବାକୁ ପଡୁଛି ବୋଲି କହିଛନ୍ତି ।

# ଡିସେମ୍ବର ୯ ରୁ ବୁଢ଼ାରଜା କପ୍ କ୍ରିକେଟ

**କେସିଙ୍ଗା, ୨୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମଡିଙ୍ଗ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବୁଢ଼ାରଜା କ୍ରିକେଟ ନକଆଉଟ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୯ ତାରିଖରୁ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବା ବେଳେ ସମଗ୍ର ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ରାୟପୁର ଓ ଦୁର୍ଗ ଦଳ ସମେତ ବଛା ବଛା ୮ଟିଇ ଦଳ ଚଳିତ ବର୍ଷ ପ୍ରତିଯୋଗିତାରେ ନିଜକୁ ସାମିଲ କରିଛନ୍ତି । ଚଳିତ ବର୍ଷ ଚାମ୍ପିଅନ ଦଳକୁ ବଡ଼ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବା ବେଳେ ଉପବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ମଧ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ଡିସେମ୍ବର ୯ ତାରିଖରେ ଆରମ୍ଭ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାର ଫାଇନାଲ ଖେଳ ୧୪ ତାରିଖରେ ଖେଳାଯିବ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112